
# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ସେପ୍ଟେମ୍ବର ୨୨/୨୦୨୧ (୧୬ ପୃଷ୍ଠା) Rayagada, Wednesday, September 22/2021 ★

୧୧ଶ ଭାଗ ୨୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





**ଅନାଥ ପିଲାଙ୍କ ପରୀକ୍ଷା ଫି ଛାଡ୍ କଲା ସିବିଏସ୍‌ଇ**

କୋଭିଡ୍‌ରେ ମା’ ବାପାଙ୍କୁ ହରାଇଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଏବଂ ରେଜିଷ୍ଟ୍ରେଶନ ଫି ଛାଡ଼ କରିବା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ନିଷ୍ପତ୍ତି ନେଇଛି। ପିଲାମାନଙ୍କ ଉପରେ କୋଭିଡ୍ ମହାମାରୀର ପ୍ରଭାବକୁ ଦୃଷ୍ଟିରେ ରଖି ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ବୋର୍ଡ କର୍ତ୍ତୃପକ୍ଷ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

# ୩ୟ ଥର ଟ୍ରୁଡୋ ପ୍ରଧାନମନ୍ତ୍ରୀ

**ଟରଣ୍ଟୋ, ୨୧।୯**


ଜଷ୍ଟିନ୍ ଟ୍ରୁଡୋ

- କାନାଡାରେ ସଂଖ୍ୟାଲଘୁ ସରକାର
- ବହୁମତରୁ ବଞ୍ଚିତ ହେଲେ ଲିବେରାଲ ପାର୍ଟି ନେତା
- ୧୭ ଭାରତୀୟ ବଂଶୋଦ୍ଭବ ଏମ୍‌ପି ନିର୍ବାଚିତ

କାନାଡାବାସୀ ପୁଣି ଲିବେରାଲ ପାର୍ଟିର ଜଷ୍ଟିନ୍ ଟ୍ରୁଡୋଙ୍କ ଉପରେ ଭରସା କରି ତୃତୀୟ ଥର ପାଇଁ ତାଙ୍କୁ କ୍ଷମତାକୁ ଆଣିଛନ୍ତି। କାନାଡାରେ ସୋମବାର ଅନୁଷ୍ଠିତ ୪୪ ତମ ସାଧାରଣ ନିର୍ବାଚନରେ ଟ୍ରୁଡୋ ବିଜୟୀ ହୋଇଥିଲେ ହେଁ ସଂଖ୍ୟାଗରିଷ୍ଠତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ସେ ସଂଖ୍ୟାଲଘୁ ସରକାର ଗଢ଼ିବା ନେଇ ପୂର୍ବରୁ ହୋଇଥିବା ସର୍ଭେ ଆକଳନ ଫଳାଫଳ ସତ ହୋଇଛି। ୩୩୮ ସଦସ୍ୟ ବିଶିଷ୍ଟ ହାଉସ୍ ଅଫ୍ କମନ୍ସରେ ବହୁମତ ପାଇଁ ଲିବେରାଲ ପାର୍ଟିକୁ ବହୁମତ ପାଇଁ ୧୭୦ ଆସନ ଆବଶ୍ୟକ ଥିବାବେଳେ ୧୪ଟି ସିଟ୍ କମ୍ ପାଇଛି। ଟ୍ରୁଡୋଙ୍କ ସରକାରରେ ୧୭ ଭାରତୀୟ-କାନାଡୀୟ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ନିର୍ବାଚନରେ ତାଙ୍କ ଦଳକୁ ସ୍ପଷ୍ଟ ମତ ମିଳିଥିବା ସେ ଦାବି କରିଛନ୍ତି। ଏଥିପାଇଁ ସେ ଦେଶବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।

କାନାଡାର ମୁଖ୍ୟ ବିରୋଧୀ କଞ୍ଜରଭେଟିଭ୍ ପାର୍ଟିକୁ ୧୨୨ ସିଟ୍ ମିଳିଛି। ଜଗମିତ୍ ସିଂଙ୍କ ନେତୃତ୍ୱାଧୀନ ନ୍ୟୁ ଡେମୋକ୍ରାଟିକ୍ ପାର୍ଟି(ଏନ୍‌ଡିପି)ର ଆସନ ଗତଥରଠାରୁ ୨୪ରୁ ୨୭କୁ ବୃଦ୍ଧି ପାଇଛି। ୧୯ ଭାରତୀୟ-କାନାଡା ଏମ୍‌ପିଙ୍କ ମଧ୍ୟରେ ଜଗମିତ୍‌ଙ୍କ ସମେତ ପୂର୍ବତନ ମନ୍ତ୍ରୀ ଟିମ୍ ଉପ୍ପଲ ଏବଂ ବର୍ତ୍ତମାନର ୩ କ୍ୟାବିନେଟ ମନ୍ତ୍ରୀ ହରଜିତ୍ ସିଂ ସାଜ୍ଜନ, ବର୍ଦିଶ ଛାଗର, ଅନିତା ଆନନ୍ଦ ପ୍ରମୁଖ ରହିଛନ୍ତି। କୋଭିଡ୍ ମହାମାରୀ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ନେଇ ବିରୋଧୀ ଦଳ ନେତା ଏରିନ୍ ଓ ଟୋଲି ବିରୋଧ କରିଥିଲେ। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଟ୍ରୁଡୋ ସରକାର ଭାଙ୍ଗି ଆଗୁଆ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇ ଲୋକଙ୍କ ଜୀବନକୁ ବିପଦରେ ପକାଇଥିବା ସେ ଅଭିଯୋଗ କରିଥିଲେ। ୨୦୧୫ରୁ କ୍ଷମତାରେ ଥିବା ୪୯ ବର୍ଷୀୟ ଟ୍ରୁଡୋ ୨୦୧୯ରେ ହାଉସ୍ ଅଫ୍ କମନ୍ସରେ ସଂଖ୍ୟା ଗରିଷ୍ଠତା ନ ଥାଇ ସରକାର ଗଢ଼ିଥିଲେ। ଏକକ ସଂଖ୍ୟାଗରିଷ୍ଠତା ପାଇ ଶାସନକୁ ଫେରିବା ଆଶାରେ ସେ ଆଗୁଆ ନିର୍ବାଚନ କରାଇଥିଲେ ହେଁ ସେ ବହୁମତ ହାସଲ କରିପାରିନାହାନ୍ତି। ଇଲେକ୍ସନ ଫଳାଫଳ ଜଣାପଡ଼ିବା ପରେ ସେ ଏକ ହୋଟେଲରେ କାର୍ଯ୍ୟକ୍ରମ ଆୟୋଜନ କରି ଦେଶବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ସେନା ହେଲିକପ୍ଟର ଦୁର୍ଘଟଣା: ୨ ପାଇଲଟଙ୍କ ମୃତ୍ୟୁ

**ଶ୍ରୀନଗର, ୨୧।୯:** ଜମ୍ମୁ-କଶ୍ମୀରର ଉଦ୍ଧମପୁର ଜିଲାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ସମୟରେ ସେନା ହେଲିକପ୍ଟର ଅବତରଣ ବେଳେ ପାହାଡ଼ରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଜଣ ସେନା ପାଇଲଟଙ୍କ ମୃତ୍ୟୁ ଘଟିଛି। ଗୁରୁତର ଆହତ ମେଜର ରୋହିତ କୁମାର ଏବଂ ମେଜର ଅନୁଜ ରାଜପୁତ୍‌ଙ୍କୁ ହେଲିକପ୍ଟରରୁ ବାହାର କରି ହସ୍ପିଟାଲ ନିଆଯାଇଥିଲା। ସେଠାରେ ସେମାନଙ୍କର ମୃତ୍ୟୁ ଘଟିଥିବା ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି। ଜମ୍ମୁ-କଶ୍ମୀରରେ ୫୦ ଦିନ ମଧ୍ୟରେ ଏହା ଦ୍ୱିତୀୟ ସେନା ହେଲିକପ୍ଟର ଦୁର୍ଘଟଣା। ଗତ ମାସରେ ରଞ୍ଜିତ ସାଗର ଡ୍ୟାମ୍‌ରେ ଏକ ସେନା ହେଲିକପ୍ଟର ପିଟିହୋଇଯିବାରୁ ୨ ଜଣ ପାଇଲଟଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ଜଣକ ମୃତଦେହ ଏପର୍ଯ୍ୟନ୍ତ ମିଳିନାହିଁ।

### ‘ଶୀତଳଯୁଦ୍ଧ ଚାହେଁନି ଆମେରିକା’

**ୱାଶିଂଟନ୍ ୨୧।୯:** ଚାଇନା ସହ ସମ୍ପର୍କ ଦୃଷ୍ଟିରୁ ଆମେରିକା ଏକ ନୂଆ ଶୀତଳ ଯୁଦ୍ଧ ଚାହେଁନାହିଁ। ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର ପରେ ନିରନ୍ତର ଯୁଦ୍ଧକୁ ଶେଷ କରି କୂଟନୈତିକ ସମ୍ବନ୍ଧ ଓ ବିକାଶର ନୂଆ ଯୁଗ ଆରମ୍ଭ କରିବାକୁ ଆମେରିକା କାମ କରିବ ବୋଲି ମଙ୍ଗଳବାର ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଚାଇନା ନାଁ ନ ନେଇ ଉଭୟ ଦେଶ ମଧ୍ୟରେ ଥିବା ତିକ୍ତତାକୁ ନେଇ ବାଇଡେନ୍ ଚିନ୍ତା ପ୍ରକଟ କରିଥିଲେ। ଶୀତଳ ଯୁଦ୍ଧ କିମ୍ବା ବିଶ୍ୱକୁ ବିଭକ୍ତୀକରଣ କରି ନୂଆ ଲଢ଼େଇ ଆମେରିକା ଚାହେଁ ନାହିଁ ବୋଲି ସେ କହିଥିଲେ। କୌଣସି ରାଷ୍ଟ୍ର ସହ ତୀବ୍ର ମତଭେଦ ଥିଲେ ବି ସମସ୍ୟା ଓ ଆହ୍ୱାନର ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁଥିବା ଦେଶ ସହିତ ଆମେରିକା କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ବାଇଡେନ୍ ପ୍ରକାଶ କରିଛନ୍ତି।

### ଅଭିଷେକ ବାନାର୍ଜୀଙ୍କୁ ହାଇକୋର୍ଟରୁ ମିଳିଲାନି ଆଶ୍ୱସ୍ତି



**ନୂଆଦିଲ୍ଲୀ, ୨୧।୯:** ପଶ୍ଚିମବଙ୍ଗ କୋଇଲା ଦୁର୍ନୀତି ମାମଲାରେ ଅଭିଯୁକ୍ତ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଅଭିଷେକ ବାନାର୍ଜୀ ଏବଂ ତାଙ୍କ ସ୍ତ୍ରୀ ରୁଜିରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହେବାରୁ ବର୍ତ୍ତିବା ପାଇଁ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ତେବେ ସେମାନଙ୍କ ଆବେଦନ ଉପରେ ୩ ଦିନ ମଧ୍ୟରେ ଜବାବ ରଖିବାକୁ ହାଇକୋର୍ଟ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଯୋଗେଶ ଖାନ୍ନା ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୭କୁ ଧାର୍ଯ୍ୟ କରିଛନ୍ତି। ମଙ୍ଗଳବାର ସେମାନଙ୍କୁ କାଗଜପତ୍ର ସହ ଇଡିଙ୍କ ନୂଆଦିଲ୍ଲୀ କାର୍ଯ୍ୟାଳୟରେ ହାଜର ହେବା ପାଇଁ ସମନ ଜାରି କରାଯାଇଥିଲା। ସେମାନଙ୍କ ମନିଲଣ୍ଡରିଂର ଚେର ଦେଶ ତଥା ଦେଶ ବାହାରକୁ ଯାଇଥିବାରୁ ତଦନ୍ତ କେବଳ ଥାନା କିମ୍ବା କୌଣସି ଅଞ୍ଚଳ ମଧ୍ୟରେ ସୀମିତ ରହିପାରିବ ନାହିଁ ବୋଲି ଇଡି କହିବା ସହ ସେମାନଙ୍କ ଆବେଦନକୁ ବିରୋଧ କରିଥିଲା।


ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କ ସମର୍ଥନରେ ଦଳର ନେତା ମଦନ ମିତ୍ର ନିର୍ବାଚନ ପ୍ରଚାରବେଳେ ଡ୍ରମ୍ ବଜାଉଛନ୍ତି।

# କୋଭିଶିଲ୍ଡକୁ ଆମେରିକାର ମଞ୍ଜୁରୀ

**ନୂଆଦିଲ୍ଲୀ, ୨୧।୯**



କୋଭିଡ୍-୧୯ ଟିକାର ଡବଲ ଡୋଜ୍ ନେଇଥିବା ଭାରତ ସମେତ ୩୩ଟି ଦେଶର ଲୋକେ ଆସନ୍ତା ନଭେମ୍ବର ମାସରୁ ଆମେରିକା ବିମାନ ଯାତ୍ରା କରିପାରିବେ। ଏଥିପାଇଁ ମଞ୍ଜୁରୀପ୍ରାପ୍ତ ଟିକା ତାଲିକାରେ ଭାରତ ପ୍ରସ୍ତୁତ କୋଭିଶିଲ୍ଡ ରହିଛି। ଅର୍ଥାତ୍ କେବଳ କୋଭିଶିଲ୍ଡ ଟିକା ନେଇଥିବା ଭାରତୀୟ ଆମେରିକା ଯାଇପାରିବେ। ଅନ୍ୟ ଦେଶ ମଧ୍ୟରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ସ୍ପେନ୍, ସୁଇଜରଲାଣ୍ଡ, ଗ୍ରୀସ୍, ବ୍ରିଟେନ, ଆୟରଲାଣ୍ଡ, ଚାଇନା, ଦକ୍ଷିଣ ଆଫ୍ରିକା, ଇରାନ ଓ ବ୍ରାଜିଲର ଲୋକଙ୍କୁ ଆମେରିକା ଯିବା ପାଇଁ ଅନୁମତି ମିଳିଛି। ବିମାନ ଯାତ୍ରା କରିବା ପୂର୍ବରୁ ସେମାନଙ୍କୁ ଟିକା ନେଇଥିବାର ପ୍ରମାଣପତ୍ର ଦେଖାଇବାକୁ ହେବ। ସେମାନେ ଆମେରିକାରେ ପହଞ୍ଚିବା ପରେ ଆଉ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ ନାହିଁ। ବର୍ତ୍ତମାନ ସୁଦ୍ଧା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ୭ କୋଭିଡ୍ ଟିକାକୁ ମଞ୍ଜୁରୀ ଦେଇଛି। ସେଗୁଡ଼ିକ ହେଲେ ମଡର୍ନା, ଫାଇଜର-ବାୟୋଏନ୍‌ଟେକ୍, ଜନ୍‌ସନ ଆଣ୍ଡ ଜନ୍‌ସନ, ଅକ୍ସଫୋର୍ଡ-ଅଷ୍ଟ୍ରାଜେନିକା, ଭାରତର କୋଭିଶିଲ୍ଡ, ଚାଇନାର ସିନୋଫାର୍ମ ଏବଂ ସିନୋଭାକ୍। ଭାରତ ପ୍ରସ୍ତୁତ କୋଭାକ୍ସିନ୍‌କୁ ଡବ୍ଲ୍ୟୁଏଚ୍‌ଓ ଏବଂ ଆମେରିକାର ଏଫଡିଏ ଅନୁମୋଦନ କରି ନ ଥିବାରୁ ଏହି ଟିକା ନେଇଥିବା ଲୋକେ ଆମେରିକା ଯାଇପାରିବେ ନାହିଁ।

ଅନ୍ୟପକ୍ଷରେ କୋଭିଶିଲ୍ଡ ଟିକା ନେଇଥିବା ଭାରତୀୟ ପାଇଁ ବ୍ରିଟେନ ଯିବା ଲାଗି ଅନୁମତି ମିଳୁ ନ ଥିବାରୁ କେନ୍ଦ୍ର ସରକାର ଜବାବୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଭାରତରୁ ଫେରିଥିବା ଆମେରିକା ଅଧିକାରୀଙ୍କୁ ହାଭାନା ସିଣ୍ଡ୍ରୋମ

**ନୂଆଦିଲ୍ଲୀ, ୨୧।୯**

ଭାରତ ଗସ୍ତରେ ଆସି ଫେରିଥିବା ଆମେରିକା ଗୋଇନ୍ଦା ସଂସ୍ଥା ସିଆଇଏର ଜଣେ ଅଧିକାରୀ ରହସ୍ୟମୟ ରୋଗ ହାଭାନା ସିଣ୍ଡ୍ରୋମରେ ପୀଡ଼ିତ ହୋଇଛନ୍ତି। ଚଳିତ ମାସରେ ସେ ସିଆଇଏ ନିର୍ଦ୍ଦେଶକ ୱିଲିୟମ ବର୍ନ୍‌ସଙ୍କ ସହ ଦିଲ୍ଲୀ ଗସ୍ତରେ ଆସିଥିଲେ। ଆମେରିକାରେ ପହଞ୍ଚିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ସେ ଚିକିତ୍ସିତ ହୋଇଥିଲେ। ଗତ ମାସରେ ମଧ୍ୟ ଏହି ରୋଗ ବେଶ୍ ଚର୍ଚ୍ଚାରେ ଥିଲା। ଗତ ଅଗଷ୍ଟରେ ଆମେରିକା ଉପରାଷ୍ଟ୍ରପତି କମଲା ହାରିସଙ୍କ ଭିଏତନାମ ଗସ୍ତ ସମୟରେ ଏହି ଖବର ସାମ୍ନାକୁ ଆସିଥିଲା। ଅଗଷ୍ଟ ୨୪ ହାରିସ୍‌ଙ୍କ ଭିଏତନାମ ଗସ୍ତ କାର୍ଯ୍ୟକ୍ରମ ଥିଲା। କିନ୍ତୁ ହାନୋଇରେ ଥିବା ଆମେରିକାର ଦୂତାବାସରେ ହାଭାନା ସିଣ୍ଡ୍ରୋମର ଆଶଙ୍କା ଦେଖାଯିବାରୁ ତାଙ୍କ ଗସ୍ତ ବାତିଲ ହୋଇଥିଲା।

ଏହି ରହସ୍ୟମୟ ସ୍ନାୟୁଜନିତ ରୋଗ ପ୍ରଥମେ ୨୦୧୬ରେ କ୍ୟୁବାରେ ଦେଖିବାକୁ ମିଳିଥିଲା। ରୁଷିଆ, ଚାଇନା, ଅଷ୍ଟ୍ରିଆ ସମେତ ଅନେକ ଦେଶରେ ଆମେରିକାର ରାଷ୍ଟ୍ରଦୂତ, କୂଟନୀତିଜ୍ଞମାନେ ଏଥିରେ ପୀଡ଼ିତ ହୋଇଥିବା ନେଇ ଜଣାଇଥିଲେ। ଏଥିରେ ପୀଡ଼ିତଙ୍କ ବାନ୍ତି ହେବା, ମୁଣ୍ଡବିନ୍ଧା, ଥକ୍କାପଣ, ମୁଣ୍ଡ ବୁଲାଇବା, ଶୋଇବାରେ ସମସ୍ୟା ସହ ଶ୍ରବଣ ଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ। ଏ ପର୍ଯ୍ୟନ୍ତ ପ୍ରାୟ ୨ ଶହ ଆମେରିକୀୟ ଅଧିକାରୀ ଏବଂ ସେମାନଙ୍କ ପରିବାର ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଆଜିଯାଏ ରୋଗର କାରଣ ସମ୍ପର୍କରେ ଡାକ୍ତର ବିଶେଷଜ୍ଞମାନେ ଜାଣିପାରିନାହାନ୍ତି।

# କ୍ୟାବିନେଟ ସମ୍ପ୍ରସାରଣ କଲା ତାଲିବାନ୍

**ସ୍କୁଲକୁ ଫେରିବେ ଛାତ୍ରୀ**

**କାବୁଲ, ୨୧।୯**

ଆଫଗାନିସ୍ତାନରେ ଅନ୍ତରୀଣ ସରକାର ଗଢ଼ିଥିବା ତାଲିବାନ୍ ମଙ୍ଗଳବାର ଏହାର କ୍ୟାବିନେଟ ସମ୍ପ୍ରସାରଣ କରିଛି। ବିଭିନ୍ନ ବିଭାଗରେ ନୂଆ ଉପମନ୍ତ୍ରୀଙ୍କୁ ସାମିଲ ହୋଇଥିବାବେଳେ ଏଥର ମଧ୍ୟ କୌଣସି ମହିଳାଙ୍କୁ ତାଲିବାନ୍ ସରକାରରେ ଭାଗିଦାରି କରିନାହିଁ। ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ଏକ ଖବରଦାତା ସମ୍ମିଳନୀ କରି ଏ ନେଇ ସୂଚନା ଦେଇଛନ୍ତି। ଏଥିରେ ଧର୍ମୀୟ ସଂଖ୍ୟାଲଘୁ ଯଥା ହାଜାରାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। ପରେ ମହିଳାମାନଙ୍କୁ ସରକାରରେ ସ୍ଥାନ ଦିଆଯାଇପାରେ ବୋଲି ସେ କହିଛନ୍ତି। ତାଲିବାନ୍ ସରକାରକୁ ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପ୍ରଦାନ କରା ନ ଯିବାକୁ ନେଇ ଜାବିହୁଲ୍ଲା ଅସନ୍ତୋଷ ବ୍ୟକ୍ତ କରିଥିଲେ। ୟୁରୋପୀୟ, ଏସୀୟ ଏବଂ ଇସ୍‌ଲାମ ଦେଶ ସମେତ ଅନ୍ୟ ଦେଶଗୁଡ଼ିକ ତାଲିବାନ୍‌କୁ ସ୍ୱୀକୃତି ଦେବା ଜାତିସଂଘର ଦାୟିତ୍ୱ ବୋଲି ସେ କହିଛନ୍ତି। ସରକାରକୁ ମହିଳା ଶୂନ୍ୟ କରିଥିଲେ ହେଁ ଛାତ୍ରୀମାନଙ୍କୁ ସ୍କୁଲକୁ ଫେରିବାକୁ ଅନୁମତି ମିଳିବ ବୋଲି ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା କହିଛନ୍ତି। ଛାତ୍ରୀମାନେ ସମ୍ପୂର୍ଣ୍ଣ ଭାବେ ଶିକ୍ଷାକ୍ଷେତ୍ରକୁ ଫେରିବା ପାଇଁ ସୁରକ୍ଷିତ ବାତାବରଣର ଆବଶ୍ୟକତା ରହିଛି। ତେଣୁ ମାଧ୍ୟମିକ ବିଦ୍ୟାଳୟକୁ ଯିବାପାଇଁ ସେମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ସବୁ କିଛି ସ୍ୱାଭାବିକ ହେବା ପରେ ଯଥାଶୀଘ୍ର ସମ୍ଭବ ଛାତ୍ରୀମାନେ ଶ୍ରେଣୀଗୃହକୁ ଯାଇପାରିବେ ବୋଲି କାବୁଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି।


ଜାବିହୁଲ୍ଲା ମୁଜାହିଦ୍

# ୨୪ରେ ମୋଦି-ବାଇଡେନ ଆଲୋଚନା

**ୱାଶିଂଟନ/ନୂଆଦିଲ୍ଲୀ, ୨୧।୯**




**ଭାରତ-ଆମେରିକା ସମ୍ପର୍କ ମଜଭୁତ ହେବ: ହ୍ୱାଇଟ୍ ହାଉସ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାରଠାରୁ ଆମେରିକା ଗସ୍ତରେ ଯାଉଥିବାବେଳେ ଶୁକ୍ରବାର (ସେପ୍ଟେମ୍ବର ୨୪ରେ) ସେ ୱାଶିଂଟନରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ବୈଠକରେ ଯୋଗଦେବେ। ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବ ବୋଲି ଆଶା କରାଯାଉଥିବା ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା କହିଛନ୍ତି। ଆଲୋଚନାରେ ମୌଳବାଦ, ଆତଙ୍କବାଦୀ ଏବଂ ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ସ୍ଥାନ ପାଇବ। ଏହା ବ୍ୟତୀତ ଆଫଗାନିସ୍ତାନ ସ୍ଥିତି ସମ୍ପର୍କରେ ମଧ୍ୟ ଦୁଇ ନେତା ଆଲୋଚନା କରିପାରନ୍ତି। ବାଇଡେନ୍‌ଙ୍କ ବ୍ୟତୀତ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ। ଏଥିସହିତ ମୋଦି ୱାଶିଂଟନଠାରେ ୨୪ରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ସମ୍ମିଳନୀରେ ଯୋଗଦେବେ। ଉକ୍ତ ବୈଠକରେ ମୁଖ୍ୟତଃ ସମସାମୟିକ ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯିବା ଆଶା କରାଯାଉଛି। ଏହି ବୈଠକରେ ବାଇଡେନ୍, ମୋଦିଙ୍କ ସହ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗା ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ସହ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ବହିର୍ବ୍ୟାପାର ସଚିବ ଶ୍ରିଙ୍ଗଲାଙ୍କ ସମେତ ଅନ୍ୟ ଅଧିକାରୀମାନେ ଆମେରିକା ଯିବେ। ସେଠାରେ ମୋଦି ବିଭିନ୍ନ ଆମେରିକୀୟ କମ୍ପାନୀର ଶୀର୍ଷ କାର୍ଯ୍ୟନିର୍ବାହୀଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

ମୋଦି-ବାଇଡେନ ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ବୈଠକରେ ଆଫଗାନିସ୍ତାନ ପ୍ରସଙ୍ଗ ସ୍ଥାନ ପାଇବା ସହ ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇରେ ଉଭୟ ଦେଶ କିପରି କାର୍ଯ୍ୟ କରିବେ ତାହା ଉପରେ ଆଲୋଚନା ହେବ ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଗତ ଜାନୁୟାରୀରେ ବାଇଡେନ୍ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ମୋଦି ତାଙ୍କ ସହ ଭର୍ଚୁଆଲି ଏକାଧିକ ଥର ଆଲୋଚନା କରିଛନ୍ତି। ଗତ ଏପ୍ରିଲ୍ ୨୬ରେ ମୋଦି-ବାଇଡେନ୍ ଟେଲିଫୋନ୍ ଆଲୋଚନା ହୋଇଥିଲା। ଆସନ୍ତା ୨୪ରେ ପ୍ରଥମ ଥର ପାଇଁ ଉଭୟ ନେତା ଏକାଠି ବସି ଆଲୋଚନା କରିବେ।

# ସୋସିଆଲ ମିଡିଆରେ ବିଚ୍ଛିନ୍ନତାବାଦର ପ୍ରସାର କରିପାରିବେନି କର୍ମଚାରୀ

**ନୂଆଦିଲ୍ଲୀ, ୨୧।୯**

**ନିୟମ କଡ଼ାକଡ଼ି କଲେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ**

ଜମ୍ମୁ-କଶ୍ମୀରର ୫ ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀ ସୋସିଆଲ୍ ମିଡିଆ ବ୍ୟବହାରରେ ନିରଙ୍କୁଶ ସ୍ୱାଧୀନତା ହରାଇବେ। ସେମାନେ ସୋସିଆଲ ମିଡିଆ ମାଧ୍ୟମରେ ରାଜନୀତି କରିପାରିବେ ନାହିଁ, ଆତଙ୍କବାଦୀ ସଂଗଠନର ଡାକରାରେ ବନ୍ଦ ପାଳନ କରିପାରିବେ ନାହିଁ ଏବଂ ଭାରତଠାରୁ ଅଲଗା ହେବାକୁ ଦାବି କରିପାରିବେ ନାହିଁ। ଏହାର ଉଲ୍ଲଂଘନ କଲେ କର୍ମଚାରୀଙ୍କୁ ରାଜ୍ୟ ରାଜକୋଷରୁ ବେତନ ମିଳିବାରେ ସମସ୍ୟା ଦେଖାଦେବ। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଗତ ୧୩ ମାସ ମଧ୍ୟରେ ଏଭଳି ଅନେକ ନିୟମାବଳୀ ଓ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କଲେଣି। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ୯୦ ଭାଗରୁ ଉର୍ଦ୍ଧ୍ୱ ସୋସିଆଲ ମିଡିଆ ପ୍ରଚାର ଆଜାଦୀ କଶ୍ମୀର ଏବଂ ଭାରତ ବିରୋଧୀ ଲେଖା ଉପରେ କରାଯାଉଥିବାରୁ କଟକଣା ଲଗାଇବାକୁ ପଡ଼ିଛି। ଫଳରେ ଗତ ୩ ମାସ ମଧ୍ୟରେ ଏଭଳି ପ୍ରଚାର ଯଥେଷ୍ଟ ହ୍ରାସ ପାଇଥିବା ଏକ ଉଚ୍ଚ ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି। ୯୦ ଦଶକର ବିଚ୍ଛିନ୍ନତାବାଦର ପ୍ରଚାରକ ଏବଂ ବର୍ତ୍ତମାନ ମଧ୍ୟରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି। ଏବେ ସୋସିଆଲ ମିଡିଆ ପ୍ରଚାର ପ୍ରସାରର ସବୁଠୁ ବଡ଼ ମାଧ୍ୟମ ହୋଇଛି। ସରକାରଙ୍କଠାରୁ ବେତନ ପାଉଥିବା ଅଧିକାଂଶ କର୍ମଚାରୀ ଏହି କାର୍ଯ୍ୟରେ ଲିପ୍ତ ରହିଥିଲେ। କଟକଣା ଲାଗିବା ଯୋଗୁ ସେମାନଙ୍କ ସଂଖ୍ୟା ହ୍ରାସ ପାଇଛି। ଆଜାଦୀର ପ୍ରଚାର କରୁଥିବା ସରକାରୀ କର୍ମଚାରୀମାନେ ସେମାନଙ୍କ ଫେସ୍‌ବୁକ୍, ଟୁଇଟର ଓ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଆକାଉଣ୍ଟକୁ ବନ୍ଦ କରିଦେଇଛନ୍ତି କିମ୍ବା ବିବାଦୀୟ ପୋଷ୍ଟକୁ ଲିଭାଇ ଦେଇଛନ୍ତି। ତେବେ ଆହୁରି କେତେଜଣ କର୍ମଚାରୀ ଏଭଳି ପ୍ରଚାର ଜାରି ରଖିଛନ୍ତି। ଏହାକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ କଠୋର କଟକଣା ଜାରି ହୋଇଛି। ନୂଆ ନିୟମରେ ଏଭଳି ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବାହାର କରିବା ପ୍ରକ୍ରିୟାକୁ ସହଜ କରାଯିବା ସହ ସେମାନଙ୍କୁ ପାସ୍‌ପୋର୍ଟ ଇସ୍ୟୁ କରାଯିବନାହିଁ। କେହି ଦୁର୍ନୀତିରେ ଲିପ୍ତ ଥିଲେ କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ରଖିଥିଲେ, ପାସ୍‌ପୋର୍ଟ ଇସ୍ୟୁ ପାଇଁ ମଞ୍ଜୁରୀ ନ ଦେବାକୁ ପୋଲିସକୁ କୁହାଯାଇଛି।

# ସୁଦାନରେ ସେନା ବିଦ୍ରୋହ ଉଦ୍ୟମ

**ଖାରତୁମ୍, ୨୧।୯**



ଅବଦଲ୍ଲା ହାମ୍‌ଦକ୍

**କ୍ଷମତା ହାସଲ ପାଇଁ ଯୋଜନା ହୋଇଥିଲା**

**ବିଦ୍ରୋହୀ ସୈନ୍ୟ ଗିରଫ**

ଉତ୍ତର-ପୂର୍ବ ଆଫ୍ରିକୀୟ ଦେଶ ସୁଦାନରେ ସରକାରକୁ କ୍ଷମତାଚ୍ୟୁତ କରି ଶାସନ ନିଜ ହାତକୁ ନେବାକୁ ସେନାର ଏକ ଗୋଷ୍ଠୀ ମଙ୍ଗଳବାର ଉଦ୍ୟମ କରିଛନ୍ତି। ସେମାନଙ୍କ ଏହି ଯୋଜନା ବିଫଳ ହୋଇଛି ବୋଲି ସୁଦାନର ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଷଡ଼ଯନ୍ତ୍ରକାରୀ ସରକାରୀ ଗଣମାଧ୍ୟମ ଭବନ ଏବଂ ସେନା ମୁଖ୍ୟାଳୟକୁ କବ୍‌ଜା କରିବାକୁ ଚେଷ୍ଟା କରିଥିଲେ। ଦେଶର ରୁଲିଂ କାଉନସିଲ ଏବଂ ମିଲିଟାରି ସରକାରଙ୍କ ନିୟନ୍ତ୍ରଣରେ ରହିଥିବା ଜଣାଯାଇଛି।

୩ ଦଶନ୍ଧିର ଶାସନ ପରେ ୨୦୧୯ ଏପ୍ରିଲରେ ପୂର୍ବତନ ରାଷ୍ଟ୍ରପତି ଓମାର ଅଲ୍-ବଶିରଙ୍କୁ ବିଦ୍ରୋହ ବଳରେ ଶାସନରୁ ହଟାଯାଇଥିଲା। ଏହାର ୩ ବର୍ଷ ପରେ ଦେଶରେ ଏହାର ପୁନରାବୃତ୍ତି ଉଦ୍ୟମ ଘଟଣା ସୁଦାନର ଦୁର୍ବଳ ଗଣତନ୍ତ୍ର ବ୍ୟବସ୍ଥା ପୁଣି ସାମ୍ନାକୁ ଆସିଛି। ବଶିରଙ୍କ ସମର୍ଥକ, ସେନା ଏବଂ ବାହାର ଲୋକ ଏହି ବିଦ୍ରୋହ ଉଦ୍ୟମ କରିଥିବା ସୁଦାନର ପ୍ରଧାନମନ୍ତ୍ରୀ ଅବଦଲ୍ଲା ହାମ୍‌ଦକ୍ କହିଛନ୍ତି। ସେନାର ଏହି ଗୋଷ୍ଠୀର ବିଦ୍ରୋହ ରୋକିବାକୁ ସରକାରୀ ମିଡିଆ ଜନସାଧାରଣଙ୍କୁ ଆହ୍ୱାନ ଦେଇଛି। ତେବେ ସବୁକିଛି ନିୟନ୍ତ୍ରଣରେ ଅଛି ବୋଲି ସାମରିକ-ନାଗରିକ ପରିଷଦର ସଦସ୍ୟ ମହମ୍ମଦ ଅଲ-ଫିକି ସୁଲେମାନ ଫେସ୍‌ବୁକରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସାମିଲ ଥିବା ଉଚ୍ଚ ର୍ୟାଙ୍କ୍‌ର ଅଫିସରଙ୍କ ସମେତ ସମସ୍ତ ସୈନ୍ୟଙ୍କୁ ଗିରଫ କରାଯାଇଛି। ସବୁଠୁ ଲମ୍ବା ସମୟ ଧରି ସରକାରରେ ଥିବା ରାଷ୍ଟ୍ରପତି ଅଲ୍-ବଶିରଙ୍କୁ କ୍ଷମତାଚ୍ୟୁତ କରାଯିବା ପରେ କ୍ଷମତା ବାଣ୍ଟିବା ପାଇଁ ଏକ ଚୁକ୍ତି ହୋଇଥିଲା। ସାମରିକ, ସାଧାରଣ ନାଗରିକ ପ୍ରତିନିଧି ଏବଂ ବିରୋଧ କରୁଥିବା ଗୋଷ୍ଠୀକୁ ନେଇ ଏକ ସରକାର ଗଠନ ପାଇଁ ସହମତି ହୋଇଥିଲା। ଏବେ ଦେଶରେ ନାଗରିକ ଏବଂ ସେନାର ମିଳିତ ସରକାର ରହିଛି।


ଦିଲ୍ଲୀ ଚିଡ଼ିଆଖାନାର ଏକ ପୁଷ୍କରିଣୀ ଉପରେ ଦୁଇଟି ପେଲିକାନ୍ ଉଡୁଛନ୍ତି।

# ଧରିତ୍ରୀ
DHARITRI

ବୁଧବାର, ସେପ୍ଟେମ୍ବର ୨୨/୨୦୨୧ | Wednesday, September 22/2021





**ଶିବା ଥାପ୍ପାଙ୍କୁ ସ୍ୱର୍ଣ୍ଣ ପଦକ**

ଶିବା ଥାପ୍ପା ଜାତୀୟ ପୁରୁଷ ବକ୍ସିଂରେ ସ୍ୱର୍ଣ୍ଣ ପଦକ ସହ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୪ | ୧୨

**୪୧୩ କୋଟିର ମାଲିକାଣୀ ବେବୋ**

ବଲିଉଡ୍ ବେବୋ କରୀନା କପୁର ଖାନ୍ ୪୧୩ କୋଟି ଟଙ୍କା ସମ୍ପତ୍ତିର ମାଲିକାଣୀ।





ଅନୁଗୋଳ ଜିଲା ହଣ୍ଡପା ରେଞ୍ଜ ଅନ୍ତର୍ଗତ ବଡ଼ହୁଲା-ଧୁଣ୍ଡି ଗ୍ରାମ ରାସ୍ତାକୁ ମଙ୍ଗଳବାର ହାତୀପଲ ପାର ହେଉଛନ୍ତି।

# ଦୁବାଇ ଆକାଉଣ୍ଟରୁ ଟଙ୍କା ଆସିଛି

*ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆରଡିଓ)ର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ଦିନକୁ ଦିନ ନୂଆ ତଥ୍ୟ ମିଳିବାରେ ଲାଗିଛି। ଏହି ଘଟଣାରେ ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ଆକାଉଣ୍ଟକୁ ୨ଟି ପର୍ଯ୍ୟାୟରେ ଦୁବାଇରୁ ୩୮ ହଜାର ଟଙ୍କା ଆସିବା ସହ ଟଙ୍କା ବିନିମୟ ଦ୍ୱାରା ତଥ୍ୟ ଲିକ୍ କରାଯାଇଥିବା ନେଇ ସୂଚନା ମିଳିଛି। ବିଶେଷକରି ଜଣେ ମହିଳା ଏହି କାରବାରରେ ସମ୍ପୃକ୍ତ ଥିବା ନେଇ ତଥ୍ୟ ମିଳିଥିବା କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି।*

**ଡିଆର୍‌ଡିଓ ଗୁପ୍ତ ତଥ୍ୟ ଲିକ୍ ଘଟଣା**

- ଟାର୍ଗେଟରେ ମହିଳା ଅପରେଟିଭ
- ବ୍ୟବହାର କରୁଥିଲେ ୟୁକେ ନମ୍ବର
- ବିଭିନ୍ନ ନାମରେ ପରିଚୟ ଦେଇ ଚାଟିଂ କରୁଥିଲେ




କଟକ ଅଫିସ,୨୧।୯

ଚାନ୍ଦିପୁର ଡିଆର୍‌ଡିଓର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଶନିବାରଠାରୁ ରିମାଣ୍ଡରେ ଆଣି ଜେରା ଜାରି ରଖିଛି। ଇତିମଧ୍ୟରେ ଅଭିଯୁକ୍ତଙ୍କଠାରୁ ସମସ୍ତ ମୋବାଇଲ ଫୋନ୍ ଜବତ କରାଯାଇଛି। ବ୍ୟାଙ୍କ ଆକାଉଣ୍ଟର ସବିଶେଷ ବିବରଣୀ ଯାଞ୍ଚ କରାଯାଉଛି। ଏପରି କି ସେମାନଙ୍କ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ଆଦି ସୋସିଆଲ ମିଡିଆ ଆକାଉଣ୍ଟକୁ ତର୍ଜମା କରାଯାଉଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ଆକାଉଣ୍ଟକୁ ଦୁବାଇର ଏକ ଆକାଉଣ୍ଟରୁ ଟଙ୍କା ଆସିଛି। ୨ଟି କିସ୍ତିରେ ମୋଟ୍ ୩୮ହଜାର ଟଙ୍କା ଟ୍ରାନ୍ସଫର ହୋଇଥିବା ବର୍ତ୍ତମାନ ସୁଦ୍ଧା ତଦନ୍ତରୁ ଜଣାପଡ଼ିଛି ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ମଙ୍ଗଳବାର ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଟଙ୍କା ଆସିଛି କି ନାହିଁ ସେନେଇ ଅଧିକ ଜେରା ଚାଲିଛି। ଅଭିଯୁକ୍ତଙ୍କ ସହ ଜଣେ ମହିଳା ବିଭିନ୍ନ ନାମରେ ପରିଚୟ ଦେଇ ଫେସ୍‌ବୁକ ମାଧ୍ୟମରେ ସମ୍ପର୍କ ସ୍ଥାପନ କରିଥିଲେ। ଫେସ୍‌ବୁକ ମେସେଞ୍ଜର, ହ୍ୱାଟ୍‌ସଆପ ମାଧ୍ୟମରେ ସୋସିଆଲ୍ ମିଡିଆରେ ଚାଟିଂ କରି ଖବର ଆଦାନ ପ୍ରଦାନ କରୁଥିଲେ। ସମ୍ପୃକ୍ତ ମହିଳା ଜଣକ ୟୁକେର ଏକ ମୋବାଇଲ ନମ୍ବର ବ୍ୟବହାର କରୁଥିଲେ। ଏହି ମହିଳାଙ୍କ ଉପରେ ଅଧିକ ତଦନ୍ତ କରାଯିବ। ତେବେ କେଉଁ କେଉଁ ତଥ୍ୟ ଲିକ୍ ହୋଇଛି ଏବଂ ତାର ଗୁରୁତ୍ୱ କ'ଣ, ସେସବୁର ତର୍ଜମା ପାଇଁ ଏୟାରଫୋର୍ସର ଏକ ଟିମ୍ ୨ଦିନ ଧରି ଅଭିଯୁକ୍ତଙ୍କୁ ଜେରା କରୁଛନ୍ତି ବୋଲି ପଣ୍ଡା କହିଛନ୍ତି। ଜବତ ମୋବାଇଲ ଫୋନକୁ ଫରେନ୍‌ସିକ ଆନାଲିସିସ ପାଇଁ ଲାବୋରେଟୋରିକୁ ପଠାଯିବ। ଅଭିଯୁକ୍ତମାନେ ଅନ୍ୟ କେଉଁ ଉପାୟରେ ☞ପୃଷ୍ଠା-୨

# ଚତୁର୍ଥ ସ୍ଥାନରେ ଓଡ଼ିଶା

ନୂଆଦିଲ୍ଲୀ, ୨୧।୯


ଭାରତର ଖାଦ୍ୟ ସୁରକ୍ଷା ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ୨୦୨୦-୨୧ ବର୍ଷ ଲାଗି ଖାଦ୍ୟ ସୁରକ୍ଷା ସୂଚକାଙ୍କ ପ୍ରକାଶ ପାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ ଉନ୍ମୋଚନ କରିଥିବା ଏହି ରିପୋର୍ଟ ଅନୁଯାୟୀ ଖାଦ୍ୟ ସୁରକ୍ଷାରେ ଗୁଜରାଟ ପ୍ରଥମ ସ୍ଥାନରେ ରହିଥିବାବେଳେ କେରଳ ଦ୍ୱିତୀୟ ଏବଂ ତାମିଲନାଡୁ ତାଲିକାର ତୃତୀୟ ସ୍ଥାନରେ ରହିଛି। ଏଥିରେ ଓଡ଼ିଶା ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇ ବଡ଼ ସଫଳତା ହାସଲ କରିଛି। ୨୦୧୯-୨୦ ବର୍ଷରେ ରାଜ୍ୟ ୧୩ତମ ସ୍ଥାନରେ ରହିଥିଲା। ଏଥର ମହାରାଷ୍ଟ୍ର ଭଳି ବୃହତ୍ ରାଜ୍ୟକୁ ଓଡ଼ିଶା ପଛରେ ପକାଇଦେଇଛି। ରିପୋର୍ଟ ଅନୁଯାୟୀ ଖାଦ୍ୟ ନିରାପତ୍ତାରେ ଓଡ଼ିଶା ଓ ହିମାଚଳପ୍ରଦେଶ ବଡ଼ ଉନ୍ନତି ଆଣିପାରିଛନ୍ତି। ୨୦୨୦-୨୧ ବର୍ଷରେ ରାଜ୍ୟରେ ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ଉତ୍ପନ୍ନ ହୋଇଥିଲେ ମଧ୍ୟ ଖାଦ୍ୟ ସୁରକ୍ଷାର ଶୀର୍ଷସ୍ଥାନକୁ ଯିବାକୁ ହେଲେ ଆହୁରି ଅନେକ କିଛି କରିବାକୁ ପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି।

**ଖାଦ୍ୟ ସୁରକ୍ଷା ସୂଚକାଙ୍କ**

ମାନବ ସମ୍ବଳ, ଔଦ୍ୟୋଗିକ ତଥ୍ୟ, ଖାଦ୍ୟ ସୁରକ୍ଷା ଆଇନର ଅନୁପାଳନ, ପରୀକ୍ଷା ଭିତ୍ତିଭୂମି ଏବଂ ତଦାରଖ, ତାଲିମ, ସାମର୍ଥ୍ୟ ନିର୍ମାଣ ଏବଂ ଖାଉଟି ସଶକ୍ତୀକରଣ ଆଦି ବିଭିନ୍ନ ଦିଗକୁ ବିଚାରକୁ ନେଇ ☞ପୃଷ୍ଠା-୨

# ମୁଖ୍ୟ ଅଭିଯୁକ୍ତ ଆନନ୍ଦ ଗିରି ଗିରଫ

**ନରେନ୍ଦ୍ର ଗିରି ମୃତ୍ୟୁ ମାମଲା**



ନରେନ୍ଦ୍ର ଗିରି



ଆନନ୍ଦ ଗିରି

ପ୍ରୟାଗରାଜ, ୨୧।୯

ଅଖିଳ ଭାରତ ଆଖଡ଼ା ପରିଷଦ ଅଧ୍ୟକ୍ଷ ମହନ୍ତ ନରେନ୍ଦ୍ର ଗିରି ମୃତ୍ୟୁ ମାମଲାରେ ମୁଖ୍ୟ ଅଭିଯୁକ୍ତ ଆନନ୍ଦ ଗିରିଙ୍କୁ ଗିରଫ କରାଯାଇଛି। ମହନ୍ତ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ଉତ୍ତରପ୍ରଦେଶ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୋମବାର ପ୍ରୟାଗରାଜସ୍ଥିତ ବାଘାମ୍ବରି ମଠରୁ ମହନ୍ତଙ୍କ ମୃତଦେହ ମିଳିଥିଲା। ସେଠାରୁ ମିଳିଥିବା ଏକ ସୁଇସାଇଡ୍ ନୋଟ୍‌ରେ ଶିଷ୍ୟ ଆନନ୍ଦ ଗିରିଙ୍କ ସମେତ କେତେଜଣଙ୍କ ନାଁ ରହିଥିଲା, ଯେଉଁମାନେ ତାଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ତେବେ ଆନନ୍ଦ ଏହାକୁ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି କହିବା ସହ ଟଙ୍କା ପାଇଁ ମହନ୍ତଙ୍କୁ ନିର୍ଯାତନା ଦିଆଯାଇ ହତ୍ୟା କରିଥିବା କହିଛନ୍ତି। ଆନନ୍ଦଙ୍କ ବିରୋଧରେ ☞ପୃଷ୍ଠା-୨

# ୩ ବିଚାରପତିଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ସୁପାରିସ

ନୂଆଦିଲ୍ଲୀ, ୨୧।୯

ସୁପ୍ରିମକୋର୍ଟ କଲେଜିୟମ ୧୭ଜଣ ହାଇକୋର୍ଟ ବିଚାରପତିଙ୍କ ବଦଳି ପାଇଁ ସୁପାରିସ କରିଛନ୍ତି। ଗତ ୧୬ତାରିଖରେ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ବସିଥିବା କଲେଜିୟମ ବୈଠକରେ ଏହି ସୁପାରିସ ହୋଇଥିବା ମଙ୍ଗଳବାର ସୁପ୍ରିମକୋର୍ଟର ଅଫିସିଆଲ ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟକୁ ୩ଜଣ ବିଚାରପତିଙ୍କୁ ବଦଳି ପାଇଁ ସୁପାରିସ କରାଯାଇଛି। କୋଲ୍‌କାତା ହାଇକୋର୍ଟର ଅରିନ୍ଦମ୍ ସିହ୍ନା ଓ ସୌମେନ ସେନ୍ ଏବଂ ପଞ୍ଜାବ ହରିୟାଣା ହାଇକୋର୍ଟର ବିଚାରପତି ଯଶଓ୍ୱନ୍ତ ସିଂହଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଓଡ଼ିଶା ହାଇକୋର୍ଟର ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ରାଜସ୍ଥାନ ହାଇକୋର୍ଟର ବିଚାରପତି ସାବିନାଙ୍କୁ ହିମାଚଳ ପ୍ରଦେଶ, କେରଳ ହାଇକୋର୍ଟ ବିଚାରପତି ଏ.ଏମ୍. ବଦର୍‌ଙ୍କୁ ପାଟ୍‌ନା, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ବିବେକ ଅଗ୍ରୱାଲ, ରବିନାଥ ତିହାରୀ, ଚନ୍ଦ୍ରଧାରୀ ସିଂ ଏବଂ ଯଶଓ୍ୱନ୍ତ ବର୍ମାଙ୍କୁ ଯଥାକ୍ରମେ ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ ହାଇକୋର୍ଟକୁ ବଦଳି ପାଇଁ ପ୍ରସ୍ତାବ ଦିଆଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆଜି ବାଲ୍ୟ ବିବାହ, କାଲି ସତୀ**






## ଭି.ଆର୍. ଚୌଧରୀ ପରବର୍ତ୍ତୀ ବାୟୁସେନା ମୁଖ୍ୟ



ନୂଆଦିଲ୍ଲୀ, ୨୧।୯: ବାୟୁସେନାର ଉପମୁଖ୍ୟ ଥିବା ଏୟାର ମାର୍ଶାଲ ଭି.ଆର୍. ଚୌଧରୀଙ୍କୁ କେନ୍ଦ୍ର ସରକାର ମଙ୍ଗଳବାର ପରବର୍ତ୍ତୀ ବାୟୁସେନା ମୁଖ୍ୟ ନିଯୁକ୍ତ କରିଛନ୍ତି। ବର୍ତ୍ତମାନର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଆର୍.କେ.ଏସ୍. ଭଦୌରିଆ ସେପ୍ଟେମ୍ବର ୩୦ରେ ଅବସର ନେବାକୁ ଥିବାବେଳେ ଭି.ଆର୍. ଚୌଧୁରୀଙ୍କୁ ☞ପୃଷ୍ଠା-୨

# ବାଧାପ୍ରାପ୍ତ ହୋଇପାରେ ଜଳବିଦ୍ୟୁତ୍ ଉତ୍ପାଦନ

**ଜୁଲାଇ ଏବଂ ଅଗଷ୍ଟରେ ଦକ୍ଷିଣ ପଶ୍ଚିମ ମୌସୁମୀ ଧୋକା ଦେଲା। ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ତଥାପି ଅଧିକାଂଶ ଜଳଭଣ୍ଡାର ପୂରିପାରିନି। ଆଉ ଦିନ କେଇଟା ପରେ ମୌସୁମୀ ରାଜ୍ୟରୁ ବିଦାୟ ନେବ। ଏପରିସ୍ଥଳେ ରାଜ୍ୟକୁ ଆଉ ଅଧିକ ବର୍ଷାଜଳ ମିଳି ନ ପାରେ। ଜଳଭଣ୍ଡାରଗୁଡ଼ିକରେ ପର୍ଯ୍ୟାପ୍ତ ପାଣି ନ ରହିଲେ ଆଗାମୀ ଦିନରେ ବିଦ୍ୟୁତ୍ ଉତ୍ପାଦନ ଗୁରୁତର ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି।**

**ଏତେ ବର୍ଷା ପରେ ବି ଜଳଭଣ୍ଡାର ପୂରୁନି**

**ଆଶଙ୍କାରେ ନୂଆ ପ୍ରକଳ୍ପ**

ଭୁବନେଶ୍ୱର,୨୧।୯(ବ୍ୟୁରୋ)

କେବଳ ହୀରାକୁଦ ଜଳଭଣ୍ଡାରକୁ ଛାଡ଼ିଦେଲେ ଅନ୍ୟ ଜଳ ଭଣ୍ଡାରଗୁଡ଼ିକରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ପାଣି ନାହିଁ। ହୀରାକୁଦରେ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବାବେଳେ ସେପ୍ଟେମ୍ବର ୨୧ ସୁଦ୍ଧା ୬୨୯.୨୮ ଫୁଟ ରହିଛି। ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ ହେଉଥିବା ଅନ୍ୟତମ ଜଳଭଣ୍ଡାର ବାଲିମେଳାର ଜଳଧାରଣ କ୍ଷମତା ୧୫୧୮ ଫୁଟ ଥିବା ବେଳେ ଏବେ ସେଠାରେ ରହିଛି ୧୪୭୬ ଫୁଟ। ସେହିପରି ରେଙ୍ଗାଲି ଜଳଭଣ୍ଡାରରେ ୧୨୪ ମିଟର ଜଳଧାରଣ କ୍ଷମତା ଥିବା ବେଳେ ରହିଛି ୧୨୨ ମିଟର, ଅପରକୋଲାବରେ ୮୫୮ ଜାଗାରେ ୮୫୦ ମିଟର, ଅପର ଇନ୍ଦ୍ରାବତୀରେ ୬୪୩ ବଦଳରେ ୬୩୨ ଏବଂ ମାଛକୁଣ୍ଡରେ ୨,୭୫୦ ଫୁଟ ଜଳ ରହିବା ଜାଗାରେ ରହିଛି ୨,୭୨୬ ଫୁଟ ପାଣି। ସ୍ୱାଭାବିକ ଜଳଧାରଣ କ୍ଷମତାରୁ ଜଳ ☞ପୃଷ୍ଠା-୨

# ୨୦୦ ଏକରରେ ବାନ୍ଧିଲେ ସୋଲାର ବାଡ଼

**ଝାଳବୁହା ପରିଶ୍ରମରେ କରିଥିବା ଫସଲକୁ ହାତୀପଲଠାରୁ ସୁରକ୍ଷା ପାଇଁ ହାତରୁ ଲକ୍ଷେରୁ ଅଧିକ ଟଙ୍କା ଖର୍ଚ୍ଚ କରି ୨୦୦ ଏକର ଜମିରେ ବୁଲାଇଲେ ସୋଲାର ତାରବାଡ଼। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ଜହ୍ନାପଡ଼ା ଗ୍ରାମର ଚାଷୀଙ୍କ ଏଭଳି ଅଭିନବ ପ୍ରୟାସକୁ ସବୁମହଲରେ ପ୍ରଶଂସା କରାଯାଉଛି।**

**ଏଇ ହାତରେ ସମ୍ଭବ**



ସୋଲାର ତାରବାଡ଼ ନିର୍ମାଣରେ ବ୍ୟସ୍ତ ଗ୍ରାମବାସୀ।


**ଫସଲ ସୁରକ୍ଷା ଚିନ୍ତା**

- ହାତୀ ଘଉଡ଼ାଇବାରେ ବନ ବିଭାଗ ଫେଲ୍
- ବାରମ୍ବାର ଦାବି ସତ୍ତ୍ୱେ ଶୁଣିଲେନି ଅଧିକାରୀ

ନିଗମାନନ୍ଦ ଦଳବେହେରା
ପରଜଙ୍ଗ, ୨୧।୯

ହାଡ଼ଭଙ୍ଗା ପରିଶ୍ରମରେ କରାଯାଇଥିବା ଫସଲକୁ ରାତି ଅଧରେ ଖାଇଯାଉଥିଲେ ହାତୀ। ଯେତିକି ଖାଉଥିଲେ, ତା'ଠାରୁ ବହୁ ଗୁଣା ଦଳିଚକଟି ନଷ୍ଟ କରିଦେଉଥିଲେ। ଚାଷଜମିକୁ ସୁରକ୍ଷା ଦେବାକୁ ଯାଉଥିବା ଚାଷୀ ହାତୀ ମୁହଁରେ ପଡ଼ି ଅନେକ ସମୟରେ ହରାଉଥିଲେ ଜୀବନ। ଆତ୍ମୀୟଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଥିବା ପରିବାର ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଯାଉଥିଲା ଫସଲ ଉଜୁଡ଼ିବା କ୍ଷତି। ବାରମ୍ବାର ଦାବି, ନିବେଦନ, ଆନ୍ଦୋଳନ ସତ୍ତ୍ୱେ ହାତୀଙ୍କୁ ଘଉଡ଼ାଇବା ଲାଗି ନିଆଗଲା କୌଣସି ପଦକ୍ଷେପ ନା ବିଭାଗୀୟ ଅଧିକାରୀ ଶୁଣିଲେ ଚାଷୀଙ୍କ ଦୁଃଖ। ସବୁଆଡୁ ନିରାଶ ହେବା ପରେ ଶେଷରେ ନିଜ ପାଇଁ ନିଜେ ନ୍ୟାୟରେ ଅଣ୍ଟାଭିଡ଼ିଲେ ଜହ୍ନାପଡ଼ା ଗ୍ରାମବାସୀ। ସୋଲାର ବାଡ଼ କରି ନିଜ ଫସଲକୁ ସୁରକ୍ଷା ଦେଇଥିବାବେଳେ ବନ ବିଭାଗର ପାରିବାପଣିଆ ଉପରେ ଉଠିଛି ପ୍ରଶ୍ନ।

ଢେଙ୍କାନାଳ ଜିଲା ମହାବିରୋଡ୍ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଉପଦ୍ରବ ସୀମା ଟପିଛି। କେବଳ ହାତୀପଲ ନୁହନ୍ତି, ବାରହା ସମେତ ଅନ୍ୟ ବନ୍ୟପ୍ରାଣୀ ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି। ହାତୀ-ମଣିଷ ସଂଘର୍ଷରେ ବ୍ୟାପକ ଧନଜୀବନ ହାନି ହେଉଥିବାବେଳେ ହାତୀ ଘଉଡ଼ାଇବା ଲାଗି ବନ ବିଭାଗ ପକ୍ଷରୁ ଯଥେଷ୍ଟ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ବନ ବିଭାଗ ଗୁରୁତ୍ୱ ନ ଦେବାରୁ ଚାଷଜମିକୁ ହାତୀ ଦାଉରୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି ଜହ୍ନାପଡ଼ା ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଆଞ୍ଜେଲିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଅ ତିଅଣ ଛ ଭଜା**
**ପଖାଳ ସାଙ୍ଗକୁ କର ମଜା।**

ଭୋଜନର ମଜା। ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷା ଯାଇଥିଲେ ପଖାଳ ଖାଇବାର ମଜା ଦ୍ୱିଗୁଣିତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଇରେ ବାଲିଆ ଚହଟିଲା**
**କଜଳ ସିନ୍ଦୂର ନାଆଲୋ ରାଣ୍ଡ**
**ପୁଣି ଚାଖିଆ ଲେଉଟିଲା।**

ରଘୁନାଥ ହଜୁରୀ ବା ଚନ୍ଦନ ହଜୁରୀ ଚାଖି ଖୁଣ୍ଟିଆ ଭାବେ ଖ୍ୟାତ ଥିଲେ। ସେ ବହୁ ବର୍ଷ ପୁରୀରେ ଅନୁପସ୍ଥିତ ରହିବାରୁ ମୃତ ବୋଲି ସମସ୍ତେ ଧରିନେଇଥିଲେ। ଫଳରେ ତାଙ୍କ ସ୍ତ୍ରୀ ବିଧବା ହୋଇଥିଲେ। ପରନ୍ତୁ କିଛି ବର୍ଷର ବ୍ୟବଧାନ ପରେ ସେ ପୁନଶ୍ଚ ପୁରୀ ଫେରିଆସିବା ଫଳରେ ତାଙ୍କ ସ୍ତ୍ରୀ ପୁଣି ଶଙ୍ଖା ସିନ୍ଦୂର ପିନ୍ଧି ସଧବା ବେଶ ଧାରଣ କରିଥିଲେ। ବହୁ ଦିନ ଧରି ଘରୁ ବହାରିଯାଇଥିବା ବା ନିଖୋଜ ହୋଇଯାଇଥିବା ବ୍ୟକ୍ତି ପୁଣି ଫେରି ଆସିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

## ପ୍ରଥମ ପୃଷ୍ଠାରୁ...

### ଚତୁର୍ଥ ସ୍ଥାନରେ...

ଏଫ୍ଏସ୍ଏସ୍ଏଆଇ ଖାଦ୍ୟ ନିରାପତ୍ତା ସୂଚକାଙ୍କ ପ୍ରସ୍ତୁତ କରିଥାଏ। ୨୦୧୯ ପର୍ଯ୍ୟନ୍ତ ଓଡ଼ିଶା ଖାଦ୍ୟ ନିରାପତ୍ତାରେ ଦୁର୍ବଳ ରାଜ୍ୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇଥିଲା। ଗତ ୫ ବର୍ଷ ହେଲା ୨୦ ବୃହତ୍ ରାଜ୍ୟ ମଧ୍ୟରେ ଓଡ଼ିଶା ୧୩ ନମ୍ବର ସ୍ଥାନରେ ରହିଥିଲା। ପଡୋଶୀ ବିହାର, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଏହି ର୍ୟାଙ୍କରେ ଆଗରେ ରହିଥିଲେ। ୨୦୨୦-୨୧ରେ କ୍ଷୁଦ୍ର ରାଜ୍ୟଗୁଡ଼ିକ ମଧ୍ୟରେ ଗୋଆ ଖାଦ୍ୟ ସୁରକ୍ଷା ସୂଚକାଙ୍କରେ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଏହା ପଛକୁ ମେଘାଳୟ ଓ ମଣିପୁର ରହିଛନ୍ତି। ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଜମ୍ମୁ-କଶ୍ମୀର, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଏବଂ ଦିଲ୍ଲୀ ପ୍ରଥମ ୩ଟି ସ୍ଥାନ ହାସଲ କରିଛନ୍ତି। ଏଫଏସ୍ଏସ୍ଏଆଇ ଗଠନର ୧୫ ବର୍ଷ ପୂରଣ ଅବସରରେ କେନ୍ଦ୍ରମନ୍ତ୍ରୀ ମାଣ୍ଡବ୍ୟ ଉକ୍ତ ରିପୋର୍ଟ ଉନ୍ମୋଚନ କରିଛନ୍ତି। ଦେଶବାସୀଙ୍କ ପାଖରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ ନ ପହଞ୍ଚେ ସେଥିପାଇଁ ଆମକୁ ଉଦ୍ୟମ କରିବାକୁ ହେବ। ନିମ୍ନମାନର ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କେବଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ଏଥିପାଇଁ ଅନେକ କିଛି କରିବାକୁ ବାକି ରହିଥିବା ମାଣ୍ଡବ୍ୟ କହିଛନ୍ତି।

### ବାଧାପ୍ରାପ୍ତ ହୋଇପାରେ...

ଭଣ୍ଡାରଗୁଡ଼ିକରେ ପ୍ରାୟ ୧୦ରୁ ୨୫% ପର୍ଯ୍ୟନ୍ତ ଖାଲି ରହିଛି। ରାଜ୍ୟ ପାଇଁ ୪,୫୦୦ ମେଗାୱାଟ ବିଦ୍ୟୁତ ଆବଶ୍ୟକତା ପଡୁଛି। ସେଥିରୁ ପ୍ରାୟ ଅଧା ଅର୍ଥାତ ୨,୦୬୩ ମୋଗାୱାଟ୍ ବିଦ୍ୟୁତ ଶକ୍ତି ରାଜ୍ୟରେ ଥିବା ଜଳଭଣ୍ଡାରଗୁଡିକରୁ ଉତ୍ପାଦନ କରାଯାଉଛି। ହୀରାକୁଦ ପ୍ରକଳ୍ପରୁ ୨୭୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ସେହିପରି ଇନ୍ଦ୍ରାବତୀରୁ ୬୦୦ ମେଗାୱାଟ, ବାଲିମେଳାରୁ ୫୧୦, ରେଙ୍ଗାଲିରୁ ୩୦୦, ଅପରକୋଲାବରୁ ୩୨୦ ଏବଂ ମାଛକୁଣ୍ଡରୁ ୩୬ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ଜଳ ଭଣ୍ଡାରଗୁଡ଼ିକର ସ୍ଥିତିକୁ ଦେଖିଲେ ଆଗାମୀ ଦିନରେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହେବା ନେଇ ଜଳ ଜଳ ଦିଶୁଛି। କାରଣ ବର୍ଷା ଦିନେ ଘନ ଘନ ବିଦ୍ୟୁତ୍ କାଟ୍ ହେଉଥିବା ବେଳେ ଗ୍ରୀଷ୍ମ ଦିନରେ ବିଦ୍ୟୁତ୍ ଚାହିଦା ଆହୁରି ବଢ଼ିବ। ଜଳଭଣ୍ଡାରଗୁଡିକ ଉପରେ ଚାପ ବଢ଼ିଯିବ।

ରାଜ୍ୟରେ ଥିବା ଜଳ ବିଦ୍ୟୁତ୍ ପ୍ରକଳ୍ପକୁ ପର୍ଯ୍ୟାପ୍ତ ଜଳ ମିଳୁ ନ ଥିବାରୁ ରାଜ୍ୟ ସରକାର ଆଗାମୀ ଦିନରେ ଆହୁରି ୬ଟି ଜଳ ବିଦ୍ୟୁତ୍ ପ୍ରକଳ୍ପ କରି ଉତ୍ପାଦନ ବଢାଇବାକୁ ଯୋଜନା ରଖିଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ୬ଟି ପ୍ରକଳ୍ପରୁ ପ୍ରାୟ ୭୦୦ ମେଗାୱାଟ ଜଳ ବିଦ୍ୟୁତ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ମିଡିଲ କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ୨୦୦, ତେଲ ଇଣ୍ଟିଗ୍ରେଟେଡ୍ ପ୍ରକଳ୍ପରୁ ୫୦, ଲୋୟର ବଂଶଧାରା ପ୍ରକଳ୍ପରୁ ୧୮, ଭୀମକୁଣ୍ଡରୁ ୧୬୦, ସାଲକିରୁ ୧୬୫ ଏବଂ ଖାଡଗୋ ପ୍ରକଳ୍ପରୁ ୧୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି।

ଜଳବାୟୁ ପରିବର୍ତ୍ତନ ଯୋଗୁ ରାଜ୍ୟରେ ବର୍ଷା ପରିମାଣ କମି କମି ଯାଉଛି। ଚଳିତ ଜୁନ ପହିଲାରୁ ଅଗଷ୍ଟ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୩୦ ପ୍ରତିଶତରୁ କମ୍ ବର୍ଷା ହୋଇଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଶୁଷ୍କ ପରିବେଶ ସୃଷ୍ଟି ହୋଇ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ବାଧକ ସାଜିଛି। ଏ ସବୁକୁ ଦେଖିଲେ ରାଜ୍ୟ ସରକାର ଯେଉଁ ଜଳ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ କରିବା ଲାଗି ଯୋଜନା କରିଛନ୍ତି ସେଗୁଡ଼ିକର ଭବିଷ୍ୟତ ମଧ୍ୟ ଆଶଙ୍କା ଭିତରକୁ ଠେଲି ହୋଇଯାଉଛି ବୋଲି ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ କହିଛନ୍ତି। ଏବେଠୁ ଜରୁରୀକାଳୀନ ଭିତ୍ତିରେ ଭଳଭଣ୍ଡାରଗୁଡ଼ିକର ପୁନରୁଦ୍ଧାର ନ ହେଲେ ଆଗାମୀ ଦିନରେ ଭୟଙ୍କର ବିଦ୍ୟୁତ୍ ସଙ୍କଟ ଦେଖାଦେବ ବୋଲି ତ୍ରିପାଠୀ କହିଛନ୍ତି।

ନିଜ ନାମ ଗୋପନ ରଖିବା ସର୍ତ୍ତରେ ବିଦ୍ୟୁତ୍ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଗତ ୧୦ ବର୍ଷକୁ ଦେଖିଲେ ରାଜ୍ୟରେ ବର୍ଷା ପରିମାଣ କମିଛି। ଜଳଭଣ୍ଡାରଗୁଡ଼ିକ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରୁଥିବାରୁ ଆଗାମୀ ଦିନ ପାଇଁ ସମସ୍ୟା ସୃଷ୍ଟି କରିପାରେ। ସେଥିପାଇଁ ରାଜ୍ୟ ସରକାର ଜଳଭଣ୍ଡାରଗୁଡ଼ିକୁ ଜୀବନ୍ତ ରଖିବା ସକାଶେ କେତେକ ଦୀର୍ଘମିଆଦି ଯୋଜନା ହାତକୁ ନେଇଛନ୍ତି। ଯେପରି କି, ବ୍ୟବହୃତ ଜଳକୁ ପୁନଃ ଜଳଭଣ୍ଡାରରେ ଭରିବା କାର୍ଯ୍ୟ ସରକାର ଖୁବ୍‌ଶୀଘ୍ର କରିବାକୁ ଯାଉଛନ୍ତି।

### ୨୦୦ ଏକରରେ...

ଗ୍ରାମବାସୀ। ଚଳିତବର୍ଷ ବର୍ଷାଭାବରୁ ବହୁକଷ୍ଟରେ ପାଣି ମଡ଼ାଇ ଚାଷୀ ଧାନ ଫସଲ ବଞ୍ଚାଇ ରଖିଥିବାବେଳେ ହାତୀ ଉପଦ୍ରବ ସେମାନଙ୍କ ଦୁଃଖକୁ ଆହୁରି ବଢ଼ାଇଦେଇଥିଲା। ଏହାର ସ୍ଥାୟୀ ପ୍ରତିକାର କରିବା ଲାଗି ଗ୍ରାମର ପ୍ରାୟ ୨୦୦ ଚାଷୀ ପରିବାର ଏକାଠି ହୋଇଥିଲେ। ଗୁଣ୍ଠ ପ୍ରତି ୩୦ ଟଙ୍କା ହିସାବରେ ଆଦାୟ କରାଯାଇଥିବା ଅର୍ଥରେ ବଜାରରୁ ସେମାନେ କିଣି ଆଣିଲେ ସୋଲାର ମେଶିନ, ସୋଲାର ପ୍ଲେଟ୍, ବ୍ୟାଟେରି ଏବଂ ତାର। ଗାତ ଖୋଳିବା ଏବଂ ତାର ବେଢ଼ାଇବା ଲାଗି ପ୍ରତି ଚାଷୀ ପରିବାରରୁ ଜଣେ ଲେଖାଏ ଶ୍ରମଦାନ ମଧ୍ୟ କଲେ। ପାଖାପାଖି ୧୫ ଦିନ ମଧ୍ୟରେ ଗ୍ରାମର ମଙ୍ଗଳା ମନ୍ଦିରଠାରୁ କାଳିଆ ସାହୁ ବନ୍ଧ ଦେଇ ଘୋଡ଼ାଡିଆଁ ନାଳ କୂଳେ କୂଳେ ଶିବ ମନ୍ଦିର ଯାଏ ପ୍ରାୟ ୨୦୦ ଏକର ଜମି ଚାରିପଟେ ଘେରାଯାଇଛି ସୋଲାର ତାର ବାଡ଼, ଯେଉଁଥିରେ ଖର୍ଚ୍ଚ ହୋଇଛି ୧ ଲକ୍ଷରୁ ଅଧିକ ଟଙ୍କା। ବିଦ୍ୟୁତ୍ ଝଟ୍‌କା ଦେବାକୁ ଦୁଇ ସେଟ୍ ମେଶିନ ଗ୍ରାମର ସୁରେଶ ସାହୁଙ୍କ ଟେଷ୍ଟ ହାଉସ୍ ଘରେ ରଖାଯାଇଛି। ସନ୍ଧ୍ୟା ହେଲେ ମେଶିନ ଚାର୍ଜ କରାଯାଉଛି ଏବଂ ସକାଳେ ପୁଣି ବନ୍ଦ କରିଦିଆଯାଉଛି। ମେଶିନ ପାଖରେ ପାଳି କରି ୨ଜଣ ଜଗୁଛନ୍ତି। ସୋଲାର ବାଡ଼ ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ବନ୍ୟଜନ୍ତୁ ଧୀମା ବିଦ୍ୟୁତ୍ ଝଟ୍‌କା ଖାଇ ଜଙ୍ଗଲକୁ ଫେରିଯାଉଛନ୍ତି। ଫଳରେ ଫସଲ କ୍ଷତି ବହୁ ପରିମାଣରେ କମିଯାଇଛି। ଏହାସତ୍ତ୍ୱେ ଯଦି ହାତୀ ବାଡ଼ ଭାଙ୍ଗି ଜମିରେ ପଶେ ତେବେ ବନ କାର୍ଯ୍ୟାଳୟ ଘେରାଉ ସହ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ସମସ୍ୟା ବିଷୟରେ ମହାବିରୋଡ୍ ରେଞ୍ଜର ହରମୋହନ ନାୟକ କୁହନ୍ତି, ହାତୀ ଉପଦ୍ରୁତ ଉକ୍ତ ଅଞ୍ଚଳରେ ସୋଲାର ବାଡ଼ ନିର୍ମାଣ କରିବାକୁ ପ୍ରସ୍ତାବ ଯାଇଛି। ଖୁବଶୀଘ୍ର ଜହ୍ନାପଡ଼ା ଗ୍ରାମରେ ଏ ସକ୍ରାନ୍ତରେ ବୈଠକ ହେବ। ଗ୍ରାମବାସୀ କରିଥିବା ସୋଲାର ବାଡ଼ ପାଖରେ ଅଧିକ ଅର୍ଥବ୍ୟୟରେ ଭଲ ସୋଲାର ବାଡ଼ ନିର୍ମାଣ କରାଯିବାକୁ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

### ମୁଖ୍ୟ ଅଭିଯୁକ୍ତ...

ଆଇପିସିର ଧାରା ୩୦୬ (ଆତ୍ମହତ୍ୟା ପାଇଁ ବାଧ୍ୟ କରିବା)ରେ ୟୁପିର ଜର୍ଜ ଟାଉନ୍ ଥାନାରେ ମାମଲା ରୁଜୁ ହୋଇଛି। ମହନ୍ତଙ୍କ ସନ୍ଦେହଜନକ ମୃତ୍ୟୁର ସିବିଆଇ ତଦନ୍ତ କରାଯିବାକୁ ବିଭିନ୍ନ ଆଖଡ଼ାର ସାଧୁମାନେ ଦାବି କରିଛନ୍ତି। ମହନ୍ତ ଗିରି ଜଣେ ପ୍ରସିଦ୍ଧ ସନ୍ଥ ତଥା ଅଯୋଧ୍ୟା ରାମ ଜନ୍ମଭୂମି ଆନ୍ଦୋଳନରେ ଆଗଧାଡ଼ିର ନେତା ଥିଲେ। ତାଙ୍କୁ ହତ୍ୟା କରାଯାଇଥିବା କେତେଜଣ ଶିଷ୍ୟ ସନ୍ଦେହ କରୁଥିବାରୁ ଏହାର ସିବିଆଇ ତଦନ୍ତ ହେବା ଆବଶ୍ୟକ ବୋଲି ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ଉତ୍ତରପ୍ରଦେଶରେ ହିନ୍ଦୁତ୍ୱକୁ ମାରି ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି।

### ୩ ବିଚାରପତିଙ୍କୁ ଓଡ଼ିଶା...

ସେହିପରି ହିମାଚଳ ପ୍ରଦେଶ ହାଇକୋର୍ଟ ବିଚାରପତି ଅନୁପ ଚିଟ୍‌କାରାଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ, ମାଡ୍ରାସ ହାଇକୋର୍ଟ ବିଚାରପତି ଟି.ଏସ୍. ସିବାନାନମ୍‌ଙ୍କୁ କୋଲ୍‌କାତା, ପାଟନା ହାଇକୋର୍ଟ ବିଚାରପତି ଆହସୁଦ୍ଦିନ୍ ଅମାନୁଲ୍ଲାଙ୍କୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ହାଇକୋର୍ଟ ବଚିରାପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କୁ ରାଜସ୍ଥାନ ହାଇକୋର୍ଟ, ବମ୍ବେ ହାଇକୋର୍ଟ ବିଚାରପତି ଉଜ୍ଜ୍ୱଳ ଭୂୟାଁଙ୍କୁ ତେଲଙ୍ଗାନା, ଗୁଜରାଟ ହାଇକୋର୍ଟ ବିଚାରପତି ପରେଶ ଆର୍.ଉପାଧ୍ୟାୟଙ୍କୁ ମାଡ୍ରାସ ଏବଂ ତେଲଙ୍ଗାନା ହାଇକୋର୍ଟ ବିଚାରପତି ଏମ୍ଏସ୍ଏସ୍ ରାମଚନ୍ଦ୍ର ରାଓଙ୍କୁ ପଞ୍ଜାବ, ହରିୟାଣା ହାଇକୋର୍ଟକୁ ବଦଳି ପାଇଁ କଲେଜିୟମ୍ ସୁପାରିସ କରିଥିବା ଜଣାପଡ଼ିଛି।

### ଭି.ଆର୍. ଚୌଧରୀ...

ପରବର୍ତ୍ତୀ ମୁଖ୍ୟ ନିଯୁକ୍ତ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ବିବେକ ରାମ ଚୌଧରୀ ୧୯୮୨ ଡିସେମ୍ବର ୨୯ରେ ଭାରତୀୟ ବାୟୁସେନାରେ ଯୋଗଦେଇଥିଲେ। ସେ ବିଭିନ୍ନ ପଦପଦବୀରେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରିବା ସହ ବର୍ତ୍ତମାନ ଭାଇସ୍ ଚିଫ୍ ଅଫ୍ ଏୟାରଷ୍ଟାଫ୍ ଭାବେ କାର୍ଯ୍ୟ କରୁଛନ୍ତି। ନ୍ୟାଶନାଲ ଡିଫେନ୍ସ ଏକାଡେମୀ ଏବଂ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଚୌଧରୀ ୨୦୦୪ରେ ବାୟୁସେନା ମେଡାଲ, ୨୦୧୫ରେ ଅତିବିଶିଷ୍ଟ ସେବା ମେଡାଲ ଏବଂ ୨୦୨୧ରେ ପରମ ବିଶିଷ୍ଟ ସେବା ମେଡାଲ ପାଇଛନ୍ତି।

### ଦୁବାଇ ଆକାଉଣ୍ଟରୁ...

ବା ବ୍ୟାଙ୍କରୁ ଟଙ୍କା ନେଇଛନ୍ତି, ତାହାର ତଦନ୍ତ କରିବୁ ବୋଲି ପଣ୍ଡା କହିଛନ୍ତି। ଅପରପକ୍ଷରେ ଏହି ଘଟଣା ଦେଶର ପ୍ରତିରକ୍ଷା ସମ୍ପର୍କିତ ଏବଂ ଏଥିରେ ବାହାର ଦେଶର ଲିଙ୍କ୍ ରହିଥିବାରୁ ଏହାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ମିଳିଥିବା ସୂଚନା ଅନୁସାରେ ଏୟାରଫୋର୍ସର ଏକ ୩ ଜଣିଆ ଟିମ୍ ସୋମବାର କଟକ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ପହଞ୍ଚିଛି। ସେମାନେ ଅଭିଯୁକ୍ତମାନଙ୍କୁ ଦୁଇ ଦିନ ଧରି ମାରାଥନ ଜେରା ଚଳାଇଛନ୍ତି। କେଉଁ କେଉଁ ତଥ୍ୟ ଏମାନେ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍ଆଇକୁ ପ୍ରଦାନ କରିଛନ୍ତି,ଏନେଇ ଏୟାର ଫୋର୍ସ ଅଧିକାରୀମାନେ ଅଭିଯୁକ୍ତଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପଟେ ଉତ୍ତରପ୍ରଦେଶରେ ରହିଥିବା ପାକିସ୍ତାନୀ ହ୍ୟାଣ୍ଡଲର ସେମାନଙ୍କୁ ନିୟନ୍ତ୍ରଣ କରୁଥିବା ସମ୍ପର୍କରେ ତଥ୍ୟ ମିଳିଛି। ବର୍ତ୍ତମାନ ସେ ହ୍ୟାଣ୍ଡଲରଙ୍କୁ ଠାବ କରିବା ସହ ଅନ୍ୟ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି, ସେନେଇ କ୍ରାଇମବ୍ରାଞ୍ଚ ଜେରା ଆଗକୁ ବଢାଇଛି। ହ୍ୟାଣ୍ଡଲରଙ୍କୁ ଠାବ କରାଯିବା ପରେ ଅଧିକ ତଦନ୍ତ ପାଇଁ ଏନ୍ଆଇଏର ସହଯୋଗ ନିଆଯାଇପାରେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ସେପ୍ଟେମ୍ବର ୧୪ରେ ଆଇଟିଆରର ୪ ଠିକା କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଠିକା କର୍ମଚାରୀ ଚାନ୍ଦିପୁର ଥାନା ଝାମ୍ପୁରା ଗ୍ରାମର ବସନ୍ତ ବେହେରା (୫୨) ଓ ଶ୍ରୀକୋଣା ଗ୍ରାମର ଏସ୍.କେ. ମୁସାଫିର (୩୨), ଡିଜି ଅପରେଟର ଭାବେ କାମ କରୁଥିବା ସଦର ଥାନା ଅନ୍ତର୍ଗତ ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରି (୫୨), ମେନ ଗେଟ୍‌ରେ କାର୍ଯ୍ୟ କରୁଥିବା ସଦର ଥାନା ଅଧୀନ ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ (୪୧)। ପରେ ୧୬ତାରିଖରେ ଏହି ଘଟଣାରେ ଡିଆର୍‌ଡିଓର ସ୍ଥାୟୀ କର୍ମଚାରୀ ଡ୍ରାଇଭର ଉତ୍ତରପ୍ରଦେଶର ସଚିନ କୁମାର ଛଡାଙ୍କୁ ଗିରଫ କରାଯାଇଥିଲା। ସମସ୍ତ ୫ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୧୮ତାରିଖରେ ୭ଦିନିଆ ରିମାଣ୍ଡରେ ଆଣି ପଚରାଉଚରା ଜାରି ରଖିଛି।

## ଅସ୍ୱୀକାର କଲେ ପରିବାର ଲୋକେ

**ବାଲେଶ୍ୱର ଅଫିସ, ୨୧।୯**

ଡିଆରଡିଓ ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଦୁବାଇରୁ ୨ଥର ଟଙ୍କା ଆସିଥିବା ନେଇ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡାଙ୍କ ସୂଚନାକୁ ଅଭିଯୁକ୍ତଙ୍କ ପରିବାର ଲୋକ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ବସନ୍ତ ବେହେରାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା କହିଛନ୍ତି, ତାଙ୍କ ସ୍ୱାମୀ ଦୀର୍ଘ ୧୫ବର୍ଷ ଧରି ଆଇଟିଆର୍‌ରେ କାମ କରି ଆସୁଥିଲେ। କେବେ ବି କୌଣସି ଭୁଲ୍ କାମ କରି ନାହାନ୍ତି। ତାଙ୍କୁ ଫସାଇ ଦିଆଯାଇଛି। ଦୁବାଇରୁ ଟଙ୍କା ଆସୁଥିଲେ ଆମେ କ'ଣ ଏପରି ଭଙ୍ଗା ଘରେ ରହୁଥାନ୍ତୁ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଡ୍ୟୁଟିକୁ ଗଲା ବେଳେ ମୋବାଇଲ ଘରେ ରଖିଯାଆନ୍ତି, ଫଟୋ ଉଠାଇଲେ କେମିତି। ସବୁ ଅଭିଯୋଗ ମିଛ ବୋଲି ସେ କହିଛନ୍ତି। ସେହିପରି ଏସ୍‌କେ ମୁସାଫିରଙ୍କ ସ୍ତ୍ରୀ ସୁରଜା ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ତାଙ୍କ ଶ୍ୱଶୁର ଏବଂ ସ୍ୱାମୀ ଦୀର୍ଘ ସମୟ ଧରି ଆଇଟିଆରରେ କାମ କରି ଆସୁଛନ୍ତି। ସେ କୌଣସି ଭୁଲ କାମ କରି ନାହାନ୍ତି। କୌଣସି ପରିସ୍ଥିତିରେ ସେ ଦେଶଦ୍ରୋହ କାମ କରି ନାହାନ୍ତି। ବିଦେଶୀ ଟଙ୍କା ତାଙ୍କ ପାଖକୁ ଆସି ନ ଥିବା ସୁରଜା ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ରର ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ଅବୁଝା ବନ୍ଧୁମାନଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ। ଶୁଭଖବର ପାଇବା ସହ ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କେତେକ ସାଧାରଣ କଥାକୁ କେନ୍ଦ୍ରକରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସଙ୍ଗକୁ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ତ ପ୍ରକାରର ସୁବିଧାଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆରଦ୍ରା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିବ। ଆଜି ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଆପଣ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ।

**କର୍କଟ**
ଆଜି ଅଶ୍ଳେଷା ନକ୍ଷତ୍ର ପାଇଁ ଦିନଟି ପ୍ରତ୍ୟେକ ଦିଗରୁ ଅନୁକୂଳ ରହିବ। ବାତାବରଣ ସୃଷ୍ଟି ହେବ। ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ସମ୍ପର୍କୀୟଙ୍କ ସହ ସୁସମ୍ପର୍କରେ ସାମାନ୍ୟ ବ୍ୟତିକ୍ରମର ଆଶଙ୍କା ରହିଛି।

**ସିଂହ**
କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ପୂର୍ବାଫାଲଗୁନୀ ନକ୍ଷତ୍ର ବହୁତ ଦିନରୁ ଖୋଜୁଥିବା ଜିନିଷ ଆଜି ହଠାତ୍ ପାଇଯିବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା**
ଦୀର୍ଘଦିନର ଅପୂରଣୀୟ ଆଶା ମନରେ ବିଭିନ୍ନ ଆଶଙ୍କା ସୃଷ୍ଟି କରିପାରେ। ଅବଶ୍ୟ ହସ୍ତାନକ୍ଷତ୍ର ବ୍ୟକ୍ତିମାନେ ବନ୍ଧୁଙ୍କ ସହଯୋଗରୁ ଉତ୍ସାହିତ ହେବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା**
ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କୁ ମନ କଥା କହିବାରେ ସଙ୍କୋଚ ମଣିବେ। ବିଶାଖା ନକ୍ଷତ୍ର ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଅନୁରାଧା ନକ୍ଷତ୍ର ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ସାହିତ୍ୟ ଓ ସାମ୍ବାଦିକତାରେ ଉନ୍ନତି ସଙ୍ଗକୁ ବିଭିନ୍ନ ସ୍ତରରୁ ପ୍ରଶଂସିତ ହେବେ।


**ଧନୁ**
ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରେ। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ସାଙ୍ଗସାଥୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର**
ଆଜି ଶ୍ରବଣା ନକ୍ଷତ୍ର ଯେଉଁ କାମ ଆରମ୍ଭ କରିବାକୁ ଯିବେ ତାହା ଅବଶ୍ୟ ସଫଳ ହେବ। ଘରର କେତେକ ଅତ୍ୟାବଶ୍ୟକ ଜିନିଷଗୁଡ଼ିକୁ ଆଣିବାକୁ ବାଧ୍ୟ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ**
ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାର ପ୍ରୟାସ କରି ନିଶ୍ଚିତ ସଫଳତା ପାଇବେ। ଶତଭିଷା ନକ୍ଷତ୍ରର ଆର୍ଥିକ ସ୍ଥିତି ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡ଼ିବ। ଆନୁଷ୍ଠାନିକ କ୍ଷେତ୍ରରେ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ**
ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜ ପରିସରରେ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ରେବତୀ ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।


# classifieds Everyday
**0674-2580101, 2549302**




### BRIDE WANTED

Muslim boy (Divorcee issueless), 1965, established Businessman. Caste/ religion no bar. 9040868217, 8917236183. D-71006

60 ବର୍ଷୀୟ ବିପତ୍ନୀକ ସରକାରୀ ଚାକିରିଆ ମାସିକ ୮୫,୦୦୦/- ଦରମା ପାଉଥିବା ବ୍ରାହ୍ମଣ ପାତ୍ର ପାଇଁ ସନ୍ତାନ ସନ୍ତତି ବିହୀନ ସବର୍ଣ୍ଣ ଜାତିର ପାତ୍ରୀ ଆବଶ୍ୟକ। 9937512659, 8249969649. D-71708

**Bride required for 40 Brahmin grooms, boy Ph.D. working with a Government college boys net worth 3 crore, bride below 40 widow divorcee unmarried may contact WhatsApp 7894852118 or mobile 6371184551, caste no bar.** D-21678

### GROOM WANTED

Searching Kaibarta Groom for very Fair Bride & very Fair Bride (Caste No Bar) for Kaibarta Groom (IAS Faculty). Mob.: 9990161440. D-21676

କଟକ ବାସିନ୍ଦା ରେଲୱେ ଚାକିରିଆ ୪୮୦୦୦/- ଦରମା, ୪୬ ବୟସ୍କା ଖଣ୍ଡାୟତ ବିଧବାଙ୍କୁ ବର ଆବଶ୍ୟକ। ଯୋଗାଯୋଗ- 7606947424. D-21682

Fresh, Divorcee, Widow Bride wanted for Groom Company Manager 37, Caste no bar-7008468672. D-21683




### SALE

**Residential cum commercial road side plot, Niali Road @ 750 Sft., residential plots with boundary wall, Electricity system, homely temple, Nakhara 7 Km., BBSR-12 Km., 8249851363, 7809525452.** D-70485

Farm House ଉପଯୋଗୀ ସ୍ଥିତିବାନ ପ୍ଲଟ ଦେଢ଼ଏକର ମିନିଚିନ୍‌ପାଟଣା ମୌଜାର ବିକ୍ରି କରାଯିବ। Contact No.: 9861814701, Dist.- Khordha. D-21646

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-**ରେ ମିଳୁଛି। **9437033320.** D-71705

**ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952.** D-71703

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71702

**Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013.** D-21690

### PURCHASE

Required Flats independent houses GA plots from direct owner's, Bhubaneswar. 6371090682. D-68283




**RCC Godown 4500Sqft. average available near Rasulgarh, Bhubaneswar. Contact - 9692790387.** D-21699

### ACCOMMODATION

3000-4000 Sqft. Pucca Godown space required in Bhubaneswar. Contact: 9937493225. D-21703




Newly open full body massage ladies and gents. 8327740003. D-70486

Newly open SPA offer @799/-, positively health benefits, Jaydevbihar. 7846814019. D-71419

Newly open SPA centre with therapist full body massage. 8455987557. D-71418

Newly Open Saikrupa Panchakarma Spa positively health benefits with Expert. 8984068077. D-21568

Swarna SPA newly open positively health benefits with expert therapist. 9556978408. D-71162

**Refreshing your mind, your body with tha best therapy at Lotus Spa. 8018891951.** D-70484

Take wellness relax massage trained ladies/ gents therapist 800/-, 7008773793. D-71417

### LOST

It is notified for information that my original Degree certificate of B.Tech for Academic year 2017-18 issued by BPUT, Odisha with registration number: 1401209026 and Serial number: D09170141289 has been actually lost/ mutilated. Name: Raksha Kedia. Full Address/Tel. – Plot No.- 205, Medico Medical, Haldipokhar, East Singhbhum, Jharkhand – 831002, Ph. - 9431522589. D-21698

### AFFIDAVIT



By virtue of affidavit sworn before Notary, Rairakhol, my actual name is Anjali Bhoi which is incorrectly entered in my voter card as Anjali Pradhan. Hence it is necessary to correct my voter card in future. D-21705

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ନିଲାମ ହେବ ଟାଗୋରଙ୍କ ଲଣ୍ଡନ ଘର

## ଏହି ବାସଭବନରେ ଗୀତାଞ୍ଜଳିର ଇଂଲିଶ୍ ଅନୁବାଦ କରିଥିଲେ ରବୀନ୍ଦ୍ରନାଥ

**ଲଣ୍ଡନ,୨୧।୯**

ବିଶ୍ୱକବି ରବୀନ୍ଦ୍ରନାଥ ଟଗୋରଙ୍କ ଲଣ୍ଡନସ୍ଥିତ ବାସଭବନ ବିକ୍ରି ହେବ। ନୋବେଲ ବିଜେତା ଟାଗୋର ଯେଉଁ ଘରେ ବସି ବିଶ୍ୱପ୍ରସିଦ୍ଧ 'ଗୀତାଞ୍ଜଳି' କାବ୍ୟର ଇଂଲିଶ୍ ଅନୁବାଦ କରିଥିଲେ ସେହି ଘର ଏବେ ନିଲାମ ହେବାକୁ ଯାଉଛି। ଟାଗୋରଙ୍କ ଉତ୍ତର ଲଣ୍ଡନସ୍ଥିତ ବାସଭବନରେ ୩ଟି ଶୟନକକ୍ଷ ରହିଛି। ଏହାକୁ ୨,୬୯୯,୫୦୦ ପାଉଣ୍ଡ (ପ୍ରାୟ ୨୭ କୋଟି ୧୫ ଲକ୍ଷ ୩୮ ହଜାର ଟଙ୍କା)ରେ ବିକ୍ରି କରିବା ପାଇଁ ସ୍ଥିର କରାଯାଇଛି। ୧୮୬୩ରେ ଭିକ୍ଟୋରିଆନ୍ ଭିଲା ଏହି କୋଠା ନିର୍ମାଣ କରିଥିଲା। ଟାଗୋର ୧୯୧୦ରେ ବଙ୍ଗଳା



ଭାଷାରେ ମହାକାବ୍ୟ ଗୀତାଞ୍ଜଳି ରଚନା କରିଥିଲେ। ସେ ଲଣ୍ଡନ ଗସ୍ତ ବେଳେ ହାମ୍ପଷ୍ଟିଡ୍ ହେଲ୍‌ଥରେ ଥିବା ହେଲ୍‌ଥ ଭିଲାର ଏହି ଘରେ ସ୍ୱରଚିତ ଗୀତାଞ୍ଜଳିର ଇଂଲିଶ୍ ଅନୁବାଦ କରିଥିଲେ। ଦାତବ୍ୟ ଅନୁଷ୍ଠାନ ଇଂଲିଶ୍ ହେରିଟେଜ୍ 'ଦି ବ୍ଲୁ ପେକ୍' ନାମରେ ଏକ ସ୍କିମ୍ ଚଳାଇଛି। ଏଥିରେ ଲଣ୍ଡନର କୋଠାଗୁଡ଼ିକ ସହ ଜଡ଼ିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ଓ ସଙ୍ଗଠନଗୁଡ଼ିକୁ ସମ୍ମାନିତ କରାଯାଉଛି। ଟାଗୋର ଉକ୍ତ ଘରେ ୧୯୧୨ରେ ରହୁଥିଲେ ବୋଲି ଉଲ୍ଲେଖ କରାଯାଇଛି। ଉକ୍ତ ଘରର ବିକ୍ରି ଦାୟିତ୍ୱ ନେଇଥିବା ଇଷ୍ଟେଟ୍ ଏଜେଣ୍ଟ ଗୋଲ୍ଡସ୍କିମ୍ଟ୍ ଆଣ୍ଡ ହାଓଲାଣ୍ଡ ନିର୍ଦ୍ଦେଶକ ଫିଲିପ୍ ଗ୍ରୀନ୍ କହିଛନ୍ତି, ଆମ ଦୃଷ୍ଟିକୋଣରୁ ଆମେ ବିକ୍ରି ବ୍ୟବସାୟ କରୁଛୁ। ଆମ କ୍ଲାଏଣ୍ଟ ଚାହୁଁଥିବା ମୂଲ୍ୟରେ ଏହା ଉପଲବ୍ଧ। ଏହା ବ୍ରିଟିଶ ଆଇନ ଅନୁସାରେ ବୈଧ। ଏହାର ବିକ୍ରି ଦାୟିତ୍ୱ ପାଇଥିବାରୁ ଆମେ ଗର୍ବିତ। ଏହାର ଐତିହାସିକ ମହତ୍ତ୍ୱକୁ ବ୍ଲୁ ପ୍ଲେକ୍ ସ୍ୱୀକୃତି ଦେଇଛି। ଏହାବ୍ୟତୀତ ଉକ୍ତ ପ୍ରାଚୀନ ଘରର ଅବସ୍ଥିତି ଓ ସୌନ୍ଦର୍ଯ୍ୟ ବହୁ ଗ୍ରାହକଙ୍କୁ ଆକର୍ଷିତ କରିଛି ବୋଲି ଫିଲିପ୍ କହିଛନ୍ତି।

ଉଲ୍ଲେଖଥାଉ କି, ପୂର୍ବରୁ ପଶ୍ଚିମବଙ୍ଗ ସରକାର ଏହି ଘରକୁ ଅକ୍ତିଆର କରି ଏକ ସଂଗ୍ରହାଳୟ ଓ ସ୍ମାରକୀରେ ପରିବର୍ତ୍ତିତ କରିବାକୁ ନିଷ୍ପତ୍ତି ନେଇଥିଲେ। ସେଥିଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୨୦୧୫ ଓ ୨୦୧୭ରେ ବ୍ରିଟେନ ରାଜଧାନୀ ଲଣ୍ଡନରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଉପାୟ ଖୋଜିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସରକାର ଏହି ଘରକୁ ନେଇ ନିକଟରେ ସେମିତି ଆଗ୍ରହ ଦେଖାଇଥିବା ବିଷୟରେ ଅବଗତ ନ ଥିବା ଭାରତୀୟ ହାଇକମିଶନ କହିଛନ୍ତି।

# ଓମ୍ବାଡ୍‌ସି ପାଣ୍ଠିରୁ ୬୪୦.୬୫ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର

- ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଅନୁଭୂତି ଦେବାକୁ ନିର୍ଦ୍ଦେଶ
- ୧୧ ସହରାଞ୍ଚଳରେ ସ୍ଥାପନ ହେବ ଇନ୍‌ଡୋର ଷ୍ଟାଡିୟମ

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**

ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡ୍‌ସି) ପାଣ୍ଠିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିକାଶ, ସହରାଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଏବଂ ପରିବେଶ ସୁରକ୍ଷା ପରିଚାଳନା ଆଦି କ୍ଷେତ୍ର ପାଇଁ ୬୪୦.୬୫ କୋଟି ଟଙ୍କାର ପ୍ରକଳ୍ପକୁ ସବୁଜ ସଙ୍କେତ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଗମ ନିର୍ଦ୍ଦେଶକ ପରିଷଦ ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ମିଳିଛି। ନୂଆ ପ୍ରକଳ୍ପରେ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରି, ଆଇସିଟି ପରୀକ୍ଷାଗାର ଆଦି ବିକଶିତ କରାଯିବ। ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଅନୁଭୂତି ପ୍ରଦାନ କରିବା ଲାଗି ଯତ୍ନବାନ ହେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ନିଗମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ନନ୍ଦୁରୀ ଆଲୋଚନାରେ ଅଂଶଗ୍ରହଣ କରି କହିଲେ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଆଦି ଜିଲାର ୮୮୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରୂପାନ୍ତରିତ କରାଯିବ। ଏଥିରେ ମୋଟ ୫୩୩.୪୦କୋଟି ଟଙ୍କାର ଖର୍ଚ୍ଚ ଅଟକଳକୁ ମଞ୍ଜୁର କରାଯାଇଛି। ଖଣି ପ୍ରଭାବିତ ୧୧ ସହରାଞ୍ଚଳରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବ। ଏଥିଲାଗି ୧୦୪.୧୫ କୋଟି ଟଙ୍କାର ବିନିଯୋଗ କରାଯିବାକୁ ଯୋଜନା କରାଯାଇଛି। ବେଲପାହାଡ଼, ବ୍ରଜରାଜନଗର, ଆନନ୍ଦପୁର, ବଡ଼ବିଲ, ଯୋଡ଼ା, ବୀରମିତ୍ରପୁର, ରାଜଗାଙ୍ଗପୁର, ରାଉରକେଲା, ବ୍ୟାସନଗର ପୌର ନିଗମ ଏବଂ ଉଦଳା, ଚମ୍ପୁଆ ଏନ୍ଏସିକୁ ଉକ୍ତ ପ୍ରକଳ୍ପରେ ସାମିଲ କରାଯାଇଛି। ଖଣି ପ୍ରଭାବିତ ଜିଲାରେ ଯୁବତୀଯୁବକଙ୍କ ମଧ୍ୟରେ କ୍ରୀଡ଼ା କୌଶଳର ବିକାଶ କରାଯିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖଣି ଅଞ୍ଚଳରେ ପରିବେଶ ପରିଚାଳନା ବ୍ୟବସ୍ଥାରେ ସୂଚନା, ପ୍ରଯୁକ୍ତି ବିଜ୍ଞାନ ଓ ତଥ୍ୟ ଅନୁଶୀଳନର ପ୍ରୟୋଗ ନିମନ୍ତେ ୩.୧୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥୋ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ, କ୍ରୀଡ଼ା ଓ ଯୁବବ୍ୟାପାର ଶାସନ ସଚିବ ଭିନିଲ୍ କ୍ରିଷ୍ଣା, ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ ସଚିବ କେ. ମୁରୁଗେସେନଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ।









କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖିନ୍ତି । କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା– ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ । –ଶ୍ରୀଅରବିନ୍ଦ



# ଆଜି ବାଲ୍ୟ ବିବାହ, କାଲି ସତୀ

ରାଜସ୍ଥାନ ସରକାର ୧୭ ସେପ୍ଟେମ୍ବରରେ ରାଜସ୍ଥାନ ବାଧ୍ୟତାମୂଳକ ବିବାହ ପଞ୍ଜୀକରଣ (ସଂଶୋଧନ) ବିଲ୍, ୨୦୨୧ ବାଚନିକ ଭୋଟରେ ଗୃହୀତ କରାଇଛନ୍ତି। ଏଥିରେ ସ୍ପଷ୍ଟ କୁହାଯାଇଛି ଯେ, ୨୧ ବର୍ଷ ବୟସରୁ କମ୍ ଜଣେ ବର ଓ ୧୮ ବର୍ଷରୁ କମ୍ କନ୍ୟାଙ୍କ ବିବାହର ୩୦ ଦିନ ମଧ୍ୟରେ ମାତାପିତା କିମ୍ବା ଅଭିଭାବକ ବିବାହ ପଞ୍ଜୀକରଣ କରାଇପାରିବେ। ଏହାଦ୍ୱାରା ରାଜସ୍ଥାନ ସରକାର ଖୋଲାଖୋଲି ବାଲ୍ୟ ବିବାହକୁ ମୋହର ଦେଉଛନ୍ତି। ଭାରତରେ ଜଣେ ଯୁବକ ୨୧ ବର୍ଷ ଓ ଯୁବତୀ ୧୮ ବର୍ଷ ବୟସରେ ଉପନୀତ ହେଲେ ବିବାହଯୋଗ୍ୟ ବୋଲି ଆଇନ ରହିଛି। ସେହି ଦୃଷ୍ଟିରୁ ଦେଖିଲେ ରାଜସ୍ଥାନ ସରକାରଙ୍କ ଦ୍ୱାରା ଅଣାଯାଇଥିବା ବିବାହ ପଞ୍ଜୀକରଣର ସଂଶୋଧନ ବିଲ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନର ବିରୁଦ୍ଧାଚରଣ କରୁଛି। ବିରୋଧୀ ଭାଜପା ସଦସ୍ୟଙ୍କ ପ୍ରତିବାଦ ସତ୍ତ୍ୱେ ରାଜସ୍ଥାନର କଂଗ୍ରେସ ସରକାର ଏଭଳି ବିଲ୍‌କୁ ଗୃହୀତ କରାଇବା ଏକ ଅଡୁଆ ସ୍ଥିତି ସୃଷ୍ଟି କରିଛି। ୧୯୨୯ ମସିହାରୁ ଭାରତରେ ବାଲ୍ୟ ବିବାହକୁ ଅସିଦ୍ଧ ଘୋଷଣା କରାଯାଇଛି। କମ୍ ବୟସର ପୁଅ କିମ୍ବା ଝିଅଙ୍କର ଶାରୀରିକ ଓ ମାନସିକ ବୃଦ୍ଧି ଘଟି ନ ଥିବାରୁ ସେମାନଙ୍କ ବିବାହକୁ ବାରଣ କରାଯାଇଥାଏ। କେବଳ ଗରିବ ଶ୍ରେଣୀ କିମ୍ବା ଧର୍ମରେ ବାଲ୍ୟ ବିବାହ ସୀମିତ ରହୁନାହିଁ। ତେଣୁ ଏହାକୁ ରୋକିବା ଲାଗି ସରକାର ଗଣମାଧ୍ୟମ ଜରିଆରେ ସଚେତନତା ସୃଷ୍ଟିକାରୀ ବାର୍ତ୍ତା ବାଣ୍ଟୁଛନ୍ତି। ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ଅନୁଯାୟୀ ଏହି ବିବାହ ଦଣ୍ଡନୀୟ ଅପରାଧ। ସମଗ୍ର ଦେଶରେ ଏହି ଆଇନ ଉଲ୍ଲଂଘନକାରୀଙ୍କ ପାଇଁ ଦୁଇ ବର୍ଷ ଯାଏ ଜେଲଦଣ୍ଡ ଓ ୨ ଲକ୍ଷ ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ କୋଭିଡ୍-୧୯ ଯୋଗୁ ୨୦୨୦ରେ ବାଲ୍ୟ ବିବାହ ସଂଖ୍ୟା ବଢ଼ିଛି। କର୍ଣ୍ଣାଟକରେ ୧୮୪ ମାମଲା ସହ ସମଗ୍ର ଦେଶରେ ଏ ସଂକ୍ରାନ୍ତ ୭୮୫ ମାମଲା ରୁଜୁ ହୋଇଛି। ୨୦୧୯ରେ ଏହି ସଂଖ୍ୟା ଥିଲା ୫୨୩।

ଏଭଳି ପରିପ୍ରେକ୍ଷୀରେ ରାଜସ୍ଥାନ ସରକାର ବିବାହ ପଞ୍ଜୀକରଣ ସଂଶୋଧନ ବିଲ୍‌କୁ ଗୃହୀତ କରାଇବା ଦ୍ୱାରା ବାଲ୍ୟ ବିବାହ ଆଇନସିଦ୍ଧ ହେବା ସହ ଏହାର ସଂଖ୍ୟା ବଢ଼ାଇବାରେ ସହାୟକ ହେବ। ରାଜସ୍ଥାନ ସରକାରଙ୍କ ପକ୍ଷରୁ କୁହାଯାଇଛି, ଏହି ବିଲ୍‌ରେ ବାଲ୍ୟ ବିବାହକୁ ବୈଧତା ଦେବା ନେଇ କିଛି ନାହିଁ। ଏ ସଂକ୍ରାନ୍ତ ସାମାଜିକ ସମସ୍ୟା ଉପୁଜିଲେ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ଜିଲାପାଳଙ୍କୁ ଦିଆଯାଇଛି। ତେବେ ଝିଅଟିଏ ବିଧବା ହୋଇଗଲେ ସେହି କ୍ଷେତ୍ରରେ ନାବାଳିକାର ସ୍ୱାର୍ଥକୁ ସୁରକ୍ଷା ଦେବା ଲାଗି ବିଲ୍‌ରେ ବ୍ୟବସ୍ଥା କରାଯାଇଛି ବୋଲି ସରକାରର ଯେଉଁ ସଫେଇ ଦେଉଛନ୍ତି, ତାହା ଅତ୍ୟନ୍ତ ଭ୍ରମାତ୍ମକ। କାରଣ ଅପ୍ରାପ୍ତ ବୟସ୍କା ଯୁବତୀ ବିଧବା ହେବ କିପରି। ସମସ୍ତେ ଜାଣନ୍ତି ୧୮ରୁ କମ୍ ବର୍ଷୀୟା ଝିଅର ବିବାହ ଅବୈଧ। ଏଭଳି କଥାକୁ ତର୍ଜମା କଲେ ଜଣାପଡୁଛି ଯେ, ବାଲ୍ୟ ବିବାହକୁ ସରକାରଙ୍କ ପ୍ରତ୍ୟକ୍ଷ ସମର୍ଥନ ରହିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ତଥ୍ୟ ଅନୁଯାୟୀ ରାଜସ୍ଥାନରେ କିଛିବର୍ଷ ହେବ ଅଳ୍ପ ବୟସର ବିବାହ ଯଥେଷ୍ଟ ପରିମାଣରେ କମିଯାଇଥିଲା। ରାଜ୍ୟ ସରକାର ଏବେ ଯେଉଁଭଳି ବିଲ୍ ଆଣିଛନ୍ତି ତାହାଦ୍ୱାରା ଭବିଷ୍ୟତରେ ଏହି ସଂଖ୍ୟା ବଢ଼ିଯିବା ସ୍ୱାଭାବିକ।

ବର୍ତ୍ତମାନ ରାଜସ୍ଥାନ ବିଷୟକୁ ଦେଖିଲେ ଏ ସଂକ୍ରାନ୍ତ ମାମଲାକୁ କୋର୍ଟ ପରିଚାଳନା କରିବା ବେଳେ ନିଶ୍ଚିତ ଭାବେ ଅସ୍ୱାଭାବିକ ସ୍ଥିତିର ସାମ୍ନା କରିବେ। ସମଗ୍ର ଦେଶ ପାଇଁ ବାଲ୍ୟ ବିବାହକୁ ଭାରତୀୟ ପିଙ୍ଗଲ କୋଡ୍ (ଆଇପିସି) ଓ ଅନ୍ୟାନ୍ୟ ବିବାହଜନିତ ଆଇନରେ ଦଣ୍ଡନୀୟ ଅପରାଧ କରାଯାଇଥିବା ବେଳେ ରାଜସ୍ଥାନ ସଂଶୋଧିତ ବିଲ୍ ଅନେକ ପ୍ରଶ୍ନ ଛିଡ଼ା କରୁଛି। ଏଭଳି କ୍ଷେତ୍ରରେ ସମଗ୍ର ଦେଶରେ ଏକକ ଆଇନ ଅଣାଯିବା ନେଇ ଯେଉଁ ଯୁକ୍ତିସବୁ ରହିଛି ତାହାକୁ ଅନୁସରଣ କରାଯିବା ଦରକାର। ଦଳମତ ନିର୍ବିଶେଷରେ ଯାହା ସମସ୍ତଙ୍କ ମଙ୍ଗଳରେ ଆସିବ, ତାହାକୁ ଗୁରୁତ୍ୱ ଦିଆଯିବା ଜରୁରୀ। ଆଜି ଯଦି ବାଲ୍ୟ ବିବାହକୁ ଦେଶ ସ୍ୱୀକାର କରିଯାଏ, ତେବେ ଆସନ୍ତାକାଲି ଭାରତୀୟ ସମାଜରେ ସତୀଦାହ ପ୍ରଥାକୁ ଆଇନଗତ ସ୍ୱୀକୃତି ମିଳିଯାଇପାରେ।

# ରାକ୍ଷୀ ସାୱନ୍ତଙ୍କ ପୋଷାକ



ଦୁଇଦିନ ପୂର୍ବେ ଉତ୍ତରପ୍ରଦେଶର ଉନ୍ନାଓଠାରେ ଭାଜପାର 'ପ୍ରବୁଦ୍ଧ ସମ୍ମିଳନୀ' ଆୟୋଜିତ ହୋଇଥିଲା। ସେଠାରେ ମହାତ୍ମା ଗାନ୍ଧୀ ଓ ରାକ୍ଷୀ ସାୱନ୍ତଙ୍କ ପୋଷାକକୁ ନେଇ ଉତ୍ତରପ୍ରଦେଶ ବିଧାନସଭା ବାଚସ୍ପତି ହୃଦୟ ନାରାୟଣ ଦୀକ୍ଷିତ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଦୀକ୍ଷିତ କହିଥିଲେ ଯେ, ଗାନ୍ଧିଜୀ ଛୋଟ ପୋଷାକ ପିନ୍ଧୁଥିଲେ, ଧୋତି ପରିଧାନ କରୁଥିଲେ। ସେଥିପାଇଁ ଗାନ୍ଧିଜୀଙ୍କୁ ବାପୁ କୁହାଗଲା। ଯଦି କେହି ଛୋଟ ପୋଷାକ ପିନ୍ଧି ମହାନ୍ ହୋଇଯାଉଥାଆନ୍ତେ, ତେବେ ରାକ୍ଷୀ ସାୱନ୍ତ ଗାନ୍ଧିଜୀଙ୍କଠାରୁ ବଡ଼ ହୋଇଯାଇଥାଆନ୍ତେ। ଦୀକ୍ଷିତଙ୍କ ଏଭଳି ମନ୍ତବ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ବିବାଦୀୟ ମନ୍ତବ୍ୟ ଉପରେ ଦୀକ୍ଷିତ ମଧ୍ୟ ସ୍ପଷ୍ଟୀକରଣ ଦେବାକୁ ବାଧ୍ୟ ହୋଇଛନ୍ତି। ଏଥିରୁ ଦୁଇଟି କଥା ବୁଝାପଡୁଛି। ଉତ୍ତରପ୍ରଦେଶ ବିଧାନସଭା ବାଚସ୍ପତି ହୁଏତ ରାଜନୈତିକ ଗୁରୁତ୍ୱ ହାସଲ କରି ପାରି ନ ଥିବା ହେତୁ ଏବେ ପଛରେ ପଡ଼ିଗଲା ଭଳି ମନେକରୁଛନ୍ତି। ସେଥିପାଇଁ ଗଣମାଧ୍ୟମରେ ଆସିବାର ଏଭଳି ମନ୍ତବ୍ୟ ଏକ ସହଜ ଉପାୟ। ଅନ୍ୟ ଏକ ସମ୍ଭାବନା ହେଉଛି ଗାନ୍ଧୀଙ୍କୁ ହୀନ ଚକ୍ଷୁରେ ଦେଖିବାର ଏକ ବାତାବରଣ ସୃଷ୍ଟି କରାଯାଉଛି। ଗାନ୍ଧୀଙ୍କର ଦୋଷତ୍ରୁଟି ଥାଇପାରେ, କିନ୍ତୁ ସେହି ଭାରତୀୟ ସମାଜ ଓ ଭାରତୀୟ ମାନସିକତାକୁ ଗାନ୍ଧୀ ବୁଝିପାରିଥିଲେ। ଲୋକଙ୍କୁ ଏକଜୁଟ କରି ସ୍ୱାଧୀନତା ଆଣିବା ଥିଲା ତାଙ୍କର ମୂଳ ଲକ୍ଷ୍ୟ। ସେହି ଲକ୍ଷ୍ୟରେ ଗାନ୍ଧୀ ସଫଳ ହୋଇଥିଲେ। ଏମିତି ନୁହେଁ ଯେ, ଗାନ୍ଧୀ ବିଦେଶୀ ପୋଷାକ ପିନ୍ଧି ନ ଥିଲେ କିମ୍ବା ଜାଣି ନ ଥିଲେ। ଧନୀ ପରିବାରର ସନ୍ତାନ ଭାବେ ବିଲାତରେ ପାଠ ପଢ଼ି ଏହିସବୁ ବାହ୍ୟ ଦେଖାଣିଆ ବେଶକୁ ଗାନ୍ଧୀ ଭଲଭାବେ ଜାଣିଥିଲେ। ତଥାପି ତାଙ୍କ ପୋଷାକ ଏକ ରାଜନୈତିକ ବାର୍ତ୍ତା ଥିଲା। ଆଜି ମୋଦି କହୁଛନ୍ତି 'ମେକ୍ ଇନ୍ ଇଣ୍ଡିଆ'। ଏକ ଶତାବ୍ଦୀ ପୂର୍ବରୁ ଗାନ୍ଧୀ ସେହି ଚିନ୍ତାଧାରାକୁ କାର୍ଯ୍ୟକାରୀ କରାଇ ସମସ୍ତେ ଖଦି ବସ୍ତ୍ର ପିନ୍ଧନ୍ତୁ ବୋଲି କହିଥିଲେ। ତାହାଦ୍ୱାରା ବିଦେଶୀ ଲୁଗା ବ୍ୟବସାୟକୁ ପ୍ରତିହତ କରିଥିଲେ। ଆଜି ଉତ୍ତରପ୍ରଦେଶ ବାଚସ୍ପତି ଉଚ୍ଚ ଜାତି ବ୍ରାହ୍ମଣ ଦୀକ୍ଷିତ ନିଜେ ଚାଇନା ସାମଗ୍ରୀ ବ୍ୟବହାର କରୁଥିବେ, କିନ୍ତୁ ତାଙ୍କ ଦଳର ନେତା ଦେଉଥିବା ଡାକରାକୁ ଅବମାନନା କରୁଛନ୍ତି।

# ସାତ ପିଢ଼ି ଅପେକ୍ଷା କରିବାକୁ ପଡ଼ିବ



ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ସରକାରଙ୍କ ତରଫରୁ ଏପରି ପ୍ରଚାର କରାଯାଉଛି ଯେ ଜଣେ ଭାବିବ ଲୋକ ଘିଅ ମହୁରେ ଭାସୁଛନ୍ତି। ୧୩୦କୋଟି ଲୋକଙ୍କ ମଧ୍ୟରୁ ୧୦୦କୋଟି ଦୁର୍ବିଷହ ଜୀବନଯାପନ କଲାବେଳେ ୩୦ କୋଟି ଲୋକ ଆର୍ଥିକ ଦୃଷ୍ଟିରୁ ଭଲ ସ୍ଥିତିରେ ଅଛନ୍ତି। କିନ୍ତୁ ସରକାର ସର୍ବଦା ୩୦ କୋଟିଙ୍କ କଥା କହିଲା ବେଳେ ଅବଶିଷ୍ଟଙ୍କ କଥା ଭୁଲିଯାଉଛନ୍ତି। ସେହି ୩୦କୋଟିଙ୍କ ଗାଥା କହି ସଫଳତାର ପ୍ରଚାର କରୁଛନ୍ତି। ବର୍ତ୍ତମାନ ବଜେଟର ଆକାର ୩୪ ଲକ୍ଷ କୋଟି ଟଙ୍କାରୁ ଅଧିକ। ଯିଏ ଶାସନ କରୁନା କାହିଁକି, ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହୁଅନ୍ତୁନା କାହିଁକି ବ୍ୟୟ କରିବେ, ନୂଆ ଯୋଜନା କରିବେ, ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ କରିବେ। ସେହି ଶାସକ ପ୍ରଶଂସନୀୟ, ଯିଏ ଜିଡିପି କେବଳ ବୃଦ୍ଧି ନୁହେଁ, ଜିଡିପି ଅନୁସାରେ ଅଧିକ ସମ୍ବଳ ସଂଗ୍ରହ କରିବେ ଏବଂ ବ୍ୟୟବରାଦ ବୃଦ୍ଧି କରିବେ । କିନ୍ତୁ ଆମର ଟିକସ ଅର୍ଥରୁ ଟଙ୍କାଟିଏ ବ୍ୟୟ କଲାବେଳେ ନିଜେ ଘରୁ ଦେଲାଭଳି ପ୍ରଚାର କରାଯାଉଛି। ପୁନଶ୍ଚ ରାଜ୍ୟ ବେଶି ବ୍ୟୟ କରିଲାବେଳେ, ଟିକସ ଆଦାୟ କରିବାର ଉତ୍ସ ସବୁ କେନ୍ଦ୍ର ହାତରେ। ପୁନଶ୍ଚ କେନ୍ଦ୍ର ରାଜ୍ୟର ଅଧିବାସୀଙ୍କଠାରୁ ହିଁ ଟିକସ ଆଦାୟ କରିଥାଏ । ଏଣୁ ରାଜ୍ୟଗୁଡ଼ିକୁ ଦେବା, କେନ୍ଦ୍ରୀୟ ଯୋଜନା କାର୍ଯ୍ୟ କରିବା ଆମ ସଙ୍ଘୀୟ ବ୍ୟବସ୍ଥାର ଏକ ଅଂଶ। କିନ୍ତୁ ଆମ ଟିକସକୁ ବ୍ୟୟକରି କେନ୍ଦ୍ର ଦୟା କରୁଛି ବୋଲି ରାଜ୍ୟଗୁଡ଼ିକୁ କୁହାଯାଉଛି।

ବାସ୍ତବରେ ଯେତେ ପ୍ରଚାର କଲେ ମଧ୍ୟ କ୍ରୂର ବାସ୍ତବତାକୁ ଲୁଚାଯାଇପାରିବ ନାହିଁ। ଭାରତ ବର୍ତ୍ତମାନ ଦୁଇଭାଗ ହୋଇଯାଇଛି। ଗୋଟିଏ ହେଉଛି ଧନୀ, ବିଲିୟନେୟାର, କର୍ପୋରେଟ ଏବଂ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ପ୍ରତିନିଧିତ୍ୱ କରୁଥିବା ଉଜ୍ଜ୍ୱଳ ବା ଚମକୁଥିବା ଭାରତ ଏବଂ ଅନ୍ୟଟି ହେଉଛି ଗରିବ, ଅବହେଳିତ ଶ୍ରେଣୀଙ୍କୁ ପ୍ରତିନିଧି କରୁଥିବା ଉଜୁଡ଼ା ଭାରତ । ପ୍ରତ୍ୟେକ ମୁହୂର୍ତ୍ତରେ କୋଟି କୋଟି ଲୋକ ମୁଠାଏ ଭାତ, ଖଣ୍ଡେ ବସ୍ତ୍ର, ଛୋଟିଆ ଘର ପାଇଁ ସଂଗ୍ରାମ କରୁଛନ୍ତି। ଜାନୁୟାରୀ ୨୦୨୦ରେ ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଫୋରମର ଗ୍ଲୋବାଲ୍ ସୋସିଆଲ୍ ମୋବିଲିଟି ରିପୋର୍ଟ ଅନୁଯାୟୀ ୮୨ଟି ଦେଶ ମଧ୍ୟରୁ ଭାରତ ୭୨ ସ୍ଥାନରେ ରହିଛି। ଏହାର ଅର୍ଥ ହେଉଛି ୭୧ଟି ଦେଶ ତଳେ। ସଦ୍ୟ ପ୍ରକାଶିତ ଜାତୀୟ ନମୁନା ସର୍ବେକ୍ଷଣ ଅଫିସ୍(ଏନ୍ଏସ୍ଏସ୍ଓ) ରିପୋର୍ଟରୁ ବୈଷମ୍ୟ କେତେ ଭୟଙ୍କର ତାହା ସ୍ପଷ୍ଟ ହୋଇଛି। ଅନ୍ୟ ରିପୋର୍ଟରେ ଆର୍ଥିକ ବୈଷମ୍ୟ-ସମ୍ପଦ ଓ ଆୟବୈଷମ୍ୟ- ଜଣାପଡିଲା ବେଳେ ଏନ୍ଏସ୍ଏସ୍ଓ ରିପୋର୍ଟରେ ସମ୍ପତ୍ତି ବା ଆସେଟ ବୈଷମ୍ୟ ଜଣାପଡିଛି। ସମ୍ପଦ ବା ଧନ ବା ନେଟଓର୍ଥ କହିଲେ, ସମ୍ପତ୍ତି ଓ ଦେୟର ତଫାତ୍‌କୁ ବୁଝାଇଥାଏ। ସମ୍ପତ୍ତି ବା ଆସେଟ୍ କହିଲେ ଯାହାର କିଛି ମୂଲ୍ୟ ଅଛି ବା ରିଟର୍ନ ଅଛି । ଜମି, ପ୍ରାଣୀଧନ, କୋଠା, ସୁନା, ଗହଣା, ଗାଡ଼ି, ବ୍ୟାଙ୍କ, ଡାକଘରେ ଥିବା ଜମା ରାଶି ଓ କମ୍ପାନୀଗୁଡ଼ିକରେ ଥିବା ଶେୟାର ଆଦିକୁ ସମ୍ପତ୍ତି ଭାବେ ବିଚାର କରାଯାଉଛି। ଏନ୍ଏସ୍ଏସ୍ଓ ତରଫରୁ ୨୦୧୯ରେ (ଜାନୁୟାରୀ -ଡିସେମ୍ବର ୨୦୧୯) 'ସର୍ବଭାରତୀୟ ଋଣ ଓ ନିବେଶ ସର୍ବେକ୍ଷଣ' କରାଯାଇଥିଲା। ଏହି ରିପୋର୍ଟ ଅନୁସାରେ ଦଶ ପ୍ରତିଶତ ଧନୀ ଲୋକଙ୍କ ପାଖରେ ଦେଶର ଅଧା ସମ୍ପତ୍ତି ରହିଛି। ନିମ୍ନରେ ଥିବା ୫୦% ଲୋକଙ୍କ ପାଖରେ ଦେଶର ୧୦% ସମ୍ପତ୍ତି ମଧ୍ୟ ନାହିଁ। ପୁନଶ୍ଚ ୧୦% ଧନୀ ଭାରତୀୟଙ୍କ ପାଖରେ ସହରାଞ୍ଚଳର ୫୫.୭% ଓ ଗ୍ରାମାଞ୍ଚଳର ୫୦.୮% ସମ୍ପତ୍ତି ରହିଛି।

ଏନ୍ଏସ୍ଏସ୍ଓ ରିପୋର୍ଟ ଅନୁଯାୟୀ ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ପାଖରେ ୨୭୪.୬ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ସେଥିରୁ ୧୩୯.୬ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ୧୦% ଧନୀ ଲୋକଙ୍କ ପାଖରେ ଅଛି। ତଳ ଆଡ଼େ ଥିବା ୫୦% ଲୋକଙ୍କ ପାଖରେ ସହରାଞ୍ଚଳର ମାତ୍ର ୬.୨% ସମ୍ପତ୍ତି ଥିଲାବେଳେ, ଗ୍ରାମାଞ୍ଚଳର ୧୦.୨% ସମ୍ପତ୍ତି ରହିଛି। ସମ୍ପତ୍ତି ମାଲିକାନା କ୍ଷେତ୍ରରେ ଧନୀ ଓ ଗରିବଙ୍କ ମଧ୍ୟରେ ଅନ୍ତର ଦିଲ୍ଲୀରେ ସର୍ବାଧିକ ରହିଛି। ଦିଲ୍ଲୀର ୧୦% ଧନୀଙ୍କ ପାଖରେ ୮୦.୮% ସମ୍ପତ୍ତି ଥିବା ବେଳେ ନିମ୍ନରେ ଥିବା ୫୦% ଲୋକଙ୍କ ପାଖରେ ମାତ୍ର ୨.୧% ସମ୍ପତ୍ତି ରହିଛି। ଏହି ତାଲିକାରେ ଦିଲ୍ଲୀ ପଛକୁ ରହିଛି ପଞ୍ଜାବ, ଯେଉଁଠାରେ ୧୦% ଧନୀଙ୍କ ପାଖରେ ୬୫% ସମ୍ପତ୍ତି ଥିବା ବେଳେ ନିମ୍ନରେ ଥିବା ୫୦% ଲୋକଙ୍କ ପାଖରେ ମାତ୍ର ୫% ସମ୍ପତ୍ତି ରହିଛି। ହରିୟାଣା, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶ ମଧ୍ୟ ବୈଷମ୍ୟ ଦୃଷ୍ଟିରୁ ପଛରେ ନାହାନ୍ତି। ତେବେ ଜମ୍ମୁ-କଶ୍ମୀରରେ ସର୍ବନିମ୍ନ ସମ୍ପତ୍ତିଜନିତ ବୈଷମ୍ୟ ରହିଛି। ଶୀର୍ଷ ଧନୀ ୧୦% ସମୁଦାୟ ସମ୍ପତ୍ତିର ୩୨% ମାଲିକ ହୋଇଥିବାବେଳେ ନିମ୍ନ ୫୦% ମାତ୍ର ୧୮% ସମ୍ପତ୍ତିର ମାଲିକ।

ଯେତେବେଳେ ସମ୍ପତ୍ତି ଅସମାନତା ବୃଦ୍ଧି ପାଇଛି , ସେତେବେଳେ ଘରୋଇ ବା ପାରିବାରିକ ଋଣ ମଧ୍ୟ ବୃଦ୍ଧି ଘଟିଛି । ୨୦୧୮ ବର୍ଷ ପାଇଁ ନିକଟରେ ଭାରତୀୟ ଋଣ ଏବଂ ନିବେଶ ସର୍ଭେ (AIDIS) ରିପୋର୍ଟ ପ୍ରକାଶ ପାଇଛି। ଏହା ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ପରିବାର ମଧ୍ୟରେ ହାରାହାରି ଋଣ ବୃଦ୍ଧିକୁ ପ୍ରକାଶ କରିଛି। ୨୦୧୮ରେ ଶେଷ ହୋଇଥିବା ଗତ ୬ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ପରିବାର ପାଇଁ ହାରାହାରି ଋଣ ପରିମାଣ ୮୪ % ଏବଂ ୪୨% ବୃଦ୍ଧି ପାଇଛି। କରୋନା ମହାମାରୀ ଯୋଗୁ ଜିଡିପି ଅନୁସାରେ ପାରିବାରିକ ଋଣ ମଧ୍ୟ ବୃଦ୍ଧି ଘଟିଛି। ଏସ୍‌ବିଆଇ ଆକଳନ ଅନୁଯାୟୀ, ଏହା ୨୦୧୯-୨୦ରେ ୩୨.୫% ଥିଲା ଏବଂ ୨୦୨୦-୨୧ରେ ୩୭.୩%କୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଘରୋଇ ଋଣ ୨୦୧୮ରୁ ୨୦୨୧ ମଧ୍ୟରେ ଦ୍ୱିଗୁଣିତ ହୋଇଥାଇପାରେ ବୋଲି ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି। ପ୍ରାୟ ୧୮ଟି ରାଜ୍ୟରେ ଗ୍ରାମାଞ୍ଚଳର ହାରାହାରି ପାରିବାରିକ ଋଣ ଦ୍ୱିଗୁଣିତ ହୋଇଥିବା ବେଳେ ୭ଟି ରାଜ୍ୟର ସହରାଞ୍ଚଳର ପାରିବାରିକ ଋଣ ଦ୍ୱିଗୁଣିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଆସାମ ସମେତ ୫ଟି ରାଜ୍ୟରେ ଏହି ସମୟ ମଧ୍ୟରେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ହାରାହାରି ଋଣ ଦ୍ୱିଗୁଣିତ ହୋଇଛି। ପୁନଶ୍ଚ ଆମେ ଜାଣିଛୁ ପିୟୁ ସର୍ଭେ ୨୦୨୦ ଅନୁସାରେ କରୋନା ମହାମାରୀ ଯୋଗୁ ପ୍ରାୟ ୩.୨କୋଟି ଲୋକ ମଧ୍ୟ ବିତ୍ତଶ୍ରେଣୀରୁ ତଳକୁ ଖସି ଆସିଛନ୍ତି। ଗରିବ ଲୋକଙ୍କ ସଂଖ୍ୟା (ଦିନକୁ $ ୨ କିମ୍ବା ତା'ଠାରୁ କମ୍ ଆୟ ଅନୁସାରେ) ୭.୫କୋଟି ବୃଦ୍ଧି ପାଇଛି। ସିଏମ୍‌ଆଇଆଇ ଅନୁସାରେ ୯୭% ଭାରତୀୟଙ୍କ ଆୟ ୨୦୨୦ରେ ହ୍ରାସପାଇଛି। ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁଯାୟୀ ସର୍ବନିମ୍ନ ମଜୁରି ଆଧାରରେ ପ୍ରାୟ ୨୩ କୋଟ ଲୋକ ଦାରିଦ୍ର୍ୟ ସୀମାରେଖା ଗହ୍ୱରକୁ ଠେଲି ହୋଇଯାଇଛନ୍ତି।

କେବଳ ପାରିବାରିକ ଋଣ ନୁହେଁ, ଭାରତରେ ସରକାରୀ ଋଣ ମଧ୍ୟ ବୃଦ୍ଧି ପାଇଛି। ଏହା ୨୦୧୯- ୨୦ରେ ଜିଡିପି ଅନୁସାରେ ୭୨% ଥିଲା। ବର୍ତ୍ତମାନ ବୃଦ୍ଧି ହୋଇ ୨୦୨୦-୨୧ରେ ୯୦% ଅତିକ୍ରମ କରିଛି। ଏହାର ଅର୍ଥ ଜିଡିପି ଅନୁସାରେ ଋଣ ଅଧିକ ବୃଦ୍ଧିପାଉଛି। ଋଣ ଆବଶ୍ୟକ ଜିଡିପି ସମ୍ପଦ ସୃଷ୍ଟି କରିପାରୁନାହିଁ। କିନ୍ତୁ ଯେତିକି ଜିଡିପି ଏବଂ ସମ୍ପଦ ସୃଷ୍ଟି ହେଉଛି ସେହି ବୃଦ୍ଧିର ଲାଭ, କର୍ପୋରେଟ୍, ଧନିକ ଶ୍ରେଣୀଙ୍କୁ ଗଲାବେଳେ, ଋଣର ବୋଝ ସରକାର ଏବଂ ଜନତାଙ୍କ ଉପରେ ପଡୁଛି। ଋଣରଣ ସୁଧ ବାବଦରେ ଅଧିକ ବ୍ୟୟ କରିବାରୁ ସାମାଜିକ କ୍ଷେତ୍ର ତଥା କଲ୍ୟାଣମୂଳକ ଖର୍ଚ୍ଚ ହ୍ରାସ ପାଇଛି। ୧% ଭାରତୀୟ ଆଜି ଦେଶର ୪୦.୫% ସମ୍ପଦର ଅଧିକାରୀ। ଏପରି ଆର୍ଥିକ ବୈଷମ୍ୟ ଓ ଦୁଃସ୍ଥିତିର କାରଣ ହେଲା ରାଷ୍ଟ୍ର ତା'ର ପୂର୍ବ ବଣ୍ଟନ ନ୍ୟାୟ ଏବଂ ବଣ୍ଟନକାରୀ ନ୍ୟାୟ ପ୍ରଦାନ କାର୍ଯ୍ୟ ଠିକ୍ ଭାବରେ କରୁନାହିଁ । ପୂର୍ବ-ବଣ୍ଟନ ନୀତି ଦ୍ୱାରା ସରକାର ନିଶ୍ଚିତ କରନ୍ତି ଯେ ଲୋକମାନେ କିପରି ମୌଳିକ ଜନସେବା ଏବଂ ଉତ୍ତମ କର୍ମସଂସ୍ଥାନ ପାଇପାରିବେ ଏବଂ ସମ୍ବଳର ସୁଷମ ବଣ୍ଟନ ହେଉଥିବ। ଲୋକଙ୍କ ସମସ୍ୟା ସମାଧାନ ହେଉଥିବ। ମୁଦ୍ରାସ୍ଫୀତି, ମୂଲ୍ୟ ବୃଦ୍ଧି ନିୟନ୍ତ୍ରିତ ହେଉଥିବ ଏବଂ ଆୟର ଅସମାନତା ବ୍ୟାପକ ହେଉ ନ ଥିବ। ବଣ୍ଟନକାରୀ ନ୍ୟାୟ ନୀତିରେ, ସରକାର, ଧନୀ, ପୁଞ୍ଜିପତି ବଡ଼ ଶିଳ୍ପପତିଙ୍କ ଅଧିକ ଟିକସ ବା ସମ୍ବଳ ସଂଗ୍ରହ କରି ନିଯୁକ୍ତି ସୃଷ୍ଟି କରିବା ସହିତ ସାମାଜିକ ଭିତ୍ତିଭୂମି, କଲ୍ୟାଣମୂଳକ ଯୋଜନାରେ ଖର୍ଚ୍ଚ କରି ସାଧାରଣ ଜନତାଙ୍କ ନିମ୍ନମୁଖୀ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରିବେ ଓ ଆର୍ଥିକ ବୈଷମ୍ୟ ପ୍ରତିହତ କରିବେ।

ମୁକ୍ତ ବଜାର ଅର୍ଥନୀତି କାର୍ଯ୍ୟକାରୀ ହେବାପରେ ରାଷ୍ଟ୍ର ତା'ର ଏସବୁ ଦାୟିତ୍ୱରୁ ଓହରି ଆସିଛି। କିନ୍ତୁ ଗତ ୭ ବର୍ଷ ହେବ ଏହି ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇଛି । ରାଷ୍ଟ୍ର ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ହସ୍ତକ୍ଷେପ ନ କଲାବେଳେ, ଧନିକ ଶ୍ରେଣୀ, କର୍ପୋରେଟ, ନିବେଶକଙ୍କ ସ୍ୱାର୍ଥ ପାଇଁ ହସ୍ତକ୍ଷେପ କରୁଛି। କର୍ପୋରେଟ ଟିକସ ହ୍ରାସ, ବ୍ୟାଙ୍କର ଅଚଳ ସମ୍ପତ୍ତି ଓ ଜାଲିଆତି କର୍ପୋରେଟମାନଙ୍କ ଯୋଗୁ ବୃଦ୍ଧି ପାଇବା, ଠକାମି କରିଥିବା ଲୋକ ବିଦେଶକୁ ସହଜରେ ପଳାଇବା ତାହାର ଉଦାହରଣ। କର୍ପୋରେଟ, ପୁଞ୍ଜିପତିମାନେ ସରକାରଙ୍କ ବିଭିନ୍ନ ସିଦ୍ଧାନ୍ତରେ ହସ୍ତକ୍ଷେପ କରି ନିଜ ସପକ୍ଷରେ ନୀତି କାର୍ଯ୍ୟକାରୀ କରୁଛନ୍ତି। ଟିକସ ଫାଙ୍କି ରୋକିବାରେ ବିଫଳ ହେବା, କର୍ପୋରେଟ ଟିକସ ହ୍ରାସ କରିବା ଯୋଗୁ ସମ୍ବଳର ଘୋର ଅଭାବ ଘଟିଛି। ଏଣୁ ରାଷ୍ଟ୍ରର ସମ୍ପତ୍ତିକୁ ଲିଜ୍ ଦେଇ ବା ରାଷ୍ଟ୍ରାୟତ୍ତ ସମ୍ପତ୍ତିର ଘରୋଇକରଣ କରି ସରକାର ସମ୍ବଳ ସଂଗ୍ରହ କରୁଛନ୍ତି; ଯାହା ସମ୍ପଦ ବୈଷମ୍ୟକୁ ଆହୁରି ବୃଦ୍ଧି କରିବ। ସାଧାରଣ ଜନତା ସଞ୍ଚୟର ସୁଧ, ପରିପକ୍ୱ ରାଶି, ବୀମା ପ୍ରିମିୟମ ଉପରେ ଟିକସ ଦେଲାବେଳେ ପୁଞ୍ଜିପତିମାନେ, କ୍ଷମତାଶାଳୀ, ସେଲିବ୍ରିଟିମାନେ ତାଙ୍କ କଳାଟଙ୍କା ବିଦେଶରେ ଟିକସ ଭୂସ୍ୱର୍ଗରେ ରଖି ଟିକସ ଫାଙ୍କୁଛନ୍ତି। ଗରିବ ଅଧିକ ଗରିବ ହେଲାବେଳେ ଧନୀ ଅଧିକ ଧନୀ ହେଉଛି।

ମୋ:୯୪୩୭୨୦୮୭୬୨

# ସାମୁଦ୍ରିକ ପ୍ରଳୟ



ବାଦଲ ଭୂୟାଁ

ପୃଥିବୀର ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନଜନିତ ବିବିଧ ସମସ୍ୟା ମଣିଷ ପାଇଁ ଉଦ୍‌ବେଗର କାରଣ ହେଲାଣି। ବାୟୁମଣ୍ଡଳରେ ଗ୍ରୀନ୍ ହାଉସ ଗ୍ୟାସ ବୃଦ୍ଧି ପାଇ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ଓ ତାପମାତ୍ରା ବୃଦ୍ଧି ପାଉଛି । ଧୂଳିକଣା, ଅଙ୍ଗାରକଣିକା ପରି ବ୍ଲାକ କାର୍ବନ 'ଏରୋସୋଲ୍'ର ପରିମାଣ ବୃଦ୍ଧି ମଧ୍ୟ ତାପମାତ୍ରା ବଢ଼ାଉଛି । ଦକ୍ଷିଣ ଏସିଆର ଉଚ୍ଚ ଆକାଶରେ ଯେଉଁ ଧୂସର ମେଘ ବ୍ରାଉନ୍ କ୍ଲାଉଡ୍ ଦେଖାଦେଇଛି ତା' ଏହି ଏରୋସୋଲ୍ କଣିକା। ହିମାଳୟ ପର୍ବତମାଳାର ବରଫାବୃତ୍ତ ଶୃଙ୍ଗ ଉପରେ ଏହି ବ୍ଲାକ କାର୍ବନ ଜମିବା ଫଳରେ ତାପମାତ୍ରା ବଢ଼ି ବରଫ ତରଳିବାରେ ଲାଗିଛି।

୨୦୦୯ ଡିସେମ୍ବରରେ କୋପେନ୍‌ହାଗେନ୍‌ଠାରେ ଜାତିସଂଘ ତରଫରୁ ବସିଥିବା ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ସମ୍ମିଳନୀରେ ନିଷ୍ପତ୍ତି ନିଆଗଲା ଯେ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍ ଶିଳ୍ପ ବିକାଶଧାରାର ଉତ୍ତାପଠାରୁ ୨୦ ସେଣ୍ଟିଗ୍ରେଡ୍ ତାପମାତ୍ରା ତଳକୁ ଖସାଇ ରଖିବାକୁ ପଡ଼ିବ । ପୃଥିବୀର ତାପମାତ୍ରା ବଢ଼ି ଭୂ-ପୃଷ୍ଠକୁ ଉତ୍ତପ୍ତ କରିବା ସଙ୍ଗେ ସଙ୍ଗେ ସମୁଦ୍ରକୁ ବି ଉତ୍ତପ୍ତ କରୁଛି । ସମୁଦ୍ର ଜଳଭଣ୍ଡାର ସଂପ୍ରସାରିତ ହୋଇ ଜଳପତନ ବଢୁଛି । ଉତ୍ତରମେରୁ ଆର୍କଟିକ୍ ଓ ଦକ୍ଷିଣମେରୁ ଆଣ୍ଟାର୍କଟିକାରେ ରହିଛି ପରସ୍ତ ପରସ୍ତ ବରଫର ଦିଗନ୍ତବିସ୍ତାରୀ ଶୁଭ୍ର ଆବରଣ । ଆଣ୍ଟାର୍କଟିକ୍ ମହାସାଗର ଦକ୍ଷିଣ ପଶ୍ଚିମକୁ ରହିଛି ବରଫାବୃତ୍ତର ଗ୍ରୀନ୍‌ଲାଣ୍ଡ ଦ୍ୱୀପ। ସମଗ୍ର ପୃଥିବୀର ଶତକଡ଼ା ୯୦ ଭାଗ ବରଫ ରହିଛି ଏହି ମେରୁ ଅଞ୍ଚଳରେ। ଆଉ ଶତକଡ଼ା ୧୦ ଭାଗ ବରଫ ରହିଛି ପୃଥିବୀର ବିଭିନ୍ନ ଦେଶର ଗ୍ଲାସିଅର୍‌ଗୁଡ଼ିକରେ। ଉତ୍ତରମେରୁ ଅଞ୍ଚଳର ତାପମାତ୍ରା ବଢୁଛି। ଉତ୍ତରମେରୁ ଉପରକୁ ଘନୀଭୂତ ଥିବା ପୋଲାର ଆଇସ୍ କ୍ୟାପ୍ ତରଳିବା ଫଳରେ ଅଧିକ ସଂକୁଚିତ ହୋଇଗଲାଣି। ନାସା ଉତ୍ତୋଳିତ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼େ ଉତ୍ତରମେରୁର ଚିର ବରଫାବୃତ୍ତ ଅଞ୍ଚଳ ୧୦ ବର୍ଷ ଭିତରେ ପ୍ରାୟ ଶତକଡ଼ା ୯ ଭାଗ ତରଳି ଯାଇଛି। ତାପମାତ୍ରା ବୃଦ୍ଧି ଫଳରେ ଉତ୍ତରମେରୁର ଆଣ୍ଟାର୍କଟିକ୍ ମହାସାଗରରେ ରହିଥିବା ବରଫସ୍ତର ଯେତେ କ୍ଷେତ୍ର ମାଡ଼ି ବସିଥିଲା ତା'ଠାରୁ ବର୍ତ୍ତମାନ କମିଯାଇଛି। ୨୦୦୫ ସେପ୍ଟେମ୍ବରଠାରୁ ୨୦୦୭ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୧୧ ଲକ୍ଷ ବର୍ଗ କିଲୋମିଟରରୁ ଅଧିକ ବରଫ ଆବରଣ କମିଯାଇଛି। ଆଇସ୍‌ବର୍ଗ ସମୁଦ୍ରରେ କିଛି ଦିନ ଭାସି ତାପମାତ୍ରା ବୃଦ୍ଧି ପାଉଥିବା ଯୋଗୁ ସମୁଦ୍ର ଜଳରେ ସମ୍ପୂର୍ଣ୍ଣ ଭାବରେ ତରଳି ଯାଇଥାଏ। ଏହି ପ୍ରକ୍ରିୟା ସମୁଦ୍ର ପତନ ବଢ଼ାଇବାରେ ସାହାଯ୍ୟ କରିଥାଏ। ଆଣ୍ଟାର୍କଟିକା ଠାରୁ ଗ୍ରୀନ୍‌ଲାଣ୍ଡରେ ୨୦୧୨ରେ ଆଶ୍ଚର୍ଯ୍ୟଜନକ ଭାବେ ବରଫ ଅଧିକ ତରଳିଛି। ସମୁଦାୟ ଗ୍ରୀନ୍‌ଲାଣ୍ଡର ଜମାଟ ବାନ୍ଧିଥିବା ବରଫସ୍ତର ଯଦି ତରଳିଯାଏ ତେବେ ସମୁଦ୍ର ପତନ ପ୍ରାୟ ୭ ମିଟର ବଢ଼ିଯିବ। ଏପରି ଅବସ୍ଥା ଯଦି ଆସେ ତେବେ ଲଣ୍ଡନ ଓ ଲସ୍‌ଏଞ୍ଜେଲସ୍ ପରି ବଡ଼ ସହର ସମୁଦ୍ରରେ ବୁଡ଼ିଯିବ।

ବିଶ୍ୱର ସର୍ବବୃହତ୍ ହିମଭଣ୍ଡାରର କ୍ଷେତ୍ର ହେଉଛି ଆଣ୍ଟାର୍କଟିକା। ଏହାରେ ସ୍ଥଳଭାଗ ଲାଣ୍ଡ ଆଇସ୍ ଓ ସମୁଦ୍ରର ସି ଆଇସ୍ ବହୁ କ୍ଷେତ୍ର ଅଧିକାର କରିରହିଛି। ଆଣ୍ଟାର୍କଟିକାର ଉତ୍ତରକୁ ଲାଗିରହିଛି ଦକ୍ଷିଣ ମହାସାଗର। ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ଯୋଗୁ ଦକ୍ଷିଣ ମହାସାଗର ଏବେ ଅଧିକ ଉଷ୍ମ ହେବାରେ ଲାଗିଛି। ଏହି ମହାସାଗରରେ ବାୟୁ ପ୍ରବାହର ବେଗ ଓ ଦିଗରେ ପରିବର୍ତ୍ତନ ଏବଂ ଆଣ୍ଟାର୍କଟିକାର ଉପରିସ୍ଥ ବାୟୁମଣ୍ଡଳ ଷ୍ଟ୍ରାଟୋସ୍ଫିଅରରେ ଗ୍ଲୋବାଲ୍ ୱାର୍ମିଂ ଯୋଗୁ ସୃଷ୍ଟି ହୋଇଥିବା ଓଜୋନ୍ ହୋଲ୍‌ର ଜଟିଳତା ଫଳରେ ଆଣ୍ଟାର୍କଟିକାର ସାମୁଦ୍ରିକ ବରଫସ୍ତରର କ୍ଷେତ୍ର ସାମାନ୍ୟ ବୃଦ୍ଧି ପାଇଛି। ବିଗତ ୧୦୦୦ବର୍ଷ ମଧ୍ୟରେ ବର୍ତ୍ତମାନର ଗ୍ଲୋବାଲ୍ ୱାର୍ମିଂ ଯେ ଆଣ୍ଟାର୍କଟିକାରେ ବେଶି ମାତ୍ରାରେ ବରଫ ତରଳାଉଛି ତା'ର ପ୍ରମାଣ ମିଳିଛି ବ୍ରିଟିଶ ଆଣ୍ଟାର୍କଟିକା ସର୍ଭେ କରିଥିବା ଏକ ୩୬୪ ମିଟର ଡ୍ରିଲିଂ ଖନନରୁ ; ଯେଉଁଥିରୁ ବରଫ ଖଣ୍ଡର ନମୁନା ବାହାରି ଆଣ୍ଟାର୍କଟିକାରେ ତାପମାତ୍ରାରେ ପରିବର୍ତ୍ତନର ତଥ୍ୟ ଯୋଗାଉଛି। ବରଫ ଗଦା ଉପରେ ଏହି ଗଭୀର ଡ୍ରିଲିଂ ଗବେଷଣାରେ ଏକ ମାଇଲଖୁଣ୍ଟ କହିବା ଯଥାର୍ଥ ହେବ। ଆଣ୍ଟାର୍କଟିକାର ଏକ ବୃହତ୍ ଜମାଟ ବାନ୍ଧିଥିବା ବରଫସ୍ତର ହେଉଛି ୱେଷ୍ଟ ଆଣ୍ଟାର୍କଟିକା ଆଇସ୍‌ସିଟ୍। ଏହି ରୋମାଞ୍ଚକାରୀ ସ୍ତୂପୀକୃତ ବରଫଗଦାରୁ ଯଦି ଖଣ୍ଡେ ବଡ଼ ଅଂଶ ତରଳିଯାଏ ତାହାହେଲେ ସମୁଦ୍ର ପତନ ୩ ମିଟରରୁ ୬ ମିଟର ପର୍ଯ୍ୟନ୍ତ ବଢ଼ିପାରେ। ବର୍ଷକୁ ଆଣ୍ଟାର୍କଟିକାରୁ ହାରାହାରି ୭୦ ଗିଗାଟନ୍ ବରଫ ତରଳିଯାଉଛି। ବର୍ତ୍ତମାନ ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତ ଅନୁସାରେ ସମୁଦ୍ର ପତନ ବର୍ଷକୁ ହାରାହାରି ୩.୨ ମିଲିମିଟର ହାରରେ ବଢୁଛି। ଗ୍ରୀନ୍ ହାଉସ ଗ୍ୟାସ ନିର୍ଗମନ ବଢ଼ି ଜଳବାୟୁ ଭବିଷ୍ୟତରେ ଅଧିକ ଉତ୍ତପ୍ତ ହେଲେ ଏକବିଂଶ ଶତାବ୍ଦୀ ଶେଷସୁଦ୍ଧା ସମୁଦ୍ର ପତନ ୧ ମିଟରରୁ କିଛି ଅଧିକ ବଢ଼ିପାରେ। ଆମେରିକାର ଜାତୀୟ ସାମୁଦ୍ରିକ ବାୟୁମଣ୍ଡଳ ପ୍ରଶାସନିକ ପ୍ରତିଷ୍ଠାନ ନୋଆ ମତଦିଏ ଏକବିଂଶ ଶତାବ୍ଦୀ ଶେଷବେଳକୁ ସମୁଦ୍ର ପତନ ୨ ମିଟରରୁ ଅଧିକ ବଢ଼ିବାର ସମ୍ଭାବନା ଅଛି। ଗ୍ଲୋବାଲ ୱାର୍ମିଂ ଯୋଗୁ ସମୁଦ୍ର ପତନ ବଢ଼ିଲେ ଉପକୂଳ ପ୍ରତି ବିପଦ ଆସିବ । ସାମୁଦ୍ରିକ ଘୂର୍ଣ୍ଣିଝଡ଼ର ସଂଖ୍ୟା ଓ ଭୟାବହତା ଅଧିକ ବଢ଼ିଯିବ । ଅଧିକ ଉଚ୍ଚ ସମୁଦ୍ର ଢେଉ ଷ୍ଟର୍ମସର୍ଜ ଉପକୂଳ ଭିତରକୁ ବହୁଦୂର ପର୍ଯ୍ୟନ୍ତ ମାଡ଼ି ଆସିବ। ଏହା ସୃଷ୍ଟି କରିବ ପ୍ରଳୟଙ୍କରୀ ସାମୁଦ୍ରିକ ବନ୍ୟା। ଉପକୂଳର ଧନଜୀବନ ସମୁଦ୍ର ଗର୍ଭକୁ ଟାଣି ହୋଇଯିବ।

ସମୁଦ୍ରର ଭୟ ଉପକୂଳବର୍ତ୍ତୀ ଦେଶଗୁଡ଼ିକରେ ବର୍ତ୍ତମାନ ଆଲୋଡ଼ନ ସୃଷ୍ଟି କଲାଣି। ଆମେରିକାର ପୂର୍ବ ଆଟଲାଣ୍ଟିକ୍ ଉପକୂଳରେ ସାମୁଦ୍ରିକ ବିପର୍ଯ୍ୟୟରେ ଶତାଧିକ ସହର ବୁଡ଼ିଯିବାର ଭୟ ଦେଖାଦେଲାଣି। ଭାରତ ମହାସାଗରରେ ଥିବା ମାଲଦ୍ୱୀପର ଅନେକ ଭାଗ ସମୁଦ୍ରରେ ବୁଡ଼ିଯିବାକୁ ବସିଲାଣି। ଥାଇଲାଣ୍ଡ ଓ ବଙ୍ଗଳା ଦେଶର ଉପକୂଳକୁ ସମୁଦ୍ର କ୍ରମଶଃ ବୁଡ଼ାଇ ଦେଉଛି। ଭାରତର ପୂର୍ବ ଓ ପଶ୍ଚିମ ଉପକୂଳର ସମୁଦ୍ର ପତନ ବୃଦ୍ଧି ଯୋଗୁ କେତେକ ସ୍ଥାନ ଜଳପ୍ଲାବିତ ହେବ। ଉପକୂଳର ସୁରକ୍ଷା ଏକାନ୍ତ ଆବଶ୍ୟକ।

୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ମୋ:୭୪୮୮୯୯୮୫୩୨

## ଏଇ ଭାରତରେ

ବୟସ୍କ ଓ ଦିବ୍ୟାଙ୍ଗମାନଙ୍କୁ ଯାତାୟାତର ସୁବିଧା ଯୋଗାଇ ଦେଉଛନ୍ତି ସରତାଜ ଲାମ୍ବା। ଲୋକମାନେ ଗାଡ଼ିରେ ଯିବା ସମୟରେ ସେମାନଙ୍କୁ ଆବଶ୍ୟକ ସେବା କରାଯାଉଛି। ଆର୍ମି ୱାଇଭସ୍ ୱେଲଫେୟାର ଆସୋସିଏଶନ୍‌ର ଜଣେ ସକ୍ରିୟ ସଦସ୍ୟ ଭାବେ ସରତାଜ୍ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସହଯୋଗରେ ଏହି ଅଭିଯାନ ଚଳାଇଛନ୍ତି। ସରତାଜ ରହୁଛନ୍ତି ଚଣ୍ଡିଗଡ଼ରେ। ଗାଡ଼ି କମ୍ ଭଡ଼ାରେ ଦିଲ୍ଲୀ, ମୋହାଲି, ଆମ୍ବାଲା, ଚଣ୍ଡିଗଡ଼, ଫରିଦାବାଦ, ଗୁରୁଗ୍ରାମ ଏବଂ ନଏଡାରେ ଉପଲବ୍ଧ ହେଉଛି। ପାଖାପାଖି ୭୦ଟି ଗାଡ଼ି ଚାଲୁଛି। ଏଥି ମଧ୍ୟରୁ ୨୦ଟିରେ ଦିବ୍ୟାଙ୍ଗଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଏଥିରେ ରୋଟେଟିଂ ସିଟ୍, ଅକ୍ସିଜେନ ସିଲିଣ୍ଡର ଏବଂ ଫାଷ୍ଟଏଡ୍ ରଖାଯାଇଛି। କେମୋଥେରାପି ଓ ଡାୟାଲିସିସ୍ ପାଇଁ ହସ୍ପିଟାଲ ଯାଉଥିବା ବୟସ୍କମାନେ ବେଶି ଉପକୃତ ହେଉଛନ୍ତି। ସରତାଜ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଡ୍ରାଇଭର ଏବଂ କେୟାର ଟେକର ଭାବେ ନିଯୁକ୍ତି ଦେଇଛନ୍ତି ଓ ଏହି ସେବାକୁ ସାରା ଭାରତରେ ଉପଲବ୍ଧ କରିବାର ଯୋଜନା କରିଛନ୍ତି। ସେ ମହିଳା ଡ୍ରାଇଭର ନିଯୁକ୍ତି ଦେବା ଲାଗି ଲକ୍ଷ୍ୟ ରଖିଛନ୍ତି। ଗତ ଦୁଇ ବର୍ଷରେ ସରତାଜ୍ ୨୦୦୦ରୁ ଊର୍ଦ୍ଧ୍ୱ ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ସେବା ଯୋଗାଇ ସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୯୬

- ପାକିସ୍ତାନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ଭାଇ ମୁର୍ତ୍ତାଜା ଭୁଟ୍ଟୋ ଏବଂ ତାଙ୍କର ୬ ଜଣ ସମର୍ଥକ ପୋଲିସ ଗୁଳିରେ ନିହତ।
- ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସ ସଭାପତି ପି.ଭି. ନରସିଂହ ରାଓ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା କର୍ଣ୍ଣାଟକରୁ ରାଜ୍ୟସଭାକୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ଘୋଷିତ ହୋଇଛନ୍ତି।

## su | do | ku

Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| | 3 | 7 | | | | | | |
| 9 | 4 | 2 | | | 3 | 8 | | |
| | 1 | | | | | | | 9 |
| 4 | | | | 8 | | 3 | 5 | |
| | | 3 | 7 | | | 2 | 1 | |
| | | | 4 | | | | | |
| | | | 8 | 9 | 2 | 5 | | 7 |
| | | | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 9 | 4 | 1 | 2 | 6 | 7 | 5 |
| 6 | 7 | 2 | 9 | 3 | 5 | 4 | 1 | 8 |
| 5 | 4 | 1 | 6 | 7 | 8 | 9 | 2 | 3 |
| 3 | 1 | 8 | 5 | 2 | 6 | 7 | 9 | 4 |
| 7 | 9 | 5 | 1 | 4 | 3 | 2 | 8 | 6 |
| 4 | 2 | 6 | 8 | 9 | 7 | 3 | 5 | 1 |
| 1 | 6 | 7 | 3 | 8 | 9 | 5 | 4 | 2 |
| 9 | 5 | 4 | 2 | 6 | 1 | 8 | 3 | 7 |
| 2 | 8 | 3 | 7 | 5 | 4 | 1 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅହିଂସାର ଶକ୍ତି

ମହାଶୟ,

ଜାତିର ଜନକ ଓ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସାର ପରମ ପୂଜାରୀ ଥିଲେ। ସତ୍ୟ ଓ ଅହିଂସା ମାର୍ଗକୁ ଅନୁଗ୍ରହଣ କରି ସ୍ୱାଧୀନତା ସଂଗ୍ରାମର ସଫଳ ନେତୃତ୍ୱ ନେଇଥିଲେ। ସମ୍ପ୍ରତି ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶକୁ ଆମ୍ଭେମାନେ ଭୁଲିଯାଉଥିବା ଚିନ୍ତାର ବିଷୟ। ଏବେ ଚାରିଆଡ଼େ ହିଂସାର ରାଜୁତି ଚାଲିଛି। ଏଣୁ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଦେଶବାସୀ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି।

–ସଞ୍ଜୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

## ଚିରନ୍ତନୀ

ପରଶିଛି ପଥେ ପଥେ
ହରଷାଇ ଘାସରେ
ପରାଟୀର ପରଥମ ହାସରେ !
ତାରକା ଖଚିତ ନଭେ
ତାହାରି ପରଶ ଦ୍ରବେ
ପଞ୍ଚମୀ ଜୋଛନାର ପ୍ରାସରେ
ପରଶିଛି ହରଷାଇ ଘାସରେ ! -(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୦୦,୨୭,୮୪୩ | ୪୭,୧୬,୯୮୩ | ୨୦,୬୭,୧୨,୫୧୨ |
| ଭାରତ | ୩,୩୫,୨୪,୧୩୪ | ୪,୪୫,୬୯୯ | ୩,୨୭,୬୮,୭୦୩ |
| ଓଡ଼ିଶା | ୧୦,୨୧,୨୧୬ | ୮୧୪୬(+୫୩) | ୧୦,୦୮,୨୨୬ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅଧିକ ପେନ୍‌କିଲର କିଡ୍‌ନୀ ପାଇଁ ବିପଦ

**ଆଜିକାଲି ଘରେ ଘରେ ଲୋକେ ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ଥିବା ଦେଖିବାକୁ ମିଳୁଛି। ସେମାନଙ୍କ ମଧ୍ୟରେ କିଡ୍‌ନୀ ରୋଗୀ ବି ଅଧିକ। ତେବେ କିଡ୍‌ନୀ ରୋଗ କାହିଁକି ହୁଏ, ଏହାର ନିରାକରଣ, ଚିକିତ୍ସା କିପରି ହୁଏ ସେ ସମ୍ପର୍କରେ ନେଫ୍ରୋଲୋଜିଷ୍ଟ ଡା. ବିବେକାନନ୍ଦ ପଣ୍ଡାଙ୍କ ସହିତ ଧରିତ୍ରୀର ଅସମାପିକା ସାହୁଙ୍କ ଆଳାପ। ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିବା ଡା. ପଣ୍ଡା ବ୍ରହ୍ମପୁର ଏମ୍‌କେସିଜିରୁ ୧୯୯୧ରେ ଏମ୍‌ବିବିଏସ୍ ପାସ୍ କରିବା ପରେ କଟକ ଏସ୍‌ସିବିରେ ମେଡିସିନ୍‌ରେ ପିଜି କରିଥିଲେ। ଏହାପରେ କୋଏମ୍ବାଟୁରରେ ସୁପର ସ୍ପେଶାଲାଇଜେଶନ କରିଥିଲେ। ସ୍ୱାସ୍ଥ୍ୟସେବାରେ ତାଙ୍କର ୨୫ବର୍ଷର ଅଭିଜ୍ଞତା ରହିଛି।**




ଧରିତ୍ରୀ ଆଳାପ

**ପ୍ରଶ୍ନ– କିଡ୍‌ନୀ ରୋଗ କେତେ ପ୍ରକାର?**

ଉତ୍ତର– କିଡ୍‌ନୀ ରୋଗକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରିବ। ଗୋଟେ ହେଉଛି ଆକ୍ୟୁଟ୍ କିଡ୍‌ନୀ ଡିଜିଜ୍ ଓ ଅନ୍ୟଟି କ୍ରନିକ୍ କିଡ୍‌ନୀ ଡିଜିଜ୍। ଆକ୍ୟୁଟ୍ କିଡ୍‌ନୀ ଡିଜିଜ୍‌ରେ କିଛି ସମୟ ପାଇଁ କିଡ୍‌ନୀ ଖରାପ ହୋଇଥାଏ। ତାହା ଚିକିତ୍ସା କରାଗଲେ ସମ୍ପୂର୍ଣ୍ଣ ଠିକ୍ ହୋଇପାରେ। ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଆନ୍ତି। କିନ୍ତୁ କ୍ରନିକ୍ କିଡ୍‌ନୀ ଡିଜିଜ୍ ହେଲେ ଭଲ ହୋଇପାରିବ ନାହିଁ। ତାହା ଧୀରେ ଧୀରେ ଆଗକୁ ଖରାପ ହୋଇଯିବ। ଆଉ ତାହା ଡାଏଲିସିସ୍ ଓ କିଡ୍‌ନୀ ପ୍ରତିରୋପଣ ପର୍ଯ୍ୟନ୍ତ ଦରକାର ପଡ଼ିପାରେ।

**ପ୍ରଶ୍ନ– କ୍ରନିକ୍ କିଡ୍‌ନୀ ଡିଜିଜ୍ କ’ଣ?**

ଉତ୍ତର– ଏହାର ୫ଟି ଷ୍ଟେଜ୍ ରହିଛି। ଯଦି ଷ୍ଟେଜ୍ ୨ କିମ୍ବା ୩ରେ ଥିବ, ତାକୁ ଚିକିତ୍ସା କରାଯାଇ ଆଗକୁ ଖରାପ ହେବାରୁ ରୋକାଯାଇପାରିବ। ଏଥିରେ ଚିକିତ୍ସା ଜାରି ରହିବ ଓ ସାରା ଜୀବନ ଔଷଧ ଖାଇବାକୁ ପଡ଼ିବ। କିନ୍ତୁ ୫ମ ଷ୍ଟେଜ୍ ଥିବା ବେଳେ କିଡ୍‌ନୀ ଠିକ୍ ହେବାର ସମ୍ଭାବନା ନ ଥାଏ। ସେତେବେଳେ ଡାଏଲିସିସ୍ କିମ୍ବା କିଡ୍‌ନୀ ପ୍ରତିରୋପଣ ଆବଶ୍ୟକ ପଡ଼େ।

**ପ୍ରଶ୍ନ– ସାଧାରଣ ଲୋକ କିଡ୍‌ନୀ ରୋଗରେ ପୀଡ଼ିତ ବୋଲି ଜାଣିବେ କେମିତି ?**

ଉତ୍ତର– ସାଧାରଣ ଲୋକ କିଡ୍‌ନୀ ରୋଗରେ ପୀଡ଼ିତ ବୋଲି ଜାଣିବା କଷ୍ଟ। କାରଣ କିଡ୍‌ନୀ ରୋଗ ୯୦% ରୋଗୀଙ୍କଠାରେ ସାଇଲେଣ୍ଟ ହୋଇଥାଏ। ଯେ ପର୍ଯ୍ୟନ୍ତ ଗୋଡ଼ ନ ଫୁଲିଛି, ପରିସ୍ରା ଫେଣ ନ ହୋଇଛି ସେ ପର୍ଯ୍ୟନ୍ତ ଜାଣିପାରନ୍ତି ନାହିଁ। ସେହିପରି ବ୍ଲଡ୍ ପ୍ରେସର ବଢ଼ିଯାଇଥିବ, ରକ୍ତହୀନତା, ଶରୀର କୁଣ୍ଡେଇ ହେବା, ଭୋକ କମ୍ ହେବା, ଧଇଁ ସଇଁ ଲାଗିବା, ଦୁର୍ବଳ ଲାଗିବା ମଧ୍ୟ ଏହାର ଲକ୍ଷଣ।

**ପ୍ରଶ୍ନ– ଏ ସବୁ ଲକ୍ଷଣ ଦେଖାଗଲେ ପ୍ରଥମେ କ’ଣ ଟେଷ୍ଟ କରିବା ଉଚିତ?**

ଉତ୍ତର– ପ୍ରଥମେ ୟୁରିନ୍‌ରେ ପ୍ରୋଟିନ୍ ଟେଷ୍ଟ କରିଦେବା ଉଚିତ। ପ୍ରାୟ ୭୦% କିଡ୍‌ନୀ ରୋଗୀଙ୍କ ପରିସ୍ରାରେ ପ୍ରୋଟିନ୍ ଯାଉଥାଏ। ତେଣୁ ପ୍ରୋଟିନ୍ ଟେଷ୍ଟ କରିଦେଲେ ଜଣାପଡ଼ିବ। ତା’ପରେ ୟୁରିଆ କ୍ରିଏଟିନିନ ଟେଷ୍ଟ କରିବା ଉଚିତ। ଅଲ୍‌ଟ୍ରାସାଉଣ୍ଡ ଓ ହିମୋଗ୍ଲୋବିନ ଟେଷ୍ଟ କଲେ ବି ଜଣାପଡ଼ିବ। ତେଣୁ ୟୁରିନ୍, ବ୍ଲଡ୍ ଟେଷ୍ଟ ଓ ଅଲ୍‌ଟ୍ରାସାଉଣ୍ଡ କରି ଅଳ୍ପ ଟଙ୍କା ଖର୍ଚ୍ଚରେ କିଡ୍‌ନୀ ରୋଗ ହୋଇଛି କି ନାହିଁ ଜାଣିପାରିବେ।

**ପ୍ରଶ୍ନ– ଜଣେ ରୋଗୀର ଯଦି ଗୋଟେ କିଡ୍‌ନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବ, ତେବେ ସେ କେତେ ଦିନ ବଞ୍ଚିପାରିବ?**

ଉତ୍ତର– ଗୋଟେ କିଡ୍‌ନୀ ଥିଲେ ବି ଜଣେ ଲୋକ ଯେତିକି ଦିନ ବଞ୍ଚିବା କଥା ବଞ୍ଚିବେ। ତାଙ୍କର କୌଣସି ଅସୁବିଧା ହେବାର ନାହିଁ। କେବଳ ସେ କିଛି ପେନ୍‌କିଲର ମେଡିସିନଠାରୁ ଦୂରେଇ ରହିବେ।

**ପ୍ରଶ୍ନ– ଅଧିକ ପେନ୍‌କିଲର ଖାଇଲେ କିଡ୍‌ନୀ ଉପରେ ପ୍ରଭାବ ପକାଏ ବୋଲି କୁହାଯାଏ। ଏହା କେତେଦୂର ଠିକ୍?**

ଉତ୍ତର– ଏହା ସମ୍ପୂର୍ଣ୍ଣ ଠିକ୍। ଅଧିକ ପେନ୍‌କିଲର ବେଶି ଦିନ ଖାଇଲେ କିଡ୍‌ନୀ ରୋଗ ହେବା ପ୍ରାୟ ନିଶ୍ଚୟ।

**ପ୍ରଶ୍ନ– କିଡ୍‌ନୀ ରୋଗରେ ଜଣେ ପୀଡ଼ିତ ହେବା ପରେ ଅନ୍ୟ ରୋଗର ସମ୍ଭାବନା ଥାଏ କି ?**

ଉତ୍ତର– ନିଶ୍ଚୟ। କିଡ୍‌ନୀ ରୋଗରେ ଜଣେ ମରିବା ଆଶଙ୍କା କମ୍। କିନ୍ତୁ କିଡ୍‌ନୀ ରୋଗୀ ହୃଦ୍‌ରୋଗରେ ମରିବା ଆଶଙ୍କା ଅଧିକ। କାରଣ କିଡ୍‌ନୀ ରୋଗ ହେଲେ ତାହା ହାର୍ଟକୁ ୫୦ରୁ ୬୦% ରୋଗ ବଢ଼ାଇଦେବ। ଆଉ କିଛି ରୋଗୀ ବ୍ରେନ୍ ଷ୍ଟ୍ରୋକ୍‌ରେ ମରିଥାନ୍ତି। କାରଣ ସେମାନଙ୍କର ବ୍ଲଡ୍ ପ୍ରେସର ଅଧିକ ଥାଏ। କିଡ୍‌ନୀ ରୋଗୀଙ୍କ ଶରୀରରେ ଇମ୍ୟୁନିଟି ପାୱାର କମ୍ ଥାଏ। ତେଣୁ ସେମାନଙ୍କର ବିଭିନ୍ନ ପ୍ରକାରର ସଂକ୍ରମଣ ହେବାର ଆଶଙ୍କା ଅଧିକ ଥାଏ।

**ପ୍ରଶ୍ନ– କିଡ୍‌ନୀ ପ୍ରତିରୋପଣ କେତେବେଳେ ଆବଶ୍ୟକ ପଡ଼େ?**

ଉତ୍ତର– ଯେତେବେଳେ କିଡ୍‌ନୀ ଫଙ୍କ୍‌ଶନ୍ ୧୫%ରୁ କମିଯାଏ ଓ ଷ୍ଟେଜ୍-୫ରେ ଥାଏ, ସେତେବେଳେ କେବଳ ସାହାରା ହେଉଛି ଡାଏଲିସିସ୍ ଓ କିଡ୍‌ନୀ ପ୍ରତିରୋପଣ। ଡାଏଲିସିସ୍ ହେଉଛି ଟେମ୍ପୋରାରି ଟ୍ରିଟ୍‌ମେଣ୍ଟ। ଯଦି ଜଣେ ରୋଗୀ ସପ୍ତାହକୁ ଦୁଇ ଥରରୁ ତିନିଥର ଡାଏଲିସିସ୍ କରନ୍ତି, ବ୍ଲଡ୍ ପ୍ରେସର ନିୟନ୍ତ୍ରଣ କରନ୍ତି, ଖାଦ୍ୟ ଓ ପାଣି ପିଇବାରେ କଣ୍ଟ୍ରୋଲ କରନ୍ତି, ତେବେ ବିନା କିଡ୍‌ନୀ ପ୍ରତିରୋପଣରେ ବି ସେ ସୁସ୍ଥ ରହିପାରିବେ। ସେ ନିଶ୍ଚୟ ୨୦ବର୍ଷ ପର୍ଯ୍ୟନ୍ତ ଭଲରେ ରହିପାରିବେ। କିନ୍ତୁ ଡାଏଲିସିସ୍ ବହୁତ ବ୍ୟୟବହୁଳ। ସେଥିପାଇଁ କିଡ୍‌ନୀ ପ୍ରତିରୋପଣ କରିବା ପାଇଁ ଲୋକେ ଚାହିଁଥାନ୍ତି।

**ପ୍ରଶ୍ନ– କିଡ୍‌ନୀ ରୋଗୀ ସଂଖ୍ୟା ବଢ଼ିବାର କାରଣ କ’ଣ ?**

ଉତ୍ତର– ପ୍ରଥମ କାରଣ ହେଉଛି ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦ୍ୱିତୀୟତଃ ଆମର ଖାଦ୍ୟପେୟରେ କୌଣସି କଣ୍ଟ୍ରୋଲ ନାହିଁ।

**ପ୍ରଶ୍ନ– କେଉଁ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ?**

ଉତ୍ତର– ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍‌ଠାରୁ ଦୂରେଇ ରହିବା ନିହାତି ଆବଶ୍ୟକ। ଯେଉଁଥିରେ ପ୍ରୋଟିନ୍ ଅଧିକ ଅଛି, ସେସବୁ ନିୟନ୍ତ୍ରଣରେ ଖାଇବା ଉଚିତ। ଆଜିକାଲି ଯେଉଁମାନେ ଜିମ୍ ଯାଉଛନ୍ତି, ଅଧିକାଂଶ ପ୍ରୋଟିନ୍ ପାଉଡର ଖାଉଛନ୍ତି। ଏହି ପ୍ରୋଟିନ ପାଉଡର କିଡ୍‌ନୀ ପାଇଁ ଭଲ ନୁହେଁ।

**ପ୍ରଶ୍ନ– ଆପଣ ଦୁଇ ରୋଗୀଙ୍କ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ କରିଛନ୍ତି। କ’ଣ କହିବେ ଏ ସମ୍ପର୍କରେ?**

ଉତ୍ତର– ଦୁଇଜଣ ରୋଗୀ ଏବେ ସୁସ୍ଥ ଅଛନ୍ତି। ସେମାନେ ସୁସ୍ଥ ଜୀବନଯାପନ ବିତାଉଛନ୍ତି। ବାହାର ରାଜ୍ୟରେ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ବହୁତ କରାଯାଉଛି। ଏଠାରେ ସଚେତନର ଅଭାବ ରହିଛି। ତେଣୁ ଲୋକଙ୍କୁ ମୋର ଅନୁରୋଧ ଯାହାର ଦୁର୍ଘଟଣାରେ ମୃତ୍ୟୁ ହେଉଛି, ସେମାନଙ୍କ ପରିବାର ଅଙ୍ଗଦାନ କରିଲେ ଅନେକ ଲୋକଙ୍କ ଜୀବନ ବଞ୍ଚିପାରନ୍ତା।

**ପ୍ରଶ୍ନ– ସମୟ ମିଳିଲେ କ’ଣ କରନ୍ତି?**

ଉତ୍ତର– ବହି ପଢ଼ିବାକୁ ଭଲପାଏ। ଆଉ କ୍ରିକେଟ୍ ପ୍ରତି ଦୁର୍ବଳତା ରହିଛି, ତେଣୁ କ୍ରିକେଟ୍ ଦେଖେ।

**ପ୍ରଶ୍ନ– କେଉଁ ଲେଖକଙ୍କ ପୁସ୍ତକ ପଢ଼ିବାକୁ ପସନ୍ଦ କରନ୍ତି?**

ଉତ୍ତର– ସ୍ୱାମୀ ବିବେକାନନ୍ଦ, ଅବଦୁଲ କଲାମଙ୍କ ବହି ପଢ଼େ।

**ପ୍ରଶ୍ନ– କ୍ରିକେଟ୍‌ରେ ପ୍ରିୟ ଖେଳାଳି?**

ଉତ୍ତର– ପୂର୍ବରୁ କପିଳ ଦେବ, ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ଼ ଥିଲେ। ଏବେ ବିରାଟ କୋହଲି ଭଲ ଲାଗୁଛନ୍ତି।

## ୧୦ ଜିଲ୍ଲାର ଏସ୍‌ଏଚ୍‌ଜିଙ୍କୁ ଦକ୍ଷତା ତାଲିମ



ୟୁଏନ୍ ମହିଳା ପ୍ରତିନିଧି ଦଳଙ୍କ ସହ ଭୁବନେଶ୍ୱରଠାରେ ଓଏସ୍‌ଡିଏ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଆଲୋଚନା କରୁଛନ୍ତି।

**ଜାତିସଂଘ ମହିଳା ଏବଂ ଓଏସ୍‌ଡିଏ ବୁଝାମଣାପତ୍ର**
- ୩ ଆଇଟିଆଇରେ ଗଠନ ହେବ ମହିଳା ଫୁଟ୍‌ବଲ ଦଳ
- କୋରାପୁଟ, ବଲାଙ୍ଗୀରରେ ଭଲିବଲ କୋର୍ଟ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ):** ମିଳିତ ଜାତିସଂଘ ମହିଳା (ୟୁଏନ୍ ୱିମେନ୍)ର ଭାରତ ପ୍ରତିନିଧି ସୁଶାନ ଜେନ୍ ଫର୍ଗୁଶନ୍ ପ୍ରଥମ ଓଡ଼ିଶା ଗସ୍ତରେ ଆସିଛନ୍ତି। ତାଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳ ମଙ୍ଗଳବାର ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ) ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ଓଡ଼ିଶାରେ ମହିଳାଙ୍କ ଦକ୍ଷତାବୃଦ୍ଧି କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଇ ସହଭାଗିତା ନିମନ୍ତେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ବୁଝାମଣାର ଅଂଶ ଭାବରେ ଓଡ଼ିଶାର ୧୦ଟି ଆକାଂକ୍ଷୀ ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ସେମାନଙ୍କ ଉତ୍ପାଦର ଅନ୍‌ଲାଇନ୍ ବିକ୍ରୟ ପାଇଁ ଡିଜିଟାଲ ମାର୍କେଟିଂ ସହ ଔଦ୍ୟୋଗିକତା ଉପରେ ତାଲିମ ପ୍ରଦାନ କରାଯିବ। ବାଲେଶ୍ୱର, ବ୍ରହ୍ମପୁର ଏବଂ ରାଉରକେଲାର ସରକାରୀ ଆଇଟିଆଇରେ ମହିଳା ଫୁଟବଲ ଦଳ ଏବଂ କୋରାପୁଟ ଗୋପବନ୍ଧୁ ଆଇଟିଆଇ ଓ ବଲାଙ୍ଗୀର ସରକାରୀ ଆଇଟିଆଇଠାରେ ଭଲିବଲ କୋର୍ଟ ନିମନ୍ତେ ଜାତିସଂଘ ମହିଳା ସହଯୋଗ କରିବ। ଭୁବନେଶ୍ୱରସ୍ଥିତ ୱାଲର୍ଡ ସ୍କିଲ୍ ସେଣ୍ଟରରେ ମହିଳାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ନୀତି, ପାଠ୍ୟକ୍ରମ ଏବଂ ନିଯୁକ୍ତି ନିମନ୍ତେ କାର୍ଯ୍ୟ ଆରମ୍ଭ ହେବ। ମୟୂରଭଞ୍ଜ, ରାୟଗଡ଼ା ଓ ଢେଙ୍କାନାଳ ଜିଲ୍ଲାର ସରକାରୀ ଆଇଟିଆଇ ଏବଂ ପଲିଟେକ୍‌ନିକଗୁଡ଼ିକରେ ସେକେଣ୍ଡ ଚାନ୍ସ ଏଜୁକେଶନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଇଥିବା ବାଗ୍‌ଚୀ କହିଛନ୍ତି। ପରେ ଏହି ପ୍ରତିନିଧି ଦଳ ମଞ୍ଚେଶ୍ୱରସ୍ଥିତ ୱାର୍ଲଡ ସ୍କିଲ୍ ସେଣ୍ଟର ପରିଦର୍ଶନ କରି ଓଏସ୍‌ଡିଏ ସିଇଓ ତଥା ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି.ଙ୍କ ସହ ସାକ୍ଷାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତିସଂଘ ମହିଳା ଏସ୍‌ସିଇର ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପ୍ରବନ୍ଧକ କାନ୍ତା ସିଂ, ବୈଷୟିକ ପରାମର୍ଶଦାତା (ଜେଣ୍ଡର) ସ୍ମିତା ଜଗଦେବ ଏବଂ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।


**JOY FOR POOR TRUST**
**MUNDIGUDA, VIA- KHAIRPUT, DIST.- MALKANGIRI**
**(Regd. No. CCIR0016/MKG/2020)**

Advt. No. 013/JCH/MKG/2021 Date: 15.09.2021

**ADVERTISEMENT FOR CONTRACTUAL ENGAGEMENT IN CHILDREN HOME**

Joy Children Home is running a Child Care Intitution (CCI) which is registered under Juvenile Justice (Care and Protection of Children) Act, 2015. The management of the CCI is intent to engage suitable professional staff such as **Superintendent, Counsellor, Case Worker, Store Keeper-cum-Accountant, House Father, House Mother, Paramedical Staff (Pharmacist), Cook, Helper and House Keeper** on contractual basis. The posts are purely contractual and conterminous with project. The continuance in the post by the candidates depends on the performance. The completely field up application form along with other documents should reach at the Office of the CCI Joy Children Home, Mundiguda on or before 05.10.2021 (5.00 P.M.) positively through Speed Post, Registered Post, Drop inbox at CCI Joy Children Home. The details such number of vacancies, eligibility, section procedure, remuneration and application form are available in the district website i.e. **www.malkangiri.nic.in**.

Sd./- Secretary, Joy For Poor Trust


## ସର୍ବଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରୀକ୍ଷାରେ ସୁଦୀପ୍ତା ତୃତୀୟ

କୋରାପୁଟ,୨୧।୯(ସ୍ୱ.ପ୍ର.)




ସର୍ବଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରୀକ୍ଷାରେ କୋରାପୁଟ ଝିଅ ସୁଦୀପ୍ତା ବେନିଆ ତୃତୀୟ ସ୍ଥାନ ହାସଲ କରି ଜିଲାକୁ ଗୌରବାନ୍ୱିତ କରିଛନ୍ତି। କଠିନ ପରିଶ୍ରମ, ବାପା, ମାଆ ଓ ଗୁରୁଜୀଙ୍କୁ ସେ ଏହାର ଶ୍ରେୟ ଦେଇଛନ୍ତି। ସୁଦୀପ୍ତା ପୂର୍ବରୁ କୋରାପୁଟସ୍ଥିତ ବନଭାରତୀ ବିଦ୍ୟାପୀଠର ଛାତ୍ରୀ ଭାବେ ଦଶମ ପରୀକ୍ଷାରେ ବିଦ୍ୟାଳୟ ଟପ୍ପର ହୋଇଥିଲେ। ପରେ ସେ ବେଙ୍ଗାଲୁରୁ ଯାଇ ପାଠ ପଢୁଥିଲେ। ଏହା ମାଧ୍ୟମରେ ସମାଜସେବା କରିବାକୁ ଇଚ୍ଛା ରଖିଥିବା କହିଛନ୍ତି ସୁଦୀପ୍ତା। ଏହି ସଫଳତାରେ ତାଙ୍କ ବାପ, ମା’ ଖୁସି ପ୍ରକାଶ କରିବା ସହ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି।

## ଟିକା ନେବାର ୩ ଘଣ୍ଟା ପରେ ମହିଳାଙ୍କ ମୃତ୍ୟୁ

**ଉମରକୋଟ,୨୧।୯(ସ୍ୱ.ପ୍ର.):** କରୋନା ଟିକା ନେବାର ୩ ଘଣ୍ଟା ପରେ ଜଣେ ଆଦିବାସୀ ମହିଳାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତକ ହେଲେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ମାଲବେଡା ଗ୍ରାମର ସୁକୁରି ଭତରା(୫୦)। ସୁକୁରି ପ୍ରଥମ ଡୋଜ୍ କରୋନା ଟିକା ନେବାକୁ ନିକଟସ୍ଥ ରାଜପୁର ଗ୍ରାମକୁ ଯାଇଥିଲେ। ମଙ୍ଗଳବାର ସକାଳେ ଟିକା ନେଇ ସେଠାରେ ଅଧଘଣ୍ଟା ବିଶ୍ରାମ କରି ଫେରିଥିଲେ। ଘରକୁ ଯିବା ବାଟରେ ଟିକା ପ୍ରମାଣପତ୍ର କାଢ଼ିବାକୁ ସିଂସାରୀ ଗାଁରେ ଅଟକି ଥିଲେ। ସେ ହଠାତ୍ ବେହୋସ୍ ହୋଇଯିବାରୁ ସ୍ଥାନୀୟ ଲୋକେ ତାଙ୍କୁ ସିଂସାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଉମରକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ଉମରକୋଟ ତହସିଲଦାର ଡ. ହିମାଞ୍ଚଳ ମାଝି, ଡ. ଅଭୟ କୁମାର ଦେ, ଡାବୁଗାଁ ପୋଲିସ ଉମରକୋଟରେ ପହଞ୍ଚିଥିଲେ। ସୁକୁରିଙ୍କର କିଛି ଦିନ ହେବ ଝାଡ଼ା ହେଉଥିଲା। ସେ ଦୁର୍ବଳ ଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ସୁକୁରିଙ୍କ ମୃତଦେହକୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଟିକା ନେବା କାରଣରୁ ମହିଳାଙ୍କ ମୃତ୍ୟୁ ହୋଇଛି କି ନାହିଁ ବ୍ୟବଚ୍ଛେଦ ପରେ ସ୍ପଷ୍ଟ ହେବ ବୋଲି ଟିକାକରଣ ଦାୟିତ୍ୱରେ ଥିବା ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ୍ ଅଫିସର ଡ. ଅଭୟ କୁମାର ଦେ ସୂଚନା ଦେଇଛନ୍ତି।







## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ରାୟଗଡ଼ା ଅଫିସ, ୨୧।୯- ରାୟଗଡ଼ା ରହିତ କଲୋନି ଦ୍ୱିତୀୟ ଲେନ୍‌ରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଇପିଲି ଗୋବିନ୍ଦ। ସେ ନିଜର ନିର୍ମାଣାଧୀନ ଘରରେ ପାଣି ପକାଉଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ଝଟକାରେ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଠାଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

### ରୋଗୀ ଶୂନ୍ୟ ହେଲା କୋଭିଡ୍ ହସ୍ପିଟାଲ

ରାୟଗଡ଼ା ଅଫିସ, ୨୧।୯- କରୋନାରେ ଆକ୍ରାନ୍ତ ହୋଇ ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଶେଷ ରୋଗୀ ମଙ୍ଗଳବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗତ ଏପ୍ରିଲରୁ ମଙ୍ଗଳବାର ପର୍ଯ୍ୟନ୍ତ ସର୍ବମୋଟ ୭୨୬ ଜଣ ରୋଗୀ ଭର୍ତ୍ତି ହୋଇଥିଲେ ବୋଲି ସୂଚନା ମିଳିଛି। ସିଡିଏମ୍‌ଓ ଡାକ୍ତର ଆର୍ତ୍ତବନ୍ଧୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ସୁଜ୍ଞାନୀ ମହାପାତ୍ର, ଡା. ଦେବାଶିଷ ପଣ୍ଡା, ଡା. ସୁଭାଶିଷ ବେହେରା, ଡା. ସତ୍ୟବ୍ରତ ମହାପାତ୍ର , ଡା. ବିକାଶ ଦଳେଇ, ଡା. ହିମାଂଶୁ ନାଥ, ଡା. ଜିତେନ୍ଦ୍ର ପାଣିଗ୍ରାହୀ, ଡା. ଅଜିତ ଭୋଇ ଏଠାରେ ରୋଗୀସେବା କରୁଥିଲେ। ଡା. ଲକ୍ଷ୍ମୀକାନ୍ତ ସାହୁ ସମସ୍ତ ପରିଚାଳନା କରୁଥିଲେ। ଦ୍ୱିତୀୟ ଲହରରେ ଏଠାରେ ଆଇସିୟୁର ବ୍ୟବସ୍ଥା ମଧ କରାଯାଇ ଥିଲା।

### ଭାଜପାରେ ମିଶିଲେ ୫୦ ଅନ୍ୟ ଦଳର କର୍ମୀ

ଉମରକୋଟ, ୨୧।୯(ସ୍ୱ.ପ୍ର.)-ଉମରକୋଟ ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ବ୍ୟବସ୍ଥା ଅନୁଧ୍ୟାନ କରିବାକୁ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ ଓ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଉମରକୋଟ ଗସ୍ତ କରିଛନ୍ତି। ଉମରକୋଟସ୍ଥିତ ପାର୍ଟି ଅଫିସରେ ଦଳୀୟ କର୍ମକର୍ତ୍ତାଙ୍କ ସହ ବୈଠକ କରିଥିଲେ। ଏହି ଅବସରରେ ୫୦ରୁ ଅଧିକ ଅନ୍ୟ ଦଳର କର୍ମୀ ଭାଜପାରେ ମିଶିଥିଲେ। ନଗର ସଭାପତି ସୁରେଶ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଜଗଦୀଶ ବିଷୋୟୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ରାଜ୍ୟ ଯୁବମୋର୍ଚ୍ଚା କୋଷାଧକ୍ଷ ସନ୍ତୋଷ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଅଶୋକ ପାଢ଼ୀ, କଳାହାଣ୍ଡି ଜିଲା ଉପସଭାପତି ଲକ୍ଷ୍ମୀ ବାଘ, ଜିଲା ପରିଷଦ ସଭ୍ୟ ଭଜନାଥ ଗଣ୍ଡ, ସରପଞ୍ଚ କାମସିଂ ମାଝି, ଜିଲା କୃଷକ ମୋର୍ଚ୍ଚା ସଭାପତି ଅରୁଣ ପୂଜାରୀ, ଏସ୍‌ଟି ମୋର୍ଚ୍ଚା ସଭାପତି ଶ୍ୟାମସୁନ୍ଦର ମାଝି, ଯୁବମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, ଜିଲା କାର୍ଯ୍ୟକାରିଣୀ ସନତ ଠାକୁର, ରମେଶ ଦାସ, ମନ୍ଦିରା ନାୟକ ଉପସ୍ଥିତ ଥିଲେ।

### ଭାଗବତ ଜୟନ୍ତୀ ପାଳିତ



ନବରଙ୍ଗପୁର,୨୧।୯(ବି.ପ୍ର.)- ନବରଙ୍ଗପୁର ଜିଲା ତାରାଗାଁ ପଞ୍ଚାୟତ ତାରାଗାଁ ବାଇପାସ୍ ରୋଡ୍‌ସ୍ଥିତ ରଶ୍ମିରଞ୍ଜନ ସିଦ୍ଧାଶ୍ରମ ପରିସରରେ ଭାଗବତ ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଠାକୁରଙ୍କୁ ଦୀପ, ଧୂପ, ପୁଷ୍ପାର୍ଘ୍ୟ, ନୈବେଦ୍ୟ, ଆଳତି ସମର୍ପଣ ଓ ପ୍ରାର୍ଥନା କରାଯାଇଥିଲା। ପରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଭଗବତ ଦଶମ ସ୍କନ୍ଦର ଷଷ୍ଟତମ ଅଧ୍ୟାୟ ପାଠ ହୋଇଥିଲା। ଭାଗବତ ଟୁଙ୍ଗିର ବ୍ୟବସ୍ଥାପକ ନୀଳକଣ୍ଠ ପାଢ଼ୀ ଭାଗବତ ବାଣୀର ବ୍ୟାଖ୍ୟାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତାପ୍ରାପ୍ତି ନିମନ୍ତେ ନିଜ ଜୀବନରେ ଭାଗବତ ବାଣୀର ଉପଯୋଗ କରିବା ବିଷୟରେ ସେ ଗୁରୁତ୍ୱ ଦେଇଥିଲେ। ବିକାଶ ରଞ୍ଜନ ପାଢ଼ୀ, ଲଛମନ ଭତ୍ରା, ଇନ୍ଦୁମତୀ ପାଢ଼ୀ, ଅର୍ଜୁନ ଭତ୍ରା, ଭଗବାନ ଭତ୍ରା, ରାମ ଭତ୍ରା, ପଦ୍ମନାଭ ଅମନାତ୍ୟ, ରଶ୍ମିପ୍ରଭା ପୂଜାରୀ, ଝୁନୁ ହଡ଼ପ, ମଦନ ସୌରା, ଡମ୍ବରୁ ସୌରା, ସନ୍ତୋଷ କୁମାର ପୂଜାରୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ବିଜୟ ଗମାଙ୍ଗ ଏମ୍‌ପିଙ୍କ ପ୍ରତିନିଧି ନିଯୁକ୍ତ

ଗୁଣପୁର,୨୧।୯(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣପୁର ପୌର ପରିଷଦ ପାଇଁ ଏମ୍‌ପି ପ୍ରତିନିଧି ଭାବେ ବିଜୟ କୁମାର ଗମାଙ୍ଗଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏମ୍‌ପି ସପ୍ତଗିରି ଉଲକା ତାଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ବିଜୟ ଏମ୍‌ପିଙ୍କ ଆଦର୍ଶ ପଞ୍ଚାୟତ ପୁଟାସିଂ ପ୍ରତିନିଧି ରହି ଆସୁଛନ୍ତି। ବର୍ତ୍ତମାନ ପୁଣି ଥରେ ତାଙ୍କୁ ଏହି ନୂତନ ଦାୟିତ୍ୱ ଦିଆଯାଇଛି। ଗୁଣପୁର ପୌର ପରିଷଦ ପାଇଁ ଏମ୍‌ପି ପ୍ରତିନିଧି ଥିବା ଏସ୍.ବାବା ପ୍ରସାଦ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ଏହି ପଦ ଖାଲିଥିଲା।

# ୧୨ ଘଣ୍ଟିଆ ଅନଶନ ଚେତାବନୀ

- ବିକ୍ଷୋଭ କରି ଦାବିପତ୍ର ଦେଲା ଯୁବ ବିକାଶ ପରିଷଦ
- ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ ଦାବି

ରାୟଗଡ଼ା ଅଫିସ, ୨୧।୯

ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ କାମ ତୁରନ୍ତ ଆରମ୍ଭ କରିବା ଦାବିରେ ମଙ୍ଗଳବାର ରାୟଗଡ଼ା ଯୁବ ବିକାଶ ପରିଷଦ ବିକ୍ଷୋଭ ପ୍ରଦର୍ଶନ କରିଛି। ଏଥିସହ ଯୁବ ବିକାଶ ପରିଷଦ ଜିଲା ସଭାପତି ଶିବାଜୀ ଦାଶଙ୍କ ନେତୃତ୍ୱରେ ସଦସ୍ୟମାନେ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦୀର୍ଘଦିନରୁ ହୋଇ ଆସୁଥିବା ଦାବି ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ କାର୍ଯ୍ୟ ଏବେ ସୁଦ୍ଧା ଆରମ୍ଭ ହୋଇନାହିଁ। ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ରାୟଗଡ଼ା ଗସ୍ତରେ ଆସି ରେଳ କାମ ତୁରନ୍ତ ଆରମ୍ଭ କରାଯିବ ବୋଲି କହିଥିଲେ। ଇତିମଧ୍ୟରେ ୨ମାସ ବିତି ଯାଇଥିଲେ ହେଁ ରେଳ ପ୍ରକଳ୍ପ କାମ ଆରମ୍ଭ ହୋଇନାହିଁ। ତେଣୁ ତୁରନ୍ତ ଏହି ପ୍ରକଳ୍ପ କାମ ଆରମ୍ଭ କରାଯାଉ ବୋଲି ଦାବି ହୋଇଛି। ୧୨ ଡିସେମ୍ବର ସୁଦ୍ଧା ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରା ନ ଗଲେ ୧୮ ଡିସେମ୍ବରରେ ୧୨ ଘଣ୍ଟା ଅନଶନ କରାଯିବ ବୋଲି ଯୁବ ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ଦେବା ସମୟରେ ରବି ମଡଙ୍ଗୀ, ଗୌର ଚନ୍ଦ୍ର ସାରକା, ରଜନୀକାନ୍ତ ପାଳ, ସୁରେଶ ନାୟକ, ଏମ୍. ନାଗରାଜୁ, କୃଷ୍ଣପ୍ରସାଦ ମିଶ୍ର, ପ୍ରଶାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।



ଯୁବବିକାଶ ପରିଷଦ ସଦସ୍ୟମାନେ ଧାରଣାରେ ବସିଛନ୍ତି।

# ମା' ମାଣିକେଶ୍ୱରୀଙ୍କ ବାଲିଯାତ୍ରା ଆରମ୍ଭ

ଚନ୍ଦ୍ରପୁର, ୨୧।୯ (ଡି.ଏନ୍.ଏ.)



ଶ୍ରଦ୍ଧାଳୁମାନେ ପୂଜକ ଏବଂ ଚାଙ୍ଗୁଡ଼ିକୁ ପୂଜା କରୁଛନ୍ତି।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସଦରଠାରେ ସୋମବାରଠାରୁ ଆରମ୍ଭ ହୋଇଛି ମାଁ ମାଣିକେଶ୍ୱରୀଙ୍କ ବାଲିଯାତ୍ରା। ମୁଖ୍ୟ ପୂଜକ ଆନନ୍ଦ ପାତ୍ର ମାଁଙ୍କ ପୂଜା ଚାଙ୍ଗୁଡ଼ି ଧରି ଗାଁ ପରିକ୍ରମା କରିଥିଲେ। ଗାଁର ପ୍ରତ୍ୟେକ ଘରର ମହିଳାମାନେ ପୂଜକ ଏବଂ ପୂଜା ଚାଙ୍ଗୁଡ଼ିକୁ ପୂଜା କରିଥିଲେ। ଏଥିସହ ପ୍ରତ୍ୟେକ ଘରୁ ବିହନ ଆକାରରେ ଧାନ, ମକା, ସୋରିଷ, ବିରି, ରାଶି ଦିଆଯାଇଥିଲା। ସୋମବାର ରାତିରେ ବାଲିଘର ସମ୍ମୁଖରେ ବିହନ ଭଜାଯାଇଛି। ମାଣିକେଶ୍ୱରୀଙ୍କ ମୁଖ୍ୟ ପୂଜକ ଗଙ୍ଗାଧର ପାତ୍ର ଏହି ବିହନ ଭଜା କାମ କରିଥିଲେ। ଏକ ମାଟିପାତ୍ରରେ ଏହି ବିହନ ଭଜାଯାଇଥିଲା। ଏହାପରେ ଦେବଦେବୀଙ୍କୁ ସ୍ମରଣକରି ନୃତ୍ୟ କରିବା ସହ ଭକ୍ତଙ୍କ ଗୁହାରି ଶୁଣିଥିଲେ। ଏକ ଆଧ୍ୟାତ୍ମିକ ପରିବେଶରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା। ସେପ୍ଟେମ୍ବର ୨୯ରେ କୋଭିଡ୍ କଟକଣାକୁ ମାନି ପରମ୍ପରା ଅନୁଯାୟୀ, ମାଁ ମାଣିକେଶ୍ୱରୀଙ୍କ ସାଜସଜ୍ଜାରେ ମୁଖ୍ୟ ପୂଜକ କଣ୍ଟାଦୋଳିରେ ଝୁଲିବା, ନିଆଁରେ ଚାଲିବା କାର୍ଯ୍ୟକ୍ରମ ରହିଛି। ମାନସିକଧାରୀମାନେ ଆସି ଦର୍ଶନ କରିବେ ବୋଲି ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ନବରଙ୍ଗପୁର,୨୧।୯(ବି.ପ୍ର.)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ନବରଙ୍ଗପୁର ଶାଖା ବିଭିନ୍ନ ଦାବି ନେଇ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ଏକ ଦାବିପତ୍ର ଦେଇଛି। ଦାବିଗୁଡିକ ଉପରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

ଅଙ୍ଗନୱାଡି କର୍ମୀ, ସହାୟିକା, ମିନି ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ସେ ପର୍ଯ୍ୟନ୍ତ ୧୮ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ କରାଯାଉ ବୋଲି ଦାବି ହୋଇଛି। ସୁପରଭାଇଜର ପଦବୀକୁ କେବଳ ଅଙ୍ଗନୱାଡି କର୍ମୀଙ୍କ ପଦୋନ୍ନତି କରାଯାଉ। ଅଙ୍ଗନୱାଡି କର୍ମୀ ଚୟନରେ ପୂର୍ବଭଳି ଆଦିବାସୀ, ଦଳିତ ଓ ସାଧାରଣ ବର୍ଗ ତଥା ଗରିବ ଶ୍ରେଣୀର ପ୍ରାର୍ଥୀଙ୍କୁ ଚୟନ, ନୂତନ ଖାଦ୍ୟ ତାଲିକାର ମୂଲ୍ୟ ବୃଦ୍ଧି ସହ ବଜାର ଦର ଅନୁସାରେ ଅଣ୍ଡା ଦର ବଢ଼ାଯାଉ ବୋଲି ସେମାନେ ଦାବି କରିଛନ୍ତି। ଅଙ୍ଗନୱାଡି କର୍ମୀଙ୍କୁ ଏକମାସର ଖରାଛୁଟି, ରାଜ୍ୟରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ୬୨ ବର୍ଷ ବୟସରେ କାର୍ଯ୍ୟରୁ ଅବସର ସମୟରେ ଗ୍ରାଚ୍ୟୁଇଟି ବାବଦକୁ ୨ଲକ୍ଷ ଟଙ୍କା, ୩୦୦୦ ଟଙ୍କା ପେନ୍‌ସନ, ୟୁନିଫର୍ମ ବାବଦକୁ ସମ୍ବଲପୁରୀ ଶାଢ଼ି ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଇବାକୁ ସେମାନେ ଦାବି କରିଛନ୍ତି। ନୂଆ ବସ୍‌ଷ୍ଟାଣ୍ଡ ପାଖରୁ ଏକ ଶୋଭାଯାତ୍ରା ବାହାରି କର୍ମୀମାନେ ଜିଲାପାଳଙ୍କ ଅଫିସରେ ପହଞ୍ଚି ଥିଲେ। ଏହି ସମୟରେ ବିଏମ୍‌ଏସ୍ ଜିଲା ସଭାପତି ବାଙ୍କବିହାରୀ ବିଷୋୟୀ, ସମ୍ପାଦକ ପରମେଶ୍ୱର ବିଷୋୟୀ, ଓଡ଼ିଶା କୋଠାବାଡ଼ି ସଂଘ ସମ୍ପାଦକ ରାମ ବିଷୋୟୀ , ଓଡ଼ିଶା କୃଷି ଗ୍ରାମୀଣ ମଜଦୁର ସଂଘ ସମ୍ପାଦକ ଅକ୍ଷୟ ଚରଣ ବିଷୋୟୀ, ଅଙ୍ଗନୱାଡି ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସବିତା ନାୟକ, ଜିଲା ସଭାନେତ୍ରୀ ଭାଗ୍ୟବତୀ ଷଡ଼ଙ୍ଗୀ, ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ, କୋଷାଧକ୍ଷା ମମତା ବ୍ରହ୍ମା ପ୍ରମୁଖ ସାମିଲ ହୋଇଥିଲେ।




ବିଭିନ୍ନ ଦାବିନେଇ ଅଙ୍ଗନୱାଡି କର୍ମୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

# ଯାଦବ ସମାଜର ନୂଆଖାଇ ଭେଟଘାଟ

ଚନ୍ଦାହାଣ୍ଡି,୨୧।୯(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଉତ୍କଳ ଯାଦବ ସମାଜ ପକ୍ଷରୁ ଝରାବାହାଲ ସ୍ଥିତ ନିର୍ମାଣାଧୀନ ରାଧାକୃଷ୍ଣ ମନ୍ଦିର ପରିସରରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯାଦବ ସମାଜ ସଭାପତି ଜଗଦୀଶ ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଭେଟଘାଟ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଚାରିଗଡ଼ ଯାଦବ ସମାଜ ସଭାପତି କେନ୍ଦୁରାମ ଯାଦବ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ହଳଧର ଠେଲା, କାର୍ତ୍ତିକ ଚନ୍ଦ୍ର ବାଘ, ଭୋଦେବ ବାଘ, ଘନଶ୍ୟାମ କଟା, ହୁମେଶ୍ୱର ହଂସ, ତାମ୍ରଧ୍ୱଜ ବାଘ, ବଂଶୀ ଗୋପାଳ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ଆଗରୁ ଶତାଧିକ ଯାଦବ ସମାଜର ସଦସ୍ୟମାନେ ଘୁମୁରା ନୃତ୍ୟ ସହ ମଶାଲ ନେଇ ସଭାସ୍ଥଳରେ ପହଞ୍ଚିଥିଲେ। ଶୋଭାସିଂ ପୋଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ପଛୁଆବର୍ଗଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ, ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ଛାତ୍ରାବାସ ନିର୍ମାଣ କରିବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନୀଳମଣି ଗୌଡ଼, କମଲୁ ମନହୀରା, ଯାଦବ ବଗର୍ତ୍ତୀ, ଭଗବାନ ବାଘ ପରିଚାଳନା କରିଥିଲେ।

# ଲଗାଣବର୍ଷାରେ ଭାଙ୍ଗିଲା ବନ୍ଧ

- ବନ୍ଧରେ ମାଛ ଯାଆଁଳ ଛାଡ଼ିଥିଲେ ଏସ୍‌ଏଚ୍‌ଜି ମହିଳା
- ବନ୍ଧ ଭାଙ୍ଗିବାରୁ ଭାସିଗଲା ମାଛ

ଚନ୍ଦ୍ରପୁର, ୨୧।୯(ଡି.ଏନ୍.ଏ.)



ବନ୍ଧ ଭାଙ୍ଗିଯିବାରୁ ସ୍ଥାନୀୟ ଅଞ୍ଚଳରେ ପାଣି ଜମି ରହିଛି।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଅଧୀନ ବେଲାଭଗୁଡ଼ା ଉପରମୁଣ୍ଡରେ ଥିବା ବନ୍ଧ ଲଗାଣବର୍ଷାରେ ଭାଙ୍ଗିଯାଇଛି। ରବିବାର ଓ ସୋମବାର ବର୍ଷା ଲାଗି ରହିଥିଲା। ଫଳରେ ବନ୍ଧର ଉପରମୁଣ୍ଡରେ ଘାଇ ସୃଷ୍ଟି ହୋଇଥିଲା। ଅତ୍ୟଧିକ ପାଣି ହୋଇ ଉପରମୁଣ୍ଡ ବନ୍ଧ ହିଡ଼ ଭାଙ୍ଗିଯାଇଛି। ଉକ୍ତ ବନ୍ଧରେ ଦୟାସାଗର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ମାଛଚାଷ କରୁଥିଲେ। ବନ୍ଧ ଭାଙ୍ଗିବା ଫଳରେ ଅନେକ ମାଛ ଭାସିଯାଇଥିବା ଏସ୍‌ଏଚ୍‌ଜି ସଭାପତି ଗୀତା ବିହାର, ସଭ୍ୟ ରେଶ୍ମା କୌଶଲ୍ୟା, ହେମନ୍ତ କୁଗୁରିଆ ପ୍ରମୁଖ କହିଛନ୍ତି। ମାଛଚାଷ କରି ଆମେ ସ୍ୱାବଲମ୍ବୀ ହେଉଥିଲୁ। ଏ ବର୍ଷ ମାଛଚାଷ କରିବାକୁ ଏସ୍‌ବିଆଇରୁ ଋଣ ଆଣି ୧୪ହଜାର ମାଛ ଯାଆଁଳ ଛାଡ଼ିଥିଲୁ। ଏଥିରେ ପ୍ରାୟ ୮୦ ହଜାର ଟଙ୍କା ଖର୍ଚ୍ଚ କରିଛୁ। ଋଣ କରି ମାଛଚାଷ କରିଥିଲୁ। ବନ୍ଧ ଭାଙ୍ଗିଯିବାରୁ ଏବେ ସେଠାରେ ମାଛ ନାହିଁ। ପ୍ରଶାସନ ବନ୍ଧ ମରାମତି ସହ ଆମ ସମସ୍ୟା ଉପରେ ଦୃଷ୍ଟି ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

# ଗାଁର ଶୁଭ ମନାସି ପୂଜା କଲେ ଆଦିବାସୀ

**ସରିଲା ଜନାସରଣୀ ପରବ**

ଟିକିରି, ୨୧।୯(ଡି.ଏନ୍.ଏ.)



ଆଦିବାସୀଙ୍କର ବାର ମାସରେ ତେର ପର୍ବ। ଜମିରେ ହଳ କରିବାଠାରୁ ଫସଲ ଅମଳ ହେବା ପର୍ଯ୍ୟନ୍ତ ସବୁବେଳେ ଗାଁମାନଙ୍କରେ ଜାନି ଯାତ୍ରା ହୁଏ। ମାଣ୍ଡୀଆରାଣୀ, କୁଲିମାର୍ଟୁ, ଜନାସରଣୀ ବା ନୂଆଖାଇ, ପୁସପରବ, ଚୈତ୍ର ପର୍ବ ଆଦି ଆଦିବାସୀଙ୍କର ମୁଖ୍ୟ ପରବ। ମଙ୍ଗଳବାର ସର୍ଗୀଗୁଡା ଗ୍ରାମରେ ଜନାସରଣୀ ବା ନୂଆଖାଇ ପର୍ବ ଅନୁଷ୍ଠିତ ହୋଇଯାଇଛି। ପର୍ବର ଆଠଦିନ ପୂର୍ବରୁ ଗ୍ରାମର ଦିଶାରୀ ଲଗ୍ନ ନିର୍ଦ୍ଧାରଣ କରିଥାନ୍ତି। ମାଣ୍ଡିଆରେ ହାଣ୍ଡିଆ ତିଆରି ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ଗାଁର ପାଟ ବେଜୁଣି ଓ ଗୁରୁମାଇ ମାନେ ଗାଁ ମଝିରେ ଏକତ୍ରିତ ହୋଇ ପୂଜାପାଠ କରି ନାଚିଥାନ୍ତି। ଗାଁ ର ସ୍ତ୍ରୀ ଲୋକମାନେ ସମସ୍ତ ଘରୁ ନୂଆ ଧାନ, ମକା, କୁମୁଡା ଶାଗ, ନୂଆ ଲୁଗାଓ ପିଠା ତିଆରି କରି ଗାଁ ମଝିରେ ପୂଜା କରିଥାନ୍ତି। ଯୁବକମାନେ ଏକ ମୂର୍ତ୍ତି ତିଆରି କରିଥାନ୍ତି। ସେଠାରେ ପୂର୍ବ ପୁରୁଷମାନଙ୍କ ପାଇଁ ଉଦ୍ଦେଶ୍ୟରେ ନୂଆ ଶସ୍ୟରୁ ତିଆରି ଖାଦ୍ୟ ଅର୍ପଣ କରାଯାଏ। ଗାଁକୁ ରୋଗ ଦାଉରୁ ରକ୍ଷା କରିବା ସହ ସମସ୍ତଙ୍କ ଶୁଭ ମନାସି ସେଠାରେ ପୂଜା କରାଯାଏ।

# ୧୦ ଫୁଟର ଅଜଗର ଉଦ୍ଧାର

ଗୁଣପୁର,୨୧।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସହର ବାବୁଲି ନଗର ୪ର୍ଥ ଗଳିସ୍ଥିତ ଲାଡି କିରଣଙ୍କ ଘର ବାଲ୍‌କୋନିରୁ ସୋମବାର ସନ୍ଧ୍ୟାରେ ଏକ ୧୦ ଫୁଟର ଅଜଗର ଉଦ୍ଧାର କରାଯାଇଛି। ସାପ ଦେଖି କିରଣ ଗୁଣପୁର ବନ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀ ଲାଡି କିରଣ ପହଞ୍ଚି ଘରୁ ଅଜଗରକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିବାକୁ ନେଇଥିବା ଜଣାପଡ଼ିଛି।



# ଶିଶୁଙ୍କ ଶିକ୍ଷା, ସୁରକ୍ଷା ପାଇଁ ଶପଥ ନେଲେ ଲୋକେ



ଶିଶୁଙ୍କ ସୁରକ୍ଷା ଓ ଶିକ୍ଷା ଦେବାକୁ ସମସ୍ତେ ଶପଥ ନେଉଛନ୍ତି।

**ଉମରକୋଟ୍‌ରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ**

ଉମରକୋଟ, ୨୧।୯(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ୍ ବ୍ଲକ୍ କୁର୍ସି ଓ ତୋହରା ପଞ୍ଚାୟତରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା କମିଟି ସଭ୍ୟ, କିଶୋର କିଶୋରୀ, ଅଙ୍ଗନୱାଡି କର୍ମୀ, ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ଆଶା, ସ୍ୱାସ୍ଥ୍ୟକର୍ମୀ, ପଞ୍ଚାୟତ ଅଧିକାରୀ ଦୁର୍ଗାପ୍ରସାଦ ପଟ୍ଟନାୟକ, ସୁପରଭାଇଜର ସରିତା ଜେନା, ଯୁବକ ସଂଘ ଓ ବିଭିନ୍ନ ମହିଳା ମଣ୍ଡଳ ସଭାପତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା, ବାଲ୍ୟବିବାହ ରୋକିବା, ଶିଶୁ ଶ୍ରମିକଙ୍କୁ ଚିହ୍ନଟକରି ବିଦ୍ୟାଳୟରେ ନାମ ଲେଖାଇବା, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ବୁଝାଶୁଝା କରି ପୁଣି ବିଦ୍ୟାଳୟକୁ ପଠାଇବାକୁ ବୈଠକରେ ଆଲୋଚନା କରାଯାଇଛି। ଶିଶୁ ଅଧିକାର ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ଶିଶୁଙ୍କୁ ସୁରକ୍ଷା ଓ ଶିକ୍ଷା ଦେବାକୁ ସମସ୍ତେ ଶପଥ ନେଇଥିଲେ।

# ଯୁବକଙ୍କୁ ବେକକାଟି ହତ୍ୟା

ମୁନିଗୁଡା/ ଅମ୍ବାଦଳା (ଡି.ଏନ୍.ଏ.), ରାୟଗଡ଼ା ଅଫିସ, ୨୧।୯

ଶୋଇଥିବା ବେଳେ ଜଣେ ଯୁବକଙ୍କ ବେକ କାଟି ହତ୍ୟା କରାଯାଇଛି। ଏ ନେଇ ମୃତକଙ୍କ ପରିବାର ଲୋକେ ରାୟଗଡ଼ା ଜିଲା ଅମ୍ବାଦଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନାହିଁ। ମୃତକ ହେଲେ ରଘୁବାରୀ ଗ୍ରାମର ଶିବ ଡଙ୍ଗିରୀ (୨୫)।

ଶିବ ମଙ୍ଗଳବାର ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନରେ ଗ୍ରାମରେ ଥିବା ଏକ ଦୋକାନ ପିଣ୍ଡାରେ ଶୋଇଥିଲେ। ଏହି ସମୟରେ ପଡୋଶୀ ପତରାପଡା ଗ୍ରାମର ବାରିକ ସାହୁ (୬୦) ଆସି ଏକ ଧାରୁଆ ଅସ୍ତ୍ରରେ ଶିବଙ୍କ ବେକ କାଟି ଦେଇଥିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ପରିବାର ଲୋକେ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ପହଞ୍ଚିବା ବେଳକୁ ବାରିକ ସାହୁ ଫେରାର ହୋଇଯାଇଛନ୍ତି। ପୋଲିସ ୧୦୯/୨୧ରେ ମାମଲା ରୁଜୁ କରିଛି ।

# ବନ୍ଧୁକ ତିଆରି କାରଖାନାରେ ଚଢ଼ାଉ, ୩ ଗିରଫ

ଗୁଣପୁର,୨୧।୯(ଡି.ଏନ୍.ଏ)

ରାୟଗଡା ଜିଲା ଗୁଣପୁର ପୋଲିସ ବନ୍ଧୁକ କାରବାର ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ ଜିଲା ଦଶପଲା ଅଞ୍ଚଳର ଦେବ ଦୁଲ୍ଲଭ ମହାପାତ୍ର, ଫୁଲବାଣୀ ଜିଲା ଚକାପାଦ ଗ୍ରାମର ତ୍ରିନାଥ ବିନ୍ଧାଣୀ ଏବଂ ଭାବଗ୍ରାହୀ ବିନ୍ଧାଣୀ।

ବନ୍ଧୁକ କାରବାର ସମ୍ପର୍କରେ ପୋଲିସ ଖବରପାଇ ରାମନାଗୁଡା ବ୍ଲକ ଉକୁମ୍ବା ଗ୍ରାମରେ ରହୁଥିବା ଦେବଙ୍କ ଘରେ ମଙ୍ଗଳବାର ଭୋର ୪ଟାରେ ଚଢାଉ କରିଥିଲା। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୩ଟି ଗୁଳି, ୫ଟି ଛୋଟ ଆଇରନ ଚିପ୍‌ସ, ଗୋଟିଏ ବଡ ଛୁରି ମିଳିଥିଲା। ଦେବଙ୍କୁ ଗିରଫ କରିବା ପରେ ପୋଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଚକାପାଦରୁ ସେ ସବୁ ପାଇଥିବା ଦେବ ପୋଲିସକୁ କହିଥିଲେ। ଗୁଣପୁର ପୋଲିସ ଚକାପାଦକୁ ଯାଇ ତ୍ରିନାଥ ଏବଂ ଭାବଗ୍ରାହୀଙ୍କ ବନ୍ଧୁକ ତିଆରି କାରଖାନା ଉପରେ ଚଡାଉ କରିଥିଲେ। ବନ୍ଧୁକ ତିଆରି କରି ଅନ୍ୟମାନଙ୍କୁ ବିକ୍ରୀ କରୁଥିବା ଅଭିଯୋଗରେ ପୋଲିସ ସେମାନଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ରାଇଫଲ, ଗୋଟିଏ ପିସ୍ତଲ, ରିଭଲଭର ସହ ବନ୍ଧୁକ ତିଆରି ସାମଗ୍ରୀ ଏବଂ ଯନ୍ତ୍ରପାତି ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଗୁଣପୁର ଥାନାଧିକାରୀ ଯଶୋବନ୍ତ ହିଆଲ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୋଲିସ ଏସ୍‌ଆଇ ସୁଶାନ୍ତ ବେହେରା ଉପସ୍ଥିତ ଥିଲେ।



ପୋଲିସ ନିକଟରେ ଗିରଫ ଅଭିଯୁକ୍ତ, ଜବତ ବନ୍ଧୁକ ଓ ଅନ୍ୟ ସାମଗ୍ରୀ।

# ଲୋକଙ୍କୁ ଠିକ୍ ସେବା ଯୋଗାଇବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

- ଉପଜିଲାପାଳଙ୍କ ଅମ୍ବାଦଳା ପଞ୍ଚାୟତ ଗସ୍ତ
- ଲୋକଙ୍କ ସମସ୍ୟା ଶୁଣିଲେ, କାର୍ଯ୍ୟ ସମୀକ୍ଷା କଲେ

ଅମ୍ବାଦଳା, ୨୧।୯(ଡି.ଏନ୍.ଏ.)

ଗୁଣୁପୁର ଉପ ଜିଲାପାଳ ସୋନାଲ ଜେନା ରାୟଗଡା ଜିଲା ମୁନିଗୁଡା ବ୍ଲକ ଅଧୀନ ଅମ୍ବାଦଳା ପଞ୍ଚାୟତ ପରିଦର୍ଶନ କରିଛନ୍ତି। ସେ ସକାଳ ୧୦ଟାରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ବେହେରା, ଗ୍ରାମ ରୋଜଗାର ସେବକ ବଳରାମ ମିଶ୍ର, କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ସୁତାରଙ୍କଠାରୁ ପଞ୍ଚାୟତ କାର୍ଯ୍ୟ ପ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରେ ବିଭିନ୍ନ କାର୍ଯ୍ୟର ନଥିପତ୍ର ଯାଞ୍ଚ କରିଥିଲେ। ଏହାପରେ ସେ ଚାଉଳ ଏବଂ କିରୋସିନ ବଣ୍ଟନ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝିଥିଲେ। ବାହାରେ ପଡିଥିବା କିରୋସିନି ଡ୍ରମଗୁଡ଼ିକୁ କୋଠରୀରେ ରଖିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ଉପଜିଲାପାଳ ଉପସ୍ଥିତ ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ଆବାସ ଯୋଜନାରେ ଘର ପାଇବାକୁ ବଡପଡ଼ାର ଅମର ସୁନାଙ୍କୁ ଚୟନ କରାଯାଇଥିଲା। କିନ୍ତୁ ଏବେ ସୁଦ୍ଧା ଉକ୍ତ ଘର ତାଙ୍କୁ ମିଳିନି ବୋଲି ଅମରଙ୍କ ପୁଅ ଅଭିଯୋଗ କରିଛନ୍ତି। ଆବାସ ତାଲିକାରେ ତାଙ୍କ ତଳକୁ ଥିବା ହିତାଧିକାରୀମାନେ ଏହା ମଧ୍ୟରେ ଘର ପାଇ ସାରିଲେଣି। ଏହାର ଯାଞ୍ଚ କରିବାକୁ ସେ ନିବେଦନ କରିଥିଲେ। ୟୁଜି ୟୁପି ସ୍କୁଲରେ କୋଠାଗୁଡିକର ନବୀକରଣ ଏବଂ ନୂତନ କୋଠା ନିର୍ମାଣ ପାଇଁ ସଭାପତି ସଭାପତି ନବୀନ ନାୟକ ଦାବି ଉପସ୍ଥାପନ କରିଥିଲେ। ଜିଲାପାଳଙ୍କୁ ଅବଗତ କରାଇ ବିଦ୍ୟାଳୟର ଉନ୍ନତି ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଅମ୍ବାଦଳା ୟର ୧୩ ନଂ ୱାର୍ଡରେ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବା ଦିନେଶ ନାୟକ ଅଭିଯୋଗ କରିଛନ୍ତି। ଦୀର୍ଘ ୮ମାସ ହେଲା ସୋଲାର ପ୍ଲେଟ ସହ ପାଣି ମୋଟରଗୁଡିକ ଖରାପ ହୋଇ ଯାଇଥିବାରୁ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇଯାଇଛି। ଏହାର ସମାଧାନ କରିବାକୁ ଜଳ ଯୋଗାଣ ପ୍ରକଳ୍ପ ଜେଇଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଠିକ୍‌ଭାବେ ନିଜ କାର୍ଯ୍ୟ ତୁଲାଇ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବାକୁ ସେ ପଞ୍ଚାୟତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେଠାରୁ ସେ ଉପାନ୍ତ ଆଦିବାସୀ ଗ୍ରାମ ଲାକାଡ଼ାକୁ ଯାଇଥିଲେ। ଗମନାଗମନ, ପାନୀୟ ଜଳ ବ୍ୟବସ୍ଥା ଏବଂ ପିଲାଙ୍କ ପାଠପଢା ସମ୍ପର୍କରେ ପଚାରି ବୁଝିଥିଲେ। ଉପଜିଲାପାଳଙ୍କ ଏହି ଗସ୍ତ ବେଳେ ମୁନିଗୁଡା ତହସିଲଦାର ଓ ବ୍ଲକ କିରାଣୀ ସତ୍ୟାନନ୍ଦ ବେହାର ଉପସ୍ଥିତ ଥିଲେ।



ଗୁଣପୁର ଉପଜିଲାପାଳ ଲୋକଙ୍କ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଚୋରକୁ ଧରି ଛେଚିଲେ ସାହି ଲୋକେ

ଜୟପୁର,୨୧।୯ (ନି ପ୍ର )- ଜୟପୁର ସହର ନିଳକଣ୍ଠ ନଗର ସାହିରେ ମଙ୍ଗଳବାର ଜଣେ ବ୍ୟକ୍ତି ଚୋରି କରୁଥିବା ବେଳେ ଧରାପଡି ସାହି ଲୋକଙ୍କ ନିକଟରୁ ନିସ୍ତୁକ ମାଡ଼ ଖାଇଛନ୍ତି। ତାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଲୋକେ ପିଟିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ନିଳକଣ୍ଠ ନଗରର ଜଣେ ବ୍ୟକ୍ତିଙ୍କ ଘରେ ପଶି ୨୦ ହଜାର ଟଙ୍କା, ସୁନା ଚେନ ଓ ପର୍ସ ଚୋରି କରି ନେଉଥିଲେ। ଏହି ସମୟରେ ସେ ଲୋକମାନଙ୍କ ହାତରେ ଧରାପଡିଯାଇଥିଲେ। ମାଡ଼ ମାରିବା ପରେ ସାହିବାସିନ୍ଦା ତାଙ୍କୁ ପୋଲିସ ଜିମା ଦେଇଥିଲେ। ସୂଚନାଯୋଗ୍ୟ, ଜୟପୁର ସହର ଅନେକ ସାହିରେ ଚୋରି ହେଉଥିବା ଅଭିଯୋଗ ହେଉଛି। ଏନେଇ ଏକ ସିସିଟିଭି ଫୁଟେଜ୍ ଭାଇରାଲ ହୋଇଛି।

### ସାମାଜିକ ବନୀକରଣ ଉପରେ ସଚେତନତା

ଉମରକୋଟ, ୨୧।୯(ସ୍ୱ.ପ୍ର.)- ଉମରକୋଟ କୃଷିବିଜ୍ଞାନ କେନ୍ଦ୍ର(କେବିକେ) ପରିସରରେ ପୋଷଣ ବାଟିକା, ଚାରା ରୋପଣ ମହାଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଚାଷୀଙ୍କୁ ଭିଡିଓ କନ୍‌ଫରେନ୍ସିଂରେ ଉଦ୍‌ବୋଧନ ଦେଇଥିଲେ। ଆନ୍ତର୍ଜାତିକ ପୋଷକ ଶସ୍ୟ ବର୍ଷ ୨୦୨୩କୁ ଆଖି ଆଗରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହିତ କୃଷି ଜିଲା ଅଧିକାରୀ ବିଧୁଭୂଷଣ ମହାକୁଡ, ଇଫ୍‌କୋ ପକ୍ଷରୁ ଦେବପ୍ରସାଦ ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କେବିକେ ମୁଖ୍ୟ ବୈଜ୍ଞାନିକ ଡା. ଗୋବିନ୍ଦ ଚନ୍ଦ୍ର ସାହୁ, କ୍ଷେତ୍ର ବୈଜ୍ଞାନିକ ପରିତୋଷ ମୁର୍ମୁ ଉପସ୍ଥିତ ରହି ସାମାଜିକ ବନୀକରଣ ଉପରେ ବୁଝାଇଥିଲେ। ବୈଜ୍ଞାନିକ ରୁଦ୍ରପ୍ରସନ୍ନ ମହାଲିକ ମାନବ ସ୍ୱାସ୍ଥ୍ୟ ଉପରେ ଲଘୁ ଶସ୍ୟର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। କେବିକେରେ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଇଡ୍‌କୋ ପକ୍ଷରୁ ଯୋଗଦେଇଥିବା ୧୦୦ ଚାଷୀଙ୍କୁ ପନିପରିବା ବିହନ କିଟ୍ ସହ ଆମ୍ବ ଚାରା ବଣ୍ଟନ କରାଯାଇଛି। କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ୫୦୦ ଅମୃତଭଣ୍ଡା ଚାରା ଓ ୫୦୦ ସଜନା ଚାରା ବଣ୍ଟନ କରାଯାଇଛି।

# ସୁଧୁରିଲାନି ରାଶନ ଚାଉଳ ବଣ୍ଟନ ସମସ୍ୟା

ଚିତ୍ରକୋଣ୍ଡା,୨୧।୯(ଡି.ଏନ.ଏ.)

- ପ୍ରଶାସନକୁ ଜଣାଇ ମିଳିଲାନି ସୁଫଳ
- ପୁଣି ୧୮ କି.ମି. ଯାଇ ଆଣିବାକୁ ହେଲା
- ଆଗାମୀ ଦିନରେ କାର୍ଯ୍ୟାଳୟ ଘେରାଉ ଚେତାବନୀ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ସ୍ୱାଭିମାନ ଅଞ୍ଚଳ ଧୂଳିପୁଟ ପଞ୍ଚାୟତରେ ରାଶନ କାର୍ଡରେ ମିଳୁଥିବା ଚାଉଳ ଆଣିବା ପାଇଁ ଲୋକଙ୍କୁ ଚାଲିବାକୁ ପଡୁଛି ଦୀର୍ଘ ୧୮ କିମି। ଧୂଳିପୁଟ ପଞ୍ଚାୟତବାସୀ ସେମାନଙ୍କ ପଞ୍ଚାୟତ ପରିବର୍ତ୍ତେ ବାଧ୍ୟ ହୋଇ ୧୮ କିମି ଦୂର ଜାନବାଇ ପଞ୍ଚାୟତର ହାତଗୁଡାଠାରୁ ରାଶନ ସାମଗ୍ରୀ ନେଉଛନ୍ତି। ଉକ୍ତ ଖବର ପ୍ରକାଶ ପରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି କିଛି ସୁଫଳ ମିଳିନାହିଁ। ଏକ ମାସ ବିତି ଯାଇଥିଲେ ସୁଧା ସମସ୍ୟା ସୁଧୁରିନି। ଏଥିପାଇଁ ଧୂଳିପୁଟ ଗ୍ରାମବାସୀ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ୧ ଟଙ୍କାର ଚାଉଳ ପାଇବା ପାଇଁ ଆମକୁ କେଜି ପ୍ରତି ୫ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ୩୫ କେଜି ଚାଉଳ ନେବାପାଇଁ ୧୫୦ ଟଙ୍କା ଅଟୋ ଖର୍ଚ୍ଚ ଦେବାକୁ ପଡୁଛି। ଆଗାମୀ ମାସରେ ଧୂଳିପୁଟ ପଞ୍ଚାୟତରେ ଯଦି ରାଶନ ସାମଗ୍ରୀ ନ ମିଳେ ତେବେ ରାଶନ ବର୍ଜନ କରି ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି ପଞ୍ଚାୟତବାସୀ। ପଡୋଶୀ ଆନ୍ଧ୍ର ସୀମାକୁ ଲାଗି ନୂତନ ଭାବେ ଗଠିତ ହୋଇଛି ଧୂଳିପୁଟ ପାଞ୍ଚାୟତ। ଏହି ପଞ୍ଚାୟତରେ ୨୫ ଖଣ୍ଡ ଛୋଟ ଓ ବଡ଼ ଗ୍ରାମ ରହିଛି। ୪ ହଜାରରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି। ଧୂଳିପୁଟ ପଞ୍ଚାୟତକୁ ଯାତାୟାତ ଲାଗି ରାସ୍ତା ନିର୍ମାଣ ହୋଇଛି। ଯାତାୟାତରେ କିଛି ସମସ୍ୟା ନ ଥିଲେ ମଧ୍ୟ ସେମାନଙ୍କୁ ଅନ୍ୟ ପଞ୍ଚାୟତ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ଗ୍ରାମବପାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ପଞ୍ଚାୟତବାସୀଙ୍କ ସମସ୍ୟା ବିଚାରକୁ ନେଇ ଧୂଳିପୁଟରେ ରାଶନ ସାମଗ୍ରୀ ବଣ୍ଟନ କରିବାକୁ ଦାବି ହେଉଛି।

# ବ୍ୟାପକ ଧାନ ଫସଲ ନଷ୍ଟକଲେ ହାତୀପଲ

ବୁଗୁଡା,୨୧।୯(ଡି.ଏନ.ଏ.)

**ଚିନ୍ତାରେ ଚାଷୀ**

ବୁଗୁଡ଼ା ବନାଞ୍ଚଳରେ ବର୍ତ୍ତମାନ ୧୦ ଟିକିଆ ହାତୀପଲ ଥିବା ବେଳେ ସେମାନଙ୍କର ଉପଦ୍ରବ ଯୋଗୁ ଚାଷୀକୁଳ ଚିନ୍ତାରେ ଅଛନ୍ତି। ରବିବାର କହ୍ନେଇପୁର ଗ୍ରାମ ନିକଟ କ୍ଷେତରେ ହାତୀପଲ ପଶି ଧାନ ଫସଲ ଦଳି ଚକଟି ନଷ୍ଟ କରିଥିବା ବେଳେ ସୋମବାର ରାତିରେ କରଚୁଲି ଗ୍ରାମ ନିକଟରେ ମଧ ଏହି ହାତୀପଲ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ୧୦ ଟିକିଆ ହାତୀପଲ ସୋମବାର ରାତିରେ କରଚୁଲି ହାଇସ୍କୁଲ ପଛପଟ ଧାନ କିଆରିରେ ପଶି ଲମ୍ବୋଦର ପାତ୍ରଙ୍କ ୧୧ ଭରଣ ଧାନ ଦଳାଚକଟା କରି ନଷ୍ଟ କରିଥିବା ବେଳେ ତାଙ୍କର ଆପଲ ବଗିଚା ଓ କଦଳୀ ବଗିଚା ମଧ ନଷ୍ଟ କରିଛନ୍ତି। ଶେଷରେ ତାଙ୍କର ପାୱାର ଟିଲରଟିକୁ ମଧ ଭାଙ୍ଗି ଦେଇଛନ୍ତି। ସେହିପରି ସେହି ଗ୍ରାମର ଦଣ୍ଡାସି ପଲେଇ ଓ ବିଜୟ ପ୍ରଧାନଙ୍କର ମଧ ୨ ଭରଣ ଲେଖାଏ ଧାନ ଫସଲ ନଷ୍ଟ କରିଛନ୍ତି। ହାତୀପଲ ଦିନରେ କରଚୁଲି ଗ୍ରାମ ନିକଟରେ ବୁଲୁଥିବା ଦେଖି କରଚୁଲିର ପୂର୍ଣ୍ଣଚନ୍ଦ୍ର ପାତ୍ର ବନରକ୍ଷୀଙ୍କୁ ଖବର ଦେଇଥିଲେ ମଧ ହାତୀପଲ ଦେଖି ନ ଥିବା ସେ କହି ନୀରବ ରହିଥିଲେ। ତେଣୁ ବନାଞ୍ଚଳରେ ହାତୀପଲ ବୁଲୁଥିବା ଯୋଗୁ ବିଭାଗ କର୍ମଚାରୀମାନେ ରାତ୍ର ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

# ଅବିଭକ୍ତ କୋରାପୁଟ ଜିଲାକୁ ନେଇ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ଖେଳାଳିମାନେ।

କୋରାପୁଟ,୨୧।୯(ସ୍ୱ.ପ୍ର.)

**ଉଦ୍‌ଘାଟନୀ ମ୍ୟାଚରେ ମାଳିଗୁଡା ବିଜୟୀ**

କୋରାପୁଟ ଉପଖଣ୍ଡ ଆଥେଲେଟିକ୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଓଏସଏପି ପଡିଆଠାରେ ଅବିଭକ୍ତ କୋରାପୁଟ ଜିଲାକୁ ନେଇ ମଙ୍ଗଳବାର ଏକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି । ପ୍ରଥମ ଆଇଆରବିର ଦୁର୍ଗପତି ପିକେ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଏପରି ପ୍ରତିଯୋଗିତା ଦ୍ୱାରା ଗ୍ରାମାଞ୍ଚଳର ଲୁକ୍କାୟିତ ବହୁ କ୍ରୀଡାବିତ ଲୋକଲୋଚନକୁ ଆସିପାରିବେ ବୋଲି ପ୍ରକାଶ କରିଥିଲେ। ଟୁର୍ନାମେଣ୍ଟରେ ଜିଲାର ୩୨ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୧୦ ତାରିଖ ଯାଏ ଏହା ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ଉଦଘାଟନୀ ମ୍ୟାଚ ମାଳିଗୁଡା ଓ ଚିନ୍ଦିରି ମଧ୍ୟରେ ହୋଇଥିଲା। ମାଳିଗୁଡା ଦଳ ୫-୧ ଗୋଲ ବ୍ୟବଧାନରେ ଚିନ୍ଦିରି ଦଳକୁ ପରାଜିତ କରି ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଅନ୍ୟତମ ଅତିଥିଭାବେ ଓଏସଏପି ତୃତୀୟ ବାଟାଲିୟନ ଉପ ଦୁର୍ଗପତି ମନୋଜ କୁମାର ନାୟକ, ନାରାୟଣ ପଣ୍ଡା, ଅବସରପ୍ରାପ୍ତ ଦୁର୍ଗପତି ପିଏମ ରାଓ, ପୂର୍ବତନ ବିଧାୟକ ନିମାଁଇ ସରକାର, କୋରାପୁଟ ଉପଖଣ୍ଡ ଆଥେଲେଟିକ୍ସ ଆସୋସିଏଶନ ଉପସଭାପତି ମନୋଜ କୁମାର ଆଚାର୍ଯ୍ୟ, ଶରତ ପଟ୍ଟନାୟକ, ବାବୁ ରାଓ , ରୁପକ ତୁରୁକ, ଜେ. କାମେଶ ରାଓ , ମାଳା ସୂର୍ଯ୍ୟ ନାରାୟଣ , ଜେ. କାମନା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ରେଫରି ଭାବେ ବିପୁଲ ବହିଦାର, ଲାଇନମ୍ୟାନ ଭାବେ ତପୁନ ପଟ୍ଟନାୟକ, ପିଏସକେ ବର୍ମା ଓ ସହଦେବ ମୁଦୁମ ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲା ରକ୍ତଦାତା, ପ୍ରବର୍ତ୍ତକ ଫୋରମ ବୈଠକ

ସୁନାବେଡ଼ା, ୨୧।୯(ସ୍ୱ.ପ୍ର.)

କୋରାପୁଟ ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ଏକ ବୈଠକ ସୁନାବେଡ଼ାସ୍ଥିତ ଜିଲା ବଧିର ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଫୋରମ ସଭାପତିଜି. ସଞ୍ଜୀବ କୁମାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜାତୀୟ ରକ୍ତଦାନ ଦିବସ ପାଳନ ଅବସରରେ ଫୋରମ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଜିଲାରେ ରକ୍ତଦାନ ଅଭିଯାନକୁ ସକ୍ରିୟ କରିଥିବା ଫୋରମର ଜଣେ ବରିଷ୍ଠ ସଦସ୍ୟ ଏବଂ କୋଭିଡ୍-୧୯ ଲକ୍‌ଡାଉନ ସମୟରେ ଜିଲାରେ ସର୍ବାଧିକ ରକ୍ତଦାନ ଶିବିର ଆୟୋଜନ କରିଥିବା ଫୋରମର ଦୁଇଜଣ କର୍ମକର୍ତ୍ତାଙ୍କୁ ମଧ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଫୋରମର ଉପଦେଷ୍ଟା ଡା. ଚିତ୍ତରଞ୍ଜନ ମିଶ୍ର, ଡା. ଉମାଶଙ୍କର ପ୍ରସାଦ ପାତ୍ର, ବରିଷ୍ଠ କର୍ମକର୍ତ୍ତା ସିପ୍ରାରାଣୀ ମିଶ୍ର ,ଗୋବିନ୍ଦ ବଲ୍ଲଭ ପାଢ଼ୀ, ଶେଖ ଇବ୍ରାହିମ ,ବିନୟ ସାହୁ, ସ୍ୱରାଜ ରାୟ, ଚିନ୍ତାମଣି ପୃଷ୍ଟି ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ କନ୍ଦ ମହାରଣା, ନବୀନ ଚୌଧୁରୀ, ହିତେଶ କୁମାର ଚୌଧୁରୀ, ମୀନା କୁମାରୀ ପୃଷ୍ଟି, ମହେଶ୍ୱର ଗୌଡ଼, ଜଗନ୍ନାଥ ପ୍ରସାଦ ମହାରଣା ଉପସ୍ଥିତ ଥିଲେ। ସାଙ୍ଗଠନିକ ସମ୍ପାଦକ ଗୋବିନ୍ଦ ବଲ୍ଲଭ ପାଢ଼ୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385
Email : advt@dharitri.com

**WANTED**
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା । ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

A leading Health Organization required staff for all over Odisha DISTRICT MANAGER - (All Districts (M/F), Graduation. BLOCK COORDINATOR (For all Blocks) +2 above(M/F).
RSP SOLUTIONS
Plot No. -18, Krisna Garden, Phase-2, Jagamara, Bhubaneswar
Contact No. - 8455966556/7656007439

**WANTED**
Reputed Real Estate Company, Bhubaneswar requires experienced SALES OFFICER- 20 Nos. (M/F). Attractive salary + incentives.
Contact: 9437323319

**REQUIRED**
ONE DIPLOMA CIVIL ENGINEER FOR OTELP PLUS PROJECT.
Salary: Rs.20,000/-
Contact: 9040268680

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ପାଠ ପଢିନଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9724880119, 7202099236

ଗୋଆରେ ଅକ୍ଟୋବରଠାରୁ ପେସାଦାର କିଚେନ୍ ଅଭିଜ୍ଞତାଧାରୀ ଓଡ଼ିଆ ସେଫ୍ (Chef) ଆବଶ୍ୟକ । ଖାଇବା ଓ ରହିବା ସୁବିଧା ଦିଆଯିବ ।
ଯୋଗାଯୋଗ: 9920027635

**APPOINTMENT**
Excellent Career & Earning opportunity 150 yrs. Legacy Company hiring Male/ Female in Bhubaneswar. Work full / part time. Any one can apply.
Mobile: 8686933457 9866320431
Email ID: pratyush.rout2@gmail.com

**WANTED**
MARKETING EXECUTIVE for Plywood. Graduate / under Graduate, Age- 31 +, vehicle must. Salary- 10,000/- + free accommodation for BBSR.
Contact: 9338023979 9692133979

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017
**NOTICE INVITING TENDER**
Tender Notice No. TPWODL/PM/O/SU/043
TP Western Odisha Distribution Limited, invites quotations (in 2 part) from eligible vendors/suppliers for the following packages:
**Rate contract for Supply of 500 Nos. Laptop**
Interested bidders to submit Tender Participation Fee and Authorization letter by e-mail on or before **30th Sept. 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit Tender section of TPWODL website: **www.tpwesternodisha.com**.
Sd./- Chief Contracts and Stores

# ୯ କୋଟି ୫୭ ଲକ୍ଷର କାର୍ଯ୍ୟ ଖସଡା ପ୍ରସ୍ତୁତ

ନବରଙ୍ଗପୁର,୨୧।୯(ବି.ପ୍ର.)

ପଞ୍ଚଦଶ ଅର୍ଥ କମିଶସନରଙ୍କ ଜିଲାସ୍ତରୀୟ କମିଟି ବୈଠକ ସ୍ଥାନୀୟ ରାଜୀବ ଭବନରେ ଅନୁଷ୍ଠିତ ହୋଇଛି। ୨୦୨୧-୨୨ ବର୍ଷ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଛି। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପରିଷଦ ଅଧ୍ୟକ୍ଷା ଭଗବତି ଭତରା, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଡାବୁଗାଁ, କୋଷାଗୁମୁଡା ବ୍ଲକ ଅଧ୍ୟକ୍ଷ ଓ ବଡକୁମୁଲି, ମନ୍ତ୍ରୀଗୁଡା ଓ ଅଗ୍ନିପୁର ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୯ କୋଟି ୫୭ ଲକ୍ଷ ୧୩ ହଜାର ଟଙ୍କାର କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଛି। ଏହା ଅନୁମୋଦନ ପାଇଁ ସରକାରଙ୍କୁ ପଠାଯାଇଛି । ଜିଲାରେ ଦୁଇଟି ଉପସ୍ୱାସ୍ଥ୍ୟକେନ୍ଦ୍ରର କୋଠା ନ ଥିବାରୁ ନୂତନ କୋଠା ନିର୍ମାଣ ହେବ। ସେହିଭଳି ୧୬୭ ଗୋଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୪୧ଟି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକୀୟ ଯାନ୍ତ୍ରୀକ ଉପକରଣ ଯୋଗାଇ ଦିଆଯିବ । ଉମରକୋଟଠାରେ ୭୦ ଲକ୍ଷ ବ୍ୟୟରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ ପାଇଁ ଅଟକଳ ପ୍ରସ୍ତୁତ କରାଯାଇଛି।

# ଗଞ୍ଜେଇ କାରବାର ଅଭିଯୋଗରେ ବିଟେକ୍ ଛାତ୍ର ଗିରଫ

ରାୟଗଡା ଅଫିସ, ୨୧।୯

**କୋରିଅର ମାଧ୍ୟମରେ ପଠାଉଥିଲେ ଗଞ୍ଜେଇ**

କୋରିଅରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ରାୟଗଡ଼ା ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କାଶୀପୁର ବ୍ଲକ ଚାନ୍ଦଗିରି ଅଞ୍ଚଳର ବିଟେକ୍ ଛାତ୍ର ବନବାସୀ ନାୟକ। କୋରିଅର ବୁକିଂ ପାର୍ସଲରୁ ୨୧କେଜି ୭୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି ବୋଲି ରାୟଗଡା ଥାନାଧିକାରୀ ରଶ୍ମୀରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଚନ୍ଦ୍ରପୁର ଅଞ୍ଚଳରୁ ଗଞ୍ଜେଇ ଆଣି କୋରିଅର ମାଧ୍ୟମରେ ଏକାଧିକବାର ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ସୁଶାନ୍ତ ଶତପଥୀ ସୂଚନା ଦେଇଛନ୍ତି।

ପ୍ରକାଶଯେ, ସେପ୍ଟେମ୍ବର ୧୭ରେ ସ୍ଥାନୀୟ ଦି ପ୍ରୋଫେସନାଲ କୋରିଅରରେ କାନପୁରର ସନିଗାଁଓର ଭାବନଗର ଠିକଣାରେ ରହୁଥିବା କ୍ରିଷ୍ଣା ସିଂଙ୍କ ଠିକଣାରେ ରାୟଗଡା କଲେଜ ରୋଡ୍‌ର ରବୀନ୍ଦ୍ର ନାୟକ ଏକ ପାର୍ସଲ ପଠାଇଥିଲେ। ରାୟଗଡାରୁ ଭୁବନେଶ୍ୱର ଯାଉଥିବା ନୀଳକଣ୍ଠେଶ୍ୱର ବସରେ କୋରିଅର ସଂସ୍ଥା ପକ୍ଷରୁ ଉକ୍ତ ପାର୍ସଲ ପଠାଯାଇଥିବା ବେଳେ ବ୍ରହ୍ମପୁରରେ ଅବକାରୀ ଓ ଭିଜିଲାନ୍ସ ବିଭାଗ ଓ ପୋଲିସ ତାହାକୁ ଧରିଥିଲେ। ଏ ନେଇ ବ୍ରହ୍ମପୁର ପୋଲିସ ପକ୍ଷରୁ କୋରିଅର ସଂସ୍ଥା ଏବଂ ରାୟଗଡା ଜିଲା ପୋଲିସକୁ ଅବଗତ କରାଯାଇଥିଲା। ଇତି ମଧ୍ୟରେ ବନବାସୀ ପୁଣି ଏକ ପାର୍ସଲ ନେଇ ସେଠାକୁ ଆସିଥିଲେ। ସନ୍ଦେହ ହେବାରୁ କୋରିଅର ସଂସ୍ଥା କର୍ମଚାରୀ ଏମ୍.ଏସ୍.ରାଓ ଉକ୍ତ ପାର୍ସଲଟିକୁ ଭିତର ରୁମ୍‌ରେ ରଖିବାକୁ କହି ବାହାର ପଟୁ ସଟର ବନ୍ଦ କରି ଦେଇଥିଲେ। ଏହାପରେ ସେ ଘଟଣା ସମ୍ପର୍କରେ ଖବର ଦେବା ପରେ ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ୨୦୮/୨୧ରେ ମାମଲା ରୁଜୁ କରିଛି।

**GHANASHYAM HEMALATA VIDYAMANDIR, PURI**
(A CBSE Affiliated Fully Residential School)
R.J Vihar, Bhuan, Chhaitana, Puri-2
Ph. No: - 7735629062 / 7873480470
E-mail: - puri.ghvm@gmail.com
**REQUIREMENT OF TEACHERS**

| POST | SUBJECTS |
|---|---|
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, SST, COMPUTER |
| PET | MALE AND FEMALE |
| NTT | FEMALE |

- **Qualification** :- As Per CBSE norms
- Competent & Experienced teachers with fluency in English
- **Salary** :- Negotiable Salary
- Free Accommodation, Fooding & Laundry for all the above posts.
- Interested candidate can apply by mailing their resume (with photograph) at **puri.ghvm@gmail.com** and send the hard copy to the address given above.

PRINCIPAL

NATION TAX MARKET
**COMMISSIONERATE OF CT & GST**
(Under Finance Department)
(GOVERNMENT OF ODISHA)
No. S-19
**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ ।**
**ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**
ଯେଉଁ ଟିକସଦାତାଙ୍କ ଜିଏସ୍‌ଟି ପଞ୍ଜୀକରଣ "ରିଟର୍ଣ୍ଣ ଦାଖଲ ନ କରିବା" ଯୋଗୁ ରଦ୍ଦ କରାଯାଇଅଛି ଏବଂ ଯେଉଁଠି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମା ୨୦୨୦ ମସିହା ମାର୍ଚ୍ଚ ତାରିଖରୁ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖ ମଧ୍ୟରେ ରହିଥିଲା (ବିଜ୍ଞପ୍ତି ସଂଖ୍ୟା ୩୪/୨୦୨୧ ତାରିଖ ୨୯ ଅଗଷ୍ଟ ୨୦୨୧ ଓ ସର୍କୁଲାର ସଂଖ୍ୟା ୧୫୮/୪/୨୦୨୧- ଜିଏସ୍‌ଟି ତାରିଖ ୬ ସେପ୍ଟେମ୍ବର ୨୦୨୧ ଅନୁଯାୟୀ), ସେମାନଙ୍କ ପାଇଁ ଜିଏସ୍‌ଟି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମାକୁ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।
**ନିମ୍ନୋକ୍ତ କ୍ଷେତ୍ରରେ ଏହି ସୁବିଧା ପ୍ରଯୁଜ୍ୟ ହେବ:**
(୧) ଟିକସଦାତାଙ୍କ ଦ୍ୱାରା ରଦ୍ଦୀକରଣ ପ୍ରତ୍ୟାହର ପାଇଁ ଦରଖାସ୍ତ ଦାଖଲ ହୋଇ ନ ଥିବ।
(୨) ରଦ୍ଦୀକରଣ ଆଦେଶ ବିରୋଧରେ ଅପିଲ ହୋଇଥିବ ଓ ଏହି ଅପିଲକୁ ପ୍ରତ୍ୟାଖ୍ୟାନ କରାଯାଇଥିବ।
(୩) ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତକୁ ପ୍ରପର ଅଫିସରଙ୍କ ଦ୍ୱାରା ଅଗ୍ରାହ୍ୟ କରାଯାଇଥିବ।
(୪) ରଦ୍ଦୀକରଣ ଆଦେଶ ବିରୋଧରେ ଟିକସଦାତାଙ୍କ ଦ୍ୱାରା ଅପିଲ ହୋଇଥିବ ଏବଂ ଏହାର ନିଷ୍ପତ୍ତି ଟିକସଦାତାଙ୍କ ବିରୋଧରେ ସ୍ଥିରୀକୃତ ହୋଇଥିବ।
ଉପରୋକ୍ତ ସମସ୍ତ ମାମଲାରେ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ସାନି ଅନ୍‌ଲାଇନ ଦରଖାସ୍ତ ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ଦାଖଲ କରିବା ପାଇଁ ଟିକସଦାତାଙ୍କୁ ଏହି ସୁବିଧା ବର୍ତ୍ତମାନ ଉପଲବ୍ଧ କରାଯାଇଛି।
ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
Help Desk: 1800-345-6753 (Toll Free)
email: ctdho@odishatax.gov.in
OIPR-05006/11/0006/2122

# ନିଖୋଜ ଯୁବକଙ୍କ ଗଳିତ ମୃତଦେହ ମିଳିଲା

ଚିତ୍ରକୋଣ୍ଡା,୨୧।୯(ଡି.ଏନ.ଏ.)

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

ଚିତ୍ରକୋଣ୍ଡା ଓ କାଳିମେଳା ବ୍ଲକ ସୀମାନ୍ତ କରଞ୍ଜିମାଳ ନାଳରୁ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ମଙ୍ଗଳବାର ମିଳିଛି। ତାଙ୍କ ନାମ ବାଲାନା ନାଗେଲ (୨୦)। ସେ ୧୪ ତାରିଖରୁ ଘରକୁ ଫେରି ନ ଥିବା ନେଇ ଚିତ୍ରକୋଣ୍ଡା ଥାନାରେ ତାଙ୍କ ଭାଇ ନାଗେଲ ରମେଶ ଅଭିଯୋଗ କରିଥିଲେ। ବାଲାନା ୧୪ରେ କୁଟୁନିପଦର ସାପ୍ତାହିକ ହାଟକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ପକ୍ଷରୁ ପାଖଆଖ ଗ୍ରାମରେ ବହୁତ ଖୋଜା ଖୋଜି କରାଯାଇଥିଲେ ସୁଦ୍ଧା ତାଙ୍କର କୌଣସି ପତା ମିଳି ନ ଥିଲା। ୧୫ରେ ଗଞ୍ଜେଇମାଳ ଗ୍ରାମର ଗଣେଶ ଖିଲ, କଦାସୀ ଗୋଲାରୀ, ଦାସ ଖରା ଓ ଶିବ ଖିଲ ବାଲାନା ହାଟକୁ ନେଇ ଯାଇଥିବା ରାଶନ ବ୍ୟାଗ ପାଇଆଣି ଘରେ ଦେଇଥିଲେ। ବାଲାନାଙ୍କ ସମ୍ପର୍କରେ ସେମାନେ କିଛି କହି ପାରି ନ ଥିଲେ। କରଞ୍ଜିମାଳ ନାଳରେ ଭାସିଯାଇଥିବା ନେଇ ସେମାନେ ସନ୍ଦେହ ପ୍ରକାଶ କରିଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ନାଳରେ ବହୁ ଖୋଜାଖୋଜି କରିବା ପରେ ମଙ୍ଗଳବାର ହାତଗୋଡ଼ ବନ୍ଧା ଅବସ୍ଥାରେ ବାଲାନାଙ୍କ ମୃତଦେହ ଉଦ୍ଧାର କରିଥିଲେ। ବାଲାନାଙ୍କୁ ମାରି ସମ୍ପୃକ୍ତ ୪ ବ୍ୟକ୍ତି ତାଙ୍କ ହାତଗୋଡ ବାନ୍ଧି ନାଳରେ ଫିଙ୍ଗି ଦେଇଥିବା ପରିବାର ଲୋକେ ଚିତ୍ରକୋଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୧୧୬/୨୧ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସାଇଣ୍ଟିଫିକ ଟିମ ସହାୟତାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

**BIJU PATTANAIK FILM & TELEVISION INSTITUTE OF ORISSA**
BOSE Campus, Cuttack-753 007
Tel No. 0671-2413968 /2415480
e-mail : bpftio123@gmail.com

**EXTENSION DATE OF ADMISSION NOTICE-2021**

The Last date of process of online application for the Entrance Examination for 4 years Bachelor Programme in Cinematic Art and Technology in i) Cinematography ii) Sound Recording & Sound Design iii) Film Editing is hereby extended **upto 24.09.2021. Fees can be paid till 25-09-2021 (05:00 PM).**

The detailed schedule regarding dates of the Examination and downloading of Admit Cards etc. will be notified in due course of time.

Candidates are advised to visit the official websites of OJEE (**www.ojee.nic.in**) and of BPFTIO (**www.bpftio.org**) regularly for updated information.

**For any Queries Contact :**
8249889162, 9437069564, 9439978071

Sd/-
Director

## ସଂକ୍ଷେପରେ

### ମହିଳାଙ୍କ ମୁହଁରେ ଚୂନକଳା ବୋଳି ଲଣ୍ଡା କଲେ

■ଟଙ୍କା ନେଣଦେଣକୁ ନେଇ ନିର୍ଯାତନା

ପଞ୍ଚାମୁଣ୍ଡାଇ, ୨୧।୯(ସ୍ୱ.ପ୍ର.): ଟଙ୍କା ନେଣଦେଣ ଘଟଣାରେ ପଞ୍ଚାମୁଣ୍ଡାଇ ପୌରାଞ୍ଚଳ ୨୦ ନଂ. ୱାର୍ଡର ଜଣେ ମହିଳାଙ୍କୁ ଡାକି ମୁହଁରେ ଚୂନକାଳି ବୋଳିଦେବା ସହ ମୁଣ୍ଡକୁ ଲଣ୍ଡା କରାଯାଇଛି। ଭାଇରାଲ ହୋଇଥିବା ଭିଡିଓରେ ଶୁଣାଯାଉଥିବା କଥା ଅନୁସାରେ, ନିର୍ଯାତିତା ମହିଳା ଜଣକ ଲୋକଙ୍କୁ ଠକି ବହୁ ଟଙ୍କା ଲୁଟି ନେଇଥିଲେ। ସ୍ଥାନୀୟ ଲୋକମାନେ କୌଶଳକ୍ରମେ ଉକ୍ତ ମହିଳାଙ୍କୁ ଡକାଇ ଆଣି ତାଙ୍କ ଉପରେ ଅତ୍ୟାଚାର କରିଛନ୍ତି। ତାଙ୍କ ଗାଲରେ ଚୂନ ଓ କଳା ମାରି ସାରିବା ପରେ କଇଁଚିରେ ଚୁଟିକୁ ମହିଳାମାନେ କାଟି ପକାଉଛନ୍ତି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକଲୋଚନକୁ ଆସିଛି। ଏ ନେଇ ପଞ୍ଚାମୁଣ୍ଡାଇ ଥାନା ପକ୍ଷରୁ ନଂ.୫୬୫/୨୧ରେ ମାମଲା ରୁଜୁ ହୋଇଛି। ମହିଳାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ୧୦ଜଣ ମହିଳାଙ୍କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ତୁଳସୀ ପାହାଡ଼ରେ ପୋଲିସ-ମାଓବାଦୀ ଗୁଳି ବିନିମୟ

■ଖସିଗଲେ ମାଓବାଦୀ ନେତା ସୁରେଶ

ମାଲକାନଗିରି,୨୧।୯(ଡି.ଏନ୍.ଏ.)- କିଛିଦିନର ନୀରବତା ପରେ ପୁଣି ମାଲକାନଗିରି ଜିଲାରେ ପୋଲିସ-ମାଓବାଦଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ମାଥିଲି ବ୍ଲକ ତୁଳସୀ ପାହାଡ଼ କିରିମିଟି ଜଙ୍ଗଲରେ ମାଓବାଦୀ ନେତା ସୁରେଶଙ୍କ ନେତୃତ୍ୱରେ ଏକ ଶିବିର ଚାଲିଥିବା ଖବର ପାଇ ଏସ୍‌ଓଜି ଓ ଡିବିଏଫ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପୋଲିସକୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିବାରୁ ପୋଲିସ ମଧ୍ୟ ଏହାର ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସୀ ବେଳେ ପୋଲିସ ମାଓବାଦୀଙ୍କ ବ୍ୟବହୃତ କିଟ୍ ବ୍ୟାଗ୍ ସହ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏ ସମ୍ପର୍କରେ ମାଲକାନଗିରି ଏସ୍‌ପି ପ୍ରହ୍ଲାଦ ସାଇ ମୀନାଙ୍କୁ ପଚାରିବାରୁ ସେ କହିଲେ , ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚାଲିଛି। ଯବାନମାନେ ଜଙ୍ଗଲରୁ ଫେରିବା ପରେ ସମସ୍ତ ତଥ୍ୟ ମିଳିପାରିବ। ସୂଚନାଯୋଗ୍ୟ, ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟିର ମାଓବାଦୀମାନେ ମାଥିଲି ଓ ବୈପାରିଗୁଡ଼ା ଜଙ୍ଗଲ ମଧ୍ୟରେ ଗତ କିଛିଦିନ ଧରି ଚଳପ୍ରଚଳ କରୁଛନ୍ତି। ଗତ ୧୪ତାରିଖରେ ପୋଲିସ ପକ୍ଷରୁ ମାଓବାଦୀଙ୍କ ଉପରେ ଆକ୍ରମଣ କରାଯାଇଥିଲା। କିରିମିଟି ଜଙ୍ଗଲରେ ସେମାନେ ନୂଆ ଶିବିର ସ୍ଥାପନ କରିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା।

# ୫୫ନଂ.ଏନ୍‌ଏଚ୍ ସମ୍ପ୍ରସାରଣ ସରୁନାହିଁ



■ଦୁର୍ବଳ ଆର୍ଥିକ ପରିଚାଳନା ଦାୟୀ
■ ଠିକାସଂସ୍ଥା ସହ ସ୍ୱତନ୍ତ୍ର ବୈଠକ ନିର୍ଦ୍ଦେଶ
■ଜମି ଅଧିଗ୍ରହଣ ପାଇଁ ପଡ଼ିରହିଛି ୪୪.୯ କୋଟି
■ଓପିଟିସିଏଲ ଟାୱାର ସ୍ଥାନାନ୍ତରଣ ପାଇଁ ୪.୧୫ କୋଟି ଦାବି

ଯାଜପୁର ଅଫିସ,୨୧।୯

କଟକ-ଅନୁଗୋଳ ଓ ସମ୍ବଲପୁର-ଅନୁଗୋଳ ସେକ୍ସନ ୫୫ ନଂ. ଜାତୀୟ ରାଜପଥ(ଏନ୍‌ଏଚ୍) ୪ ଲେନ୍ ସମ୍ପ୍ରସାରଣ କାମର ଅଗ୍ରଗତି ବାଧାପ୍ରାପ୍ତ ହେଉଛି। ଠିକାସଂସ୍ଥା ଗାୟତ୍ରୀର ଦୁର୍ବଳ ଆର୍ଥିକ ପରିଚାଳନା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଏହାବାଦ୍ ଜବରଦଖଲ, ଜମି ଅଧିଗ୍ରହଣ, ହାତୀ ଚଲାପଥ, ଓପିଟିସିଏଲ୍ ଟାୱାର ସ୍ଥାନାନ୍ତରଣ ଆଦି ପ୍ରତିବନ୍ଧକ ଯୋଗୁ ଏହି ଜାତୀୟ ରାଜପଥ କାମ ସରିବାକୁ ବିଳମ୍ବ ଘଟିଛି । ଓଡ଼ିଶା ନିର୍ମାଣ ବିଭାଗ ପକ୍ଷରୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏପରି ମତପ୍ରକାଶ ପାଇଛି। ଯାଜପୁର-ଭୁବନେଶ୍ୱର ୧୬ନଂ. ଏନ୍‌ଏଚ୍‌କୁ ସଂଯୋଗ କରୁଥିବା ଏହି ରାଜପଥ ଉପରେ ନିର୍ଭରଶୀଳ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ଅନୁଗୋଳ, ସମ୍ବଲପୁର, ଢେଙ୍କାନାଳ ଆଦି ଜିଲାବାସୀ ଏଥିପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜମି ଅଧିଗ୍ରହଣ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ଅନୁଗୋଳ ଓ ସମ୍ବଲପୁର ଜିଲାପାଳଙ୍କୁ ଅତିରିକ୍ତ ମୁଖ୍ୟଶାସନ ସଚିବ ଉକ୍ତ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ନିର୍ମାଣ ବିଭାଗର ଅତିରିକ୍ତ ସଚିବ ହେମନ୍ତ କୁମାର ଦତ୍ତ ୨୦।୯।୨୦୨୧ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଦେଇଥିବା ଉକ୍ତ ବୈଠକ ବିବରଣୀରୁ ଉକ୍ତ ସୂଚନା ମିଳିଛି।

ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ) ସିଜିଏମ୍ ଆର୍.ପି. ପଣ୍ଡାଙ୍କ ବିବୃତି ଅନୁସାରେ ଅନୁଗୋଳ-ସମ୍ବଲପୁର ଏନ୍‌ଏଚ୍-୫୫ର ୧୫୩ କି.ମି. ମଧ୍ୟରୁ ୯୫ କି.ମି. ୪ ଲେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହାବାଦ୍ ଅନୁଗୋଳ କମ୍ପିଟେଣ୍ଟ ଅଥରିଟି ଅଫ୍ ଲ୍ୟାଣ୍ଡ ଆକ୍ୱିଜିଶନ (ସିଏଏଲ୍‌ଏ) ପାଖରେ ୩୧.୨୭ କୋଟି ଟଙ୍କା ଏବଂ ସମ୍ବଲପୁର ସିଏଏଲ୍‌ଏ ନିକଟରେ ୧୨.୮୨ କୋଟି ଟଙ୍କା ଜମି ଅଧିଗ୍ରହଣ କ୍ଷତିପୂରଣ ବାବଦ ଅର୍ଥ ପଡ଼ିରହିଛି। ଏହାବାଦ୍ ଅନୁଗୋଳ ଜିଲାର ଦଖଲ ୧.୫ ଏକର ଜମି ହସ୍ତାନ୍ତର ହୋଇପାରିନାହିଁ। ସମ୍ବଲପୁର ଜିଲା ଜୁଜୁମୁରା ନିକଟରେ ଥିବା ଓପିଟିସିଏଲ୍‌ର ୪୦୦ କେଭି କ୍ଷମତା ବିଶିଷ୍ଟ ୮ଟି ଟାୱାର ସ୍ଥାନାନ୍ତର ହୋଇପାରି ନାହିଁ। ଏଥିପାଇଁ ଓପିଟିସିଏଲ୍ ୪.୧୫ କୋଟି ଟଙ୍କା ଦାବି କରିଛି। ତେବେ ଏନ୍‌ଏଚ୍‌ଏଆଇ ଏହାର ପୁନଃ ବିଚାର କରିବାକୁ ଓପିଟିସିଏଲ୍‌କୁ ଅନୁରୋଧ କରିଛି। ଜବରଦଖଲ, କୋଭିଡ୍-୧୯ ଓ ଦୁର୍ବଳ ଆର୍ଥିକ କାରବାର ପ୍ରକଳ୍ପର ଅଗ୍ରଗତିରେ ବାଧକ ସାଜିଛି ବୋଲି ପଣ୍ଡା କହିଛନ୍ତି। ଏନ୍‌ଏଚ୍-୫୫ କଟକ-ଅନୁଗୋଳ ସେକ୍ସନର ୧୧୨ କି.ମି. ରାସ୍ତା ସମ୍ପ୍ରସାରଣରେ ୭ଟି ଏଲିଫ୍ୟାଣ୍ଟ ଅଣ୍ଡର ପାସ୍(ଇୟୁପି) ମଧ୍ୟରୁ ୪ଟି ସ୍ଥାନରେ କାମ ଚାଲିଛି। ତେବେ ଲୋକଙ୍କ ଅସନ୍ତୋଷ କାରଣରୁ ୧୩.୭୯୦ କି.ମି. ଦୂରତାରେ ସ୍ଥାନ ଚିହ୍ନଟର ପୁଣି ଆବଶ୍ୟକତା ରହିଛି, ଯାହାକି ଜଙ୍ଗଲ ବିଭାଗରେ ବିଚାରାଧୀନ ରହିଛି। ଅନ୍ୟତ୍ର ୬୧.୫୭୦ କି.ମି. ସ୍ଥାନରେ ଲୋକଙ୍କ ଆନ୍ଦୋଳନ ଓ ୧୮.୭୮୫ କିମି ସ୍ଥାନରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଯୋଗୁ ଇୟୁପି ପ୍ରକଳ୍ପ ବନ୍ଦ କରିବାର ଜରୁରୀ ହୋଇଛି। ଏହାବାଦ୍ ଅନୁଗୋଳ ବାଇପାସ୍ ରାସ୍ତାରେ ଭର୍ଟିକଲ କ୍ଲିୟରାନ୍ସ ହୋଇ ପାରି ନ ଥିବା କାରଣରୁ ଏହି ରାସ୍ତା ଶେଷ ହେବାରେ ବାଧକ ସାଜିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ଗାୟତ୍ରୀ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ସ୍ୱତନ୍ତ୍ର ବୈଠକ ଓ ଜଙ୍ଗଲ ବିଭାଗ ଦ୍ୱାରା ଇୟୁପି ସମସ୍ୟାର ସମାଧାନ କରିବାକୁ ସଚିବ ଗୁରୁତ୍ୱାରୋପ କରିଥିଲେ।

ସୂଚନାଯୋଗ୍ୟ, ଉପରୋକ୍ତ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ୨୦୧୮ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେତେବେଳେ ୨୦୨୦ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟ ସମ୍ପନ୍ନ କରିବାକୁ ଧାର୍ଯ୍ୟ ହୋଇଥିଲା। ଏହିକ୍ରମରେ ଗାୟତ୍ରୀ ଠିକାସଂସ୍ଥାକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା। ଏହାର ସମୟ ଅବଧି କ୍ରମଶଃ ବୃଦ୍ଧି ପାଇ ୩୦।୬।୨୦୨୨ରେ ପହଞ୍ଚିଛି। ସମ୍ପ୍ରସାରଣ କାମ ପ୍ରାୟ ୪୦% ବାକି ରହିଥିବାରୁ ଉପରୋକ୍ତ ସମୟ ସୀମା ପୂର୍ବରୁ ଶେଷ ହେବା ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଛି।

## ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ନାବାଳିକା ଗଣବଳାତ୍କାର ମାମଲା**

ସୁନ୍ଦରଗଡ଼,୨୧।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଏବଗା ଥାନା ଅଞ୍ଚଳରେ ୨୦୧୬ରେ ଘଟିଥିବା ନାବାଳିକା ଗଣବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ସୁନ୍ଦରଗଡ଼ର ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ପ୍ରିଜାଇଡିଂ ଅଫିସର ପାର୍ଥସାରଥି ପଟ୍ଟନାୟକ ମାମଲାର ଶୁଣାଣି କରି ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଲେଖାଏ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୧ବର୍ଷ ଜେଲଦଣ୍ଡ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ରାଏବଗା ଥାନା ଖଇରବାହାଲର ମୁକ୍ତି ବାଡ଼ା (୨୪), ବୀରେନ୍ଦ୍ର ମାଝି(୨୪) ଓ ଅଜୟ କୁଜୁର (୨୫)। ପୀଡ଼ିତା ନାବାଳିକା(୧୭) ତାଙ୍କର ଜଣେ ବାନ୍ଧବୀଙ୍କ ସହ ନିକଟସ୍ଥ ଏକ ଦୋକାନକୁ ଯାଉଥିବାବେଳେ ଅଭିଯୁକ୍ତମାନେ ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକି ନେଇ ଗଣବଳାତ୍କାର କରିଥିଲେ। ଗ୍ରାମବାସୀ ସେମାନଙ୍କୁ ଖୋଜି ପାଇବା ପରେ ପୋଲିସ ପହଞ୍ଚି ଉଦ୍ଧାର କରିଥିଲା। ଏନେଇ ରାଏବଗା ଥାନାରେ ୨୦୧୬ ଅକ୍ଟୋବର ୧୩ରେ ଏକ ମାମଲା (ନଂ. ୪୧/୨୦୧୬) ରୁଜୁ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଗ୍ରହଣକରି ଅଦାଲତ ଏହି ଅଭିଯୁକ୍ତମାନଙ୍କୁ ଦଣ୍ଡିତ କରିବା ସହ ପୀଡ଼ିତା ନାବାଳିକାଙ୍କୁ ୧୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୁଣି ପାଚେରି ନିର୍ମାଣ କଲା ପଶ୍ଚିମବଙ୍ଗ



ଉଦୟପୁର ବେଳାଭୂମିରେ ପଶ୍ଚିମବଙ୍ଗର ବେଆଇନ ପାଚେରି ନିର୍ମାଣ।

**ଉଦୟପୁର ବେଳାଭୂମିକୁ ନେଇ ମୁହାଁମୁହିଁ**

ଭୋଗରାଇ, ୨୧।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିକୁ ନେଇ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ବିବାଦ ଘନୀଭୂତ ହେବାରେ ଲାଗିଛି। ବାରମ୍ବାର ବାରଣ ସତ୍ତ୍ୱେ ପଶ୍ଚିମବଙ୍ଗ ପାଚେରି ନିର୍ମାଣ କରୁଥିବାରୁ ମଙ୍ଗଳବାର ବାଲେଶ୍ୱର ଜିଲା ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡାଙ୍କ ସହିତ ତାଳସାରୀ ମେରାଇନ ଥାନା ପୋଲିସ ପହଞ୍ଚି ଓଡ଼ିଶା ମଧ୍ୟରେ ଉକ୍ତ କାର୍ଯ୍ୟ ବନ୍ଦ ପାଇଁ ତାଗିଦ୍ କରିଥିଲେ। ଏହାକୁ ନେଇ ପଶ୍ଚିମବଙ୍ଗ ବିଭାଗୀୟ ଅଧିକାରୀଙ୍କ ସହିତ କିଛି ସମୟ କଥା କଟାକଟି ହୋଇଥିଲା। ପ୍ରଶାସନର କଡ଼ା ଆଭିମୁଖ୍ୟରେ ପଶ୍ଚିମବଙ୍ଗ ବିଭାଗୀୟ ଅଧିକାରୀମାନେ ପାଚେରି ନିର୍ମାଣ ବନ୍ଦ କରିଥିଲେ। ଗତ ୭ତାରିଖରେ ଉଦୟପୁର ବେଳାଭୂମିରେ ପଶ୍ଚିମବଙ୍ଗ ସେଚବିଭାଗ ଓ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ଓଡ଼ିଶା ସୀମାର ୩୦ଫୁଟ୍ ଭିତରକୁ ପଶି ବେଳାଭୂମି ସୁରକ୍ଷା କଂକ୍ରିଟ୍ ପାଚେରି ନିର୍ମାଣ କରୁଥିବା ବେଳେ ବାଲେଶ୍ୱର ଜିଲା ପ୍ରଶାସନ ଏହି କାର୍ଯ୍ୟ ବେଆଇନ କହି ବନ୍ଦ କରିଥିଲେ। ଉଦୟପୁର ବେଳାଭୂମି ଓଡ଼ିଶାର ବୋଲି ପ୍ରଶାସନ ପଶ୍ଚିମବଙ୍ଗ ବିଭାଗୀୟ ଅଧିକାରୀଙ୍କୁ କହିବା ସହ ସେଠାରେ ୧୪୪ ଧାରା ଜାରି କରି ଲାଲ୍ ପତାକା ପୋତିଥିଲା। ହେଲେ ଏହାକୁ ବେଖାତିର କରି ମଙ୍ଗଳବାର ପୁଣି ପଶ୍ଚିମବଙ୍ଗ ସେଚ ବିଭାଗ ପାଚେରି ନିର୍ମାଣ କରୁଥିବା ନେଇ ସୀମାନ୍ତବାସୀ ଭୋଗରାଇ ତହସିଲଦାରଙ୍କୁ ସୂଚନା ଦେଇଥିଲେ। ତହସିଲଦାର ପଣ୍ଡା ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି କଡା ତାଗିଦ୍ କରିଥିଲେ। ଶେଷରେ ପଶ୍ଚିମବଙ୍ଗ ବାଧ ହୋଇ ପାଚେରି ନିର୍ମାଣକୁ ବନ୍ଦ କରିଥିଲା। ଏହି ଘଟଣାରେ ଭୋଗରାଇ ତହସିଲଦାର, ପଶ୍ଚିମବଙ୍ଗ ରାଜସ୍ୱ, ସେଚବିଭାଗକୁ ଭୋଗରାଇ ତହସିଲ ପରିସରରେ ଆଲୋଚନା କରିବାକୁ ଡାକିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ କେହି ଆସି ନ ଥିବା ଜଣାପଡିଛି।

## ଦୁଇ ଦିନରେ ଝିଅପୁଅଙ୍କ ମୃତ୍ୟୁ

■ ମା', ସାନପୁଅ ଡାକ୍ତରଖାନାରେ ଭର୍ତ୍ତି
■ ମୃତ୍ୟୁର କାରଣ ଅସ୍ପଷ୍ଟ

ଲହୁଣୀପଡ଼ା,୨୧।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ଦମାଲୁ ଗ୍ରାମର ଗାଙ୍ଗଟୋଲା ବସ୍ତିରେ ଦୁଇଦିନରେ ଦୁଇ ପୁଅଝିଅଙ୍କର ମୃତ୍ୟୁ ଘଟିଛି। ମା' ସହିତ ସାନପୁଅ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜ୍ୱରରେ ମୃତ୍ୟୁ ଘଟିଛି ବୋଲି କୁହାଯାଉଥିଲେ ମଧ୍ୟ କାରଣ ସ୍ପଷ୍ଟ ହୋଇନାହିଁ।

ଗାଙ୍ଗଟୋଲାରେ ସ୍ୱର୍ଗତ କିଶୋର ତୁରୀଙ୍କ ପରିବାର ବସବାସ କରନ୍ତି। ପରିବାର କହିଲେ ସ୍ତ୍ରୀ ଇନ୍ଦି (୩୧), ଝିଅ ଆଶ୍ରିତା (୮), ପୁଅ ଅଞ୍ଜୟ(୬) ଓ ଫିରୁ (୨)। ଦୁଇବର୍ଷ ତଳେ ସଡ଼କ ଦୁର୍ଘଟଣାରେ କିଶୋରଙ୍କ ମୃତ୍ୟୁ ପରେ ଅସହାୟ ପାଲଟି ଯାଇଥିଲେ ପରିବାର ସଦସ୍ୟ। ତିନି ପିଲାଙ୍କ ମୁହଁରେ ଦାନାଦେବା ପାଇଁ ଇନ୍ଦି ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ତିନିଚାରି ଦିନ ହେବ ଅଜଣା ଜ୍ୱରରେ ସାରା ପରିବାର ଆକ୍ରାନ୍ତ ହୋଇଥିଲେ। ଅଭାବ ଯୋଗୁ ଉପଯୁକ୍ତ ଚିକିତ୍ସା କରି ନ ପାରି ସ୍ଥାନୀୟ ଔଷଧ ବିକାଳିଙ୍କଠାରୁ ଔଷଧ ଖାଇଥିଲେ ମଧ୍ୟ ରୋଗ ଭଲ ନ ହେବାରୁ ଦେଶୀ ଚିକିତ୍ସା ଓ ଗୁଣିଗାରେଡି କରିଥିଲେ ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ଜଣାପଡ଼ିଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ପୁଅ ଅଞ୍ଜୟ ଓ ମଙ୍ଗଳବାର ଅପରାହ୍ନରେ ଆଶ୍ରିତାଙ୍କ ମୃତ୍ୟୁ ଘଟିଥିଲା। ଦୁଇଦିନ ବ୍ୟବଧାନରେ ଦୁଇ ଭାଇ ଭଉଣୀଙ୍କ ମୃତ୍ୟୁ ଘଟିବା ଏବଂ ମା' ସାନପୁଅ ଆକ୍ରାନ୍ତ ହେବା ଘଟଣା ଗ୍ରାମରେ ଉଦ୍‌ବେଗ ସୃଷ୍ଟି କରିଥିଲା। ଇନ୍ଦି ଓ ଫିରୁ ଶୋଚନୀୟ ଅବସ୍ଥାରେ ଥିବାରୁ ଅଟୋ ଯୋଗେ ଆଣି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଲହୁଣୀପଡ଼ା ଡାକ୍ତରଖାନାର ଡା.ଚିନ୍ମୟ କୁମାର ସାହୁ କହିଛନ୍ତି ମା' ପୁଅଙ୍କ ଚିକିତ୍ସା ଚାଲିଛି। ରକ୍ତ ପରୀକ୍ଷାର ରିପୋର୍ଟ ଆସିଲା ପରେ ପ୍ରକୃତ ଚିକିତ୍ସା କରାଯିବ ବୋଲି ସୂଚନା ଦେଇଛନ୍ତି।



ଲହୁଣୀପଡ଼ା ଡାକ୍ତରଖାନାରେ ମା'ପୁଅ ଚିକିତ୍ସିତ ହେଉଛନ୍ତି।

## ଅଲିଭ୍ ରିଡ୍‌ଲେ ସୁରକ୍ଷା ମାମଲା: ରାଜ୍ୟ ସରକାର ଦାଖଲ କଲେ ସତ୍ୟପାଠ

■ସମୟ ଲୋଡିଲା କେନ୍ଦ୍ର ସରକାର

କଟକ ଅଫିସ, ୨୧।୯: ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ସମ୍ପର୍କିତ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଏଥିରେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଛନ୍ତି। ସମୁଦ୍ରରେ ମାଛ ଧରିବା କାର୍ଯ୍ୟରେ ନିୟୋଜିତ ୧୭୪୦ ବୋଟ୍ ଓ ଟ୍ରଲରରେ ଟ୍ରାନ୍ସପୋଣ୍ଡର ମେଶିନ ଲଗାଯିବ। ଏହାଦ୍ୱାରା ବୋଟ୍ ଓ ଟ୍ରଲରର ଗତିବିଧି ଉପରେ ନଜର ରଖାଯାଇପାରିବ। ଏଥିପାଇଁ ଭାରତର ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ସହ ଆଲୋଚନା କରାଯାଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ସତ୍ୟପାଠରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଏ ସମ୍ପର୍କରେ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କୁ ସମୟ ମାଗିଥିଲେ। ଏଥିପାଇଁ ହାଇକୋର୍ଟ ୪ ସପ୍ତାହ ସମୟ ଦେଇଛନ୍ତି। ଆସନ୍ତା ଶୁଣାଣି ସୁଦ୍ଧା ଜବାବ ଦାଖଲ କରିବା ପାଇଁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୬ରେ ହେବ। ଆମିକସ୍‌କ୍ୟୁରି ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## ଆତ୍ମସମର୍ପଣ କଲେ ହାର୍ଡକୋର ମାଓବାଦୀ ଦମ୍ପତି



ଆତ୍ମସମର୍ପଣ କରିଥିବା ମାଓବାଦୀ ଦମ୍ପତି।

ମାଲକାନଗିରି,୨୧।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମା ପୋଲିସ ନିକଟରେ ହାର୍ଡକୋର ମାଓବାଦୀ ଦମ୍ପତି ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଡକମ ଆୟତା ଓ ପଦ୍ମା ପୋଡେ। ମାଡକମ କେରଲାପାଲ ଏରିଆ ଏଲ୍‌ଓଏସ୍‌ର କମାଣ୍ଡର ଭାବେ କାର୍ଯ୍ୟ କରୁଥିବା ବେଳେ ମାଓବାଦୀ ସଙ୍ଗଠନରେ ସ୍ତ୍ରୀ ପଦ୍ମା ଡେପୁଟି କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ । ଉଭୟେ ବହୁ ହିଂସାକାଣ୍ଡରେ ସାମିଲ ଥିଲେ। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। କମାଣ୍ଡର ମାଡକମଙ୍କ ନାମରେ ସରକାର ୮ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ । ଉଭୟେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ଆତ୍ମସମର୍ପଣ ନୀତି ଅନୁଯାୟୀ ଉଭୟଙ୍କୁ ସମସ୍ତ ସହାୟତା ମିଳିବ ବୋଲି ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା କହିଛନ୍ତି।

## କର୍କଟରୁ ସୁସ୍ଥ ହୋଇ ପ୍ରେରଣା ଦେଉଛନ୍ତି ସ୍ୱାଗତିକା

*ଆଜି ୱାର୍ଲଡ ରୋଜ୍ ଡେ'। ଏହି ଦିନଟିକୁ କର୍କଟ ରୋଗ ସହ ଲଢ଼େଇ କରୁଥିବା ଲୋକଙ୍କ ମଧ୍ୟରେ ଆଶା ଓ ଖୁସି ଭରିଦେବାକୁ ଉତ୍ସର୍ଗ କରାଯାଇଛି। ଅଧିକାଂଶ କର୍କଟ ଚିକିତ୍ସା ରୋଗୀଙ୍କ ଶରୀର ଓ ମାନସିକତାକୁ ଗଭୀର ଭାବେ ପ୍ରଭାବିତ କରିଥାଏ। କର୍କଟକୁ ନେଇ ମନରେ ରହିଥିବା ଭୟ ଓ ଭୁଲ୍ ଧାରଣା ରୋଗର ସ୍ଥିତିକୁ ଆହୁରି ବଢ଼ାଇ ଦେଇଥାଏ। ତେଣୁ ଏହି ସମୟରେ ରୋଗୀଙ୍କୁ ସବୁବେଳେ ଖୁସି ରଖିବା ଅତ୍ୟନ୍ତ ଜରୁରୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେଥିପାଇଁ କେବଳ ସେପ୍ଟେମ୍ବର ୨୨ ନୁହେଁ, ପ୍ରତ୍ୟେକ ଦିନ ସେମାନଙ୍କ ପାଇଁ 'ରୋଜ୍ ଡେ' ହେବା ଉଚିତ। ରୋଗ ଯାହା ବି ହେଉନା କାହିଁକି ଶୀଘ୍ର ଚିହ୍ନଟ ହେଲେ ଆରୋଗ୍ୟ ସମ୍ଭବ ହୋଇଥାଏ। ତେଣୁ ଆରମ୍ଭରୁ ରୋଗ ଚିହ୍ନଟ ଓ ସଚେତନତା ସୃଷ୍ଟି 'ରୋଜ୍ ଡେ'ର ଆଉଏକ ଆହ୍ୱାନ ହୋଇଛି।*

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

କାନାଡ଼ାର ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ସାରା ବିଶ୍ୱ ପାଳୁଛି 'ରୋଜ୍ ଡେ'। ମେଲିଣ୍ଡା ୧୨ ବର୍ଷ ବୟସରେ ବିରଳ ରକ୍ତ କର୍କଟ ରୋଗରେ ପୀଡିତ ହୋଇଥିଲେ। ଆଉ ମାତ୍ର କିଛି ସପ୍ତାହ ବଞ୍ଚିବେ ବୋଲି ଡାକ୍ତରମାନେ କହିଥିଲେ। କିନ୍ତୁ ସେ କେବେ ବି ଭାଙ୍ଗି ପଡି ନ ଥିଲେ କି କର୍କଟକୁ ପରାସ୍ତ କରିବାର ଆଶା ବି ଛାଡ଼ି ନ ଥିଲେ। ଆଉ ୬ମାସ ବଞ୍ଚିଥିଲେ। ସେ ଏହି ସମୟ ଭିତରେ ନିଜକୁ କେବେବି ଚିନ୍ତାରେ ବୁଡ଼ାଇ ନ ଥିଲେ। ନିଜ ମନୋବଳ ଦୃଢ଼ କରିବା ସହ ଅନେକ କର୍କଟ ରୋଗୀଙ୍କୁ ଖୁସିର ସହ ବଞ୍ଚିବାକୁ ପ୍ରେରଣା ଦେଇଥିଲେ। କର୍କଟ ରୋଗୀଙ୍କୁ ଚିଠି ଲେଖି, ଇମେଲ୍ ଜରିଆରେ ମେସେଜ୍ ଦେଇ ସେମାନଙ୍କ ମନରେ ନୂଆ ଆଶାର ସଞ୍ଚାର କରିଥିଲେ। ତେବେ ଓଡ଼ିଶାରେ ମଧ୍ୟ ମେଲିଣ୍ଡାଙ୍କ ଭଳି ଅନେକ କର୍କଟ ସଂଗ୍ରାମୀ ରହିଛନ୍ତି, ଯେଉଁମାନେ ଅନ୍ୟ କର୍କଟ ରୋଗୀଙ୍କ ମନରେ ଖୁସିର ଆଶା ଭରି ଦେବାକୁ ଅହରହ ଉଦ୍ୟମ ଚଳାଇଛନ୍ତି। ସେମିତି ଜଣେ ଝିଅ ହେଉଛନ୍ତି କଟକର ସ୍ୱାଗତିକା ଆଚାର୍ଯ୍ୟ। ୧୯ ବର୍ଷ ବୟସରେ ଲ' ପାଠ ପଢ଼ୁଥିବାବେଳେ ସେ ନାଜୋଫାରିଙ୍ଗ୍ସ କ୍ୟାନସରରେ ପୀଡିତ ଥିବା ଜାଣିବାକୁ ପାଇଥିଲେ। ତେବେ ଅନ୍ୟ ରୋଗୀଙ୍କ ପରି ସେ ଭାଙ୍ଗି ନ ପଡ଼ି ଆତ୍ମବିଶ୍ୱାସ ବଢ଼ାଇଥିଲେ। ଏବେ ସେ କର୍କଟ ରୋଗରୁ ସୁସ୍ଥ ହୋଇସାରିଛନ୍ତି। ନିଜେ ଚିକିତ୍ସିତ ହେଉଥିବା ସମୟରେ ସେ ଅନ୍ୟ କର୍କଟ ରୋଗୀଙ୍କ ପାଖକୁ ଯାଉଥିଲେ ଏବଂ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଥିଲେ। କେବଳ ରୋଜ୍ ଡେ' ନୁହେଁ, ଅନ୍ୟ ଦିନମାନଙ୍କରେ ବି ସ୍ୱାଗତିକା କର୍କଟ ସଂଗ୍ରାମୀଙ୍କ ପାଖକୁ ଯାଆନ୍ତି ଏବଂ ସେମାନଙ୍କୁ ପ୍ରେରଣା ଦେଉଛନ୍ତି।



ସ୍ୱାଗତିକା ଆଚାର୍ଯ୍ୟ

**ଆଜି ୱାର୍ଲଡ ରୋଜ୍ ଡେ'**

ଏ ସମ୍ପର୍କରେ ସ୍ୱାଗତିକା କୁହନ୍ତି, ମୋର ପ୍ରଥମ ବର୍ଷ ଚିକିତ୍ସା ବେଳେ ରୋଜ୍ ଡେ' କ'ଣ ଜାଣି ନ ଥିଲି। ପରବର୍ଷ ମୁଁ ଜାଣିବା ପରେ ଯେଉଁଠି ଚିକିତ୍ସିତ ହେଉଥିଲି, ସେଠି ଅନ୍ୟ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ମୋଟିଭେଟ୍ କରିଥିଲି। କର୍କଟରୁ ଆରୋଗ୍ୟ ସମ୍ଭବ ଓ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଯଦି ଜଣେ ଆକ୍ରାନ୍ତ ଜାଣିବ ତେବେ ତାଙ୍କ ମନରେ ନିଶ୍ଚିତ ସକାରାତ୍ମକ ଭାବନା ବା ବଞ୍ଚିବାର ଆଶା ବଢ଼ିବ। ତେଣୁ ଏଭଳି ବାର୍ତ୍ତା ନେଇ ପ୍ରତିବର୍ଷ କଟକର ଏକ କ୍ୟାନ୍‌ସର ହସ୍ପିଟାଲରେ ଆମେ 'ରୋଜ୍ ଡେ' ପାଳିଥାଉ। ଅନ୍ୟ ସମୟରେ ବି ବିଭିନ୍ନ କାର୍ଯ୍ୟକ୍ରମ କରି ସେମାନଙ୍କ ମୁହଁରେ ହସ ଫୁଟାଇଥାଉ। ଯେତେବେଳେ ମୁଁ କର୍କଟ ସଂଗ୍ରାମୀଙ୍କ ପାଖକୁ ଯାଏ ଅନେକେ କାନ୍ଦନ୍ତି। କୁହନ୍ତି, ତୁମେ ସିନା ଭଲ ହୋଇଗଲ, ଆମେ ଠିକ୍ ହେଇପାରିବୁ କି ନାହିଁ। ସେତେବେଳେ ସେମାନଙ୍କ ମନୋବଳକୁ ଦୃଢ଼ କରିବା ପାଇଁ ବୁଝାଇଥାଏ। ମୋର ରେଡିଏଶନ ବେଳେ କଳା ହୋଇଥିବା ଓ କେମୋ ବେଳେ ଚୁଟି ନ ଥିବାର ଫଟୋ ସେମାନଙ୍କୁ ଦେଖାଏ। ମୁଁ କେତେ ଖରାପ ସ୍ଥିତିରେ ଥିଲି ତାଙ୍କୁ ବି ଜଣାଏ। ଆଉ ଏବେ କେମିତି ସୁସ୍ଥ ହୋଇ ସବୁ କାମ କରିପାରୁଛି ତାହା ବି ବୁଝାଏ। ସେମାନଙ୍କୁ କୁହେ, ମୁଁ ଯଦି ତୁମ ସମ୍ମୁଖରେ ଛିଡ଼ା ହୋଇପାରିଛି, ତୁମେ ବି ଛିଡ଼ା ହୋଇପାରିବ। ଯଦି ଜଣେ କର୍କଟ ସଂଗ୍ରାମୀ ଆଉଜଣେ ସୁସ୍ଥ ହୋଇଥିବା କର୍କଟ ରୋଗୀଙ୍କୁ ରେଗୁଲାର ଦେଖିଥାଏ, ସେତେବେଳେ ତା'ମନରେ ଏକ ସକାରାତ୍ମକ ମନୋଭାବ ସୃଷ୍ଟି ହୋଇଥାଏ। କର୍କଟ ରୋଗ ବି ଭଲ ହୋଇପାରେ ବୋଲି ସେମାନେ ବିଶ୍ୱାସ କରିଯାଆନ୍ତି। ଆଉ ଶେଷବେଳକୁ ସେମାନଙ୍କ ମୁହଁରେ ଯେଉଁ ହସ ଆସେ, ସେଇଟା ହିଁ ମୋତେ ଖୁସି ଦିଏ।

# କୃଷି ପ୍ରଗତି ପାଇଁ ଏମ୍‌ଓୟୁ

- ଓଡ଼ିଶା ସରକାର ଓ ଗେଟ୍ସ ଫାଉଣ୍ଡେଶନ ମଧ୍ୟରେ ଚୁକ୍ତିନାମା
- ଉପକୃତ ହେବେ ନାମମାତ୍ର, ଭୂମିହୀନ ଚାଷୀ

ଭୁବନେଶ୍ୱର, ୨୧ା୯(ବ୍ୟୁରୋ)



ରାଜ୍ୟ ସରକାର ଏବଂ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

ରାଜ୍ୟରେ କୃଷି ପ୍ରଗତି ପାଇଁ ଓଡ଼ିଶା ସରକାର ଏବଂ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ମଧ୍ୟରେ ମଙ୍ଗଳବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଗେଟ୍ସ ଫାଉଣ୍ଡେଶନ ଓ ଏହାର ଭାଗୀଦାରମାନେ କୃଷି ଡାଟା ସିଷ୍ଟମ୍, ପ୍ରଯୁକ୍ତିବିଦ୍ୟା ବିକାଶ ଓ ଘରୋଇ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିପାରିବେ। ଏହାଦ୍ୱାରା ରାଜ୍ୟର ନାମମାତ୍ର, କ୍ଷୁଦ୍ର ଓ ଭୂମିହୀନ ଚାଷୀ ଉପକୃତ ହେବେ। ସେମାନଙ୍କ ଜୀବନଜୀବିକାର ସମୃଦ୍ଧି ପାଇଁ ନିରନ୍ତର କୃଷି ପ୍ରୋତ୍ସାହନ ନିମନ୍ତେ ଅଧିକ ସହାୟତା ମିଳିବା ସହ ବୈଷୟିକ ଜ୍ଞାନ, ପ୍ରଯୁକ୍ତି ଓ ସୃଜନଶୀଳ କାର୍ଯ୍ୟକ୍ରମ ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ପାଇଁ ଆହୁରି ସୁଯୋଗ ସୃଷ୍ଟି କରିପାରିବ। କୃଷିକୁ ଚିରପୋଷଣୀୟ କରିବା, ବଜାର ଦକ୍ଷତା ବୃଦ୍ଧି, ଖାଦ୍ୟର ଗୁଣାତ୍ମକ ମାନ ବୃଦ୍ଧି ସହିତ ମରୁଡ଼ି ଆକ୍ରମଣ ଦ୍ୱାରା କୀଟ ଆକ୍ରମଣ ଓ ଅନ୍ୟ ଜଳବାୟୁଜନିତ ବିପଦକୁ ହ୍ରାସ କରିବା, ମୃତ୍ତିକା ଓ ଜଳସମ୍ପଦ ପରିଚାଳନାକୁ ଦକ୍ଷ କରିବା ଆଦି କ୍ଷେତ୍ରରେ ଆବଶ୍ୟକ ତଥ୍ୟ ବ୍ୟବହାରକୁ ଗେଟ୍ସ ଫାଉଣ୍ଡେଶନ ତ୍ୱରାନ୍ୱିତ କରିବ ବୋଲି କୁହାଯାଇଛି। କୃଷି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଲେ, ଗେଟ୍ସ ଫାଉଣ୍ଡେଶନ ସହଯୋଗରେ ଆମେ ବିଶ୍ୱର ଶ୍ରେଷ୍ଠ ପଦ୍ଧତି, ସର୍ବଶ୍ରେଷ୍ଠ ପ୍ରଯୁକ୍ତି ଓ ଅଭିନବ କୌଶଳ ଲାଭ କରିପାରିବୁ। ଏହାଦ୍ୱାରା ଗ୍ରାମୀଣ ଲୋକଙ୍କ ପାଇଁ ସୂଚନା, ଦ୍ରବ୍ୟ, ସେବା ଓ ଭାଗୀଦାରୀକୁ ଅଧିକ ପ୍ରୋତ୍ସାହିତ କରାଯାଇପାରିବ। ବିଲ୍ ଓ ମିଲିଣ୍ଡା ଫାଉଣ୍ଡେଶନର ନିର୍ଦ୍ଦେଶକ ଅଲକେଶ ୱାଧୱାନୀ କହିଲେ, ଓଡ଼ିଶାର କ୍ଷୁଦ୍ର ଚାଷୀଙ୍କ ଜୀବିକାର ଉନ୍ନତି ପାଇଁ ଓଡ଼ିଶା ସରକାରଙ୍କୁ ଆମେ ସହଯୋଗ ଯୋଗାଇ ଦେବୁ। ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପଞ୍ଚନ କୁମାର ଅଗ୍ରୱାଲ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ ଲେଙ୍କା, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗ ତରଫରୁ କୃଷି ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଓ ପ୍ରାଣୀସମ୍ପଦ ବିକାଶ ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ ବିଲ୍ ଏବଂ ମିଲିଣ୍ଡା ଫାଉଣ୍ଡେଶନ ତରଫରୁ ଡ. ଅଲକେଶ ୱାଧୱାନୀ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା।

# ବିରଞ୍ଚି ସାହୁଙ୍କୁ ହାଇକୋର୍ଟରୁ ଜାମିନ ମିଳିଲା

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

କଟକ ଅଫିସ,୨୧ା୯: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ସି) ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ବିରଞ୍ଚି ନାରାୟଣ ସାହୁଙ୍କୁ ବୁଧବାର ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବେ, ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିବେ ନାହିଁ ଓ ତଦନ୍ତକାରୀ ଅଧିକାରୀ ଯେତେବେଳେ ଚାହିଁବେ, ସେ ତାଙ୍କ ନିକଟରେ ହାଜର ହେବେ ବୋଲି ଜାମିନ ପ୍ରଦାନବେଳେ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୩୦ ତାରିଖରେ ବିରଞ୍ଚିଙ୍କର ଭୁବନେଶ୍ୱର ବାସଭବନ, କଟକସ୍ଥିତ ଶ୍ୱଶୁର ଘର ଓ ସମ୍ପର୍କୀୟଙ୍କ ଘରକୁ ମିଶାଇ ୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ବିପୁଳ ସମ୍ପତ୍ତି ଠାବ କରିଥିଲା। ଗତ ୩୧ ତାରିଖରେ ଭିଜିଲାନ୍ସ ବିରଞ୍ଚିଙ୍କୁ ଗିରଫ କରି ଭିଜିଲାନ୍ସ ସ୍ପେଶାଲ କୋର୍ଟରେ ହାଜର କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

# ଆଜି ଡିସ୍‌ଚାର୍ଜ ହେବେ ମଞ୍ଜୁଳା

## ସାପ କାମୁଡ଼ାରେ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ

କଟକ ଅଫିସ, ୨୧ା୯

ନାଗସାପ କାମୁଡ଼ାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନବରଙ୍ଗପୁର ଜିଲା ରାଇଘର ବ୍ଲକ ବାଲିଝର ଗ୍ରାମର ୯ ବର୍ଷୀୟା ମଞ୍ଜୁଳା ଏବେ ସୁସ୍ଥ ହୋଇଛନ୍ତି। ବୁଧବାର ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗ ଜରୁରୀ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ଗତ ଜୁଲାଇ ୧୪ ତାରିଖରେ ଗୁରୁତର ଅବସ୍ଥାରେ ମଞ୍ଜୁଳାଙ୍କୁ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସାପ ବିଷ ପ୍ରଭାବରେ ତାଙ୍କ ଡାହାଣ ହାତର ସ୍ନାୟୁ ନଷ୍ଟ ହେବା ସହ ହାତଟି ସମ୍ପୂର୍ଣ୍ଣ ପଚିବା ଅବସ୍ଥାକୁ ଆସିଯାଇଥିଲା। ତେବେ ତାଙ୍କ ଜୀବନ ରକ୍ଷା କରିବା ସହ ହାତଟିକୁ ନ କାଟି ସୁରକ୍ଷିତ ରଖିବା ପାଇଁ ଡାକ୍ତର ପ୍ରୟାସ କରିଥିଲେ। ଜୁଲାଇ ୧୬ ତାରିଖରେ ଡ. ବିଭୂତିଭୂଷଣଙ୍କ ତତ୍ତ୍ୱାବଧାନରେ ତାଙ୍କର ପ୍ରଥମ ପର୍ଯ୍ୟାୟ ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ଅଗଷ୍ଟ ୬ରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରୋପଚାର କରାଯାଇଥିବାବେଳେ ସେବେଠାରୁ ସେ ଚିକିତ୍ସିତ ହୋଇଆସୁଥିଲେ। ସୂଚନାଯୋଗ୍ୟ, କିଛିମାସ ତଳେ ମଞ୍ଜୁଳା ଏକ ଗଛରେ ବସିଥିବା ପକ୍ଷୀକୁ ଧରିବାକୁ ଚଢ଼ିଥିବାବେଳେ ନାଗସାପ ତାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ରାଇଘରସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଆଶୁ ଚିକିତ୍ସା ପରେ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାରେ ଅର୍ଥ ବାଧକ ସାଜିବାରୁ ମଞ୍ଜୁଳାଙ୍କୁ ଘରକୁ ଫେରାଇ ଆଣି ଗୁଣିଗାରେଡ଼ି କରି ଘରେ ଚିକିତ୍ସା କରାଯାଉଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ମଞ୍ଜୁଳାଙ୍କ ପରିବାର ଲୋକେ କାବୁ କରି ରଖିଥିବା ନାଗସାପକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ।


## The Odisha State Co-operative Milk Producers' Federation Limited

omfed
www.omfed.com
D-2, Sahidnagar, Bhubaneswar - 751007
Ph. No. 0674-2546030, 2540273, 2540417
Fax No. 0674-2540974, Email ID: omfed@yahoo.com

**TENDER NOTICE FOR SUITING & SHIRTING**

No. CAD-1244: OMFED, invites sealed technical & commercial offer in separate envelope for purchase of 1300 Mtrs. Black Suiting & 1750 Blue & White Strip Terry Cotton Shirting for our employees of different Units. Tender document can be downloaded from our website.
Any corrigendum, updates etc. relating to this advertisement shall be published only in our website and not in any other media including newspaper. Therefore, interested bidders may regularly visit our website or contact the undersigned. Due date for submission of the tender paper is 27.10.2021 at 11.00 A.M.
The federation reserves the right to reject any or all the tenders without assigning any reason thereof.

OIPR-06063/11/0011/2122 — Sd./- Managing Director

## TRIBAL DEVELOPMENT COOPERATIVE CORPORATION OF ODISHA LTD.

Rupali Square, Bhoi Nagar, Bhubaneswar-751022, Odisha
Tel No.2542475, 2542617, FAX-2544828, Email:admin@tdccodisha.org

**E-Auction Notification No: 1841 Date: 21.09.2021**

No.CAD-1247:- E-Auction for Sale of Sal Seeds, Seeded Tamarind, De-Seeded Tamarind & Seeded Harida 2021 Crop procured under MSP Scheme through forward auction platform of MSTC Ltd (E – RaKAM) & NCDEX e-Market Ltd. The e-Auction will be held on 07.10.2021 & the same will be reflected in www.neml.in & www.mstcecommerce.com. The details terms and conditions can be downloaded from the website www.tdccodisha.org. Any changes/modification in the auction documents will be posted on website.

Sd/- 21.09.2021
OIPR-26005/11/0018/2122 — Managing Director

## ODISHA JOINT ENTRANCE EXAMINATION - 2021 (OJEE - 2021)

No. OJEE/328 — Date: 21.09.2021

**NOTICE REGARDING EXTENSION OF LAST DATE OF APPLICATION FOR 4 YEAR BACHELOR PROGRAM IN CINEMATIC ART AND TECHNOLOGY OF BIJU PATTANAIK FILM AND TELEVISION INSTITUTE OF ODISHA (BPFTIO), CUTTACK**

No. h-16: The last date of online application for the 4 yrs. degree program in Cinematic Art and Technology in the disciplines of (i) Cinematography, (ii) Sound Recording & Sound Design and (iii) Film Editing, to be offered by Biju Pattanaik Film and Television Institute of Odisha (BPFTIO), Cuttack from the current Academic Session 2021-22, which was earlier scheduled as 20.09.2021, is hereby extended up to 24.09.2021. Fees can be paid till 25-09-2021 (5.00 PM).
Detailed instructions and guidelines for online application will be like other forms as per the Information Brochure available in OJEE website, i.e. **www.ojee.nic.in**.
Candidates are advised to visit the official websites of OJEE **(www.ojee.nic.in)** and of BPFTIO **(www.bpftio.org)** regularly for updated information.

Sd./- CHAIRMAN, OJEE, Odisha
OIPR-14020/11/0011/2122

## Government of Odisha — OFFICE OF THE EXECUTIVE ENGINEER, RURAL WORKS DIVISION, DHENKANAL

Email ID- eerwdivisiondhenkanal@yahoo.co.in; Contact No.- 06762 286706, Mobile No.- 9437255309

No. 4487//Dtd.20.09.21

**1st Corrigendum to Bid Identification No. Online-Dkl-08/2021-22**

No.O-739:- In the unavoidable circumstances, the tender can not be uploaded in the scheduled date and time. Hence Availability of Tender on-line for bidding and opening of the tender invited vide T.O.TCN No. Dkl-08/2021-22 has been rescheduled as follows by the Procurement Officer, Executive Engineer, R.W. Division, Dhenkanal.

| Procurment Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Technical bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Dhenkanal | Online Dkl-08 | 27.09.2021 at 11.00 A.M. | 25.10.2021 upto 5.00 PM | 22.10.2021 upto 4.00 PM | 26.10.2021 at 11.00 A.M. |

All other terms and conditions are available in website www.tendersorissa.gov.in
Corrigendum if any shall only be published in the website
Authority reserves the right of reject any or all tenders without asssigning any reason thereof.

OIPR-25101/11/0005/2122 — Sd./- Executive Engineer, R.W. Division, Dhenkanal

## OFFICE OF THE NOTIFIED AREA COUNCIL, UDALA

UDALA, MAYURBHANJ, ODISHA, PIN - 757041
TEL. No./FAX: 06795-232268, Email: udalanac@gmail.com

No. C-995 **E-PROCUREMENT NOTICE**

**Tender Reference No. UDLN-02 of 2021-22**

No. 2070/NAC — Dt.20.09.2021

1. Name of the Work : Construction of Smart Park at Jagannathi in Ward No. 11 under Udala NAC
2. Estimated Cost : Rs.66,44,511/- (Excluding GST)
3. Period of Completion : 6 Months
4. Date & time of availability of bid documents in the portal : From 10.00 A.M. of Dt.22.09.2021
5. Last date/time of received of bids in portal : Upto 5.00 P.M. of Dt.04.10.2021
6. Date & time of submission of hard copy of original bid documents : Upto 12.30 P.M. of Dt.05.10.2021
7. Date & time of opening of Bid : At 03.00 P.M. of Dt.05.10.2021
8. Name & address of the Office Inviting Bid : Executive Officer, NAC, Udala

Further details can be seen from the e-procurement portal **www.tendersorissa.gov.in**.

Sd./- Executive Officer, Udala N.A.C
OIPR-13162/11/0003/2122

## GOVERNMENT OF ODISHA — OFFICE OF THE EXECUTIVE ENGINEER RURAL WORKS DIVISION - II, BALASORE

No. O-731

**e-Procurement Notice for Road & Building Works**

Bid Identification No. Online Tender/08/RWD-II BLS/2021-22

1. Name of the Work : Road & Building Works
2. Total No. of Works : 15 Nos.
3. Estimated Cost : Estimated Cost Rs.46.41 to Rs.0.56 lakhs
4. Class of Contractor : "A", "B", "C" and "D"
5. Time of Completion : As per TCN
6. Other Details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. E.E. RW Divn.-II, Balasore (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | 08 of 2021-22 | 27.09.2021 at 5.00 P.M. | 05.10.2021 upto 5.00 P.M. | 04.10.2021 upto 5.00 P.M. | 07.10.2021 at 11.00 A.M. |

Further details can be seen from the website **www.tendersorissa.gov.in**.

OIPR-25052/11/0008/2122 — Sd./- Executive Engineer, R.W. Division-II, Balasore

## GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.O-740:- No. 4370/ Dt.21.09.2021

**"e" Procurement Notice for PMGSY (Balance Work) for the year 2021-22**

| | | |
|---|---|---|
| 1. | Name of the Work | PMGSY (Balance Works) for the year 2021-22 |
| 2. | Total No. of Packages | 02 Nos. of Packages |
| 3. | Estimated Cost of the Package | Varies from Rs.184.62 lakh to Rs.216.22 lakhs |
| 4. | Class of Contractor | |
| | a) Estimated cost more than Rs.40.00 lakhs up to Rs.3.00 Crores | B Class & A Class (of Odisha PWD) or relevant class of other licensing authorities |
| 5. | Period of completion | 05 (Five) calendar months |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of tender on-line for bidding | | Last Date & Time of seeking Tender clarification | Date & time of submission of original financial instrument along with affidavit regarding correctness of information | Date & time of Opening of Tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-21 of 2021 | 23.09.21 at 11.00 A.M. | 07.10.21 up to 5.00 P.M. | 05.10.21 up to 3.00 P.M. | 11.10.2021 to 18.10.2021 upto 5.00 PM (During Office hour) | 08.10.2021 at 11.00 A.M. | To be intimated later on |

Further details can be seen from the website: www.pmgsytenders.gov.in

OIPR-25082/11/0025/2122 — Chief Construction Engineer, Central Rural Works Circle, Bhubaneswar

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

ZILLA SWASTHYA SAMITI, BALASORE

**ADVERTISEMENT FOR RECRUITMENT OF VARIOUS CONTRACTUAL POSTS UNDER NHM, BALASORE**

Advt. No. 16213 — **WALK-IN-INTERVIREW** — Date: 21.09.21

No. E-460: Applications are invited from eligible candidates for filling up the following posts under National Health Mission, Balasore on contractual basis and subject to renewal as per the society norms. Annual increment is admissible as per the norms of the socieyt besides the remuneration (including performance incentive maximum) noted against each post. All the posts are purley contractual & are renewable in every 11 months subjected to approval of project implementation plan.

| Sl. No. | Name of the Post | Vacancy | Qualification | Monthly Consolidated Remuneration (in Rs.) | Age Limit as on 01.09.2021 | Date of Walk-in-Interview |
|---|---|---|---|---|---|---|
| 1 | MO, NCD | 1 | MBBS Degree from an institution recognized by Medical Council of India. Must have valid Registration from the Odisha Council of Medical Registration. Candidates having Post qualification experience of working in hospital will be preferred | Rs.59,119/- + (PI) (Other allowances admissible as per NHM norms) | Upper age limit upto 70 years | 05.10.2021 |
| 2 | MO, SNCU | 4 | MBBS Degree from an Institution recognized by Medical Council of India. Must have valid registration from the Odisha Council of Medical Registration. Candidates having experience of working in Paediatric Ward for 2 years. Though MD (Paediatrics)/DCH are preferable. | Rs.59,119/- + (PI) (Other allowances admissible as per NHM norms) | Upper age limit upto 70 years | 05.10.2021 |
| 3 | MO, Day Care Centre | 1 | MBBS Degree from an Institution recognized by Medical Council of India. Must have valid registration from the Odisha Council of Medical Registration. Candidates having post qualification experience of working in Hospital will be preferred. | Rs.59,119/- + (PI) (Other allowances admissible as per NHM norms) | Upper age limit upto 70 years | 05.10.2021 |
| 4 | Accountant/ Block Accounts Manager | 3 | The Candidates should be a Graduate in Commerce with Minimum 50% marks in aggregate. He/She should have basic knowledge in computing and should have at least 2 years post qualification working experience in accounting. | Rs.17,734/- + (PI) (Other allowances admissible as per NHM norms) | Age limit is from 21-35 years | 05.10.2021 |

Eligible & aspirant candidates are hereby informed to visit/log in to the District official website **www.baleswar.nic.in** to download the application form, eligible criteria and other details. Candidates for Walk-in-Interview to register their names on exact date of interview between 10.00 A.M. to 12.00 Noon in the DTU-1, DHH, Balasore, if any candidate fails to register his/her name within the stipulated time then further he/she shall not be entertain/considered.
The authority reserves the right to cancellation/rejection of any or all applications and modify/cancel the advertisement without assigning any reason thereof.

Sd./- Chief District Medical & Public Health Officer, Balasore

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

ZILLA SWASTHYA SAMITI, BALASORE

**DISTRICT PROGRAMME MANAGEMENT UNIT, NATIONAL HEALTH MISSION, BALASORE**

Advt. No. 16214 — Date: 21.09.21

Applications are invited only from the contractual employees currently working under NHM, in the same post of OSH&FW Society in any district, Odisha desiring to be posted in Balasore district against the vacant position as mentioned below.

**IN-HOUSE ADVERTISEMENT**

| Sl. No. | Name of the Post as per NHM PIP | No. of Vacant Position |
|---|---|---|
| 1 | Psychiatic Social Worker, DMHP | 1 |
| 2 | Psychiatic Nurse, DMHP | 1 |
| 3 | Cold Chain Technician DVC | 1 |
| 4 | Social Worker, DEIC | 1 |

Eligible in-house candidates are hereby informed to visit/login to the district official website **www.baleswar.nic.in** to download the detail terms, conditions & application forms. The filled in application form in all respect should reach the O/o. CDM&PHO, Balasore, PIN - 756001 by Dt.08.10.2021 upto (5.30 P.M.) by Regd. Post/Speed Post only. Application received from any other candidate except the contractual employees currently working under NHM will be rejected.
The envelope containing the application must be superscripted on the top of the envelope as "APPLICATION FOR THE POST OF ....................." IN-HOUSE CANDIDATE. Application received after due date will not be entertained. No personal query will be entertained. Numbers of vacancies under this advertisement are provisional and subject to change depending upon the recruitment at the time of selection. The authority reserves the right to cancellation/rejection of any or all applications and modify/cancel the advertisement without assigning any reason thereof.

Sd./- Chief District Medical & Public Health Officer, Balasore
OIPR-10032/11/0007/2122

## OFFICE OF THE MUNICIPAL COUNCIL, BARGARH

No. 4659 — Date: 20.09.2021

**e-Procurement Notice**

**BID IDENTIFICATION NUMBER - 5/BGH-MUN/2021-22**

No. C-999: Bid documents consisting of work, Estimated cost, cost of tender paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | |
|---|---|---|
| 1 | Name of the Work | Civil Construction work as mentioned in DTCN |
| 2 | No. of Works | 1 No. |
| 3 | Estimated Cost | Rs.38,92,234.00 |
| 4 | Period of Completion | 6 Calendar Months |
| 5 | Date and time of Online bidding | From 11.00 A.M. of 22.09.2021 to 5.30 P.M. of 04.10.2021 |
| 6 | Online bids shall be Open on | 05.10.2021 on 11.00 A.M. |
| 7 | Name & address of the Officer Inviting Bid | Executive Officer, Bargarh Municipality |
| 8 | Further details can be seen from the website **www.tendersorissa.gov.in**. | |
| 9 | Further any addendum/corrigendum/clarification issued in connection with the tenders shall be uploaded in the above website and no newspaper advertisement shall be given. Bidders are advised to visit the website regularly for obtaining all such details. | |

Sd./- (Narayan Dandsena)
Executive Officer, Bargarh Municipality
OIPR-13103/11/0011/2122

## OFFICE OF THE PANCHAYAT SAMITI, TIRING, MAYURBHANJ

At/P.O.- Tiring, Dist.- Mayurbhanj - 757053 (ODISHA), e-Mail: ori-tiringi@nic.in

No. 2525 — **TENDER CALL NOTICE** — Date: 15.09.2021
ANNEXURE - "A"

No. i-169: The Block Development Officer, Tiring on behalf of Government of Odisha invites sealed cover tender on Percentage(%) rate bid in Single Cover System for construction of works as detailed below in the table from Registered & Eligible Civil Contractors of Odisha PWD (R&B)/WR/RWD/NH/MI/CPWD for the following works in conformity with the Detailed Tender Call Notice.

| Sl. No. | Name of the GP | Name of the Work | Amount put to the tender (in Rs.) | EMD to be Deposited (in Rs.) | Cost of Tender Paper (in Rs.) | Class of Contractors | Period of Completion |
|---|---|---|---|---|---|---|---|
| 1 | Sanbhundu | Development of Infrastructure facility in different component of Badbhundu UGHS (Part-B) | 26,16,075/- | 26160/- | 6000/- | "C" & "B" | Six Calendar Months |
| 2 | Naranpur | Development of Infrastructure facility in different component of Naranpur UGHS | 40,15,164/- | 40160/- | 6000/- | "B" & "A" | Six Calendar Months |
| 3 | Tiring | Development of Infrastructure facility in different component of Tiring HS | 32,49,728/- | 32500/- | 6000/- | "C" & "B" | Six Calendar Months |
| 4 | Sanbhundu | Development of Infrastructure facility in different component of Badbhundu UGHS (Part-A) | 30,94,460/- | 30950/- | 6000/- | "C" & "B" | Six Calendar Months |
| 5 | Lupung | Development of Infrastructure facility in different component of Govt. UGHS, Lupung | 15,34,195/- | 15350/- | 6000/- | "D" & "C" | Six Calendar Months |
| 6 | Rengalbeda | Development of Infrastructure facility in different component of Rengalbeda UGHS | 18,47,446/- | 18480/- | 6000/- | "D" & "C" | Six Calendar Months |
| 7 | Baddalima | Development of Infrastructure facility in different component of Baddalima NEW Govt. HS | 27,28,746/- | 27290/- | 6000/- | "C" & "B" | Six Calendar Months |
| 8 | Kulughutu | Development of Infrastructure facility in different component of Govt. UGHS, Jerai | 21,79,309/- | 21800/- | 6000/- | "C" & "B" | Six Calendar Months |
| 9 | Badnarani | Development of Infrastructure facility in different component of Maghua UGHS | 36,23,698/- | 36240/- | 6000/- | "C" & "B" | Six Calendar Months |
| 10 | Naranpur | Upgradation of Infrastrcutre in Elementary School at Sansadam New UPS | 22,19,412/- | 22200/- | 6000/- | "C" & "B" | Six Calendar Months |

For detailed terms and conditions please visit our website **www.mayurbhanj.nic.in**.

OIPR-19135/11/0002/2122 — Sd./- Block Development Officer, Tiring

## Dept. of Tourism Government of Odisha

ODISHA INDIA'S BEST KEPT SECRET.
Paryatan Bhavan, Lewis Road, Bhubaneswar - 751014
Phone: (0674) 2432177 | Fax: (0674) - 243887
https://dot.odishatourism.gov.in

No. 7703 / TSM — Date: 21.09.2021
TCT-TSP-MISC-0031-2021

**TENDER NOTICE**

**Request for Proposal (RFP) for selection of agency(s) for set up, operation and management of Eco Retreats at multiple locations in Odisha for a period of 5 years (2021 - 2026)**

**No. R-06:-** Department of Tourism, Government of Odisha invites proposals from prospective applicants for "**Selection of agency(s) for set up, operation and management of Eco Retreats at multiple locations in Odisha for a period of 5 years (2021-2026)**".
Interested bidders may download the RFP document from tender section of Department of Tourism website- https://odishatourism.gov.in/content/tourism/en/dot/quickLinks/tender.html
Due date and time for submission of bids: 5.00 PM on 21.10.2021.

Sd./- Additional Secretary to Government
OIPR-37001/11/0011/2122

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ବର୍ଷାଦିନିଆ ହରଡ଼ ଫସଲ

ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିଥାଏ। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡର ପାଣିରେ ବୁଡ଼ାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ସମ୍ବାଲୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି, ତେଣୁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ଡେରିରେ ଲଗାଯାଇଥିବା ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।



# ଆଖୁ ଭେଳା ବାନ୍ଧୁଥିଲେ...

ଆଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରିପାରିବେ।



# ମାଣ୍ଡିଆ ରୋଇବା ପରେ...

ମାଣ୍ଡିଆ ରୁଆ ହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ । ବୁଣା ଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ଏବେ ଆବଶ୍ୟକ ହେଲେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।



# ଚାଷୀଙ୍କ ପାଇଁ...

ଲଘୁଚାପଜନିତ ଅତ୍ୟଧିକ ବୃଷ୍ଟିପାତ କାରଣରୁ ଧାନ ଜମିଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ମଧ୍ୟମ ଜଳମଗ୍ନ ହୋଇଛି। ବର୍ତ୍ତମାନର ପାଗ ଯେପରି କି ମେଘୁଆ ଆକାଶ, ଅତ୍ୟଧିକ ଆର୍ଦ୍ରତା, ମଝିରେ ମଝିରେ ବର୍ଷା ସହିତ ଦିନରେ ଉଚ୍ଚ ଏବଂ ରାତିରେ ନିମ୍ନ ତାପମାତ୍ରା ହେବା ଯୋଗୁ ଧାନ ଫସଲରେ ବହୁତ ପ୍ରକାରର ରୋଗ ଓ ପୋକ ଦେଖାଯାଏ। ତେଣୁ ଚାଷୀ ଭାଇମାନେ ସାବଧାନତା ଅବଲମ୍ବନ କରିବା ଦରକାର। ସୁବିଧା ଅନୁଯାୟୀ ଧାନ ଚାଷ ଜମିରୁ ଅତ୍ୟାଧିକ ଜଳ ନିଷ୍କାସନ କରି ନିଅନ୍ତୁ। ବିଳମ୍ବରେ ରୁଆ ଯାଇଥିବା ଧାନରେ ଲେଡ଼ାପୋକ ଦେଖାଗଲେ ହେକ୍ଟର ପିଛା ୨ ଲିଟର କିରୋସିନ ସିଞ୍ଚନ କରନ୍ତୁ ଏବଂ ରଶି ଦ୍ୱାରା ଧାନ ଗଛଗୁଡ଼ିକୁ ଭଲ ଭାବରେ ହଲାଇ ଦିଅନ୍ତୁ। ଏହା ସତ୍ତ୍ୱେ ପୋକର ପ୍ରଭାବ ନ କମିଲେ ଏକର ପ୍ରତି ୫୦୦ମି.ଲି. କ୍ଲୋରୋପାଇରିଫସ୍, ୨୦ଇ.ସି. କିମ୍ବା ୨୦୦ମି.ଲି. ଲାମ୍ବଡ଼ା ସାଇହାଲୋଥ୍ରିନ୍, ୫ପ୍ରତିଶତ ଇ.ସି. କିମ୍ବା ୮୦୦ମି.ଲି. କୁଇନାଲଫସ୍ ୨୫ଇ.ସି. ପ୍ରୟୋଗ କରନ୍ତୁ।

ବର୍ତ୍ତମାନ ପାଣିପାଗରେ ବିଭିନ୍ନ ଯାଉଥିବା ଅଞ୍ଚଳରେ ଏହାର ଦମନ ପାଇଁ ୨୦୦ଲିଟର ପାଣିରେ ୪୦୦ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୧୨୦ ଗ୍ରାମ ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି. ଭଲ ଭାବେ ମିଶାଇ ସିଞ୍ଚନ କରନ୍ତୁ। ଯଦି ବଙ୍ଗୀ ପୋକ ଦେଖାଯାଏ ତେବେ ଏକର ପ୍ରତି ୪୦୦ମି.ଲି. କାର୍ବୋସଲଫ୍ୟୁରାନ୍ ୨୫ଇ.ସି. କିମ୍ବା ୧୦କେ.ଜି କାର୍ବୋଫ୍ୟୁରାନ ୩ ଜି. ବ୍ୟବହାର କରନ୍ତୁ।


ଯଦି ବୁଦା ପ୍ରତି ଦୁଇଟି ମୋଡ଼ା ପତ୍ର ଦେଖାଯାଏ ତେବେ ପତ୍ରମୋଡ଼ା ପୋକର ଦମନ ପାଇଁ ଏକର ପ୍ରତି ୬୦ ମି.ଲି. କ୍ଲୋରାନ୍ ଟ୍ରାନିଲିପ୍ରୋଲ ୧୮.୫ ଏସ୍.ସି. କିମ୍ବା ୫୦ ଗ୍ରାମ ଫ୍ଲୁବେନ୍‌ଡିମାଇଡ୍ ୨୦ ଡ୍ବ୍ଲୁ .ଜି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ସଅଳ ରୁଆ ହୋଇଥିବା ଧାନ ଗଛରେ ପତ୍ରାଛଦା ପୋଡ଼ା ବା ସାପକାତିଆ ରୋଗ ଗୋଟିଏରୁ ଦୁଇଟି ପିଲରେ ଦେଖାଗଲେ ଏହାର ଦମନ ପାଇଁ ଏକର ପ୍ରତି ୨୦୦ମି.ଲି. ପ୍ରୋପିକୋନାଜୋଲ୍ ୭୫% କିମ୍ବା ୪୦୦ମି.ଲି. ହେକ୍ସାକୋନାଜୋଲ୍ ୫୦% କିମ୍ବା ୪୦୦ ମି.ଲି. ଭାଲିଡ଼ାମାଇସିନ୍



ପ୍ରକାରର ବ୍ୟାକ୍ଟେରିଆଜନିତ ରୋଗ ଲାଗିବାର ସମ୍ଭାବନା ଅଧିକ। ପତ୍ରପୋଡ଼ା ରୋଗ ବା ପତ୍ରରେଖା ରୋଗ ଦେଖାଯାଉଥିବା ଅଞ୍ଚଳରେ ଏହାର ନିୟନ୍ତ୍ରଣ ପାଇଁ ୨୦୦ଲିଟର ପାଣିରେ ୨୦୦ଗ୍ରାମ ପ୍ଲାଣ୍ଟୋମାଇସିନ୍ ସହିତ ୨୦୦ଗ୍ରାମ ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ। ମହିଷା ରୋଗ ଦେଖା ୩ ଏଲ୍, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଏହି ରୋଗ ସାଧାରଣତଃ ଧାନ ପିଲ ଦେବା ଅବସ୍ଥାରେ ଦେଖାଯାଏ। ଏ ସମ୍ପର୍କରେ ଅଧିକ ଜାଣିବା ଲାଗି କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର(ଏନ.ଆର.ଆର.ଆଇ.) ସହ ଯୋଗାଯୋଗ କରିପାରିବେ।

# କପାରେ ରୋଗପୋକ



ବର୍ତ୍ତମାନ ସମୟରେ କପା ଚାଷରେ ଚିତ୍ରିତବକରା ପୋକ ଯୋଗୁଁ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଗଛ ଉଠିବାର ୩୫ରୁ ୪୦ ଦିନ ମଧ୍ୟରେ ଚିତ୍ରିତବକରା ପୋକ ଲାଗିବା ଆରମ୍ଭ ହୁଏ। ଏହା ଏହି ସମୟରେ ଅଧିକ ମାତ୍ରାରେ କ୍ଷତି କରିଥାଏ। ଶୂକଗୁଡ଼ିକ କଅଁଳ ଡାଳ, କଢ଼-ଫୁଲ ଓ ବକରା ଭିତରେ ପଶି କୋରି ଖାଆନ୍ତି, ଫଳରେ କଅଁଳୁଥିବା ଡାଳ ଶୁଖିଯାଏ। ଶତକଡ଼ା ୫ରୁ ୧୦ ଭାଗ ଡାଳ ଆକ୍ରାନ୍ତ ହୋଇଥିଲେ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଏଥିପାଇଁ ଏକର ପ୍ରତି ୨୦୦ଶୂକ ସମତୁଲ ଏଚ.ଏନ୍.ପି.ଭି. ଗୁଡ଼ ସହ ମିଶାଇ ସିଞ୍ଚନ କରନ୍ତୁ ଏବଂ କିଆରି ମଝିରେ ଓ ଗଛ ଉଚ୍ଚତାଠାରୁ ଏକ ଫୁଟ ଉଚ୍ଚରେ ଫେରୋମୋନ ଯନ୍ତା ବସାନ୍ତୁ। ଅଧିକ ଫଳ ଧରିବା ପାଇଁ କପା ଫସଲର ୪୫ ଦିନରେ ପ୍ରତି ୪-୫ଲିଟର ପାଣିରେ ୧ ମିଲି ପ୍ଲାନୋଫିକ୍ସ ଓ ଆଉ ଥରେ ୧୫ ଦିନ ପରେ ପ୍ରତି ୪-୫ ଲିଟର ପାଣିରେ ୨ମିଲି ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନର ପାଗରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗର ପ୍ରାଦୁର୍ଭାବ ଦେଖାଯିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫସଲରେ ଧଳା ମାଛି ଓ ଜଉପୋକର ଦମନ ଲାଗି ୩ମି.ଲି. ଇମିଡ଼ାକ୍ଲୋପ୍ରିଡ୍‌କୁ ୧୦ଲିଟର ପାଣିରେ ମିଶାଇ ସିଞ୍ଚନ୍ କରନ୍ତୁ କିମ୍ବା ୨ମି.ଲି. ଟ୍ରାୟୋଜୋଫସ୍ ୧ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। କପା ଫସଲରେ ପତ୍ର ପ୍ରତି ୨ଟି ପୂର୍ଣ୍ଣାଙ୍ଗ ପତ୍ରଡ଼ିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ଟି ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ମି.ଲି. ମିଥାଇଲ୍ ଡିମେଟନ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ।



ପ୍ରତ୍ୟୁଷ ପଣ୍ଡା

# ଧାନ ଗଛ ହଳଦିଆ ପଡ଼ୁଥିଲେ..



ଧାନ ଆମ ରାଜ୍ୟର ଏକ ମୁଖ୍ୟ ଫସଲ। ଧାନ ଗଛ ବଢ଼ିବା ସମୟରେ ଯେତେ ସବୁଜ ରହିବ, ଆକାଶରୁ ପ୍ରଚୁର ସୂର୍ଯ୍ୟାଲୋକ ଗ୍ରହଣ କରି ଶ୍ୱେତସାର ଜାତୀୟ ଖାଦ୍ୟ ପ୍ରସ୍ତୁତ କରି ସେତେ ଅମଳ ବଢ଼ାଇବ। ଧାନ ଗଛର ପତ୍ରରୁ ସବୁଜ କଣିକା ନଷ୍ଟ ହେଲେ ଗଛ ହଳଦିଆ ରଙ୍ଗ ଦେଖାଯାଏ। ଏହି ସମୟରେ ଚାଷୀ ଯବକ୍ଷାରଜାନ ସାର ପ୍ରୟୋଗ କରେ, କିନ୍ତୁ ଅମଳ ଭଲ ବଢ଼େନାହିଁ।

ଧାନ ଗଛ ହଳଦୀ ରଙ୍ଗ ହେବାର ବିଭିନ୍ନ କାରଣ ରହିଛି। ପ୍ରଥମତଃ ଢିପଜମି ଧାନକୁ ଖୁସାଇ ଘାସ ବାଛିବା, ବୁଣା ଜମିରେ ଖେଲୁଆ, ରୁଆ ଧାନରେ ତଳିଘରାରୁ ଚେର ଛିଡ଼ିବା ଦ୍ୱାରା ଧାନ ଗଛକୁ ବାଧା ହୁଏ। ଚାରା ଗଛର ନୂଆ ତଥା ଶାଖା ଚେର ବାହାରିବା ପର୍ଯ୍ୟନ୍ତ ଧାନଗଛ ହଳଦିଆ ରହେ। ଏପରି ଅବସ୍ଥା ବଦଳିବାକୁ ପ୍ରାୟେ ୭ ଦିନ ଲାଗେ। ଗଛର ନୂଆ ଚେର ଆସିଗଲେ ଧାନଗଛ ମାଟିରେ ପ୍ରୟୋଗ ଖାଦ୍ୟସାର ପାଇ ସବୁଜ ହୁଏ। ଧାନ କ୍ଷେତରେ ଧାନ ହଳଦିଆ ପଡ଼ିବା କାରଣରୁ ଚାଷୀଭାଇ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ଦ୍ୱିତୀୟତଃ ମାଟିର ଯବକ୍ଷାରଜାନ, ପଟାସ, ଗନ୍ଧକ, ଲୁହା ଓ ଦସ୍ତା ଆଦି ଖାଦ୍ୟ ଉପାଦାନର ଅଭାବ ହେଲେ ଧାନଗଛ ହଳଦିଆ ପଡ଼େ। କିନ୍ତୁ ଉପରୋକ୍ତ ସବୁ ଖାଦ୍ୟ ଉପାଦାନର ଅଭାବଜନିତ ହଳଦିଆ ରଙ୍ଗ ଲକ୍ଷଣ ସମାନ ନୁହେଁ। ତେଣୁ ଯଦି ଚାଷୀଭାଇ ବିଭିନ୍ନ ଅଭାବରୁ ଭିନ୍ନ ଭିନ୍ନ ଲକ୍ଷଣ ସହ ପରିଚିତ ହେବେ ସେ ଏହି ହଳଦିଆ ରଙ୍ଗ ପଡ଼ିବା ସମସ୍ୟାର ସମାଧାନ କରିପାରିବେ ଏବଂ ନିଜ ଅମଳ ବଢ଼ାଇପାରିବେ।

ଯବକ୍ଷାରଜାନ ଖାଦ୍ୟ ଅଭାବରେ ଧାନଗଛର ତଳପତ୍ର ପ୍ରଥମେ ହଳଦୀ ରଙ୍ଗ ହୁଏ। ଏହି ହଳଦୀ ରଙ୍ଗ ପତ୍ରର ମୂଳରୁ ଆରମ୍ଭ ହୋଇ ଅଗ ପର୍ଯ୍ୟନ୍ତ ଯାଇ ସମୁଦାୟ ପତ୍ର ହଳଦିଆ ହୁଏ। କ୍ରମେ ହଳଦିଆ ରଙ୍ଗ ଉପରକୁ ମାଡ଼ିଯାଏ। ଏହି ସମୟରେ ଯେକୌଣସି ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କଲେ ଧାନଗଛ ୨୪ରୁ ୪୮ ଘଣ୍ଟା ମଧ୍ୟରେ ସବୁଜ ହୁଏ। ଏଥିପାଇଁ ଢିପ ଜମି ଧାନରେ ଏକର ପ୍ରତି ୩ କିଗ୍ରା ଯବକ୍ଷାରଜାନକୁ ୧୩ କିଗ୍ରା ୟୁରିଆ ଭାବେ ମାଟିର ପାଗ ଦେଖି ୨ରୁ ୨.୫ ସେ.ମି. ଗଭୀରରେ ପ୍ରୟୋଗ କରାଗଲେ ଯବକ୍ଷାରଜାନର ସମ୍ପୂର୍ଣ୍ଣ ବିନିଯୋଗ ହୋଇ ଗଛକୁ ସବୁଜ କରେ। ମଧ୍ୟମ କିସମ ବୁଣା ବା ରୁଆ ଧାନ ଜମିରେ ଠିଆପାଣି ଥିଲେ ୧୨ କି.ଗ୍ରା. ଯବକ୍ଷାରଜାନକୁ ୨୬ କି.ଗ୍ରା. ୟୁରିଆ ହିସାବରେ ଏହାର ୫ ଗୁଣ ଶୁଖିଲା ବାଲିରେ ମିଶାଇ ୪୮ ଘଣ୍ଟା ଛାଇରେ ରଖି ପ୍ରୟୋଗ କଲେ ଧାନଗଛ ୨୪ ଘଣ୍ଟାରେ ସବୁଜ ହୁଏ। ଖାଲ କିସମ ଧାନ ଜମିରେ ଏକ ଫୁଟ ପର୍ଯ୍ୟନ୍ତ ଠିଆପାଣି ଥିଲେ ଶତକଡ଼ା ୨.୫ ଭାଗ ୟୁରିଆକୁ ୭ ଦିନ ବ୍ୟବଧାନରେ ପତ୍ରଛିଞ୍ଚା କଲେ ଧାନଗଛ ହଳଦିଆ ରଙ୍ଗରୁ ସବୁଜ ରଙ୍ଗ ହେବ।

> "ଧାନ ଗଛ ହଳଦୀ ରଙ୍ଗ ହେବାର ବିଭିନ୍ନ କାରଣ ରହିଛି। ପ୍ରଥମତଃ ଢିପଜମି ଧାନକୁ ଖୁସାଇ ଘାସ ବାଛିବା, ବୁଣା ଜମିରେ ଖେଲୁଆ, ରୁଆ ଧାନରେ ତଳିଘରାରୁ ଚେର ଛିଡ଼ିବା ଦ୍ୱାରା ଧାନ ଗଛକୁ ବାଧା ହୁଏ। ଚାରା ଗଛର ନୂଆ ତଥା ଶାଖା ଚେର ବାହାରିବା ପର୍ଯ୍ୟନ୍ତ ଧାନଗଛ ହଳଦିଆ ରହେ। ଏପରି ଅବସ୍ଥା ବଦଳିବାକୁ ପ୍ରାୟେ ୭ ଦିନ ଲାଗେ।"

ଧାନଗଛର ଦ୍ୱିତୀୟ ମୁଖ୍ୟ ଖାଦ୍ୟ ଉପାଦାନ ପଟାସ ଅଭାବରେ ପ୍ରଥମେ ତଳପତ୍ର ହଳଦିଆ ରଙ୍ଗ ହୁଏ। କିନ୍ତୁ ପଟାସ ଅଭାବଜନିତ ହଳଦିଆ ରଙ୍ଗ ଗାଢ଼ ଦଳଦିଆ ନୁହେଁ ଏହା କମଳା ମିଶା ହଳଦିଆ ରଙ୍ଗ। ପଟାସ ଅଭାବରେ ପତ୍ରର ଅଗ୍ରଭାଗ ପୋଡ଼ିଯାଏ। ଏହି ଲକ୍ଷଣ କ୍ରମେ ଉପର ପତ୍ରରେ ହୁଏ, ଏପରି ଲକ୍ଷଣ ଦେଖାଦେଲେ ଏକର ପ୍ରତି ୬ କିଗ୍ରା ପଟାସ ଅର୍ଥାତ୍ ୧୦ କିଲୋ ମ୍ୟୁରେଟ ଅଫ୍ ପଟାସ (ଏମ୍.ଓ.ପି) ପ୍ରୟୋଗ କଲେ ଗଛର ଉପରପତ୍ର ସହ ନୂଆ ପତ୍ର ସବୁଜ ରହେ। ଗନ୍ଧକ ଏକ ଗୌଣ ଉପାଦାନ, ଯାହାର ଅଭାବରେ ଧାନ ଗଛ ହଳଦୀ ରଙ୍ଗ ହୁଏ। ବର୍ତ୍ତମାନ ଚାଷୀଭାଇମାନେ ଗନ୍ଧକ ବିହୀନ ସାର ଯଥା ଡିଏପି, ଗ୍ରୋମୋର, ଇଫ୍‌କୋ (ଏନପିକେ) ଆଦି ଯୌଗିକ ସାର ବହୁ ପରିମାଣରେ ବ୍ୟବହାର କରୁଥିବାରୁ ଧାନ ଫସଲରେ ଗନ୍ଧକର ଅଭାବ ପରିଲକ୍ଷିତ ହେଉଛି। ଗନ୍ଧକ ଅଭାବରେ ଧାନଗଛର ସମୁଦାୟ ପତ୍ର ଅର୍ଥାତ୍ ପତ୍ରର ଶିରା, ପ୍ରଶିରା, ଫଳ ହଳଦିଆ ହୁଏ। ଉକ୍ତ ହଳଦିଆ ରଙ୍ଗ ପତ୍ରର ଅଗ୍ରଭାଗରୁ ମୂଳ ପର୍ଯ୍ୟନ୍ତ ଆସେ। କ୍ଷେତରେ ଥିବା ଧାନଫସଲରେ ଗନ୍ଧକ ଅଭାବର ପ୍ରତିକାର ପାଇଁ ଆମୋନିୟମ୍ ସଲ୍‌ଫେଟ ସାରରୁ ଏକର ପ୍ରତି ୧୨ କିଗ୍ରା ପ୍ରୟୋଗ କଲେ ୪୮ ଘଣ୍ଟା ମଧ୍ୟରେ ଉପର ପତ୍ର ସବୁଜ ହୁଏ, ଆମୋନିୟମ୍ ସଲ୍‌ଫେଟ ସାରରେ ଶତକଡ଼ା ୨୦ ଭାଗ ଯବକ୍ଷାରଜାନ ସହ ୨୪.୫ ଭାଗ ଗନ୍ଧକ ଜଳରେ ଦ୍ରବଣୀୟ ଅବସ୍ଥାରେ ଥିବାରୁ ଗଛ ଉଭୟ ଯବକ୍ଷାରଜାନ ଓ ଗନ୍ଧକ ପାଇ ସବୁଜ ହୋଇ ବଢ଼େ।

ଧାନ ଫସଲର ଚତୁର୍ଥ ଖାଦ୍ୟ ଉପାଦାନ ଅର୍ଥାତ୍ ଲୁହାର ଅଭାବରେ ପତ୍ରର ମୂଳରୁ ହଳଦୀ ରଙ୍ଗ ଆରମ୍ଭ ହୋଇ ଅଗଆଡ଼କୁ ଗତିକରେ, ଯାହା କି ଗନ୍ଧକ ଅଭାବଜନିତ ଲକ୍ଷଣର ବିପରୀତ। ପୁନଶ୍ଚ ଗନ୍ଧକର ଅଭାବ ସମ୍ପୂର୍ଣ୍ଣ ପତ୍ର ହଳଦିଆ ହେଉଥିବା ବେଳେ ଲୌହର ଅଭାବରେ ପତ୍ରର ଶିରା ପ୍ରଶିରା ସବୁଜ ଥାଇ ମଝିଭାଗ ହଳଦିଆ ପଡ଼େ। ଧାନରେ ଲୌହ ଅଭାବଜନିତ ଲକ୍ଷଣ ଦେଖିଲେ ଶତକଡ଼ା ୦.୪ ଭାଗ ଫେରସ୍ ସଲଫେଟ୍‌କୁ ଜଳରେ ଦ୍ରବଣ କରି ୭ ଦିନ ବ୍ୟବଧାନରେ ୨ରୁ ୩ ଥର ପତ୍ରଛିଞ୍ଚା କଲେ ଧାନର ହଳଦୀ ରଙ୍ଗ ଚାଲିଯାଏ।

ପଞ୍ଚମ ଅଣୁ ଖାଦ୍ୟ ଉପାଦାନ ଦସ୍ତା ବା ଜିଙ୍କ୍‌ର ଅଭାବ ଠିଆପାଣି ଥିବା ବୁଣା ବା ରୁଆ ଧାନରେ ହଳଦିଆ ରଙ୍ଗ ସୃଷ୍ଟି କରେ। ଦସ୍ତା ଅଭାବରେ ଧାନ ଗଛର ତଳ କିମ୍ବା ଉପର ପତ୍ର ସାଧାରଣତଃ ମଝିପତ୍ର ହଳଦିଆ ହୁଏ। ଧାନ ଗଛର ଉପରଆଡ଼ୁ ତୃତୀୟ ଏବଂ ଚତୁର୍ଥ ପତ୍ରର ଦୁଇଶିରା ମଧ୍ୟରେ ଥିବା ଅଂଶ ପ୍ରଥମେ ହଳଦିଆ ଛିଟ ଦାଗମାନ ଦେଖାଯାଏ। କ୍ରମେ ଉକ୍ତ ଦାଗ ମିଶିଯାଇ ସମୁଦାୟ ପତ୍ରକୁ ହଳଦିଆ କରେ। ପରବର୍ତ୍ତୀ ସମୟରେ ତଳପତ୍ର ଆକ୍ରାନ୍ତ ହୁଏ। ଧାନକ୍ଷେତରେ ଜିଙ୍କ୍‌ର ଅଭାବଜନିତ ଲକ୍ଷଣ ଦେଖାଗଲେ ଶତକଡ଼ା ୦.୫ ଭାଗ ଜିଙ୍କ୍ ସଲ୍‌ଫେଟ୍ କିମ୍ବା ୦.୧ ଭାଗ ଜିଙ୍କ୍ ଇଡିଟିଏକୁ ୭ ଦିନ ମଧ୍ୟରେ ଦୁଇଥର ପତ୍ରଛିଞ୍ଚା କରିବେ।

ଧାନଗଛର ଖାଦ୍ୟ ଉପାଦାନ ଅଭାବ ବ୍ୟତୀତ ଆଉ ୨ଟି ରୋଗ ହେଲେ ଧାନଗଛ ହଳଦିଆ ରଙ୍ଗ ଦେଖାଯାଏ। ଲଗାତର ବର୍ଷା ଏବଂ ମେଘୁଆ ପାଗ ପାଇଁ ଏହି ଦୁଇଟି କାରଣ ମୁଖ୍ୟ ମଧ୍ୟ ହୋଇପାରେ। ପ୍ରଥମେ ଜାଣିବା ଜୀବାଣୁଜନିତ ପତ୍ରପୋଡ଼ା ରୋଗ। ସାଧାରଣତଃ ବାୟୁରେ ଆର୍ଦ୍ରତା ବଢ଼ିଲେ ଏବଂ ଆକାଶ ମେଘାଚ୍ଛନ୍ନ ହୋଇ ବହୁଦିନ ରହିଲେ ଏହି ରୋଗ ଦେଖାଯାଏ। ଏହି ରୋଗରେ ପତ୍ରର ଧାରଗୁଡ଼ିକ ପ୍ରଥମେ ହଳଦିଆ ପଡ଼ି ପରେ ପୋଡ଼ିଯାଏ। ସମୟେ ସମୟେ ପତ୍ରର ଗୋଟିଏ ଧାର ମଧ୍ୟ ଏପରି ସଂକ୍ରମଣ ହୋଇଥାଏ। ଏ ରୋଗର ନିରାକରଣ ପାଇଁ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୧ ଗ୍ରାମ୍ ସହ କପର ଅକ୍ସିକ୍ଲୋରାଇଡ୍ ୩ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରିବେ।

ଦ୍ୱିତୀୟ ରୋଗଟି ଧାନଗଛ ବଢ଼ିବା ସମୟରେ ଦେଖାଯାଏ। ଏହି ରୋଗ ଟୁଙ୍ଗୁର ନାମକ ଏକ ଭାଇରସ୍ (ଭୂତାଣୁ) ଦ୍ୱାରା ପତ୍ରରେ ହୁଏ। ଉକ୍ତ ରୋଗରେ ଆକ୍ରାନ୍ତ ଧାନଗଛ ଗୋଛାଳିଆ ହୋଇ ବଢ଼େ ଏବଂ ସବୁପତ୍ର ହଳଦୀ ରଙ୍ଗ ହୁଏ। ଅବଶେଷରେ ଗଛ ରୋଗାକ୍ରାନ୍ତ ହୋଇ ମରିଯାଏ। ଏହାର ପ୍ରତିକାର ପାଇଁ ସେପରି କିଛି ଔଷଧ ନାହିଁ। ଅନ୍ୟ କ୍ଷେତରେ ଟୁଙ୍ଗୁର ରୋଗବାହକ ସବୁଜ ପତ୍ର ଡିଆଁ ପୋକକୁ ନିୟନ୍ତ୍ରଣ କଲେ ଟୁଙ୍ଗୁର ରୋଗ ବ୍ୟାପି ନ ଥାଏ। ଉକ୍ତ ପୋକକୁ ଦମନ ପାଇଁ ହେକ୍ଟର ପ୍ରତି ୧୦୦ଗ୍ରାମ ଥାୟୋସିଥୋକ୍ସମ୍ ୨୫% ଡବ୍ଲୁଜି ପ୍ରୟୋଗ କରିବା ଆବଶ୍ୟକ। ଏହିପରି କିଛି ପଦକ୍ଷେପ ନେଲେ ଧାନ ଫସଲ ସୁସ୍ଥ ରହିବା ସହ ଅଧିକ ଅମଳ ମଧ୍ୟ ମିଳିପାରିବ।

*-କୃଷି ଛାତ୍ର, ନୀଳାଦ୍ରି ବିହାର*
*ଏସ୍-୫/୧୯୮, ଭୁବନେଶ୍ୱର*
*ମୋ : ୭୮୭୩୮୨୭୮୩୦*





## ଜାଣି ରଖନ୍ତୁ

- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମହିଷି ଓ ବାଛୁରିଙ୍କୁ ସାହାଣ ଏବଂ ବଜବଜିଆ ରୋଗର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ବର୍ତ୍ତମାନ ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

## ସଂକ୍ଷେପରେ

### ବିଙ୍ଗୁଗୁଡ଼ାର ଜଣଙ୍କ ଘରୁ ୧୪୫ କିଲୋ ଗଞ୍ଜେଇ ଜବତ



ମାଲକାନଗିରି,୨୧।୯(ଡି.ଏନ୍.ଏ.)- ମାଲକାନଗିରି ଜିଲା ଓର୍କେଲ ଥାନା ଅନ୍ତର୍ଗତ ବିଙ୍ଗୁଗୁଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଉପରେ ଜିଲା ଅବକାରୀ ବିଭାଗର ମୋବାଇଲ ୟୁନିଟ ଚଢ଼ାଉକରି ମଙ୍ଗଳବାର ୧୪୫ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଧବୁଲୁ ପାଙ୍ଗୀ। ଧବୁଲୁ ନିଜ ଘରେ ଗଞ୍ଜେଇ ଗଚ୍ଛିତ ରଖିଥିବା ଖବର ପାଇ ଅବକାରୀ ଏସ୍ଆଇ ପ୍ରଭାକର ସେଠୀଙ୍କ ନେତୃତ୍ୱରେ ମାଲକାନଗିରି, ଚାଲିମେଲା ଓ ମାଥିଲି ମୋବାଇଲ ୟୁନିଟ ମିଳିତ ଭାବେ ଚଢ଼ାଉ କରିଥିଲେ। କେସ୍ ନଂ. ୫୨/୨୧ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ କନ୍‌ଷ୍ଟେବଲ ପ୍ରଦୀପ ନାୟକ,ରାମଚନ୍ଦ୍ର ହନ୍ତାଳ, ଜେମ୍ସ ମାଲକମ ସାହୁ, ସରିତା ନାୟକ, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ୩୬ କେଜି ଗଞ୍ଜେଇ ଜବତ, ୨ ଗିରଫ



ଜୟପୁର,୨୧।୯(ନି.ପ୍ର.)-କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଏହାକୁ ଧରିଛି। ମାମଲାରେ ସମ୍ପୃକ୍ତ ୨ ଜଣକୁ ଗିରଫ କରିଛି । ସେମାନଙ୍କଠାରୁ ୩୬ କେଜି ଗଞ୍ଜେଇ ଜବତ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମାଛକୁଣ୍ଡ ଅଞ୍ଚଳର ଜଗଦୀଶ ବଡ଼ନାୟକ ଓ ନନ୍ଦପୁର ଅଞ୍ଚଳର ଧନପତି ଶିଶା । କାର୍‌ରେ ସେମାନେ ଲମତାପୁଟରୁ ଜୟପୁର ଅଭିମୁଖେ ଗଞ୍ଜେଇ ଧରି ଆସୁଥିବା ଖବରପାଇ ଅବକାରୀ କର୍ମଚାରୀ ପାତ୍ରପୁଟ ନିକଟରେ ଜଗିରହି ଚଢ଼ାଉ କରିଥିଲେ। ଏନେଇ ମାମଲା ରୁଜୁ ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି ରାଜ୍ୟ ସରକାର: ସିପିଆଇ (ଏମ୍)

ମାଲକାନଗିରି,୨୧।୯(ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ସୂଚନା ଦେଉଛନ୍ତି।

ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ମଙ୍ଗଳବାର ମାଲକାନଗିରି ଜିଲା ଗସ୍ତକରି ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭାୟାଁ ବୁଲାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ଗତ ମାସରେ ମାଲକାନଗିରି ଜିଲା ଗସ୍ତକରି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନରେ ସ୍ମାର୍ଟ ହେଲ୍‌ଥ କାର୍ଡର ଶୁଭାରମ୍ଭ କରିଥିଲେ। ଯେଉଁମାନେ ପୂର୍ବରୁ ରାଶନ କାର୍ଡ ପାଇଥିଲେ ସେମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ, ସେମାନଙ୍କୁ ହିଁ କାର୍ଡ ମିଳିଥିଲା। କାର୍ଡ ଦ୍ୱାରା ମହିଳାଙ୍କୁ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଘୋଷଣା କରିଥିଲେ। ମାତ୍ର ଏହା ପୂର୍ବରୁ ୨୦୧୨ରେ ଯେଉଁ ରାଶନକାର୍ଡଧାରୀମାନେ ୨ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ପାଇଁ କାର୍ଡ ପାଇଥିଲେ ସେମାନଙ୍କ ମଧ୍ୟରୁ କେହି ମଧ୍ୟ ଏଯାଏ ଏହି ସୁବିଧା ପାଇନାହାନ୍ତି। ସେତେବେଳେ ଯେଉଁ ହିତାଧିକାରୀ ଚିହ୍ନଟ ହୋଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଧନିକ ଶ୍ରେଣୀର ହିତାଧିକାରୀ ରାଶନ କାର୍ଡ ହାତେଇଥିଲେ। ଫଳରେ ମାଲକାନଗିରି ଜିଲା ସହ ରାଜ୍ୟରେ ଅନେକ ଗରିବ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଥିବା ପଟ୍ଟନାୟକ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମାଲକାନଗିରି ଜିଲାକୁ ସେ ସମୟରେ ୮ଜଣ ମନ୍ତ୍ରୀ, ୧୦ ଜଣ ନିଗମ ଅଧ୍ୟକ୍ଷ, ଏମ୍‌ପି ଓ ବିଧାୟକମାନେ ଆସି ସପ୍ତାହେ ଧରି ଜିଲାରେ ଏହି ସ୍ମାର୍ଟ କାର୍ଡ ବାଣ୍ଟି ପରୋକ୍ଷରେ ଦଳ ପାଇଁ ଭୋଟ ପ୍ରଚାର ଲାଗି ପ୍ରୟାସ କରିଛନ୍ତି। ପ୍ରଶାସନ ଓ ଅଧିକାରୀମାନେ ଯେଉଁ କାର୍ଯ୍ୟ କରିବା କଥା ସେହି କାର୍ଯ୍ୟ କିପରି ମନ୍ତ୍ରୀ, ଏମ୍‌ପି, ବିଧାୟକ, ଅଧ୍ୟକ୍ଷମାନେ କଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ ମାଲକାନଗିରି ଆସି ପୋଲାଭରମ ପ୍ରକଳ୍ପ ଦ୍ୱାରା ଜିଲାରେ କି କ୍ଷତି ହେବ, ବିସ୍ଥାପିତମାନେ କିପରି ଥଇଥାନ ହେବେ ସେ ସମ୍ପର୍କରେ ପାଟି ଖୋଲିଲେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସିପିଆଇ (ଏମ୍) ପକ୍ଷରୁ ଶାସକ ଦଳ ବିରୋଧରେ ଜିଲାରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସମ୍ପାଦକ ବ୍ରଜ ମାଝି, ଜିଲା କମିଟି ସଭ୍ୟ କୃଷ୍ଣ ପାଣ୍ଡି, ଶାଖା ସମ୍ପାଦକ ରଘୁନାଥ ହନ୍ତାଳ, ବାବୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କଂସାରିଗୁଡ଼ାଠାରେ ଆଲୁମିନା ପ୍ରକଳ୍ପରେ ହେବ ଫ୍ୟାକ୍ଟ୍ରି ନିର୍ମାଣ: ଜିଲାପାଳ

କୋରାପୁଟ,୨୧।୯(ସ୍ୱ.ପ୍ର.)

ରାୟଗଡା ଜିଲାର କଂସାରିଗୁଡ଼ାଠାରେ ଆଲୁମିନା ପ୍ରକଳ୍ପରେ ନିର୍ମାଣ ହେବ ଫ୍ୟାକ୍ଟ୍ରି । ଏନେଇ ଜନଶୁଣାଣି ହେବ ବୋଲି ଜିଲାପାଳ ଅବଦାଲ ଏମ. ଅଖତାର ମଙ୍ଗଳବାର କହିଛନ୍ତି। ଏହି ପ୍ରକଳ୍ପରେ ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିବା ପାଇଁ ପୂର୍ବରୁ କୋଡିଙ୍ଗାମାଳି ସୁରକ୍ଷା ମଞ୍ଚ ଦାବି କରି ଆସୁଥିଲା। ଯଦି ଫ୍ୟାକ୍ଟ୍ରି ପ୍ରତିଷ୍ଠା ନେଇ ପ୍ରତିଶ୍ରୁତି ମିଳେ ତେବେ ଆସନ୍ତା ୭ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା କଂସାରିଗୁଡା ଆଲୁମିନା ପ୍ରକଳ୍ପ ପାଇଁ ହେବାକୁ ଥିବା ପରିବେଶ ଜନଶୁଣାଣିକୁ ସମର୍ଥନ କରିବେ ବୋଲି ମଞ୍ଚ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏଥିସହ ଫ୍ୟାକ୍ଟ୍ରି ଆରମ୍ଭ ନ ହେବା ପର୍ଯ୍ୟନ୍ତ କୋଡିଙ୍ଗାମାଳି ଖଣି ଖନନକୁ ସେମାନେ ବିରୋଧ କରିବେ ବୋଲି ଜିଲାପାଳଙ୍କୁ ଜଣାଇଥିଲେ। ଶେଷରେ କଂସାରିଗୁଡା ଆଲୁମିନା ପ୍ରକଳ୍ପରେ ଫ୍ୟାକ୍ଟ୍ରିନିର୍ମାଣ ପାଇଁ ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ଆସନ୍ତା ୫ରେ ରାୟଗଡା ଜିଲାର କଂସାରିଗୁଡାଠାରେ ଏବଂ ୭ରେ କୋରାପୁଟ ଜିଲାର ଓଡିଆପେଣ୍ଠ ଗ୍ରାମରେ ପରିବେଶ ପ୍ରଦୂଷଣ ବୋର୍ଡ ଦ୍ୱାରା ଜନ ଶୁଣାଣି ହେବ।

# ସ୍ୱାସ୍ଥ୍ୟସେବାରେ ବିନିଯୋଗହେବ ୭ କୋଟି ୧୩ ଲକ୍ଷ

ମାଲକାନଗିରି,୨୧।୯ (ଡି.ଏନ୍.ଏ.)



ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ମାଲକାନଗିରି ଜିଲାରେ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ୫ମ ଅର୍ଥ କମିଶନ ଜିଲାକୁ ୭ କୋଟି ୧୩ଲକ୍ଷ ୬୭ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏନେଇ ଜିଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଏକ ବୈଠକ ବସିଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ। ମାଲକାନଗିରି ଜିଲାରେ ବିଭିନ୍ନ ପଞ୍ଚାୟତରେ ଥିବା ୧୪୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଥିରୁ ୮୮ଟି କେନ୍ଦ୍ରର ଉନ୍ନତୀକରଣ କରାଯାଇ ସେହି କେନ୍ଦ୍ରରେ ସ୍ଥାନୀୟ ରୋଗୀ, ଶିଶୁ, ଗର୍ଭବତୀ ମହିଳାମାନେ ସେମାନଙ୍କ ଆବଶ୍ୟକ ଅନୁସାରେ ୧୦ଟି ନମୁନାର ପରୀକ୍ଷା କରିବା ବ୍ୟବସ୍ଥା ହେବ। ଫଳରେ ରୋଗୀମାନେ ରକ୍ତ,ମଳ, ମୂତ୍ର, କଫ ଇତ୍ୟାଦିର ପରୀକ୍ଷା ସହ ଜ୍ୱର, କାଶର ଚିକିତ୍ସା ସହଜରେ କରିପାରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ୪ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜସ୍ୱ ଗୃହ ନ ଥିବାରୁ ସେଠାରେ ୪ଟି ଗୃହ ନିର୍ମାଣ କରାଯିବ। ଚିତ୍ରକୋଣ୍ଡା ଓ କାଳିମେଳା ବ୍ଲକରେ ଦୁଇଟି ସ୍ୱତନ୍ତ୍ର ୟୁନିଟ୍ ଗଠନ କରାଯାଇ ରୋଗୀମାନଙ୍କ ରହିବା, ଖାଦ୍ୟପେୟ, ଉନ୍ନତ ଧରଣର ଚିକିତ୍ସା ବ୍ୟବସ୍ଥା ହେବ। ଏହାଦ୍ୱାରା ରୋଗୀମାନେ ଆଉ ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ରାଜ୍ୟ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେବେ ନାହିଁ।

**ମାଲକାନଗିରି ଜିଲାକୁ ୫ମ ଅର୍ଥ କମିଶନଙ୍କ ଅର୍ଥ ମଞ୍ଜୁର**

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ମାଲକାନଗିରି, ୨୧।୯ (ଡି.ଏନ.ଏ.)

ରାଜ୍ୟ ସରକାର ବିଭିନ୍ନ ବିଭାଗ ଦ୍ୱାରା ପ୍ରତ୍ୟେକ ଗ୍ରାମର ବିକାଶ ପାଇଁ ଡିଆର୍‌ଡିଏ, ବ୍ଲକ ଓ ଆଦିବାସୀ ଉନ୍ନୟନ ସମନ୍ୱିତ ସଂସ୍ଥା ଦ୍ୱାରା ବିଭିନ୍ନ ଯୋଜନା କରି ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ମାଲକାନଗିରି ଜିଲା ପୋଟ୍ରେଲ ପଞ୍ଚାୟତର ଡାବୁଗୁଡ଼ା ଓ କଡ଼େଲଗୁଡ଼ା ଗ୍ରାମରେ ହେବାକୁଥିବା ଉନ୍ନୟନ କାର୍ଯ୍ୟ ଏଯାଏ ଆରମ୍ଭ ହୋଇନାହିଁ। ଫଳରେ ମଙ୍ଗଳବାର ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଡାବୁଗୁଡ଼ା ଗ୍ରାମରେ ମୁଖ୍ୟ ରାସ୍ତାକୁ ସଂଯୋଗ ରାସ୍ତା ଉପରେ ଆଇଟିଡିଏ ପକ୍ଷରୁ ଏକ କଲଭର୍ଟ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ପ୍ରାୟ ୮ ମାସ ହେବ ସେହିକାମ ଆରମ୍ଭ ହୋଇପାରିନାହିଁ। ସେହିପରି ବ୍ଲକ ପକ୍ଷରୁ କଡେଲଗୁଡା ଗ୍ରାମରେ ୨ ମାସ ତଳେ ଏକ ଗାର୍ଡୱାଲ ନିର୍ମାଣ ନେଇ ଆସିଥିବା କାର୍ଯ୍ୟ ଏଯାଏ ଆରମ୍ଭ ହୋଇନାହିଁ । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଜିଲାପାଳଙ୍କୁ ଭେଟିଛନ୍ତି।

# ଡେଙ୍ଗୁ ନିରାକରଣ ନେଇ ସଚେତନତା ଶୋଭାଯାତ୍ରା

ଚିତ୍ରକୋଣ୍ଡା, ୨୧।୯(ଡି.ଏନ.ଏ.)




ବାହାରିଥିବା ଡେଙ୍ଗୁ ସଚେତନତା ଶୋଭାଯାତ୍ରା।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାର କିଛି ଦିନ ତଳେ କେତେକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଚର୍ଚ୍ଚା ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦ ଜାଣିବା ପରେ ତାଙ୍କ ନିର୍ଦ୍ଦେଶରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ନେତୃତ୍ୱରେ ଡେଙ୍ଗୁଠାରୁ ଦୂରେଇ ରହିବା ପାଇଁ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି ଏବଂ ଆଶାକର୍ମୀମାନେ ହାତରେ ପ୍ଲା କାର୍ଡ ଓ ବ୍ୟାନର ଧରି ବିଭିନ୍ନ ପଞ୍ଚାୟତରେ ଘର ଘର ବୁଲି ଲୋକଙ୍କୁ ସଚେତନ କରି ବିଭିନ୍ନ ପରାମର୍ଶ ଦେଇଥିଲେ। ନାଳ ନର୍ଦ୍ଦମାଗୁଡ଼ିକ ସଫା ରଖିବା, ମଶାରି ଟାଣି ଶୋଇବା, ଘର ଚାରି ପାଖେ ପାଣି ଜମିବାକୁ ଦେବା ନାହିଁ ଓ ନାଳ ନର୍ଦ୍ଦମାରେ ଯାଉଥିବା ପାଣି ବାହାରକୁ ଛାଡ଼ି ପରିଷ୍କାର ରଖିବା, ଜର ଲାଗି ରହିଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ପରୀକ୍ଷା କରାଇବାକୁ ଲୋକଙ୍କୁ ବୁଝାଇଥିଲେ। ଫଗିଙ୍ଗ ମେଶିନ ମାଧ୍ୟମରେ ସହର ତଥା କଲୋନୀମାନଙ୍କରେ ଧୂଆଁ ଛଡ଼ା ଯାଇଥିଲା । ବିଡ଼ିଓ ରାହୁଲ ମଣ୍ଡଳ, ବିବିଡିଟିଏସର ପର୍ଯ୍ୟବେକ୍ଷକ ପ୍ରସନ୍ନ ସାହୁ, ସେକ୍ଟର ସୁପରଭାଇଜର ପ୍ରଦୀପ ସରକାର, ମହିଳା ସ୍ୱାସ୍ଥ୍ୟକର୍ମୀ ଗୀତାଞ୍ଜଳି ଚର୍ଚ୍ଚି, ପୁରୁଷ ସ୍ୱାସ୍ଥ୍ୟକର୍ମୀ ହେମନ୍ତ ନାୟକ ଓ ଅକ୍ଷୟ ସାହୁ ପରିଚାଳନା କରିଥିଲେ। ବ୍ୟାଙ୍କ ଛକ,ବସ ଷ୍ଟାଣ୍ଡ, ପଞ୍ଜାବୀ ଛକ, ଚିତ୍ରକୋଣ୍ଡା ଦୈନିକ ବଜାର ସହ ସାହିରେ ଶୋଭାଯାତ୍ରା ପରିକ୍ରମା କରିଥିଲା।

# ମଉଳିଯାଉଛି ଆଦିବାସୀ ଝିଅ ସନମତିଙ୍କ ଶିକ୍ଷୟିତ୍ରୀ ହେବା ଆଶା

ମାଲକାନଗିରି/କୁଡୁମୁଲୁଗୁମ୍ମା, ୨୧।୯(ଡି.ଏନ.ଏ.)

ଇଚ୍ଛା ଥିଲା ଦିନେ ପାଠ ପଢ଼ି ଶିକ୍ଷୟିତ୍ରୀ ହେବେ, ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବେ। ମାତ୍ର ସନମତିଙ୍କ ଇଚ୍ଛାଶକ୍ତି ଆଗରେ ବାଧକ ସାଜିଛି ଆର୍ଥିକ ସମସ୍ୟା। ଏଭଳି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମାଡକାପଦର ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡ଼ା ଗ୍ରାମରେ। ଗ୍ରାମର ରାମ ମୁଦୁଲିଙ୍କ ଝିଅ ସନମତିଙ୍କ ଜନ୍ମର କିଛି ମାସ ପରେ ବାପାଙ୍କ ମୃତ୍ୟୁ ହୋଇଥିଲା। କିଛି ବର୍ଷ ପରେ ମା’ ଶଶୀ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ମାଆବାପା ସନମତିଙ୍କୁ ଅତି ସ୍ନେହରେ ଲାଳନପାଳନ କରିବା ସହିତ ଭଲ ପାଠ ପଢ଼ାଇ ମଣିଷ କରି ଗଢ଼ିବା ପାଇଁ ମାଲକାନଗିରିରେ ଥିବା ଏକ ବେସରକାରୀ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢ଼ାଉଥିଲେ। ମାତ୍ର ବିଧିର ବିଚାର ଥିଲା ଅନ୍ୟ ପ୍ରକାର। ସନମତି ସେହି ବିଦ୍ୟାଳୟରେ ପଢୁଥିବା ବେଳେ ବାପାଙ୍କ ମୃତ୍ୟୁ ହୋଇଥିଲା।



ସନମତି

ମାଆ ଶଶୀ ପର ଘରେ କାମ କରି ଝିଅକୁ ଦଶମ ଯାଏ ପଢ଼ାଇଥିଲେ। ଏବେ ସନମତି ମାଟ୍ରିକ ପାସ୍ କରିଥିଲେ ମଧ୍ୟ ଆଗକୁ ପଢ଼ିବାକୁ ତାଙ୍କର ସମ୍ବଳ ନାହିଁ। ଏ ଦିଗରେ ଅର୍ଥ ସାଜିଛି ପ୍ରତିବନ୍ଧକ। ଖାତା କଲମଟିଏ କିଣିପାରୁ ନ ଥିବା ସନମତି ଅର୍ଥ ଅଭାବରୁ ଯୁକ୍ତ ୨ ପଢ଼ିବା ଲାଗି ଆବେଦନ ମଧ୍ୟ କରିନାହାନ୍ତି। ଅଧାରେ ରହିଯାଉଛି ତାଙ୍କର ଜଣେ ଶିକ୍ଷୟିତ୍ରୀ ହେବାର ସ୍ୱପ୍ନ। ସରକାର ଅବା ପ୍ରଶାସନ ପକ୍ଷରୁ ଯଦି ସନମତିଙ୍କ ପାଠପଢ଼ା ବ୍ୟବସ୍ଥା ହୋଇପାରନ୍ତା ତେବେ ମଉଳିଯାଇଥିବା ତାଙ୍କ ସ୍ୱପ୍ନ ଆଗାମୀ ଦିନରେ ସଫଳ ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ପ୍ରଶାସନ ମଧ୍ୟ ଏ ଦିଗରେ ତାଙ୍କୁ ସହାୟତା କରିବାକୁ ସନମତି ନିବେଦନ କରିଛନ୍ତି। ତାଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

**ଉଚ୍ଚଶିକ୍ଷାରେ ଅର୍ଥ ପ୍ରତିବନ୍ଧକ**

# ସମୂହ ଛୁଟିରେ ଗଲେ ଆତ୍ମା କର୍ମଚାରୀ



ଆତ୍ମା କର୍ମଚାରୀମାନେ ଜିଲାକୃଷି ଅଧିକାରୀଙ୍କୁ ଛୁଟି ଦରଖାସ୍ତ ଦେଉଛନ୍ତି ।

ମାଲକାନଗିରି,୨୧।୯(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା)ରେ କାର୍ଯ୍ୟ କରୁଥିବା ୧୮ ଜଣ କର୍ମଚାରୀ ମଙ୍ଗଳବାର ସମୂହ ଛୁଟି ନେଇଛନ୍ତି। ସେମାନେ ଜିଲା କୃଷି ଅଧିକାରୀଙ୍କୁ ଛୁଟି ଦରଖାସ୍ତ ଦେଇ କାର୍ଯ୍ୟକୁ ଆସିନାହାନ୍ତି। ୨୦୧୨ରୁ କାର୍ଯ୍ୟ କରି ଆସୁଥିବା ଏହି କର୍ମଚାରୀମାନେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା, କାଳିଆ, ବଳରାମ, ଇ-ପେଷ୍ଟ, ପ୍ରଧାନମନ୍ତ୍ରୀ ଫସଲ ବୀମା, ମୃତ୍ତିକା ହେଲ୍‌ଥ କାର୍ଡ, କୃଷି ସମ୍ବନ୍ଧୀୟ ଡାଟା ପ୍ରସ୍ତୁତ ଭଳି ଅନେକ କାର୍ଯ୍ୟ କରି ଆସୁଛନ୍ତି। କରୋନା ମହାମାରୀ ପରି ସମୟରେ ମଧ୍ୟ ସେମାନେ ଜୀବନକୁ ବିପଦରେ ପକାଇ ନିଜର କର୍ତ୍ତବ୍ୟ କରିଛନ୍ତି। ମାତ୍ର ଏହି କର୍ମଚାରୀମାନଙ୍କୁ ୬ମାସ ହେଲା ଦରମା ମିଳିନାହିଁ। ଏନେଇ କର୍ମଚାରୀମାନେ ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଇ ଆସିଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନ ନେବାରୁ ସେମାନେ ବାଧ୍ୟହୋଇ ରାଜ୍ୟ ସଂଘ ନିର୍ଦ୍ଦେଶରେ ସମୂହ ଛୁଟିରେ ଯାଇଛନ୍ତି। ବିଶ୍ୱଜିତ ମହାନ୍ତି, ରବିନ ଦାସ, ରାଜେନ ଶର୍ମା, ଜୟନ୍ତ ଚୌଧୁରୀ, ନାରାୟଣ ଭତ୍ରାଙ୍କ ସହ ଅନ୍ୟମାନେ କୃଷି ଅଧିକାରୀଙ୍କୁ ସାକ୍ଷାତକରି ଛୁଟି ଦରଖାସ୍ତ ଦେଇଥିଲେ।

# ନିର୍ବାଚନ ପାଇଁ କଂଗ୍ରେସର ପ୍ରସ୍ତୁତି

ମାଲକାନଗିରି,୨୧।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ସଦରବ୍ଲକ ଚାଲାଣଗୁଡା ପଞ୍ଚାୟତ ସଦର ମହକୁମାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାଳିମେଲା ବ୍ଲକ ଅଧ୍ୟକ୍ଷ ମାଲାମାଢ଼ି, ମାଲକାନଗିରି ବ୍ଲକ ସଭାପତି ସମରା ଅନୁଗୁ, କଂଗ୍ରେସ ନେତା ଦଶରଥ ଡୁରୁକା, ପ୍ରାଣକୃଷ୍ଣ ମଣ୍ଡଳ, ଭାସ୍କର ଫଟକା, ଇର୍ମା କବାସୀ, ଗଙ୍ଗା ମାଡକାମି, ଭୀମା ବାର୍ସେ, ପୁଷ୍ପା କବାସୀଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।କଂଗ୍ରେସ ଯେପରି ବହୁ ଆସନରେ ବିଜୟୀ ହେବ ସେଥିପାଇଁ କର୍ମୀମାନେ ଗ୍ରାମ ଗ୍ରାମ ବୁଲି ଲୋକଙ୍କୁ ଦଳର ଆଭିମୁଖ୍ୟ, ଶାସକ ଦଳର ଦୁର୍ନୀତି ନେଇ ବୁଝାଇବାକୁ ପରାମର୍ଶ ଦେଇଥିଲେ। ବୈଠକରେ ମାଲକାନଗିରିବ୍ଲକ ପାଇଁ ଏକ ନିର୍ବାଚନ ପରିଚାଳନା କମିଟି ଏବଂ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ପଞ୍ଚାୟତ, ଗ୍ରାମ ଓ ବ୍ଲକ କମିଟି ଗଠନ କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି ପାତ୍ର କହିଥିଲେ।

**ROURKELA MUNICIPAL CORPORATION**
**UDITNAGAR, ROURKELA, Pin - 769012**
Mail ID: rourkelamunicipality@gmail.com Telephone: (0661) 2500388

EOI No. 12482 Date: 18.09.2021

**Notice Inviting Expression of Interest for Selection of Agency for Operation and Management of Beggars Rehabilitation Centre in Rourkela, Odisha**

**No. C-986**:- Rourkela Municipal Corporation (RMC), Rourkela invites Proposals from reputed Agencies for the **Operation & Management of Beggars Rehabilitation Centres in Rourkela** under SAHAYA Scheme as specified in this EOI Document. The detailed EOI document can be downloaded from the website link **http://www.rmc.nic.in** with effect from **18.09.2021 (3 PM)** onwards.

The last date and time for submission of EOI document by speed post/ registered post/ courier/ hand in all working days at the Rourkela Municipal Corporation, Uditnagar, Rourkela-769012 upto **03.00 PM of 01.10.2021**. Based on the eligibility criteria as mentioned in the EOI, the applicant agency will be selected. Commissioner, Rourkela Municipal Corporation, Rourkela reserves the right to accept or reject any application without assigning any reason thereof.

For any queries, please contact **rourkelamunicipality@gmail.com**

**Sd./- Commissioner**
OIPR-13131/11/0034/2122 **Rourkela Municipal Corporation**

**Government of Odisha “e” Procurement Notice**
E-Mail ID - rwd.padampur@yahoo.co.in, Ph.No. 9437255440
**Bid Identification No: Online- 04-OF 2021-22**

No.O-726:-

| | | | |
|---|---|---|---|
| 1 | Name of the work | : | Providing, fitting & fixing of Sign Boards and Road Furniture of approved quality and specification as per IRC:67-2012 to 177 nos. of roads under R.W.Division, Padampur as per Annexure-‘A’ |
| 2 | Amount put to Bid Excluding GST | : | As per Annexure-‘A’ |
| 3 | Class of contractor | : | ‘B’ & ‘A’ |
| 4 | Cost of Tender paper | : | As per Annexure-‘A’ |
| 5 | Date & Time of availability of bid document in the portal | : | From Dt. 21.09.2021 at 10.00 A.M. |
| 6 | Last date & Time for receipt of bids in the portal | : | Dt. 30.09.2021 up to 05:00 P.M. |
| 7 | Last date of seeking clarification | : | Dt. 29.09.2021 up to 5.00 P.M. |
| 8 | Date & Time of technical bid opening | : | Dt. 01.10.2021 at 11.00 A.M. |
| 9 | Date & Time of Financial bid opening | : | Dt. 05.10.2021 at 11.00 A.M. |
| 10 | Name and address of the Officer Inviting Bid | : | Executive Engineer, R.W. Division, Padampur, At/PO- Padampur, Dist.- Bargarh, Pin- 768036 |

(1) Other details can be seen from DTCN available in website www.tendersorissa.gov.in. (2) Corrigendum if any shall only be published in the above website

**Executive Engineer, Rural Works Division, Padampur**
OIPR-25069/11/0006/2122

See Career Appointment on every Wednesday & Saturday

**ତହସିଲ କାର୍ଯ୍ୟାଳୟ, କାଶୀନଗର, ଜିଲ୍ଲା: ଗଜପତି**
**ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୪୮୯୮/ସଇରାତ ତା୨୦।୦୮।୨୦୨୧

No. F-141: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାଶୀନଗର ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ନିଲାମ ଇସ୍ତାହାର ସଂଖ୍ୟା ୪୮୯୮/ସଇରାତ, ତା୨୦।୦୮।୨୦୨୧ ଅନୁଯାୟୀ ନୋଟିସ୍‌ରେ ସଂଲଗ୍ନ ଥିବା କାଶୀନଗର ତହସିଲ ଅଧୀନରେ ଥିବା ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଉତ୍ସ ଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ (୨୦୨୧-୨୨ ଆର୍ଥିକ ବର୍ଷଠାରୁ ୨୦୨୫-୨୬) ପାଇଁ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଦିଆଯିବା ସକାଶେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (Rule 27) ଅନୁଯାୟୀ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଆହ୍ୱାନ/ଗ୍ରହଣର ତାରିଖ ତା୦୮।୧୦।୨୦୨୧ଠାରୁ ତା୦୩।୧୧।୨୦୨୧ରିଖ ଅପରାହ୍ନ ୦୫.୩୦ ଘଟିକା ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ତନଖି ତା୦୫।୧୧।୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘଟିକା।

ସଇରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କିମ୍ବା ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେକୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ଏହା ଗଜପତି ଜିଲ୍ଲା ୱେବସାଇଟ୍ **http://gajapati.nic.in** ସଇରାତ/ଟେଣ୍ଡର ଅଧୀନରେ ମଧ୍ୟ ଉପଲବ୍ଧ ହେବ।

**ସ୍ୱା./- ତହସିଲଦାର, କାଶୀନଗର**
OIPR-24215/11/0001/2122

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା 14231/IND-IV/PCP(M)93 ତା 18.09.2021

**ସର୍ବସାଧାରଣ ବିଜ୍ଞପ୍ତି**

No. CAD-1240: ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁରେ ଥିବା ତମ୍ବା, ସୀସା, ପାରଦ, କ୍ୟାଡ଼ମିୟମ୍, କ୍ରୋମିୟମ୍ ଭଳି ଅନେକ ରାସାୟନିକ ଭାରି ଧାତୁ ପରିବେଶ ତଥା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଅଟେ। ଯଦି ଉପରୋକ୍ତ ବର୍ଜ୍ୟବସ୍ତୁଗୁଡ଼ିକ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ ନ କରାଯାଏ, ତାହା ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ କୁପ୍ରଭାବ ପକାଇବ। ତେଣୁ ଉପରୋକ୍ତ ପ୍ରତିକୂଳ ପ୍ରଭାବକୁ ବିଚାରକୁ ନେଇ ଗୃହ ଏବଂ ନଗର ଉନ୍ନୟନ ବିଭାଗ ସମସ୍ତ ମ୍ୟୁନିସିପାଲିଟି କର୍ପୋରେସନ/ମ୍ୟୁନିସିପାଲିଟି/ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କୁ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ ଯଥା: ସିଏଫ୍‌ଏଲ୍ ବଲ୍‌ବ, ଟ୍ୟୁବଲାଇଟ୍ ଇତ୍ୟାଦିକୁ ପ୍ରତି ଶନିବାର ଦିନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଅଛନ୍ତି। ଏତଦ୍‌ବ୍ୟତୀତ ସମସ୍ତ ଗୃହକର୍ତ୍ତା ମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁଗୁଡ଼ିକୁ ସହରାଞ୍ଚଳ ପରିମଳ ସଂସ୍ଥାର ଇ-ବର୍ଜ୍ୟବସ୍ତୁ ସ୍ୱଚ୍ଛ ସୁପରଭାଇଜର କିମ୍ବା ସ୍ୱଚ୍ଛ ସାଥୀମାନଙ୍କୁ ହସ୍ତାନ୍ତର କରିବେ। ଏହି ବର୍ଜ୍ୟବସ୍ତୁଗୁଡ଼ିକୁ ଅନ୍ୟାନ୍ୟ ଘରୋଇ ବର୍ଜ୍ୟବସ୍ତୁ ସହିତ ନ ମିଶାଇ ଏକ ସପ୍ତାହ ପର୍ଯ୍ୟନ୍ତ ପୃଥକ୍ ଭାବେ ରଖାଯିବା ଉଚିତ୍। ପରିମଳ ସଂସ୍ଥା ଏହି ଆବର୍ଜନା ଗୁଡ଼ିକୁ ପୃଥକ୍ ପୃଥକ୍ ଭାବେ ପୁନରୁଦ୍ଧାର କେନ୍ଦ୍ର ଗୃହରେ ଇ-ବର୍ଜ୍ୟବସ୍ତୁ ନାମରେ ଚିହ୍ନଟ ସ୍ଥାନରେ ଗଚ୍ଛିତ ରଖିବେ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସଗୃହୀତ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁକୁ ପ୍ରାଧିକୃତ ବିସ୍ଥାପନ କିମ୍ବା ପୁନରୁଦ୍ଧାର କେନ୍ଦ୍ରକୁ ହସ୍ତାନ୍ତର କରିବେ। ପଞ୍ଜୀକୃତ ବିସ୍ଥାପନ ଏବଂ ପୁନରୁଦ୍ଧାର କେନ୍ଦ୍ରଗୁଡ଼ିକର ତାଲିକା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୱେବସାଇଟ୍ **www.oscpboard.org**ରେ ଉପଲବ୍ଧ ଅଛି।

**ସ୍ୱା./- ସଦସ୍ୟ ସଚିବ**
OIPR-08012/11/0095/2122

**GOVERNMENT OF ODISHA**
**“e” PROCUREMENT NOTICE**
No.O-725:- **Bid Identification No.08 of 2021-22**

| | | | |
|---|---|---|---|
| 1 | Number of works | : | 19 Nos. of works |
| 2 | Estimated cost (Approx.) | : | Rs.1.30 lakhs to Rs.20.50 lakh (Approx.) |
| 3 | Period of completion | : | Mention against NIT Table Col.06 |
| 4 | Date & time of availability of bid documents in the portal: | : | 29.09.2021 at 11.00 hrs. |
| 5 | Last date & time for receipt of bids in the portal | : | 11.10.2021 at 17.00 hrs. |
| 6 | Date of opening of tender | : | 16.10.2021 at 11.00 hrs. |
| 7. | Name and address of the officer inviting bid | : | Executive Engineer, Rural Works Division, Jagatsinghpur |

Further details can be seen from the Government website: www.tendersorissa.gov.in.
**Sd./- Executive Engineer, Rural Works Division, Jagatsinghpur**
OIPR- 25056/11/0008/2122

**Directorate of Handicrafts, Odisha**
**1st Floor, Heads of Department Building, Unit-V, Bhubaneswar - 1**

**Tender Call Notice**

No. 3887/ dt.20.09.2021

**No. PP-33:-** The Directorate of Handicrafts, Odisha is organizing handicraft exhibitions inside the state during the year 2021-22.

Sealed quotations are invited from registered event management firms / decorators having valid GST registration Certificate for designing, fabrication and erection of stalls with allied activities. The firm must have executed 2 (two) Nos. of assignment for design and erection of stalls / pavillions worth Rs.15 lakhs each (Rupees fifteen lakhs only) or above for PSUs / Central Govt. / State Govt. during the financial year (2018-19, 2019-20 & 2020-21). The firms need to apply in 2 bids for the above events to be organized during the year 2021-22. The 1st bid will be Technical Bid containing documents of experience in executing similar works, copies of GST Registration Certificate & Income tax registration, EMD & I.T. return for last 2 years. The 2nd bid will be the financial bid containing the quoted rate of the firm as per schedule. The bid papers containing schedule of work, specification, terms & conditions with model sketches can be available in the office of the undersigned on all working days from 21.09.2021 to 05.10.2021 (up to 5.00 P.M.) for an amount of Rs.1,000/-. The last date for submission of the quotations at this office is 07.10.2021 (upto 1.00 P.M.). The quotations will be opened in presence of the bidders or their authorized representatives on 07.10.2021 at 2.00 P.M.

**Sd./- Director of Handicrafts, Odisha**
OIPR-14008/11/0001/2122

## ସଂକ୍ଷେପରେ

### ଅକ୍ଟୋବର ୧ରୁ ଅଟୋଡେବିଟ୍ ପେମେଣ୍ଟ ନିୟମ

ନୂଆଦିଲ୍ଲୀ,୨୧।୯: ଅକ୍ଟୋବର ପହିଲାରୁ ଅଟୋଡେବିଟ୍ ପେମେଣ୍ଟ ନିୟମ ଲାଗୁ ହେବାକୁ ଯାଉଛି। ଏହାଦ୍ୱାରା ବ୍ୟାଙ୍କ ସମେତ ପେଟିଏମ୍, ଫୋନ୍ ପେ ଭଳି ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମଗୁଡ଼ିକ କିସ୍ତି କିମ୍ବା ବିଲ୍ ଦେୟ ପ୍ରଦାନ ପୂର୍ବରୁ ସବୁଥର ଗ୍ରାହକଙ୍କ ଅନୁମତି ନେବାକୁ ପଡ଼ିବ। ଏଥିପାଇଁ କମ୍ପାନୀଗୁଡ଼ିକୁ ସିଷ୍ଟମରେ ପରିବର୍ତ୍ତନ କରିବାକୁ ହେବ। ଥରେ ଅନୁମତିରେ ଏଣିକି କମ୍ପାନୀ ବାରମ୍ବାର ପଇସା କାଟିପାରିବେ ନାହିଁ। ନୂଆ ବ୍ୟବସ୍ଥା ଅନ୍ତର୍ଗତ ବ୍ୟାଙ୍କଗୁଡ଼ିକୁ ପେମେଣ୍ଟର ଧାର୍ଯ୍ୟ ଦିନର ୫ ଦିନ ଆଗରୁ ଗ୍ରାହକଙ୍କୁ ଏକ ନୋଟିଫିକେଶନ ପଠାଇବେ। ନୋଟିଫିକେଶନ ଉପରେ ଗ୍ରାହକଙ୍କ ମଞ୍ଜୁରୀ ଲୋଡ଼ା ପଡ଼ିବ। ୫ ହଜାରରୁ ଉର୍ଦ୍ଧ୍ୱ ପେମେଣ୍ଟ ଉପରେ ଓଟିପି ସିଷ୍ଟମ ଜରୁରୀ କରାଯାଇଛି। ଠକେଇ ରୋକିବାକୁ ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

### ବାଣିଜ୍ୟିକ ଯାନ ଦର ବୃଦ୍ଧିକଲା ଟାଟା ମୋଟର୍ସ

ଭୁବନେଶ୍ୱର,୨୧।୯: ଦେଶର ଅଗ୍ରଣୀ ଅଟୋମୋବାଇଲ ନିର୍ମାଣକାରୀ ସଂସ୍ଥା ଟାଟା ମୋଟର୍ସ ତା'ର ସମସ୍ତ ବାଣିଜ୍ୟକ ଯାନ ଉପରେ ଅକ୍ଟୋବର ପହିଲାରୁ ପ୍ରାୟ ୨% ଦର ବୃଦ୍ଧି କରିବ ବୋଲି ମଙ୍ଗଳବାର ସୂଚନା ଦେଇଛି। ଏହା ଆଗରୁ ଅନେକ ଅଟୋଶିଳ୍ପ ସଂସ୍ଥା ସେମାନଙ୍କର ଯାନର ଦର ବୃଦ୍ଧି କରି ସାରିଛନ୍ତି। କୋଭିଡ୍‌ର ମାନ୍ଦାବସ୍ଥା ସାଙ୍ଗକୁ ଅଟୋ ଶିଳ୍ପ ସାମଗ୍ରୀ ବିଶେଷ କରି ଆଲୁମିନିୟମ, ତମ୍ବା ସମେତ ବହୁ ଅତ୍ୟାବଶ୍ୟକ ଯନ୍ତ୍ରପାତି ବିଭିନ୍ନ କାରଣରୁ ଦର ବୃଦ୍ଧି ହୋଇଛି। ଫଳରେ କମ୍ପାନୀ ସବୁ ଦିଗକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହି ବର୍ଦ୍ଧିତ ଦର ସାରା ଦେଶରେ ଲାଗୁ ହେବ ବୋଲି ସୂଚନା ମିଳିଛି। ନିକଟରେ ମାରୁତି ସୁଜିକି ସମେତ ହିରୋ ମୋଟୋକର୍ପ, ରେନୋ ଭଳି ଅନେକ କମ୍ପାନୀ ଦର ବୃଦ୍ଧି କରିଛନ୍ତି।

# କ୍ଲିନ୍ ଏନର୍ଜିରେ ଆଦାନୀ-ଅମ୍ବାନୀ ଟକ୍କର

ନୂଆଦିଲ୍ଲୀ,୨୧।୯

ଦେଶର କ୍ଲିନ୍ ଏନର୍ଜି କ୍ଷେତ୍ରରେ ପତିଆରା ଦଖଲ ଲାଗି ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଗ୍ରୁପ୍ ଏବଂ ଗୌତମ ଆଦାନୀଙ୍କ ଆଦାନୀ ଏଣ୍ଟରପ୍ରାଇଜେସ୍ ମଧ୍ୟରେ କଡ଼ା ଟକ୍କର

**୧.୪୭ ଲକ୍ଷ କୋଟି ନିବେଶ କରିବ ଆଦାନୀ**

ଦେଖିବାକୁ ମିଳିବ। ଆଦାନୀ ଗ୍ରୁପ୍ କ୍ଲିନ୍ ଏନର୍ଜି ସମ୍ପର୍କିତ ଟେକ୍ନୋଲୋଜି କ୍ଷେତ୍ରରେ ଆଗାମୀ ୧୦ ବର୍ଷରେ ୨୦ ବିଲିୟନ ଡଲାର(୧.୪୭ ଲକ୍ଷ କୋଟି)ରୁ ଊର୍ଦ୍ଧ୍ୱ ମୂଲ୍ୟର ନିବେଶ କରିବାକୁ ଯୋଜନା ରଖିଛି। ମୁକେଶ ଅମ୍ବାନୀ ଏ କ୍ଷେତ୍ରରେ ୭୫ ହଜାର କୋଟି ଟଙ୍କା ନିବେଶ କରିବା ନେଇ ନିକଟରେ ଘୋଷଣା କରିଥିଲେ। ଏବେ ଆଦାନୀ ଗ୍ରୁପ୍ ମଧ୍ୟ ସମାନ କ୍ଷେତ୍ରରେ ବୃହତ୍ ନିବେଶ କରିବାକୁ ଯାଉଥିବାରୁ କ୍ଲିନ୍ ଏନର୍ଜି କ୍ଷେତ୍ରରେ ଦେଶର ୨ ବଡ଼ ବାଣିଜ୍ୟିକ ଗ୍ରୁପ୍ ମଧ୍ୟରେ କଡ଼ା ପ୍ରତିଯୋଗିତା ହେବ ବୋଲି ଆକଳନ କରାଯାଉଛି। ପରିବେଶ ପ୍ରତି କ୍ଷତିକାରକ ନ ଥିବା ସୌର ଶକ୍ତି, ପବନ ଶକ୍ତି ଏବଂ ଜଳକୁ ବାହାରୁଥିବା ଶକ୍ତି



ଗ୍ରୀନ୍ ଏନର୍ଜି ପରିସରଭୁକ୍ତ ହୋଇଛି।

ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ମଙ୍ଗଳବାର କହିଛନ୍ତି, ପ୍ରସ୍ତାବିତ ନୂତନ ନିବେଶ ଗ୍ରୀନ୍ ଏନର୍ଜି ଇକ୍ୱିପମେଣ୍ଟ ମାନୁଫାକ୍ଚରିଂ ୟୁନିଟ ଏବଂ ଭିତ୍ତିଭୂମି ସଜାଡ଼ିବା କ୍ଷେତ୍ରରେ ବିନିଯୋଗ କରାଯିବ। ଗ୍ରୀନ୍ ହାଇଡ୍ରୋଜେନ କ୍ଷେତ୍ରରେ ପ୍ରବେଶ ନେଇ ମଧ୍ୟ ଯୋଜନା ରଖାଯାଇଛି। ସମସ୍ତ ଡାଟା ସେଣ୍ଟରକୁ ନବୀକରଣ ଯୋଗ୍ୟ ଶକ୍ତି ଦ୍ୱାରା କାର୍ଯ୍ୟକ୍ଷମ କରାଯିବ। ୨୦୨୫ ସୁଦ୍ଧା ଗ୍ରୁପ୍ ଦ୍ୱାରା ପରିଚାଳିତ ବନ୍ଦରଗୁଡ଼ିକୁ ନେଟ୍ କାର୍ବନ ଜିରୋ ବା ଅଙ୍ଗାରକାମ୍ଳ ମୁକ୍ତ କରିବା ଉପରେ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଜେପି ମୋର୍ଗାନ ଇଣ୍ଡିଆ ଇନ୍‌ଭେଷ୍ଟର୍ସ ସମିଟ୍‌ରେ ଆଦାନୀ କହିଛନ୍ତି, କ୍ଲିନ୍ ଏନର୍ଜି ଭାଲ୍ୟୁ ଚେନ୍‌ରେ ବଡ଼ ନିବେଶ ହେବ। କ୍ଲିନ୍ ଏନର୍ଜିର ଅଧିକାଂଶ କ୍ଷେତ୍ରରେ ପ୍ରମୁଖ ସ୍ଥାନରେ ରହିବା ଦିଗରେ ଏହା କାର୍ଯ୍ୟ କରିବ।

୨୦୩୦ ସୁଦ୍ଧା ଦୁନିଆର ସବୁଠାରୁ ବଡ଼ ବିଜୁଳି କମ୍ପାନୀ ହେବା ଦିଗରେ କମ୍ପାନୀ ଏବେ ଅଗ୍ରସର ହେଉଛି। ଗ୍ରୀନ୍ ଏନର୍ଜି ଉତ୍ପାଦନ, ଯନ୍ତ୍ରାଂଶ ମାନୁଫାକ୍ଚରିଂ, ବିତରଣ ଭଳି ବିଭିନ୍ନ କାର୍ଯ୍ୟରେ ଏହି ରାଶି ନିବେଶ ହେବ। ଗ୍ରୁପ୍ ଆଗାମୀ ୪ ବର୍ଷରେ ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ କ୍ଷମତାକୁ ୩ ଗୁଣ କରିବାକୁ ଲକ୍ଷ୍ୟ ରଖିଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ନୂଆ ବିଜ୍‌ନେସ ସ୍ଥାପନ କରିବ। ଏହାକୁ ସ୍ୱାଧୀନ କମ୍ପାନୀ ଭାବେ ଷ୍ଟକ୍ ବଜାରରେ ସୂଚୀଭୁକ୍ତ ମଧ୍ୟ କରାଇବ। ଏୟାରପୋର୍ଟ ଏବଂ ଡିଜିଟାଲ ବିଜ୍‌ନେସ୍‌ର ବିସ୍ତାର ପାଇଁ କମ୍ପାନୀ ବଡ଼ ଯୋଜନା ବନାଇଥିବା ଆଦାନୀ ସ୍ପଷ୍ଟ କରିଛନ୍ତି।

**୧୦ ବିଲିୟନ ଡଲାର ନିବେଶ କରିବ ରିଲାଏନ୍ସ**

ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏହାର ୪୪ତମ ବାର୍ଷିକ ସାଧାରଣ ବୈଠକରେ ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ଆଗାମୀ ୩ ବର୍ଷରେ ୧୦ ବିଲିୟନ ଡଲାର(୭୫ ହଜାର କୋଟି ଟଙ୍କା) ଖର୍ଚ୍ଚ ନେଇ ଘୋଷଣା କରିଥିଲା। ୨୦୩୫ ସୁଦ୍ଧା ନିଜ ବାଣିଜ୍ୟର କାର୍ବନ ନିର୍ଗମନକୁ କମ୍ କରିବା ଦିଗରେ ଏହି ଖର୍ଚ୍ଚ କରିବାକୁ କମ୍ପାନୀର ଲକ୍ଷ୍ୟ ରହିଛି। ୨୦୩୦ ସୁଦ୍ଧା ୧୦୦ ଗିଗାୱାଟ୍ ସବୁଜ ଶକ୍ତି ଉତ୍ପାଦନ ଦିଗରେ କମ୍ପାନୀ ଧ୍ୟାନ କେନ୍ଦ୍ରିତ କରିଛି। ଜାମନଗରରେ ସୋଲାର ପ୍ୟାନେଲ, ବ୍ୟାଟେରି, ଗ୍ରୀନ୍ ହାଇଡ୍ରୋଜେନ ଏବଂ ଫୁଏଲ ସେଲ୍ ଉତ୍ପାଦନ ଲାଗି ୬୦ ହଜାର କୋଟି ଟଙ୍କା ବିନିଯୋଗରେ ୪ ଗିଗା ଫ୍ୟାକ୍ଟ୍ରି ଏହା ବସାଇବ। ୧୫ ହଜାର କୋଟି, ଭାଲ୍ୟୁ ଚେନ୍, ସହଭାଗିତା ଏବଂ ଭବିଷ୍ୟତର ଟେକ୍ନୋଲୋଜି ଉପରେ ମଧ୍ୟ ଖର୍ଚ୍ଚ କରାଯିବ।

# କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସରେ ଏଟି ଟ୍ରେଡିଂର ପ୍ରବେଶ



ଭୁବନେଶ୍ୱର,୨୧।୯

ଏଟି ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ପ୍ରବେଶ କରିଛି। ଏଟି ବ୍ରାଣ୍ଡ ନାମରେ କମ୍ପାନୀ ଏକ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ଡିଭିଜନ ସ୍ଥାପନ ସମ୍ପର୍କରେ ନିକଟରେ ଘୋଷଣା କରିଛି। କମ୍ପାନୀ ପକ୍ଷରୁ କୋଲକାତାରେ ଏଥିଲାଗି ଏକ ଫାସିଲିଟି ସ୍ଥାପନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ କମ୍ପାନୀ ଏଲଇଡି ଟିଭି ଏବଂ ହୋମ୍ ଥିଏଟର ପ୍ରସ୍ତୁତ କରିବ। ଗ୍ରାହକଙ୍କୁ ପ୍ରିମିୟମ ଗୁଣବତ୍ତା ଏବଂ ବିସ୍ତୃତ ବିକଳ୍ପ ମିଳିପାରିବ। ଏଟିର ପ୍ରଡକ୍ଟଗୁଡ଼ିକର ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି।

# ଆର୍ଥିକ ଆବଶ୍ୟକତାକୁ ସୁରକ୍ଷା ଦେବା ଜରୁରୀ

ଭୁବନେଶ୍ୱର,୨୧।୯

ପରିବାର ତଥା ପ୍ରିୟଜନଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ ଲାଗି ବ୍ୟକ୍ତିବିଶେଷ କଠିନ ପରିଶ୍ରମ କରିବା ସହ ଆୟ ବୃଦ୍ଧି ଲାଗି ଉଦ୍ୟମ କରିଥାନ୍ତି। କୌଣସି କାରଣବଶତଃ ଯଦି ପରିବାର ସମ୍ଭାଳୁଥିବା ବ୍ୟକ୍ତିଙ୍କର ପରଲୋକ ହୁଏ, ପରିବାର ଅନେକ ସମସ୍ୟା ସାମ୍ନା କରିଥାନ୍ତି। ଏଭଳି ସମସ୍ୟାକୁ ନଜରରେ ରଖି ପ୍ରିୟଜନ ତଥା ପରିବାରର ନିରାପତ୍ତା ଏବଂ ଆର୍ଥିକ ସୁରକ୍ଷା ଲାଗି ଟର୍ମ ଇନ୍‌ସ୍ୟୁରାନ୍ସ ନେବା ବୁଦ୍ଧିମାନର କାମ ହେବ ବୋଲି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ଜୋନ ୩ ସଭାପତି ରବୀନ୍ଦ୍ର କୁମାର କହିଛନ୍ତି। ଏଭଳି ସ୍ଥିତିରେ ବୀମା ନେଇଥିବା ବ୍ୟକ୍ତି ପଲିସି କ୍ରୟ କରିବା ସମୟରେ ଯେଉଁ ସମ୍ ଆସ୍ୟୁର୍ଡ ବା ବୀମା ଦାବି ଚୟନ କରନ୍ତି ତାହା ଯେଭଳି ଆଗାମୀ ବର୍ଷଗୁଡ଼ିକରେ ପର୍ଯ୍ୟାପ୍ତ ହେବ ତାକୁ ମଧ୍ୟ ଗୁରୁତ୍ୱ ଦେବାକୁ କୁମାର ପରାମର୍ଶ ଦେଇଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବୀମା ନେଉଥିବା ବ୍ୟକ୍ତି ଅନେକ ସମୟରେ ଅବହେଳା କରିଥାନ୍ତି। ଆର୍ଥିକ ସ୍ଥିତି ବଦଳିବା ସହ ମୁଦ୍ରାସ୍ଫୀତି ମଧ୍ୟ ବଢୁଛି। ଜୀବନରେ ବିବାହ, ଘର କିଣା ସହ ଅନେକ କାମ ଲୋକମାନେ କରିଥାନ୍ତି। ଏହାକୁ ଦେଖିଲେ ଉଚ୍ଚ ପରିମାଣର ବୀମା କଭର ନେବା ଉପରେ କୁମାର ଗୁରୁତ୍ୱାରୋପ କରିଛନ୍ତି। ବୀମାଧାରୀ ପ୍ରୋଟେକ୍ସନ ପ୍ଲାନ୍ ବୀମା ପଲିସି ନେବା ସହ ବର୍ତ୍ତମାନ ଏବଂ ଭବିଷ୍ୟତର ଆର୍ଥିକ ଆବଶ୍ୟକତାକୁ ସୁରକ୍ଷିତ କରିପାରିବେ। ଏସ୍‌ବିଆଇର ଇ-ସିଲ୍ଡ ନେକ୍ସଟ ପରିବାରଗୁଡ଼ିକର ଆର୍ଥିକ ସୁରକ୍ଷାକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଆମାଜନ ଲାଞ୍ଚ ମାମଲା: ତଦନ୍ତ କରିବେ ସରକାର

ନୂଆଦିଲ୍ଲୀ,୨୧।୯

ବିଭିନ୍ନ ଆଇନଗତ କାର୍ଯ୍ୟକଳାପ ପାଇଁ ଆମାଜନର ଅଧିକାରୀମାନେ ଲାଞ୍ଚ କାରବାର କରିଥିବା ଅଭିଯୋଗ ଆସିବା ପରେ ଏହା ଉପରେ କମ୍ପାନୀ ବର୍ତ୍ତମାନ ଅନ୍ତରୀଣ ତଦନ୍ତ ଚଳାଇଛି। ଏହି ଅଭିଯୋଗ ଉପରେ ସରକାର ମଧ୍ୟ ତଦନ୍ତ କରିବେ ବୋଲି ମଙ୍ଗଳବାର ଜଣାପଡ଼ିଛି। ଏହି ପ୍ରସଙ୍ଗରେ ନାମ ଗୋପନ ରଖି ଜଣେ ସରକାରୀ ଅଧିକାରୀ କହିଛନ୍ତି, ଲାଞ୍ଚ କାରବାରକୁ ନେଇ ସରକାରଙ୍କ ଜିରୋ ଟଲରାନ୍ସ ନୀତି ରହିଛି। ମିଡିଆ ରିପୋର୍ଟ ମୁତାବକ, କମ୍ପାନୀ ନିଜ କାମ କରାଇବା ଲାଗି ଜଣେ



ସ୍ୱାଧୀନ ଆଇନଜୀବୀ ନିଯୁକ୍ତ କରିବା ସହ ତାଙ୍କୁ ଯେଉଁ ଆଇନଗତ ଫି ଦେଇଥିଲା ତା'ର ବ୍ୟବହାର ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେବାରେ ମଧ୍ୟ ଖର୍ଚ୍ଚ ହୋଇଛି।

**୮,୫୦୦ କୋଟି ଖର୍ଚ୍ଚ କରିଛି ଆମାଜନ**

ସରକାରୀ ଅଧିକାରୀଙ୍କ କହିବା ମୁତାବକ, ଆମାଜନ ଆଇନଗତ ଫି ବାବଦକୁ ଗତ ୨ ବର୍ଷରେ ୮,୫୦୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଏତେ ଟଙ୍କା କେଉଁ ଉପାୟରେ ଖର୍ଚ୍ଚ ହୋଇଛି। ଏହା ଚିନ୍ତାର ବିଷୟ ବୋଲି ଏବେ ପ୍ରଶ୍ନ ଉଠିଛି। ପୂରା ସିଷ୍ଟମ ଲାଞ୍ଚରେ ଚାଲିଛି ବୋଲି ହ୍ୱିସିଲବ୍ଲୋୟର ଅଭିଯୋଗ ଆଣିଥିଲେ। କାରବାରର ଏହା ଠିକ୍ ତରିକା ନୁହେଁ। ଆମାଜନର କିଛି କମ୍ପାନୀର ପବ୍ଲିକ ଆକାଉଣ୍ଟର ଉଦାହରଣ ଦେଇ ଅଧିକାରୀ ଜଣକ କହିଛନ୍ତି। ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଯାଞ୍ଚ କରାଇବା ଲାଗି ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପକ୍ଷରୁ ଦାବି ଉଠିଛି।

# ୭୦୦ କୋଟି ଟଙ୍କାର ଟିକସ ଚୋରି ଠାବ

ନୂଆଦିଲ୍ଲୀ,୨୧।୯

ଇସ୍ପାତ ସାମଗ୍ରୀ ପ୍ରସ୍ତୁତ କରୁଥିବା ପଶ୍ଚିମବଙ୍ଗର ଏକ କମ୍ପାନୀ ୭୦୦ କୋଟି ଟଙ୍କାର ଟିକସ ଠକେଇ କରିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। ଏହି ଘଟଣାରେ ମୋଟ ୨୫ଟି ସ୍ଥାନରେ ଆୟକର ବିଭାଗ ଚଢ଼ାଉ କରିଛି। କମ୍ପାନୀ ପ୍ରମୋଟରଙ୍କ ଅଫିସ, ଘର ସମେତ ଅନ୍ୟ ସ୍ଥାନ ଏହା ମଧ୍ୟରେ ସାମିଲ ଥିବା ଜଣାପଡ଼ିଛି। କଲିକତା, ଦୁର୍ଗାପୁର, ଆସାନସୋଲ, ପୁରୁଲିଆ ଭଳି ସ୍ଥାନ ଗୁଡ଼ିକ ଉପରେ ଚଢ଼ାଉ କରାଯାଇଛି।



ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱ ବଟକୃଷ୍ଣ ବେହେରା
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସୋଲପାଟ ମ.ଇ. ବିଦ୍ୟାଳୟ
ଗ୍ରାମ-ସୋଲପାଟ, ପୋ.-ପାରିପଦା-ନିଜାମପୁର
ଭାୟା-ମଙ୍ଗଳପୁର, ଜିଲ୍ଲା- ଯାଜପୁର
ଆବିର୍ଭାବ-୨୩।୦୨।୧୯୪୭
ତିରୋଧାନ- ୨୨।୦୯।୨୦୨୦
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ମାଟିର ଆଲୋକ, ପଥ ପ୍ରଦର୍ଶକ ତଥା ଦିଗ୍‌ଦର୍ଶକ ମାଟିରେ ମିଶିଗଲେ । ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କାର୍ଯ୍ୟ ଦକ୍ଷତା ଆମମାନଙ୍କର ପାଥେୟ ହେଉ। ସେହି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ବେହେରା ପରିବାରବର୍ଗ।
ଧ-୨୧୨୯୯

## ଫୁରସତ୍

# ଏସି ଭଳି କାମ କରିବ ଅଲଟ୍ରା ହ୍ୱାଇଟ୍ ପେଣ୍ଟ

ନୂଆଦିଲ୍ଲୀ: ଘରେ ଧଳା ରଙ୍ଗ ଲଗାଇଲେ ଏୟାର କଣ୍ଡିଶନର ଦରକାର ପଡ଼ିବନି। ଏମିତି ଏକ କଥାକୁ ହୁଏତ ସହଜରେ ବିଶ୍ୱାସ କରିହେବ ନାହିଁ। କିନ୍ତୁ ବୈଜ୍ଞାନିକମାନେ ଏବେ ଏମିତି ଏକ ଧଳାରଙ୍ଗ ବାହାର କରିଛନ୍ତି, ଯାହା ଏବେ ତାପମାତ୍ରାକୁ କମ୍ କରିବାରେ ସହାୟକ ହୋଇପାରିବ। ଆମେରିକାର ପୁରଡ୍ୟୁଏ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏମିତି ଏକ ଧଳା ରଙ୍ଗ ବାହାର କରିଛନ୍ତି, ଯାହା ଗ୍ଲୋବାଲ ୱାର୍ମିଂକୁ କମ୍ କରିଦେବ। ୭ ବର୍ଷ ତଳୁ ଏହି ୟୁନିଭର୍ସିଟିର ବୈଜ୍ଞାନିକମାନେ ଏନେଇ ରିସର୍ଚ୍ଚ ଆରମ୍ଭ କରିଥିଲେ। ଦିନକୁ ଦିନ ବିଶ୍ୱରେ ବଢୁଥିବା ତାପମାତ୍ରାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏଭଳି ଏକ ରିସର୍ଚ୍ଚ ଆରମ୍ଭ କରାଯାଇଥିଲା। ଏବେ ଏଥିରେ ବୈଜ୍ଞାନିକମାନେ ସଫଳତା ହାସଲ କରିଛନ୍ତି। ବିଶ୍ୱର ସବୁଠୁ ଅଧିକ ଧଳା ରଙ୍ଗ ବା ଅଲଟ୍ରା



ହ୍ୱାଇଟ୍ ପେଣ୍ଟ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଏହି ରଙ୍ଗ ବିଶ୍ୱର ସବୁଠୁ ଅଧିକ ଧଳା ରଙ୍ଗଭାବେ ଗିନିଜ୍ ବୁକ୍‌ରେ ମଧ୍ୟ ସ୍ଥାନ ପାଇଛି। ତେବେ ବୈଜ୍ଞାନିକଙ୍କ କହିବା ଅନୁସାରେ ରେକର୍ଡ କରିବା ପାଇଁ ଏଭଳି ରଙ୍ଗ ପ୍ରସ୍ତୁତ କରାଯାଇନାହିଁ, ବରଂ ଗ୍ଲୋବାଲ ୱାର୍ମିଂକୁ କମ୍ କରିବା ଉଦ୍ଦେଶ୍ୟରେ ଏହି ରଙ୍ଗ ଫଳପ୍ରଦ ହେବ ବୋଲି ଆଶା ରଖାଯାଇଛି। ଏହି ରଙ୍ଗ ପ୍ରଭାବରେ ଘରେ ଏୟାର କଣ୍ଡିଶନର ଆବଶ୍ୟକତା ବହୁତ କମ୍ ହୋଇଯିବ କିମ୍ବା ଆଦୌ ଦରକାର ପଡ଼ି ନ ପାରେ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। କାରଣ ଏହି ରଙ୍ଗକୁ କୌଣସି ଘରେ ଲଗାଇଲେ ତାହା ସୂର୍ଯ୍ୟଙ୍କ କିରଣକୁ ପ୍ରତିଫଳିତ କରି ଦେଇଥାଏ, ଯାହାଫଳରେ ଘର ପରିବେଶ ଥଣ୍ଡା ରହିଥାଏ। ୟୁନିଭର୍ସିଟିର ମେକାନିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଜିୟୁଲିନ୍ ରୁଆନ ଓ ତାଙ୍କ ଟିମ୍ ମିଳିତଭାବେ ଏହି ରଙ୍ଗ ପ୍ରସ୍ତୁତ କରିଛନ୍ତି। ତାଙ୍କ କହିବା ଅନୁସାରେ ଏସି ତୁଳନାରେ ଏହି ରଙ୍ଗ ଅଧିକ ପ୍ରଭାବଶାଳୀ। ୧ ହଜାର ବର୍ଗ ଫୁଟ ଛାତରେ ଏହି ରଙ୍ଗ ଲଗାଇଲେ ତାହା ୧୦ କିଲୋ ୱାଟ ପର୍ଯ୍ୟନ୍ତ ଥଣ୍ଡା କରିବାର କ୍ଷମତା ରଖିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଏହି ରଙ୍ଗରେ ବେରିୟମ୍ ସଲଫେଟ୍‌ର ମାତ୍ରା ବହୁ ଅଧିକ ରହିଛି। ତେଣୁ ଏହା ସାଧାରଣ ଧଳା ରଙ୍ଗ ତୁଳନାରେ ସୂର୍ଯ୍ୟକିରଣର ପ୍ରଭାବକୁ ଏହା ୯୦ ପ୍ରତିଶତ କମ୍ କରି ଦେଇଥାଏ। ଖୁବ୍‌ଶୀଘ୍ର ଏହି ରଙ୍ଗ ବଜାରରେ ଉପଲବ୍ଧ ହେବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି।

# ସ୍ୱର ହରାଇବା ଖବରକୁ ଖଣ୍ଡନକଲେ ବାପି ଲାହିରି




ବମ୍ବେ: ଲୋକପ୍ରିୟ ଗାୟକ ବାପି ଲାହିରି ଅସୁସ୍ଥତା ଯୋଗୁ ତାଙ୍କ ସ୍ୱର ହରାଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ଖବର ସମ୍ପୂର୍ଣ୍ଣ ମିଥ୍ୟା ବୋଲି ୬୮ ବର୍ଷୀୟ ବାପି କହିଛନ୍ତି। ଗଣମାଧ୍ୟମରେ ତାଙ୍କ ସ୍ୱାସ୍ଥ୍ୟ ଓ ସ୍ୱରକୁ ନେଇ ଭୁଲ ଖବର ପରିବେଷଣ କରାଯାଉଛି। ଏହା ତାଙ୍କୁ ବ୍ୟଥିତ କରିଛି ବୋଲି ସେ କହିଛନ୍ତି। ଶୁଭେଚ୍ଛୁମାନଙ୍କ ପ୍ରାର୍ଥନା ପାଇଁ ସେ ସୁସ୍ଥ ଅଛନ୍ତି ବୋଲି ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ବାପି ଲେଖିଛନ୍ତି। ଏହା ପରେ ପ୍ରଶଂସକମାନେ ଖୁସିବ୍ୟକ୍ତ କରିବା ସହ ଭୁଲ୍ ରିପୋର୍ଟିଂକୁ ନେଇ ସୋସିଆଲ ମିଡିଆରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଲାଟିଦିନରୁ ସଙ୍ଗୀତ ପ୍ରତି ଆକର୍ଷିତ ହୋଇଥିଲେ ବାପି। ମାତ୍ର ତିନି ବର୍ଷ ବୟସରେ ସେ ତବଲା ବଜାଇବା ଆରମ୍ଭ କରିଥିଲେ। କିଶୋର କୁମାର ତାଙ୍କର ମାମୁ ଥିଲେ। ସେ ହିଁ ବାପିଙ୍କୁ ସଙ୍ଗୀତ ଜଗତକୁ ଆଣିଥିଲେ। ସେ ୧୯ ବର୍ଷ ବୟସରେ କୋଲକାତାରୁ ମୁମ୍ବାଇ ଚାଲି ଆସିଥିଲେ। ବଲିଉଡ୍ ଗୀତରେ ତାଙ୍କ ସ୍ୱର ଦର୍ଶକଙ୍କୁ ନୂଆ ସ୍ୱାଦର ଅନୁଭୂତି ଦେଇଥିଲା।

# ୪୧୩ କୋଟିର ମାଲିକାଣୀ କରିନା



କରିନା କପୁର ଖାନ୍

ବମ୍ବେ: ପରିବାରକୁ ଗୁରୁତ୍ୱ ଦେଇ ବଡ଼ ପରଦାରୁ ଦୂରେଇ ଯାଇଛନ୍ତି ବଲିଉଡ୍ ବେବୋ କରିନା କପୁର ଖାନ୍। ହେଲେ ଦିନ ଥିଲା ବଲିଉଡ୍‌ରେ ସେ ଆଗଧାଡ଼ିର ଅଭିନେତ୍ରୀ ଥିଲେ। ହାତରେ ଥିଲା ଗୋଟିଏରୁ ବଳି ଗୋଟିଏ ଫିଲ୍ମ। ହେଲେ ବିବାହ ଏବଂ ସନ୍ତାନ ଜନ୍ମ ପରେ ଫିଲ୍ମ କରିବା ସେ କମ୍ କରିଦେଇଥିଲେ। ଏବେ ଦ୍ୱିତୀୟ ସନ୍ତାନ ଜନ୍ମ ହେବା ପରେ ସେ ପୁଣି କେବେ ଫେରିବେ ତାହା ସ୍ପଷ୍ଟ ହୋଇନାହିଁ। ପରଦାରୁ ଦୂରେଇ ଥିବା ଏହି ଅଭିନେତ୍ରୀ ଶତାଧିକ କୋଟି ଟଙ୍କା ସମ୍ପତ୍ତିର ମାଲିକାଣି। ରୋଜଗାର ଏବଂ ସମ୍ପତ୍ତି ମାମଲାରେ ସ୍ୱାମୀ ସୈଫ ଅଲ୍ଲୀ ଖାନ୍‌ଙ୍କଠାରୁ ସେ ପଛୁଆ ନାହାନ୍ତି। ଫିଲ୍ମ ପିଛା ମୋଟା ଅଙ୍କର ପାଉଣା ନେଉଥିବା କରିନା ଏକୁଟିଆ ୪୧୩ କୋଟି ଟଙ୍କା ସମ୍ପତ୍ତିର ମାଲିକାଣୀ। ଫିଲ୍ମରୁ ଦୂରେଇ ଥିଲେ ହେଁ କରିନା ବର୍ଷକୁ ୭୩ କୋଟି ଟଙ୍କା ରୋଜଗାର କରିଥାନ୍ତି। ସେ ସୈଫଙ୍କ ଘରେ ରହୁଥିଲେ ହେଁ ତାଙ୍କର ଅନେକ ଘର ବମ୍ବେରେ ରହିଛି। ସେଥିରୁ ବାନ୍ଦ୍ରାର ଫର୍ଚୁନ ହାଇଟ୍ସରେ ୪ ବିଏଚ୍‌କେ ଆପାର୍ଟମେଣ୍ଟ ଗୋଟିଏ। ଘର ଛଡ଼ା ଦାମୀ ଗାଡ଼ିର ସଉକ ରଖିଛନ୍ତି କରିନା। ୧.୪୦ କୋଟିର ମର୍ସିଡିଜ୍ ସହ ଅଡି, ରେଞ୍ଜ ରୋଭର ଭଳି ଗାଡ଼ି ତାଙ୍କର ରହିଛି। କରିନା ମଙ୍ଗଳବାର ୪୧ ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନ ଉପଲକ୍ଷେ ବେବୋଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଯୌତୁକ ନେଲେ ରଦ୍ଦହେବ ଡିଗ୍ରୀ

**ବିଶ୍ୱବିଦ୍ୟାଳୟରେ ଯୌତୁକ ବିରୋଧୀ ଅଭିଯାନ**

କାଲିକଟ୍: କେରଳର କାଲିକଟ୍ ବିଶ୍ୱବିଦ୍ୟାଳୟରେ ଯୌତୁକ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ ପୂର୍ବରୁ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଯୌତୁକ ବିରୋଧି ସ୍ୱୀକାର ପତ୍ରରେ ଦସ୍ତଖତ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଯଦି ଭବିଷ୍ୟତରେ ସମ୍ପୃକ୍ତ ଶିକ୍ଷାର୍ଥୀ ଏହାକୁ ଅମାନ୍ୟ କରନ୍ତି ତେବେ ତାଙ୍କର ଡିଗ୍ରୀକୁ ରଦ୍ଦ କରାଯିବ ବୋଲି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ଗତ ସପ୍ତାହରେ କୋଚିର କେରଳ ବିଶ୍ୱବିଦ୍ୟାଳୟର ଫିଶ୍ ଆଣ୍ଡ ଓସିନ୍ ଷ୍ଟଡିଜ୍‌ର ୩୮୬ ଜଣ ଶିକ୍ଷାର୍ଥୀ ଏହି ସ୍ୱୀକାର ପତ୍ରରେ ଦସ୍ତଖତ କରିଛନ୍ତି। ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କ ଦ୍ୱାରା ପ୍ରଥମେ ଏଭଳି ଅଭିନବ ପ୍ରୟାସ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ପରେ ରାଜ୍ୟ ସରକାର ଏହାକୁ ସମର୍ଥନ କରିଥିଲେ। ରାଜ୍ୟରେ ଯୌତୁକଜନିତ ମୃତ୍ୟୁ ମାମଲା ବୃଦ୍ଧି ପାଉଥିବାରୁ ଏଭଳି ଉଦ୍ୟମ ଆରମ୍ଭ ହୋଇଛି।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ । ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 9432985505
Whatsapp : 9953557897

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦିଲ୍ଲୀ-ହାଇଦ୍ରାବାଦ ମୁକାବିଲା ଆଜି





ଅଭ୍ୟାସ ଅବସରରେ ଦିଲ୍ଲୀ କ୍ୟାପିଟାଲ୍ସର ମାର୍କସ ଷ୍ଟୋଇନିସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦର ଋଦ୍ଧିମାନ ଶାହା।

ଦୁବାଇ,୨୧।୯

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୧୪ ତମ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ବୁଧବାର ପୁଣି ଥରେ ଅଭିଯାନ ଆରମ୍ଭ କରିବ। ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଦିଲ୍ଲୀ ତା'ର ପ୍ରଥମ ମ୍ୟାଚ୍‌ରେ ସନ ରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ଶ୍ରେୟାସ ଆୟାରଙ୍କ ପ୍ରତ୍ୟାବର୍ତ୍ତନ ପରେ ଦିଲ୍ଲୀ ଆହୁରି ଦୃଢ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ ଉଲ୍ଲେଖଯୋଗ୍ୟ ପ୍ରଦର୍ଶନ କରିଥିଲା ଓ ଏବେ ଏହି ଫର୍ମ ଦିଲ୍ଲୀ ବଜାୟ ରଖିବାକୁ ପ୍ରୟାସ କରିବ। ଦିଲ୍ଲୀ ଏପର୍ଯ୍ୟନ୍ତ ୮ ମ୍ୟାଚ୍ ଖେଳି ୬ ବିଜୟ ଓ ୨ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ହାଇଦ୍ରାବାଦ ୭ ମ୍ୟାଚ୍ ଖେଳି ୧ ବିଜୟ ଓ ୬ ପରାଜୟ ସହ ୨ ପଏଣ୍ଟ ହାସଲ କରି ତାଲିକାର ଅଷ୍ଟମ ତଥା ନିମ୍ନତମ ସ୍ଥାନରେ ରହିଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ବିଜୟ ସହ ପ୍ରଥମ ପର୍ଯ୍ୟାୟ ଶେଷ କରିଥିଲା ଓ ଏଥର ବିଜୟରୁ ଦ୍ୱିତୀୟାର୍ଦ୍ଧ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଦିଲ୍ଲୀ ଦଳରେ ହିଟରମାନେ ରହିଛନ୍ତି। ଫଳରେ ଦିଲ୍ଲୀ ବଡ଼ ସ୍କୋର ହାସଲ କରିବାର କ୍ଷମତା ରଖୁଛି। ଅଭିଜ୍ଞ ଓପନର ଶିଖର ଧାୱନ ୩୮୦ ରନ ସଂଗ୍ରହ କରିଛନ୍ତି। ତାଙ୍କ ସାଥି ଓପନର ପୃଥ୍ୱୀ ଶ ୩୦୮ ରନ ସଂଗ୍ରହ କରିଛନ୍ତି। ଧାୱନ ଟପ୍ ସ୍କୋରର ହୋଇଥିଲେ ମଧ୍ୟ ଭାରତୀୟ ଟି୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇନାହାନ୍ତି। ଏବେ ଏହି ଦୁଇ ଓପନର ଅଧିକ ରନ୍ ସଂଗ୍ରହ କରିବାକୁ ଚାହିଁବେ। ଆୟାର, ପନ୍ତ (୨୧୩ ରନ), ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ (୧୦୪ ରନ) ଓ ମାର୍କସ ଷ୍ଟୋଇନିସ୍ (୭୧ ରନ) ଏବଂ ଶିମରନ ହେଟମେୟାର (୮୪ ରନ)ଙ୍କୁ ନେଇ ବ୍ୟାଟିଂ ମିଡ଼ିଲ ଅର୍ଡର ବେଶ୍ ଦୃଢ ମନେହେଉଛି। ଯଦି ଓପନର ଫେଲ୍ ମାରନ୍ତି ତାହାହେଲେ ଏହି ବ୍ୟାଟ୍ସମ୍ୟାନମାନେ ଦିଲ୍ଲୀ ପାଇଁ ବଡ଼ ସ୍କୋର ଛିଡା କରିବାରେ ସଫଳ ହେବେ। ସୋଲଡର ଇଞ୍ଜୁରିରୁ ମୁକ୍ତ ହେବା ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆୟାର ଭଲ ଇନିଂସ ଖେଳି ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ଦିଲ୍ଲୀର ବୋଲିଂ ବିଭାଗରେ ମଧ୍ୟ ସନ୍ତୁଳନ ରହିଛି। ଆଭେଶ ଖାଁ (୧୪ ଉଇକେଟ) ଓ କାଗିସୋ ରାବାଡା (୮ ଉଇକେଟ) ଆରମ୍ଭରୁ ଓ ଡେଥ୍ ଓଭରରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି ଓ ଏହାକୁ ଦୋହରାଇବା ଲକ୍ଷ୍ୟରେ ଅଛନ୍ତି। ଦିଲ୍ଲୀ ଦଳରେ ରବିଚନ୍ଦ୍ରନ ଅଶ୍ୱିନ, ଅମିତ ମିଶ୍ର, ଅକ୍ଷର ପଟେଲ, ଲଳିତ ଯାଦବ ଓ ପ୍ରବୀଣ ଦୁବେଙ୍କ ଭଳି ସ୍ପିନର ରହିଛନ୍ତି।

ଅପରପକ୍ଷରେ ପ୍ରଥମ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିପାରି ନ ଥିବା ସନରାଇଜର୍ସ ଦ୍ୱିତୀୟ ପର୍ଯ୍ୟାୟରେ ବିଜୟ ସହ ଅଭିଯାନ ଆରମ୍ଭ କରିବାକୁ ଚେଷ୍ଟା କରିବ। ଦଳ ତରଫରୁ ସର୍ବାଧିକ ରନ ସଂଗ୍ରହ କରିଥିବା ଜନି ବେୟାରଷ୍ଟୋ ଓହରିଯିବାକୁ ନିଷ୍ପତ୍ତି ନେଇଥିବାରୁ ଓପନର ଡେଭିଡ୍ ୱାର୍ନର(୧୯୩ ରନ)ଙ୍କ ଉପରେ ଦଳର ବ୍ୟାଟିଂ ବିଭାଗ ନିର୍ଭର କରିବ ଓ ତାଙ୍କ ଦାୟିତ୍ୱ ବଢ଼ିଛି। ସେହିପରି ଅଧିନାୟକ କେନ୍ ୱିଲିୟମସନ, ମନୀଷ ପାଣ୍ଡେ, ଋଦ୍ଧିମାନ ଶାହା, କେଦାର ଯାଦବ, ଅବଦୁଲ ସମାଦ ଓ ବିଜୟ ଶଙ୍କରଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ସ୍ପିନ୍ ସେନସେସନ ରସିଦ ଖାଁ ବୋଲିଂ ବିଭାଗର ନେତୃତ୍ୱ ନେବେ। ଦିଲ୍ଲୀର ଶୃଙ୍ଖଳିତ ବ୍ୟାଟିଂକୁ ନିୟନ୍ତ୍ରଣରେ ରଖିବାକୁ ହେଲେ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ହାଇଦ୍ରାବାଦ ବୋଲରଙ୍କୁ ପ୍ରଭାବୀ ପ୍ରଦର୍ଶନ କରିବାକୁ ହେବ।

**ଦିଲ୍ଲୀ କ୍ୟାପିଟାଲ୍ସ ଦଳ:** ଋଷଭ ପନ୍ତ (ଅଧିନାୟକ), ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ, ରିପଲ ପଟେଲ, ଶିଖର ଧାୱନ, ଶିମରନ ହେଟମେୟାର, ଶ୍ରେୟାସ ଆୟାର, ଷ୍ଟିଭ ସ୍ମିଥ୍, ଅମିତ ମିଶ୍ର, ଅନରିଚ ନୋର୍ଜେ, ଆଭେଶ ଖାଁ, ବେନ ଡ୍ୱାରଶୁଇସ୍, ଇଶାନ୍ତ ଶର୍ମା, କାଗିସୋ ରାବାଡା, କୁଲୱନ୍ତ ଖେଜ୍ରୋଲିଆ, ଲୁକମ୍ୟାନ ମେରିୱାଲା, ପ୍ରବୀଣ ଦୁବେ, ଟମ୍ କୁରାନ, ଉମେଶ ଯାଦବ, ଅକ୍ଷର ପଟେଲ, ଲଳିତ ଯାଦବ, ମାର୍କସ ଷ୍ଟୋଇନିସ, ରବିଚନ୍ଦ୍ରନ ଅଶ୍ୱିନ, ସାମ ବିଲିଙ୍ଗ ଓ ବିଷ୍ଣୁ ବିନୋଦ।

**ସନରାଇଜର୍ସ ହାଇଦ୍ରାବାଦ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଡେଭିଡ ୱାର୍ନର, ମନୀଷ ପାଣ୍ଡେ, ଶେରଫାନ ରଦରଫର୍ଡ, ଋଦ୍ଧିମାନ ଶାହା, ଶ୍ରୀବତ୍ସ ଗୋସ୍ୱାମୀ, ରସିଦ ଖାଁ, ବିଜୟ ଶଙ୍କର, ମହମ୍ମଦ ନବୀ, ଅଭିଷେକ ଶର୍ମା, ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କାଉଲ, ଖଲିଲ ଅହମ୍ମଦ, ଟି. ନଟରାଜନ, ବାସିଲ ଥମ୍ପି, ସନ୍ଦୀପ ଶର୍ମା, ଶାହାବାଜ ନଦୀମ, ଅବଦୁଲ ସମାଦ, ଜଗଦୀଶା ସୁଚିଥ, ଜାସନ ହୋଲ୍ଡର, ବିରାଟ ସିଂ, ପ୍ରିମ ଗର୍ଗ, କେଦାର ଯାଦବ, ମୁଜିବ-ଉର- ରହମାନ ଓ ଜାସନ ରୟ।



ଉଜବେକିସ୍ତାନର ତାସ୍‌କେଣ୍ଟରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ୭ଏସ୍ ଟୁର୍ନାମେଣ୍ଟରେ ରୌପ୍ୟ ପଦକ ହାସଲ କରିଥିବା ଭାରତୀୟ ଦଳର ସଦସ୍ୟମାନେ ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପଦକ ପ୍ରଦର୍ଶନ କରୁଛନ୍ତି।

# ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ସହଜ ବିଜୟ

ମ୍ୟାକ୍‌କେ, ୨୧।୯ (ପି.ଟି.)

**ମହିଳା କ୍ରିକେଟ**

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯ ଉଇକେଟରେ ସହଜ ବିଜୟ ହାସଲ କରିଛି। ଫଳରେ ଦଳର କ୍ରମାଗତ ବିଜୟ ରେକର୍ଡ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି। ଭାରତ ୫୦ ଓଭରରେ ୮ଉଇକେଟ ବିନିମୟରେ ୨୨୫ ରନ କରିଥିଲା। ଅଧିନାୟିକା ମିଥାଲି ରାଜ ୧୦୭ ବଲ୍‌ରୁ ୬୩ ରନ କରିଥିଲେ। ଏହାଥିଲା ତାଙ୍କର କ୍ରମାଗତ ୫ମ ଏବଂ ମୋଟ ଉପରେ ୫୯ତମ ଅର୍ଦ୍ଧଶତକ। ୟାସ୍ତିକା ଭାଟିଆ (୫୧ବଲ୍‌ର ୩୫ ରନ), ରିଚା ଘୋଷ (୨୯ ବଲ୍‌ରୁ ୩୨*) ଏବଂ ଭେଟେରାନ ପେସ୍ ବୋଲର ଝୁଲଣ ଗୋସ୍ୱାମୀ (୨୪ ବଲ୍‌ରୁ ୨୦ ରନ)। ଭାରତୀୟ ବୋଲରମାନଙ୍କ ପ୍ରଭାବହୀନ ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ୪୧ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୪ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ଶେଷଥର ପାଇଁ ଭାରତଠାରୁ ୨୦୧୭ ଅକ୍ଟୋବରରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ଦିନିକିଆରେ ପରାସ୍ତ ହୋଇଥିଲା। ଏଠାରେ ଓପନର ଏଲିସା ହିଲି (୭୭ ବଲ୍‌ରୁ ୭୭ ରନ) ଓ ରାଚେଲ ହେନ୍ସ (୧୦୦ ବଲ୍‌ରୁ ୯୩*) ଚମତ୍କାର ବ୍ୟାଟିଂ କରି ମ୍ୟାଚକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇ ଆସିଥିଲେ। ହିଲି ହେନ୍ସଙ୍କ ସହ ପ୍ରଥମ ଉଇକେଟରେ ୧୨୬ ରନର ପାର୍ଟନରଶିପ୍ କରିସାରିଥିଲେ। ସେ ୮ ଚୌକା ଓ ୨ ଛକା ଲଗାଇଥିଲେ। ହେନ୍ସ ଓ ଅଧିନାୟିକା ମେଗ୍ ଲାନିଂ (୬୯ବଲ୍‌ରୁ ୫୩*) ଦ୍ୱିତୀୟ ଉଇକେଟରେ ଅପରାଜିତ ୧୦୧ ରନ ଯୋଗ କରି ଅଷ୍ଟ୍ରେଲିଆକୁ ୪୧ ତମ ଓଭରରେ ସହଜ ବିଜୟ ଆଣି ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର: ଭାରତୀୟ ମହିଳା ଦଳ:** ୫୦ ଓଭରରେ ୨୨୫/୮ (ମିଥାଲି-୬୩, ଭାଟିଆ- ୩୫, ରିଚା ଘୋଷ-୩୨*, ଝୁଲଣ ଗୋସ୍ୱାମୀ-୨୦ ; ଡାର୍ସି ବ୍ରାଉନ୍-୪/୩୩, ହାନ୍ନା ଡାର୍ଲିଂଟନ-୨/୨୯, ସୋଫି ମୋଲିନେକ୍ସ-୨/୩୯)। **ଅଷ୍ଟ୍ରେଲିଆ ମହିଳା ଦଳ:** ୪୧ ଓଭରରେ ୨୨୭/୧ ( ରାଚେଲ ହେନ୍ସ-୯୩*, ଏଲିସା ହିଲି-୭୭, ମେଗ୍ ଲାନିଂ-୫୩* ; ପୁନମ ଯାଦବ-୧/୫୮)।



ଶଟ୍ ଖେଳିବା ଅବସରରେ ରାଚେଲ ହେନ୍ସ।

# ଦିଲ୍ଲୀ, ବେଙ୍ଗାଲୁରୁ କ୍ୱାର୍ଟରଫାଇନାଲରେ



ଦିଲ୍ଲୀ ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

କୋଲକାତା,୨୧।୯

**ଡୁରାଣ୍ଡ କପ୍ ଫୁଟ୍‌ବଲ**

ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ୧୩୦ତମ ସଂସ୍କରଣରେ ଦିଲ୍ଲୀ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦିଲ୍ଲୀ କେରଳ ବ୍ଲାଷ୍ଟର୍ସ ଓ ବେଙ୍ଗାଲୁରୁ ଇଣ୍ଡିଆନ ନେଭିକୁ ହରାଇ ଏହି ସଫଳତା ହାସଲ କରିଛନ୍ତି। କଲ୍ୟାଣୀ ମ୍ୟୁନିସପାଲ୍ଟି ଷ୍ଟାଡିୟମରେ ଦିଲ୍ଲୀ ୧-୦ରେ କେରଳକୁ ପରାସ୍ତ କରିଛି। ଦିଲ୍ଲୀ ତରଫରୁ ୫୩ତମ ମିନିଟ୍‌ରେ ୱିଲିସ୍ ପ୍ଲାଜା ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ସେହିପରି ଯୁବା ଭାରତୀ କ୍ରିଡାଙ୍ଗନ (ୟାଇବିକେ) ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଙ୍ଗାଲୁରୁ ୫-୩ ଗୋଲରେ ଇଣ୍ଡିଆନ ନେଭିକୁ ହରାଇଛି।

୪ଟି ଗୋଲ ଦେଇ ପ୍ଲାଜା ଏବେ ଟୁର୍ନାମେଣ୍ଟର ଟପ୍‌ଗୋଲ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ବେଙ୍ଗାଲୁରୁ ଏଫ୍‌ସି ତରଫରୁ ଲିଅନ ଅଗଷ୍ଟିନ ୫୨, ହରମନପ୍ରୀତ ସିଂ ୬୦ ଓ ୮୦, ଅଜୟ ଛେତ୍ରୀ ୭୩ ଓ ଥୋଇ ସିଂ ଅତିରିକ୍ତ ସମୟରେ ୯୧ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଇଣ୍ଡିଆନ ନେଭି ତରଫରୁ ଜିଜୋ ୧୯ ଓ ଶ୍ରେୟାସ ୨୯ତମ ମିନିଟ୍‌ରେ ଗୋଲଦେଇଥିଲେ। ସେହପରି ଅତିରିକ୍ତ ସମୟରେ ନେଭି ତରଫରୁ ବିଜୟ ୯୩ତମ ମିନିଟ୍‌ରେ ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲରେ ପଛରେ ପଡିଥିଲେ ମଧ୍ୟ ବେଙ୍ଗାଲୁରୁ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲା ଓ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବେଙ୍ଗାଲୁରୁର ହରମନପ୍ରୀତ ଓ ଦିଲ୍ଲୀର ଅନୱର ଅଲି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗ୍ରୁପ୍ ସି'ରେ ବେଙ୍ଗାଲୁରୁ ଶୀର୍ଷରେ ରହି ଓ ଦିଲ୍ଲୀ ରନର୍ସଅପ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର କ୍ୱାର୍ଟର ଫାଇନାଲରେ ଗତଥରର ଚାମ୍ପିୟନ ଗୋକୁଲମ କେରଳ ଓ ସ୍ଥାନୀୟ କ୍ଲବ ମହମ୍ମଡାନ ସ୍ପୋର୍ଟିଂ ଭିଓ୍ୱାଇବିକେରେ ମୁହାଁମୁହିଁ ହେବେ।

## ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟିନୀ ମାଡିସନ କୋଭିଡ୍ ସଂକ୍ରମିତ



**ନାପଲ୍ସ,୨୧।୯:** ଅଲିମ୍ପିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଷ୍ଟ୍ରେଲୀୟ ମହିଳା ସନ୍ତରଣକାରୀ ମାଡିସନ ୱିଲସନ କୋଭିଡ୍-୧୯ ସଂକ୍ରମିତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସମ୍ପୂର୍ଣ୍ଣ ଟୀକାକରଣ ହୋଇଥିଲା। ତେବେ କରୋନା ସଂକ୍ରମିତ ହେବା କାରଣରୁ ସେ ଇଟାଲୀର ନାପଲ୍ସରେ ଆୟୋଜନ ହେବାକୁ ଥିବା ଅନ୍ତର୍ଜାତୀୟ ସୁଇମ ଲିଗ୍ (ଆଇଏସ୍ଏଲ୍) ପ୍ରତିଯୋଗିତାରୁ ସେ ଓହରିଯାଇଛନ୍ତି। ଚିକିତ୍ସା ପାଇଁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କଥା ନିଜ ଇନ୍‌ଷ୍ଟାଗ୍ରାମ ଏକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ଖୁବଶୀଘ୍ର ସେ ସମ୍ପୂର୍ଣ୍ଣରୂପେ ସୁସ୍ଥ ହୋଇଯିବେ ବୋଲି ଆଶା ପ୍ରକାଶ କରିଛନ୍ତି। ୨୭ ବର୍ଷୀୟା ମାଡିସନ ଟୋକିଓ ଅଲିମ୍ପିକ୍ସରେ ୪x୪୦୦ ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ୪x୨୦୦ ଫ୍ରି ରିଲେରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ମଧ୍ୟ ସେ ରିଲେରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ।

# ରାଜ୍ୟ ସିନିୟର ଟେନିସ କ୍ରିକେଟ ୨୩ରୁ

ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)

ବାଲେଶ୍ୱରର ସୋରୋଠାରେ ପ୍ରଥମ ସିନିୟର ରାଜ୍ୟ ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଚଳିତ ମାସ ୨୩ରୁ ଆରମ୍ଭ ହେବ। ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଏବଂ ବାଲେଶ୍ୱର ଜିଲା ଟେନିସ କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବାଳିକା ବିଭାଗରେ ୬ଟି ଓ ବାଳକରେ ୧୬ଟି ଜିଲା ଦଳ ଅଂଶଗ୍ରହଣ କରିବେ। ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ଟୁର୍ନାମେଣ୍ଟ ପରିଚାଳିତ ହେବ। ଏହି ପ୍ରତିଯୋଗିତାରୁ ଜାତୀୟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦଳଲାଗି ଖେଳାଳି ଚୟନ ହେବେ ବୋଲି ରାଜ୍ୟ ଆସୋସିଏଶନ ଏବଂ ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି।

## ଶୀର୍ଷ ସ୍ଥାନ ବଜାୟ ରଖିଲେ ମିଥାଲି

**ଦୁବାଇ,୨୧।୯:** ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗରେ ଭାରତୀୟ ଅଧିନାୟିକା ମିଥାଲି ରାଜ ଶୀର୍ଷ ସ୍ଥାନରେ ପୂର୍ବପରି ରହିଛନ୍ତି। ନ୍ୟୁଜିଲାଣ୍ଡର ଆମି ସାଟର୍ଥୱେଟ୍ ବ୍ୟାଟିଂ ତାଲିକାର ଶ୍ରେଷ୍ଠ-୫କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମିଥାଲି ବ୍ୟାଟିଂ



ତାଲିକାରେ ୭୬୨ ରେଟିଂ ପଏଣ୍ଟ ହାସଲ କରି ୧ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ଓପନର ସ୍ମୃତି ମାନ୍ଧନା ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ଓପନର ଲିଜେଲ ଲି ଗତ ସପ୍ତାହରେ ମିଥାଲିଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନରେ ଥିଲେ ଓ ଏବେ ସେ ଗୋଟିଏ ସ୍ଥାନ ତଳକୁ ଖସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ପ୍ରି-କ୍ୱାର୍ଟରରେ ଓଡ଼ିଶା ପରାସ୍ତ

ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)

**ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍**

ଓଡ଼ିଶା ସଫ୍ଟବଲ୍ ଆସୋସିଏଶନ ଆନୁକୂଲ୍ୟରେ କଟକର ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ୩୩ତମ ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାର ଉଭୟ ବାଳିକା ଓ ବାଳକ ବିଭାଗରେ ଓଡ଼ିଶା ପରାଜିତ ହୋଇଛି। ବାଳିକା ବିଭାଗ ପ୍ରି-କ୍ୱାର୍ଟରରେ ଓଡ଼ିଶା ୧-୧୩ରେ ଆନ୍ଧ୍ରପ୍ରଦେଶଠାରୁ ଏବଂ ବାଳକରେ ୨-୫ ପଏଣ୍ଟରେ କେରଳଠାରୁ ହାରିଯାଇଛି। ବାଳିକା ବିଭାଗର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ପଞ୍ଜାବକୁ ୨-୦ରେ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶକୁ ୬-୦ରେ ଛତିଶଗଡ଼ ଓ ହରିୟାଣାକୁ ୭-୦ରେ ତେଲଙ୍ଗାନା ପରାସ୍ତ କରିଛି। ସେହିପରି ବାଳକ ବିଭାଗରେ ରାଜସ୍ଥାନ ୮-୦ରେ ହରିୟାଣା, ତେଲଙ୍ଗାନା ୧୦-୨ରେ ଦିଲ୍ଲୀ, ମହାରାଷ୍ଟ୍ର ୭-୦ରେ କର୍ଣ୍ଣାଟକ, ଛତିଶଗଡ଼ ୭-୦ରେ ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ୫-୦ରେ ଆନ୍ଧ୍ର ପ୍ରଦେଶକୁ ହରାଇ ଦେଇଛି।

# 'ଏଥର ଦୁଇଟି ନୂଆ କଥା'

ଭିଭିଏସ୍ ଲକ୍ଷ୍ମଣ

ୟୁଏଇରେ ଆରମ୍ଭ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ ଦୁଇଟି ମ୍ୟାଚ ଏକତରଫା ଥିଲା। ପୃଥକ୍ ପୃଥକ୍ ଭେନ୍ୟୁରେ ଖେଳାଯାଇଥିବା ମ୍ୟାଚ୍‌ରେ ଦୁଇଟି କଥା ଲକ୍ଷ୍ୟ କରାଯାଇଛି। ପ୍ରଥମେ ବ୍ୟାଟିଂ କରୁଥିବା ଦଳକୁ ସଂଘର୍ଷ କରିବାକୁ ପଡୁଛି। ଦ୍ୱିତୀୟତଃ ବିଶେଷ ପରିଚିତ ନ ଥିବା ଖେଳାଳିଙ୍କର ଉଲ୍ଲେଖନୀୟ ଅବଦାନ ରହୁଛି। ୟୁଏଇ ପିଚ୍‌ଗୁଡ଼ିକରେ ଏତେ ପରିମାଣରେ ଘାସ ମୁଁ କେବେ ଦେଖିବାକୁ ପାଇ ନ ଥିଲି। ଆଗକୁ ଟି୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ପିଚ୍ ଯେପରି ଶୀଘ୍ର ନଷ୍ଟ ହୋଇ ନ ଯାଏ ତାହାକୁ ଲକ୍ଷ୍ୟ ରଖି କ୍ୟୁରେଟର ହୁଏତ ଏପରି କରିଥାଇପାରନ୍ତି। ଦୁବାଇରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ପାୱାର ପ୍ଲେ ସମୟରେ ମୁମ୍ବାଇ ଇଣ୍ଡିଆନ୍ସ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ସେମାନେ ମାତ୍ର ୨୪ ରନ ବିନିମୟରେ ଚେନ୍ନାଇ ସୁପର କିଙ୍ଗ୍ସର ୪ ଉଇକେଟ ଖସାଇବାରେ ସକ୍ଷମ ହୋଇପାରିଥିଲେ। ଅମ୍ବାତି ରାୟୁଡୁ ରିଟାର୍ଡ ହର୍ଟ ହୋଇଥିଲେ। ଏହା ସତ୍ତ୍ୱେ ଚେନ୍ନାଇ ଦଳ ବିଜୟ ଲାଭ କରିଥିଲା। ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ଯୁବ ଓପନ ଋତୁରାଜ ଗାଏକ୍ୱାଡ ଚମତ୍କାର ବ୍ୟାଟିଂ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ପୂର୍ବରୁ ପ୍ରସିଦ୍ଧ କ୍ରିଷ୍ଣା ଓ ବରୁଣ ଚକ୍ରବର୍ତ୍ତୀ ଏହିଭଳି ସଫଳତା ହାସଲ କରିଥିଲେ। ଏଥର ଆହୁରି କମ୍ ଜଣାଶୁଣା ଭେଙ୍କଟେଶ ଆୟାରଙ୍କ ପ୍ରଦର୍ଶନ ପ୍ରଶଂସନୀୟ ଥିଲା। ଏଠାରେ ପୁଣି ପ୍ରମାଣିତ ହୋଇଛି ଯେ, ଖେଳାଳିମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିବା ଲାଗି ଆଇପିଏଲ୍ ଏକ ବଡ଼ ମଞ୍ଚ। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚ ପ୍ରସ୍ତୁତ ହୋଇସାରିଛି। ଦଳକୁ କ'ଣ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ ସନରାଇଜର୍ସ ହାଇଦ୍ରାବାଦ ସେ ନେଇ ସଚେତନ ଅଛି। ଆମର ବର୍ତ୍ତମାନ ପ୍ଲେ-ଅଫ୍‌ରେ ସ୍ଥାନ ପାଇବା କଥା ଚିନ୍ତା କରୁ ନାହୁଁ। ରଣନୀତି କିପରି କାର୍ଯ୍ୟକାରୀ କରିପାରିବୁ ସେ ଦିଗରେ ମନୋନିବେଶ କରୁଛୁ। ଆମେ ଜନି ବେୟାରଷ୍ଟୋଙ୍କ ଭଳି ଖେଳାଳିଙ୍କୁ ମିସ୍ କରିବୁ। ଡେଭିଡ୍ ୱାର୍ନର ଯଦିଓ ବର୍ତ୍ତମାନ ଅଧିନାୟକ ନାହାନ୍ତି ତାଙ୍କଠାରୁ ଆମେ ବହୁତ କିଛି ଆଶା କରୁଛୁ। ସନରାଇଜର୍ସ ଦଳ ପାଇଁ ତାଙ୍କର ସବୁବେଳେ ଉଲ୍ଲେଖନୀୟ ଅବଦାନ ରହିଆସିଛି। ଆଇପିଏଲ୍‌ର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ଭାରତର ବହୁ ଯୁବ ଖେଳାଳିଙ୍କ ପ୍ରଦର୍ଶନ ମୋତେ ପ୍ରଭାବିତ କରିଛି। ଦ୍ୱିତୀୟ ପର୍ଯ୍ୟାୟରେ ଆମେ ସତେଜ ମନୋବୃତ୍ତି ନେଇ ଖେଳିବୁ। ସତର୍କତା ଅବଲମ୍ବନ ସହ ସକାରାତ୍ମକ ଭାବ ନେଇ ଖେଳିବା ଲାଗି ଆମେ ଦୃଢ଼ପରିକର। -(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER



କଟକର ବାଲିଯାତ୍ରା ପଡ଼ିଆରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ପ୍ରତିଯୋଗିତାରେ ମଙ୍ଗଳବାର ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ଅନୁଷ୍ଠିତ ବାଳକ ବିଭାଗ ମ୍ୟାଚ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ବୁଧବାର, ସେପ୍ଟେମ୍ବର ୨୨/୨୦୨୧ Rayagada, Wednesday, September 22/ 2021

# ଶିବା, ସଞ୍ଜିତ, ଦୀପକ, ରୋହିତଙ୍କୁ ସ୍ୱର୍ଣ୍ଣ




**ଜାତୀୟ ବକ୍ସିଂ ଚାମ୍ପିୟନଶିପ୍**

**ବେଲରୀ,୨୧।୯**

ଏଠାରେ ଚାଲିଥିବା ପୁରୁଷ ଜାତୀୟ ବକ୍ସିଂ ଚାମ୍ପିୟନଶିପ୍‌ରେ ତାରକା ବକ୍ସର ଶିବା ଥାପ୍ପା, ସଞ୍ଜିତ, ଦୀପକ କୁମାର, ରୋହିତ ମୋର ସେମାନଙ୍କ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରୋହିତ ଗତଥରର ଚାମ୍ପିୟନ ମହମ୍ମଦ ହୁସାମୁଦ୍ଦିନଙ୍କୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

ଦୀପକ କୁମାର (୫୧ କେ.ଜି.), ଆକାଶ (୫୪), ସୁମିତ (୭୫), ସଚିନ କୁମାର (୮୦), ଲକ୍ଷ୍ୟ (୮୬ କେ.ଜି.) ଓ ନରେନ୍ଦର (+୯୨ କେ.ଜି.)ରେ ସେମାନଙ୍କ ବର୍ଗର ଫାଇନାଲ ବାଉଟରେ ବିଜୟୀ ହୋଇ ସ୍ୱର୍ଣ୍ଣ ଜିତିଛନ୍ତି। ଜାତୀୟ ଚାମ୍ପିୟନଶିପ୍‌ର ସବୁ ସ୍ୱର୍ଣ୍ଣ ପଦକ ବିଜେତା ସର୍ବିୟାର ବେଲଗ୍ରେଡ୍‌ରେ ଅକ୍ଟୋବର ୨୪ରୁ ନଭେମ୍ବର ୬ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ତରଫରୁ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିବେ। ଶିବଙ୍କୁ ବାଦ୍ ଦେଲେ ଅନ୍ୟମାନେ ପ୍ରଥମଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ।

ଦିଲ୍ଲୀର ରୋହିତ ୫-୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ହୁସାମୁଦ୍ଦିନଙ୍କୁ ୫୭ କେ.ଜି. ବର୍ଗରେ ହରାଇ ଟାଇଟଲ ହାସଲ କରିଥିଲେ। ସେହିପରି ଏସିଆନ ଚାମ୍ପିୟନ ତଥା ସର୍ଭିସେସ ବକ୍ସର ହରିୟାଣାର ନବୀନ କୁମାରଙ୍କୁ ଫାଇନାଲ ବାଉଟରେ ପରାସ୍ତ କରିଥିଲେ। ସେହିପରି ୨୦୧୫ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ତଥା ୫ଥର ଏସିଆନ ମେଡାଲିଷ୍ଟ ଆସାମର ଅଭିଜ୍ଞ ବକ୍ସର ଶିବ ଥାପ୍ପା ୫-୦ରେ ଦଲବୀର ସିଂ ତୋମାରଙ୍କୁ ୬୩.୫ କେ.ଜି. ବର୍ଗରେ ହରାଇ ବାଜି ମାରିଛନ୍ତି। କର୍ନାଟକର ନିଶାନ୍ତ ଦେବ ଡାମନ, ଡିୟୁ ଓ ନଗର ହାଭେଳିର ଅମିତ କୁମାରଙ୍କୁ ୭୧ କେ.ଜି.ରେ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି।

ସର୍ଭିସେସ ସଫଳତାର ସହ ଟିମ୍ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିଛି। ଏହି କ୍ରମରେ ସର୍ଭିସେସ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଏକ ବ୍ରୋଞ୍ଜ ପଦକ ସହ ମୋଟ ୧୨ ପଦକ ହାସଲ କରିଛି। ସେହିପରି ରେଲୱେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ସହ ୩ଟି ରୌପ୍ୟ ପଦକ ଜିତିଛି। ଦିଲ୍ଲୀ ୪ ବ୍ରୋଞ୍ଜ ସହ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛି।

ରେଲୱେ ପାଇଁ ବରିନ୍ଦର ସିଂ (୬୦ କେ.ଜି.), ଗୋବିନ୍ଦ ସାହାଣୀ (୪୮ କେ.ଜି.) ସ୍ୱର୍ଣ୍ଣ ଜିତିଛନ୍ତି। କୋଭିଡ୍-୧୯ ପାଇଁ ଏହି ଚାମ୍ପିୟନଶିପ ଗୋଟିଏ ବର୍ଷ ବ୍ୟବଧାନରେ ଆୟୋଜିତ ହୋଇଛି। ଏଥିରେ ୩୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୪୦୦ ବକ୍ସର ଅଂଶଗ୍ରହଣ କରିଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ବକ୍ସରମାନେ ସିଧାସଳଖ ଜାତୀୟ କୋଚିଂ କ୍ୟାମ୍ପରେ ଅଂଶଗ୍ରହଣ କରିବେ। ବ୍ରୋଞ୍ଜ ପଦକ ହାସଲ କରିଥିବା ବକ୍ସରମାନେ ସିଲେକ୍ସନ ଟ୍ରାଏଲରେ ଭାଗନେବେ। ଏଥିରେ ସେମାନେ ସର୍ଭିସେସ୍, ରେଲୱେ ଓ ହରିୟାଣାର ଦ୍ୱିତୀୟ ଟିମ୍ ସହିତ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

# ଅର୍ଶଦୀପଙ୍କୁ ୫ ଉଇକେଟ

**ଦୁବାଇ, ୨୧।୯**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ୫ ଉଇକେଟ ସଫଳତା ଲାଭ କରିଛନ୍ତି ପଞ୍ଜାବ କିଙ୍ଗ୍ସ ଦ୍ରୁତ ବୋଲର ଅର୍ଶଦୀପ ସିଂ। ଫଳରେ ରାଜସ୍ଥାନ ରୟାଲ୍ସ ଏକଦା ବୃହତ୍ ସ୍କୋର ଦିଗରେ ଅଗ୍ରସର ହେଉଥିଲେ ହେଁ ୨୦ ଓଭରରେ ୧୮୫ ରନରେ ଅଲ୍‌ଆଉଟ ହୋଇ ଯାଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଇଭିନ ଲିୱିସ ଓ ଯଶସ୍ୱି ଜୟସ୍ୱାଲ ୩୩ ବଲ୍‌ରୁ ୫୪ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୨୧ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୩୬ ରନ କରିଥିବା ଲିୱିସଙ୍କୁ ଆଉଟ କରି ପଞ୍ଜାବକୁ ବ୍ରେକ୍ ଥ୍ରୁ ଦେଇଥିଲେ ଅର୍ଶଦୀପ। ଅଧିନାୟକ ସଞ୍ଜୁ ସାମସନ (୪ ରନ) ଫେଲ୍ ମାରିଥିଲେ ହେଁ ଜୟସ୍ୱାଲ ଓ ଲିଆମ ଲିଭିଂଷ୍ଟୋନ ଦଳୀୟ ସ୍କୋରକୁ ଦ୍ରୁତ ହାରରେ ଆଗେଇ ନେଇଥିଲେ। ଲିଭିଂଷ୍ଟୋନ ୧୭ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୫ ରନ କରିଥିବାବେଳେ ଅର୍ଶଦୀପଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଜୟସ୍ୱାଲ ଅର୍ଦ୍ଧଶତକର ନିକଟତର ହୋଇଥିଲେ ହେଁ ମାତ୍ର ୧ ରନ ପାଇଁ ବଞ୍ଚିତ ହୋଇଥିଲେ। ସେ ୩୮ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୪୯ ରନ କରିଥିବାବେଳେ ହରପ୍ରୀତ ବ୍ରାରଙ୍କ ବଲ୍‌ରେ ମୟଙ୍କ ଅଗ୍ରୱାଲଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହିଠାରୁ ରାଜସ୍ଥାନ ଦଳର ବ୍ୟାଟିଂ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ବିସ୍ଫୋରକ ବ୍ୟାଟିଂ କରୁଥିବା ମହିପାଲ ଲୋମରୋର ୧୭ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ୪୩ ରନ କରି ଅର୍ଶଦୀପଙ୍କ ତୃତୀୟ ଶିକାର ହୋଇଥିଲେ। ରିୟାନ ପରାଗ ୪, ରାହୁଲ ଟେୱାଟିଆ ୨ ଓ ଆଇପିଏଲର ଦାମୀ ବିଦେଶୀ ଖେଳାଳି କ୍ରିସ୍ ମୋରିସ ୫ ରନରେ ଆଉଟ ହେବାରୁ ରାଜସ୍ଥାନ ଇନିଂସ ଦିଗହରା ହୋଇ ଯାଇଥିଲା। ଇନିଂସର ଶେଷ ୨ଟି ବଲ୍‌ରେ ଚେତନ ସାକାରିଆ (୭) ଓ କାର୍ତ୍ତିକ ତ୍ୟାଗୀ (୧)ଙ୍କୁ ଆଉଟ କରି ଅର୍ଶଦୀପ ୫ ଉଇକେଟ ପୂରଣ କରିଥିଲେ। ଫଳରେ ରାଜସ୍ଥାନ ଇନିଂସ ୨୦ ଓଭରରେ ୧୮୫ ରନରେ ଶେଷ ହୋଇ ଯାଇଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ୫ଟି, ମହମ୍ମଦ ଶାମି ୩ଟି ଏବଂ ଇଶାନ ପୋରେଲ ଓ ହରପ୍ରୀତ ବ୍ରାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ରାଜସ୍ଥାନ ଶେଷ ୩୬ ବଲ୍‌ରୁ ମାତ୍ର ୪୯ ରନ କରି ୭ଟି ଉଇକେଟ ହରାଇଥିଲା। ଜୟସ୍ୱାଲ, ଲିୱିସ ଓ ଲିଭିଂଷ୍ଟୋନ ଦୃଢ଼ ଭିତ୍ତି ପକାଇ ଦଳପାଇଁ ୨୦୦ରୁ ଊର୍ଦ୍ଧ୍ୱ ସ୍କୋରର ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ମିଡଲ ଅର୍ଡରରେ ଲୋମରୋରଙ୍କୁ ଛାଡ଼ିଦେଲେ ଅନ୍ୟ ଖେଳାଳିଙ୍କ ବିଫଳତା ଯୋଗୁ ଲକ୍ଷ୍ୟଠାରୁ ଦୂରରେ ରହିଯାଇଥିଲା। ପଞ୍ଜାବ ବୋଲରଙ୍କ ମଧ୍ୟରେ ପୋରେଲ ୪ ଓଭରରେ ୩୯, ଦୀପକ ହୁଡା ୨ ଓଭରରେ ୩୭, ଆଡିଲ ରଶିଦ ୩ ଓଭରରେ ୩୫ ରନ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୮୫/ଅଲଆଉଟ (ଯଶସ୍ୱି ଜୟସ୍ୱାଲ-୪୯, ମହିପାଲ ଲୋମରୋର-୪୩, ଇଭିନ ଲିୱିସ-୩୬, ଲିଆମ ଲିଭିଂଷ୍ଟୋନ-୨୫, ଅର୍ଶଦୀପ ସିଂ-୫/୩୨, ମହମ୍ମଦ ଶାମି-୩/୨୧, ହରପ୍ରୀତ ବ୍ରାର-୧/୧୭, ଇଶାନ ପୋରେଲ-୧/୩୯)।



୫ ଉଇକେଟ ସଫଳତାରେ ଉଲ୍ଲସିତ ଅର୍ଶଦୀପ ସିଂ।

## କୋହଲିଙ୍କ ନିଷ୍ପତ୍ତି ଆରସିବି ପ୍ରଦର୍ଶନକୁ ପ୍ରଭାବିତ କରିନାହିଁ: ମାଇକ ହେସନ

**ଆବୁଧାବି, ୨୧।୯(ପି.ଟି.):** ଚଳିତ ସିଜନ ପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଧିନାୟକ ପଦ ଛାଡ଼ିବେ ବୋଲି ବିରାଟ କୋହଲି ପ୍ରକାଶ କରିଛନ୍ତି। ତେବେ ତାଙ୍କର ଏହି ନିଷ୍ପତ୍ତି ସୋମବାର ମ୍ୟାଚରେ ଆରସିବିର ପ୍ରଦର୍ଶନକୁ ପ୍ରଭାବିତ କରିନାହିଁ ବୋଲି କୋଚ୍ ମାଇକ ହେସନ ପ୍ରକାଶ କରିଛନ୍ତି। ଏହି ମ୍ୟାଚରେ ଆରସିବି ମାତ୍ର ୯୨ ରନ କରି ଅଲଆଉଟ ହୋଇଥିବାବେଳେ କୋଲକାତା ନାଇଟ ରାଇଡର୍ସ ୯ ଉଇକେଟରେ ସହଜ ବିଜୟ ହାସଲ କରିଥିଲା। ମ୍ୟାଚର ଗୋଟିଏ ଦିନ ପୂର୍ବରୁ କୋହଲି ନିଜ ନିଷ୍ପତ୍ତି ସମ୍ପର୍କରେ ପ୍ରକାଶ କରିଥିଲେ। ଏପରି ଘୋଷଣା ଯେତେ ଶୀଘ୍ର କରାଯିବ ସେତେ ଭଲ ବୋଲି ହେସନ ଅନୁଭବ କରୁଛନ୍ତି। ‘‘କୋହଲିଙ୍କ ନିଷ୍ପତ୍ତି ଦଳୀୟ ପ୍ରଦର୍ଶନକୁ ପ୍ରଭାବିତ କରିଛି ବୋଲି ଭାବୁନାହିଁ। ଏପରି ଘୋଷଣା ଯେତେ ଶୀଘ୍ର ହୋଇଯିବ ଭଲ। ଏ ସମ୍ପର୍କରେ ପ୍ରାୟ ସମସ୍ତ ଖେଳାଳି ଅବଗତ ଥିଲେ’’ ବୋଲି ହେସନ କହିଛନ୍ତି। ଆରସିବି ଖେଳାଳିମାନେ ପରିବେଶ ସହିତ ଖାପ ଖୁଆଇ ପାରିଲେ ନାହିଁ। ଆମେ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଲୁ। ଏକ ବ୍ୟାଟିଂ ଗ୍ରୁପ୍‌ଭାବେ ଆମେ ପ୍ରଦର୍ଶନ କରି ପାରିଲୁ ନାହିଁ ବୋଲି ସେ କହିଛନ୍ତି। ତେବେ ଦଳ ଶୀଘ୍ର ବିଜୟ ପଥକୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ହେସନ ଦୃଢ଼ ଆଶା ପୋଷଣ କରିଛନ୍ତି। ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ ପରେ ଭାରତୀୟ ଟି୨୦ ଦଳର ଅଧିନାୟକ ପଦ ଛାଡ଼ିବା ସମ୍ପର୍କରେ ଘୋଷଣା କରିବାର ୨ ଦିନ ପରେ କୋହଲି ଆରସିବି ନେତୃତ୍ୱ ଛାଡ଼ିବା ପ୍ରକାଶ କରିଥିଲେ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୬ | ୨ | ୧୨ | +୧.୨୨୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୫୪୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୫ | ୩ | ୧୦ | −୦.୭୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | −୦.୦୭୧ |
| ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୧୧୦ |
| ରାଜସ୍ଥାନ ରୟାଲ୍ସ | ୭ | ୩ | ୪ | ୬ | −୦.୧୯୦ |
| ପଞ୍ଜାବ କିଙ୍ଗ୍ସ | ୮ | ୩ | ୫ | ୬ | −୦.୩୬୮ |
| ସନ୍‌ରାଇଜର୍ସ | ୭ | ୧ | ୬ | ୨ | −୦.୬୨୩ |

**ବୁଧବାର ମ୍ୟାଚ**

ଦିଲ୍ଲୀ କ୍ୟାପିଟାଲ୍ସ
ବନାମ
ସନରାଇଜର୍ସ



ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ
ସ୍ଥାନ : ଆବୁଧାବି
ସମୟ : ରାତି ୭.୩୦

# ଆଇପିଏଲ୍ ପ୍ରସାରଣକୁ ବାରଣ

**ନୂଆଦିଲ୍ଲୀ, ୨୧।୯ (ପି.ଟି.):** ଆଫଗାନିସ୍ତାନରେ ଲୋକପ୍ରିୟ ଆଇପିଏଲ୍ ପ୍ରସାରଣକୁ ବାରଣ କରିଛି ତାଲିବାନ। କାରଣ ଏହି ଟୁର୍ନାମେଣ୍ଟକୁ ଷ୍ଟାଡିୟମରେ ମହିଳାମାନେ ମଧ୍ୟ ଦେଖିଥାନ୍ତି। ଖେଳକୁ ସେମାନେ ହର୍ଷ ଉଲ୍ଲାସର ସହ ମନଭରି ଉପଭୋଗ କରିଥାନ୍ତି। ଗତ ମାସରେ ତାଲିବାନ ଯୁଦ୍ଧଗ୍ରସ୍ତ ଆଫଗାନିସ୍ତାନରେ ଶାସନ ଭାର ଗ୍ରହଣ କରିଛନ୍ତି। ଏହି ମୌଳବାଦୀ ଗୋଷ୍ଠୀ ଖେଳରେ ମହିଳାଙ୍କ ଅଂଶଗ୍ରହଣକୁ ବାରଣ କରିଛି। ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି)ର ପୂର୍ବତନ ମିଡିଆ ମ୍ୟାନେଜର ତଥା ଜର୍ନାଲିଷ୍ଟ ଏମ୍. ଇବ୍ରାହିମ ମୋମାନ୍ଦ କହିଛନ୍ତି, ଆଇପିଏଲ୍ ମ୍ୟାଚର ସିଧା ପ୍ରସାରଣ ହେଉଛି ଇସ୍‌ଲାମ ବିରୋଧୀ। ତେଣୁ ଏଥିରୁ ବିରତ ରହିବା ଲାଗି ଆଫଗାନ ମିଡିଆକୁ ତାଲିବାନ ଚେତାବନୀ ଦେଇଛି। ଆଇପିଏଲ୍ ୨୦୨୧ରେ ରଶିଦ ଖାଁ, ମହମ୍ମଦ ନବି ଓ ମୁଜିବୁର ରହମନଙ୍କ ଭଳି ଆଫଗାନିସ୍ତାନର ଟପ୍ କ୍ରିକେଟର ଭାଗ ନେଉଛନ୍ତି। ଆଫଗାନିସ୍ତାନର ନୂଆ କ୍ରୀଡ଼ା ମୁଖ୍ୟଙ୍କ କହିବା ଅନୁସାରେ ତାଲିବାନ ଦେଶରେ ୪୦୦ କ୍ରୀଡ଼ାକୁ ଅନୁମତି ଦେଇଛି। କିନ୍ତୁ ଏଥିରେ ମହିଳାଙ୍କ ଅଂଶଗ୍ରହଣକୁ ନେଇ କିଛି ସ୍ପଷ୍ଟ କରି ନାହିଁ। ଏହି କଠୋରପନ୍ଥୀ ଗୋଷ୍ଠୀ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଶାସନ କ୍ଷମତାରେ ରହିଥିବାବେଳେ ମହିଳାମାନଙ୍କୁ ସମସ୍ତ ପ୍ରକାର ଖେଳରୁ ବାରଣ କରିଥିଲା।

# ଆଫଗାନ କ୍ରିକେଟ ନିର୍ଦ୍ଦେଶକ ବହିଷ୍କୃତ

**କାବୁଲ ୨୧।୯**

ସୋମବାର ତାଲିବାନର ନୂଆ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ସିରାଜୁଦ୍ଦିନ ହକାନିଙ୍କ ସାନ ଭାଇ ଆନାସ ହକାନି ଆଫଗାନ କ୍ରିକେଟ ବୋର୍ଡ (ଏସିବି) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହମିଦ ସିନ୍‌ୱାରିଙ୍କୁ ବହିଷ୍କୃତ କରିଛନ୍ତି। ତାଙ୍କ ବିରୋଧରେ କାହିଁକି ଏହି ପଦକ୍ଷେପ ନିଆଗଲା ସେ ସମ୍ପର୍କରେ କିନ୍ତୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ନସିବୁଲ୍ଲା ହକାନିଙ୍କୁ ଏହି ପଦବୀରେ ନିଯୁକ୍ତି ମିଳିଛି। ସେ ଆଫଗାନିସ୍ତାନ କ୍ରିକେଟ ବୋର୍ଡର ନୂତନ ମୁଖ୍ୟ ସିରାଜୁଦ୍ଦିନ ହକାନୀଙ୍କ ସମ୍ପର୍କୀୟ କି ନା ତାହା ସ୍ପଷ୍ଟ ହୋଇନାହିଁ। ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥିତ ସରକାରଙ୍କ ସହ ତାଲିବାନର ୨୦ ବର୍ଷ ଧରି ଯୁଦ୍ଧ ସମୟରେ କାବୁଲରେ ବହୁ ହାଇପ୍ରୋଫାଇଲ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜେରା ପାଇଁ ଏଫ୍‌ବିଆଇ (ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ) ସିରାଜୁଦ୍ଦିନଙ୍କ ସନ୍ଧାନରେ ଥିଲା।

**ଆପଣ ଅଣ୍ଟା, କାନ୍ଧ, ପିଠି, ଆଣ୍ଠୁ ଏବଂ ଅନ୍ୟ ବ୍ୟଥା କାରଣରୁ ଚିନ୍ତିତ କି?**



ଯୁଧିଷ୍ଠିର ପାତ୍ର
HOME MADE
ବାରପଥର, ବକ୍ସିବଜାର, କଟକ, ଓଡ଼ିଶା

ଯୁଧିଷ୍ଠିର ପାତ୍ର, ବୟସ 70 ବର୍ଷ । କଟକ (ଓଡ଼ିଶା)ର ବକ୍ସିବଜାର ଅଞ୍ଚଳରେ ତାଙ୍କର ହୋମ୍ ମେଡ୍ ଆଚାରର ସବୁଠାରୁ ପ୍ରସିଦ୍ଧ ଓ ପୁରୁଣା ଦୋକାନ ଅଛି । ସେ କୁହନ୍ତି ଯେ, ସାରାଦିନ ଦୋକାନରେ ବସିରହିବା କାରଣରୁ ଅଣ୍ଟା, ପିଠି ଓ ଆଣ୍ଠୁରେ ନିରନ୍ତର ବ୍ୟଥା ରହିବାକୁ ଲାଗିଥିଲା । ବ୍ୟଥା ଅସହନୀୟ ଥିଲା । କୌଣସି ତେଲ କିମ୍ବା ଉପଚାରରୁ ଆଦୌ କୌଣସି ଲାଭ ମିଳିଲା ନାହିଁ ଏବଂ ବିଜ୍ଞାପନ ବାଲା ପ୍ରଡକ୍ଟସ୍ ଉପରୁ ବିଶ୍ୱାସ ହିଁ ଉଠିଯାଇଥିଲା । ହେଲେ ଅନେକ ଦିନ ଧରି ସେ **ଓଜୋନ୍ ଫାର୍ମାସ୍ୟୁଟିକାଲ୍ସ**ର **କ୍ୱିକ୍ ପୀଡ଼ାନାଶକ ତେଲ**ର ବିଜ୍ଞାପନ ଦେଖିଆସୁଥିଲି। କମ୍ପାନୀର ହେଲ୍ପଲାଇନ୍ ସହ କଥା ହେବାରୁ ସେମାନେ ଜଣାଇଲେ ଯେ **ଓଜୋନ୍ ଫାର୍ମା** ବିଗତ 30ରୁ ଅଧିକ ବର୍ଷ ଧରି ମାନବ ସେବାରେ ସମର୍ପିତ ଅଟେ ଏବଂ ତାଙ୍କର ସବୁ ଉତ୍ପାଦ ରିସର୍ଚ୍ଚ ଏବଂ G.M.P. ପ୍ରକ୍ରିୟା ଅଧୀନରେ ନିର୍ମିତ ହୋଇଥାଏ, ସେମାନେ ଜଣାଇଲେ ଯେ **କ୍ୱିକ୍ ପୀଡ଼ାନାଶକ ଅଏଲ୍** ବିଷଗର୍ଭା, ମହାମାଷ ଏବଂ ମହାନାରାୟଣ ଭଳି ବାତନାଶକ ତେଲ ଅତିରିକ୍ତ ଅନ୍ୟ ଦୁର୍ଲଭ ଚେରମୂଳିରେ ନିର୍ମିତ ଅଟେ, ଯାହା କାରଣରୁ ବ୍ୟଥାରୁ ଉପଶମ ମିଳିବା ନିଶ୍ଚିତ ଏବଂ ଲୋକମାନେ ଏହାଦ୍ୱାରା ଲାଭ ପାଉଛନ୍ତି । ମୁଁ ତୁରନ୍ତ ନିକଟତମ ମେଡିକାଲ ଷ୍ଟୋର୍‌ରୁ **କ୍ୱିକ୍ ପୀଡ଼ାନାଶକ ଅଏଲ୍**ର ଏକ ବୋତଲ ଆଣି ଲଗାଇଲି । ସତ କଥା କହୁଛି କି, ମୋତେ ବହୁତ ଭଲ ଲାଭ ମିଳିଛି । ମୁଁ ମୋ ସମବୟସ୍କ ବ୍ୟକ୍ତିମାନଙ୍କୁ କହିବାକୁ ଚାହୁଁଛି କି ଏହାକୁ ଥରେ ନିଶ୍ଚୟ ବ୍ୟବହାର କରି ଦେଖନ୍ତୁ, ଯାହାଦ୍ୱାରା ଅନ୍ୟମାନେ ମଧ୍ୟ ଉପକୃତ ହୋଇପାରିବେ । କାରଣ **ବ୍ୟଥାର ବ୍ୟଥାକୁ କେବଳ ସେହି ବୁଝିପାରିବେ ଯାହାକୁ ବ୍ୟଥା ହେଉଥିବ** । ଅତି ଜରୁରୀ ହୋଇଥିଲେ ଯେକୌଣସି ବ୍ୟକ୍ତି କ୍ୱିକ୍ ବିଷୟରେ ମୋର ଅନୁଭୂତିକୁ ଜାଣିବା ପାଇଁ କମ୍ପାନୀ ହେଲ୍ପଲାଇନ୍‌ରୁ ମୋର ନମ୍ବର ନେଇ ମୋ ସହ କଥା ହୋଇପାରିବେ । ମୋ ଅନୁଭୂତିକୁ ଜଣାଇ ମୁଁ ଖୁସି ହେବି । ଅଧିକ ସୂଚନା ପାଇଁ ହେଲ୍ପଲାଇନ୍ ନମ୍ବର 7328008854, 8127080666 ରେ ଯୋଗାଯୋଗ କରିପାରନ୍ତି ।




କ୍ୱିକ୍ ଅଏଲ୍ Flipkart amazon ରେ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ